R.N.I. REGN. No. 65000/96 POSTAL REGN. No. OR/BN-32/12-14

ଊନତ୍ରିଂଶ ବର୍ଷ
ସଂଖ୍ୟା : ୨୧୭
ତିଥି : ତୃତୀୟା
୧୫ ମେ' ୨୦୨୫, ଗୁରୁବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

ସମୟ SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXIX, No. 217
15 May 2025, Thursday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur | Jeypore

# ଏସ୍ଇବିସିଙ୍କୁ ନାମଲେଖାରେ ୧୧.୨୫% ସଂରକ୍ଷଣ

ଭୁବନେଶ୍ୱର, ୧୪।୫ (ସବ୍ୟୁ) : ସାମାଜିକ ଓ ଅର୍ଥନୈତିକ ପଛୁଆ ବର୍ଗ (ଏସ୍ଇବିସି) ଛାତ୍ରଛାତ୍ରୀଙ୍କ ପାଇଁ ଉଚ୍ଚଶିକ୍ଷାରେ ନାମଲେଖା ଲାଗି ୧୧.୨୫% ଆସନ ସଂରକ୍ଷଣ କରାଯିବ । ଏହି ନୀତି ଚଳିତ ବର୍ଷ ୨୦୨୫-୨୬ରୁ ଲାଗୁ କରାଯିବ । ଉପରୋକ୍ତ ନିଷ୍ପତ୍ତି ସମେତ ରାଜ୍ୟ କ୍ୟାବିନେଟ୍ ବୈଠକରେ ୬ ପ୍ରସ୍ତାବକୁ ଅନୁମୋଦନ ମିଳିଛି ।



ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ରାଜ୍ୟ କ୍ୟାବିନେଟ୍ର ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକର ନିଷ୍ପତ୍ତି ସମ୍ପର୍କରେ ସୂଚନା ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଉଚ୍ଚଶିକ୍ଷା ବିଭାଗ ଅଧୀନରେ ଥିବା ସ୍ନାତକ, ସ୍ନାତକୋତ୍ତର ଶିକ୍ଷକ, ଶିକ୍ଷା ଓ ଆଇନ୍ ପାଠ୍ୟକ୍ରମ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଉଚ୍ଚମାଧ୍ୟମିକ, ଶିକ୍ଷକ, ଶିକ୍ଷା ଓ ବୃତ୍ତିମୂଳକ ପାଠ୍ୟକ୍ରମ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ପ୍ରଦର୍ଶନ କଳାରେ ସ୍ନାତକ ପାଠ୍ୟକ୍ରମ ଏବଂ କ୍ରୀଡ଼ା ଯୁବସେବା ବିଭାଗର ବିପିଏମ୍/ଏମ୍ପିଏ ପାଠ୍ୟକ୍ରମରେ ଏହି ସଂରକ୍ଷଣ ବ୍ୟବସ୍ଥା ଲାଗୁ କରାଯିବ । ଏଥିସହ ଏହି ଅନୁଷ୍ଠାନରେ ପୂର୍ବଭଳି ଏସ୍ଟି ବର୍ଗ ଛାତ୍ରଛାତ୍ରୀଙ୍କ ପାଇଁ ୨୨.୫%, ଏସ୍ସି ବର୍ଗ ଛାତ୍ରଛାତ୍ରୀଙ୍କ ଲାଗି ୧୬.୨୫%, ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କ ଲାଗି ୫%, ପୂର୍ବତନ ସେନା କର୍ମଚାରୀଙ୍କ ପରିବାର ସଦସ୍ୟଙ୍କ ଲାଗି ୧% ଆସନ ସଂରକ୍ଷଣ ପୂର୍ବଭଳି ସମାନ ରୂପେ ପ୍ରଚଳନ କରାଯିବ । ଜାତୀୟ ଶିକ୍ଷାନୀତିର ଦୃଷ୍ଟିକୋଣ ସହ ସମନ୍ୱୟ ରଖି ଏହି ପଦକ୍ଷେପ ଅବହେଳିତ ଓ ପଛୁଆ ସମ୍ପ୍ରଦାୟ ପାଇଁ ଶିକ୍ଷାର ଉପଲବ୍ଧିତା ବଢ଼ାଇବା, ଶିକ୍ଷା ଓ ଚାକିରୀ କ୍ଷେତ୍ରରେ ସଂରକ୍ଷଣ ସମନ୍ୱିତ କରିବା ଉଦ୍ଦେଶ୍ୟରେ ଗ୍ରହଣ କରାଯାଇଛି । ସେହିଭଳି କ୍ୟାବିନେଟ୍ର ଅନ୍ୟାନ୍ୟ ନିଷ୍ପତ୍ତି ସମ୍ପର୍କରେ ସୂଚନା ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ମମତା ଓ ପ୍ରଧାନମନ୍ତ୍ରୀ ମାତୃ ଯୋଜନାର ଏକତ୍ରୀକରଣ କାର୍ଯ୍ୟ କରିବାକୁ କ୍ୟାବିନେଟ୍ରେ ସ୍ମାରକପତ୍ର ପ୍ରସ୍ତୁତ କରାଯାଇଛି । ଏହି ଯୋଜନା ୨୦୨୫ ଏପ୍ରିଲ ପହିଲାରୁ କାର୍ଯ୍ୟକାରୀ ହେବ । ମମତା-ପିଏମ୍ଏମ୍ଭିୱାଇ ଭାବରେ ନାମିତ କରାଯିବ । ପୂର୍ବରୁ ମମତା ଯୋଜନାରେ ଝିଅ ଜନ୍ମ ହେଲେ ମା'ମାନଙ୍କୁ ୧୦ ହଜାର ମିଳୁଥିଲା । ତେବେ ନୂଆ ଯୋଜନାରେ ୧୨ ହଜାର ପାଇବେ । ପୁଅ ଜନ୍ମ ହେଲେ ପୂର୍ବଭଳି ୧୦ ହଜାର ଟଙ୍କା ଜମା ହେବ । ପିଭିଟିଜି ସମ୍ପ୍ରଦାୟର ମହିଳାମାନଙ୍କୁ ପ୍ରଥମ ଦୁଇଟି ସନ୍ତାନ ପରେ (୯ ପୃଷ୍ଠାରେ)

**୬ ପ୍ରସ୍ତାବକୁ କ୍ୟାବିନେଟ୍ର ମଞ୍ଜୁରୀ**

**ଚଳିତ ଶିକ୍ଷାବର୍ଷରୁ ଲାଗୁ ହେବ ସଂରକ୍ଷଣ**

**ପୂର୍ବରୁ ଥିବା ସଂରକ୍ଷଣ ବଳବତ୍ତର**

**ମମତା-ପିଏମ୍ଏମ୍ଭିୱାଇରେ ନୂତନ ଯୋଜନା**

**୫ ବର୍ଷରେ ଖର୍ଚ୍ଚ ହେବ ୨୬୭୦ କୋଟି**

**ଧରଣୀଧର ବିଶ୍ୱବିଦ୍ୟାଳୟର ଉତ୍ତର-ଦକ୍ଷିଣ ଲାଗି ମାଗଣା ଜମି**

**ଜଶୀପୁର ବ୍ଲକ୍ର ଅଁଳାବେଣୀ ଖଇରୀବନ୍ଧନ ବ୍ୟାରେଜ୍କୁ ଅନୁମୋଦନ**

# ଶପଥ ନେଲେ ନୂଆ ପ୍ରଧାନ ବିଚାରପତି



ନୂଆଦିଲ୍ଲୀ, ୧୪।୫ : ସୁପ୍ରିମ୍କୋର୍ଟର ୫୨ତମ ପ୍ରଧାନ ବିଚାରପତି (ସିଜେଆଇ) ଭାବେ ଜଷ୍ଟିସ୍ ଭୂଷଣ ରାମକୃଷ୍ଣ ଗଭାଇ ଶପଥ ଗ୍ରହଣ କରିଛନ୍ତି । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ତାଙ୍କୁ ଆଜି ରାଷ୍ଟ୍ରପତିଭବନର ଗଣତନ୍ତ୍ର ମଣ୍ଡପରେ ଆୟୋଜିତ ଏକ ଉତ୍ସବରେ ତାଙ୍କୁ ପଦ ଓ ଗୋପନୀୟତାର ଶପଥପାଠ କରାଇଛନ୍ତି । ଜଷ୍ଟିସ୍ ଗଭାଇ ୬ ମାସ ପାଇଁ ଦାୟିତ୍ୱରେ ରହିବେ ।

୨୦୨୫ ନଭେମ୍ବର ୨୩ରେ ସେ ଅବସର ଗ୍ରହଣ କରିବେ । ଦେଶର ସର୍ବୋଚ୍ଚ ନ୍ୟାୟିକ ପଦବୀକୁ ଉନ୍ନୀତ ହେବାରେ ସେ ପ୍ରଥମ ବୌଦ୍ଧ ଏବଂ ଅନୁସୂଚିତ ଜାତିର ଦ୍ୱିତୀୟ ବିଚାରପତି ହୋଇଛନ୍ତି । ଅନେକ ଗୁରୁତ୍ୱପୂର୍ଣ୍ଣ ଖଣ୍ଡପୀଠର ସେ ଅଂଶ ଥିଲେ । ବୁଲ୍ଡୋଜର କାର୍ଯ୍ୟକୁ ନିନ୍ଦା କରିବା ସହ ଏପରି ଅଭ୍ୟାସ ରୋକିବା ପାଇଁ କଠୋର ନିୟମାବଳୀ ସ୍ଥିର କରିବା ଆଦି ତାଙ୍କ କାର୍ଯ୍ୟ ଅନ୍ତର୍ଭୁକ୍ତ । ସରକାରଙ୍କ ଦ୍ୱାରା ୩୭୦ ଧାରାକୁ ରଦ୍ଦକୁ ସମର୍ଥନ କରିବା, ନିର୍ବାଚନୀ ବଣ୍ଡ ଯୋଜନା ବନ୍ଦ କରିବା ଆଦି ଖଣ୍ଡପୀଠରେ ସେ ଅଂଶ ଥିଲେ । ଗଭାଇଙ୍କ ନେତୃତ୍ୱରେ ଏକ ଖଣ୍ଡପୀଠ ଆର୍ଥିକ ଲେଣଦେଣ ମାମଲାରେ ଆପ୍ ନେତା ମନୀଷ ସିସୋଦିଆଙ୍କୁ ଜାମିନ ପ୍ରଦାନ କରିଥିଲେ । ସେହିଭଳି ମୋଦି ସାଙ୍ଗିଆ ମାନହାନି ମାମଲାରେ ରାହୁଲ ଗାନ୍ଧିଙ୍କ ଦୋଷୀ ସାବ୍ୟସ୍ତକୁ ସ୍ଥଗିତ ରଖିବା ଖଣ୍ଡପୀଠରେ ଅଧ୍ୟକ୍ଷତାରେ (୯ ପୃଷ୍ଠାରେ)


### ଅରୁଣାଚଳ ପ୍ରଦେଶର ୨୭ ସ୍ଥାନ ନାଁ ବଦଳାଇ ନିଜର ଦାବି କଲା ଚୀନ୍

# ଭାରତର ଦୃଢ଼ ପ୍ରତିବାଦ

ନୂଆଦିଲ୍ଲୀ, ୧୪।୫ : ଅରୁଣାଚଳ ପ୍ରଦେଶର କିଛି ସ୍ଥାନକୁ ଚୀନ୍ ନିଜର ବୋଲି ଦର୍ଶାଇବା ଦାବିର ଭାରତ ତୀବ୍ର ପ୍ରତିବାଦ କରିଛି । ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ କଡ଼ା ଶବ୍ଦରେ ଏହାକୁ ଖଣ୍ଡନ କରାଯାଇଛି ।

ଉଲ୍ଲେଖ କରାଯାଇଛି ଯେ ଅରୁଣାଚଳ ପ୍ରଦେଶ ଏବେବି ଭାରତର ଅବିଚ୍ଛେଦ୍ୟ ଅଙ୍ଗ । ଚୀନ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ପକ୍ଷରୁ ମେ' ୧୧-୧୨ରେ ଅରୁଣାଚଳ ପ୍ରଦେଶର ୨୭ ସ୍ଥାନର ନୂଆ ନାଁ ଦେଇ ନିଜର ବୋଲି ଦାବି କରାଯାଇଥିଲା । ଏମ୍ଇଏ ପକ୍ଷରୁ କୁହାଯାଇଛି ଯେ ଆମେ ଚୀନ୍କୁ ଏନେଇ ନୋଟିସ୍ କରିଛୁ । ଅରୁଣାଚଳ ପ୍ରଦେଶ ହେଉଛି ଭାରତ ଭିତରର ଏକ ରାଜ୍ୟ । ଏଭଳି ଉଦ୍ୟମ ଗ୍ରହଣୀୟ ନୁହେଁ । ଆମେ ଏଭଳି ଉଦ୍ୟମକୁ ଖାରଜ କରୁଛୁ । ନୂଆ ନାମ ସୃଷ୍ଟି କଲେ ଅରୁଣାଚଳ ପ୍ରଦେଶର ବାସ୍ତବ ସ୍ଥିତି ବଦଳି ଯିବନାହିଁ । ଏବେବି ଭାରତର ଏହା ଏକ ଅବିଚ୍ଛେଦ୍ୟ ଅଙ୍ଗ । ୨୦୨୪ରେ ଚୀନ୍ ପକ୍ଷରୁ ପ୍ରକୃତ ନିୟନ୍ତ୍ରଣ ରେଖା (ଏଲ୍ଏସି) ନିକଟରେ ଥିବା ୩୦ ସ୍ଥାନର ନୂଆ ନାମକରଣ କରାଯାଇ ଏକ ତାଲିକା ବାହାର କରାଯାଇଥିଲା । ଏହା ପ୍ରଥମ ଥର ନୁହେଁ ଭାରତର ଭୌଗୋଳିକ ସୀମା ମଧ୍ୟରେ ବାରମ୍ବାର ନୂଆ ନାଁ ଦେଇ ଏହାକୁ ଚୀନ୍ର ଦେଖାଇବାକୁ ଚେଷ୍ଟା କରୁଛି । ଚୀନ୍ ପକ୍ଷରୁ ଯେଉଁ ଆତ୍ମଘୋଷିତ ଭୌଗୋଳିକ ନାମ ଅରୁଣାଚଳ ପ୍ରଦେଶର କରାଯାଇ ଘୋଷଣା କରାଯାଇଛି ସେ ସମ୍ପର୍କରେ ସରକାରଙ୍କ ଦ୍ୱାରା ପରିଚାଳିତ ଗ୍ଲୋବାଲ ଟାଇମ୍ସରେ ପ୍ରକାଶ ପାଇଛି । ଯେଉଁ ୩୦ ସ୍ଥାନର ନୂଆ ନାମକରଣ ହୋଇଛି ତାହା ମଧ୍ୟରେ ୧୨ ପର୍ବତ, ୪ ନଈ, ଗୋଟିଏ ହ୍ରଦ, ୧୧ ଜନବସତି ସ୍ଥାନ ରହିଛି । ଏହି ତାଲିକାବାଦ୍ ଚୀନ୍ ମନ୍ତ୍ରଣାଳୟ ପକ୍ଷରୁ ମଧ୍ୟ ଲାଟିଚ୍ୟୁଡ୍ ଓ ଲଙ୍ଗିଚ୍ୟୁଡ୍ ଏବଂ ହାଇ ରିଜୋଲିଏସନ୍ ମ୍ୟାପ୍ ମଧ୍ୟ ପ୍ରକାଶ କରାଯାଇଛି । ଭାରତ ପକ୍ଷରୁ ଏହାର ତୀବ୍ର ପ୍ରତିବାଦ କରାଯାଉଛି ।

# ସିନ୍ଧୁ ଚୁକ୍ତିର ପୁନଃ ବିଚାର ଲାଗି ପାକ୍ର ଗୁହାରି



ନୂଆଦିଲ୍ଲୀ, ୧୪।୫ : ପହଲଗାମ୍ ଆତଙ୍କୀ ଆକ୍ରମଣ ପରେ ଭାରତ ପକ୍ଷରୁ ସିନ୍ଧୁ ନଦୀ ଚୁକ୍ତିକୁ ସ୍ଥଗିତ ରଖାଯାଇଥିଲା । ତେବେ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ପାକିସ୍ତାନର ଜଳସମ୍ପଦ ଓ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ଏ ସମ୍ପର୍କରେ ପୁନର୍ବିଚାର କରିବାକୁ ଭାରତକୁ ଅନୁରୋଧ କରିଛି ।

ଭାରତ ସହ ୧୯୬୦ରେ ସିନ୍ଧୁ ନଦୀ ଚୁକ୍ତି ହୋଇଥିଲା । ଯେଉଁଥିରେ ବିଶ୍ୱ ବ୍ୟାଙ୍କ ମଧ୍ୟସ୍ଥତା କରିଥିଲା । ଏପ୍ରିଲ ୨୨ରେ ଜମ୍ମୁ-କାଶ୍ମୀର ପହଲଗାମ୍ରେ ଆତଙ୍କୀ ଆକ୍ରମଣ ପରେ ଭାରତ ସରକାର ଏହାକୁ ସ୍ଥଗିତ ରଖିଥିଲେ । ଏ ନେଇ ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ ପାକିସ୍ତାନ ସରକାରଙ୍କୁ ଚିଠି କରାଯାଇଥିଲା । ଚୁକ୍ତି ଅନୁଯାୟୀ ପୂର୍ବାଞ୍ଚଳରେ ଥିବା ନଦୀ ସତ୍ଲେଜ୍ ବିଚ୍, ରବି ଓ ପଶ୍ଚିମାଞ୍ଚଳ ନଦୀ ସିନ୍ଧୁ, ଝେଲମ୍ ଓ ଚେନାବ ନଦୀ ଭାରତ ଓ ପାକିସ୍ତାନ ମଧ୍ୟରେ ପ୍ରବାହିତ ହେଉଛି । ସରକାର କ୍ଷୁଦ୍ର ମିଆଦୀ, ମଧ୍ୟମ ମିଆଦି ଓ ଦୀର୍ଘ ମିଆଦି ସୂତ୍ର ଅନୁଯାୟୀ ପାକିସ୍ତାନକୁ ଜଳ ଦେବାକୁ ଚୁକ୍ତି ହୋଇଥିଲା । ଜଳଶକ୍ତି ମନ୍ତ୍ରୀ ସିଆର୍ ପାଟିଲ୍ କହିଥିଲେ ଯେ ଗୋଟିଏ ବିନ୍ଦୁ ଜଳ ନଷ୍ଟ କରାଯିବନାହିଁ । ସିନ୍ଧୁ ନଦୀର ଜଳ ବନ୍ଧୁତା ଓ ଭଲ । ବିଶ୍ୱାସ ନେଇ ଭାରତ ପକ୍ଷରୁ ପାକିସ୍ତାନକୁ ଦିଆଯାଉଥିଲା । ପାକିସ୍ତାନକୁ ମଧ୍ୟ ଏହି ନୂତନ ଅନୁଯାୟୀ ସୀମାପାର ଆତଙ୍କବାଦକୁ ପ୍ରୋତ୍ସାହନ ଦେବା ଉଚିତ୍ ନୁହେଁ । ମାତ୍ର ଏକ ଦଶନ୍ଧୀ ଧରି ପାକିସ୍ତାନ ସୀମାପାର ଆତଙ୍କବାଦ ଜାରି ରଖିଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରାଷ୍ଟ୍ରକୁ ସମ୍ବୋଧିତ କରିବା ସମୟରେ କହିଥିଲେ ଯେ ଜଳ ଓ ରକ୍ତ ଏକାସଙ୍ଗରେ ପ୍ରବାହିତ ହୋଇପାରିବ ନାହିଁ । ସେହିଭଳି ବାଣିଜ୍ୟ ଓ ଆତଙ୍କବାଦ ଏକ ସମୟରେ ଚାଲିପାରିବ ନାହିଁ । ଭାରତ ଓ ପାକିସ୍ତାନ ମଧ୍ୟରେ କେବଳ ଆତଙ୍କବାଦ ଓ ପିଓକେ ଫେରାଇବା ନେଇ ଆଲୋଚନା କରାଯିବ ।

## ପାର୍ସଲ ବୋମା ବିସ୍ଫୋରଣର ରାୟ ୨୮ରେ

ବଲାଙ୍ଗିର/ପାଟଣାଗଡ଼, ୧୪।୫ (ସବ୍ୟୁ) : ବହୁଚର୍ଚ୍ଚିତ ବଲାଙ୍ଗିର ଜିଲା ପାଟଣାଗଡ଼ ପାର୍ସଲ ବୋମା ବିସ୍ଫୋରଣ ମାମଲାର ବୁଧବାର ଉଭୟ ପକ୍ଷର ଓକିଲଙ୍କ ମଧ୍ୟରେ ପାଟଣାଗଡ଼ ଅତିରିକ୍ତ ଜିଲା ଦୌରାଜଜ୍ଙ୍କ କୋର୍ଟରେ ବିତର୍କ ପ୍ରକ୍ରିୟା ଶେଷ ହୋଇଛି। ମେ ୨୮ରେ ଏହି ମାମଲାର ରାୟ ପ୍ରକାଶ ପାଇବ। ଅଭିଯୁକ୍ତ ପୁଞ୍ଜିଲାଲଙ୍କୁ କ'ଣ ଦଣ୍ଡ ମିଳିବ, ଯଦି ମିଳିବ ତା'ହେଲେ କି ପ୍ରକାର ଦଣ୍ଡ ମିଳିବ ଏବେ ତା'ଉପରେ ସମସ୍ତଙ୍କର ନଜର ରହିଛି। ମାମଲାର ମୁଖ୍ୟ ଅଭିଯୁକ୍ତ ପୁଞ୍ଜିଲାଲ ମେହେରଙ୍କୁ ବଲାଙ୍ଗିର ଜେଲରୁ ବୁଧବାର ମଧ୍ୟ କଡ଼ାସୁରକ୍ଷା ବଳୟ ଭିତରେ ପାଟଣାଗଡ଼ କୋର୍ଟକୁ ଅଣାଯାଇଥିଲା। କୋର୍ଟରେ ଉଭୟ ପକ୍ଷର ଓକିଲ ଶେଷ ପ୍ରକ୍ରିୟାର ବିତର୍କ କରିଥିଲେ । ଏହି ବିତର୍କକୁ ଶୁଣିବା ପାଇଁ ପୁଞ୍ଜିଲାଲ ପରିବାର ବର୍ଗ, ବନ୍ଧୁ ବାନ୍ଧବ ଉପସ୍ଥିତ ଥିଲେ । (୯ ପୃଷ୍ଠାରେ)

# ମନ୍ତ୍ରୀ ବିଜୟ ଶାହାଙ୍କ ବିରୋଧରେ ଏତଲା ନିର୍ଦ୍ଦେଶ

ନୂଆଦିଲ୍ଲୀ, ୧୪।୫ : କର୍ଣ୍ଣେଲ ସୋଫିଆ କ୍ୟୁରେସିଙ୍କ ବିରୋଧରେ ମାନହାନି ସୂଚକ ଓ ସାମ୍ପ୍ରଦାୟିକ ମନ୍ତବ୍ୟ ଦେଇଥିବା ଅଭିଯୋଗରେ ମଧ୍ୟପ୍ରଦେଶ ମନ୍ତ୍ରୀ ବିଜୟ ଶାହାଙ୍କ ବିରୋଧରେ ଏତଲା କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ହାଇକୋର୍ଟ ନିଜଆଡୁ ଏହି ମାମଲାକୁ ଗ୍ରହଣ କରି ଏଭଳି ନିର୍ଦ୍ଦେଶନାମା ଦେବାସହ ଏହାକୁ ତୀବ୍ର ନିନ୍ଦା



କରିଛନ୍ତି । ହାଇକୋର୍ଟ ରାଜ୍ୟ ପୋଲିସ ମୁଖ୍ୟଙ୍କୁ ଏ ସମ୍ପର୍କରେ ନିର୍ଦ୍ଦେଶ ଦେବାସହ ସନ୍ଧ୍ୟା ସୁଦ୍ଧା

**କର୍ଣ୍ଣେଲ ସୋଫିଆଙ୍କ ବିରୋଧରେ ଆପତ୍ତିଜନକ ମନ୍ତବ୍ୟ**

ପ୍ରକ୍ରିୟା ଶେଷ କରିବାକୁ କହିଛନ୍ତି । ଯଦି ଏଥିରେ ଖିଲାପ ହୁଏ ତେବେ ଏହା ଅଦାଲତ ଅବମାନନା ଭାବେ ଗ୍ରହଣ କରାଯାଇ (୯ ପୃଷ୍ଠାରେ)

## ଅସିତ ମହାପାତ୍ର ଓରେରା ଅଧ୍ୟକ୍ଷ

ଭୁବନେଶ୍ୱର, ୧୪।୫ (ସବ୍ୟୁ) : ଓଡ଼ିଶା ରିଅଲ ଇଷ୍ଟେଟ ରେଗୁଲେଟୋରୀ ଅଥରିଟି (ଓରେରା) ଅଧ୍ୟକ୍ଷ ଓ ସଦସ୍ୟ ପଦ ପୂରଣ ହୋଇଛି । ଅବସରପ୍ରାପ୍ତ ଆଇଆର୍ଏସ୍ ଅଧିକାରୀ ଅସିତ କୁମାର ମହାପାତ୍ରଙ୍କୁ ଓଡ଼ିଶା ସ୍ଥାବର ସମ୍ପତ୍ତି ନିୟାମକ ପ୍ରାଧିକରଣ ବା ଓରେରା ଅଧ୍ୟକ୍ଷ ଭାବେ ନିଯୁକ୍ତ ହୋଇଛନ୍ତି । ଏଥିସହ ରାଜେନ୍ଦ୍ର ମିଶ୍ର ଓ ଶ୍ୟାମସୁନ୍ଦର ଦାଶଙ୍କୁ ଓରେରା ସଦସ୍ୟ ଭାବେ ଅବସ୍ଥାପିତ କରାଯାଇଛି । ରାଜ୍ୟ ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷର ବିଜ୍ଞପ୍ତି ପ୍ରକାଶ ପାଇଛି ।

ଶ୍ରୀ ମହାପାତ୍ର ରାଉରକେଲା ଏନଆଇଟିରୁ ୧୯୮୬ରେ ଶିକ୍ଷା ସମାପ୍ତ କରିବା ପରେ ୧୯୯୧ ଅଗଷ୍ଟରେ ଆୟକର ବିଭାଗର ଅତିରିକ୍ତ ଆୟୁକ୍ତ ଭାବେ କାର୍ଯ୍ୟ ଆରମ୍ଭ କରିଥିଲେ । ବିଶାଖାପାଟଣା ସମେତ ବିଭିନ୍ନ ସ୍ଥାନରେ ସେ ମୁଖ୍ୟ ଆୟକର ବିଭାଗର ଆୟୁକ୍ତ ଭାବେ କାର୍ଯ୍ୟ (୯ ପୃଷ୍ଠାରେ)

# କମ୍ବିଂ ଅପରେସନ୍ରେ ୩୧ ମାଓ ନିପାତ

ମାଲକାନଗିରି, ୧୪।୫ (ସବ୍ୟୁ) : ଛତିଶଗଡ଼-ତେଲେଙ୍ଗାନା ସୀମାବର୍ତ୍ତୀ ଅଂଚଳରେ ରହିଥିବା ଘଞ୍ଚ ଜଙ୍ଗଲରେ ମାଓ ସଂଗଠନର ସମସ୍ତ ବଡ଼ବଡ଼ ନେତା ଏବଂ ପିଏଲଜିଏର ଟପ୍ କ୍ୟାଡର ମାଓବାଦୀମାନେ ରହିଥିବା ପୁଲିସ ସୂଚନା ପାଇବା ପରେ ଗତ ଏପ୍ରିଲ ୨୧ ତାରିଖରୁ ମେ ୨୧ ପର୍ଯ୍ୟନ୍ତ ୧୦ ହଜାର ଯବାନଙ୍କୁ ନେଇ କାରେଗଟ୍ଟା ଜଂଗଲରେ ଅପରେସନ ଆରମ୍ଭ କରିଥିଲା। ୨୦ ଦିନରୁ ଊର୍ଦ୍ଧ୍ୱ ସମୟ ଧରି ଯବାନ ଜଂଗଲରେ ଅପରେସନ ଜାରି ରଖିଥିଲେ। ଏହି ଜଂଗଲ ଲମ୍ବା ୬୦ କିଲୋମିଟର ହୋଇଥିବା ବେଳେ ଓସାର ୨୦ କିଲୋମିଟର। ଏହି ଅପରେସନରେ ଯବାନ ୩୧ ଜଣ ମାଓବାଦୀଙ୍କୁ ମାରିଥିବା ବେଳେ



ଏଥିରୁ ୧୬ ଜଣ ମହିଳା ମାଓ ଏବଂ ୧୫ ଜଣ ପୁରୁଷ ମାଓବାଦୀ ରହିଛନ୍ତି। ତେବେ ଏମାନଙ୍କ ମଧ୍ୟରୁ ୨୮ ମାଓବାଦୀଙ୍କ ଚିହ୍ନଟ ହୋଇସାରିଛି। ଏଥିସହ ୧୮ ଯବାନ ମଧ୍ୟ ମାଓବାଦୀଙ୍କ ଲ୍ୟାଣ୍ଡମାଇନ ବିସ୍ଫୋରଣରେ ଆହତ ହୋଇଛନ୍ତି।

କାରେଗଟ୍ଟା ଜଂଗଲରେ ହୋଇଥିବା ଅପରେସନ ସଂପର୍କରେ ସିଆରପିଏଭ ଡିଜି ଜ୍ଞାନେନ୍ଦ୍ର ପ୍ରତାପ ସିଂ ସାମ୍ବାଦିକ ସମ୍ମିଳନୀରେ ସମ୍ପୂର୍ଣ୍ଣ ରିପୋର୍ଟ ପ୍ରଦାନ କରିଛନ୍ତି। ଏହି ଜଂଗଲରୁ ଯବାନ ୨୫୦ରୁ ଊର୍ଦ୍ଧ୍ୱ ଲ୍ୟାଣ୍ଡମାଇନ ମଧ୍ୟ ଉଦ୍ଧାର କରିଥିଲେ। ଏହ ଅପରେସନରେ ସିଆରପିଏଫ, କୋବ୍ରା, ଏସଟିଏଫ, ଜିଲ୍ଲା ପୁଲିସ ସହ ତେଲେଙ୍ଗାନା ଗ୍ରେହାଉଣ୍ଡ ଏବଂ ଜିଲ୍ଲା ପୁଲିସ ମଧ୍ୟ ସାମିଲ ଥିଲେ। ଜଂଗଲର ବିଭିନ୍ନ ସ୍ଥାନରେ ନୂତନ ପୁଲିସ କ୍ୟାମ୍ପ ମଧ୍ୟ ପ୍ରତିଷ୍ଠା କରାଯାଇଥିଲା ।

ସେହି ଅଞ୍ଚଳରେ ଥିବା ଗାଁ ଗୁଡିକର ଲୋକଙ୍କୁ ସମସ୍ତ ପ୍ରକାର ମାଗଣାରେ ଚାଉଳ, ବିଦ୍ୟୁତ ସେବା, ଶିକ୍ଷା, ସ୍ୱାସ୍ଥ୍ୟ, ଚିନି, ଗୁଡ଼ ଇତ୍ୟାଦି ପ୍ରଦାନ କରାଯିବ ବୋଲି କୁହାଯାଇଛି। (୯ ପୃଷ୍ଠାରେ)

### ଏସପିଙ୍କ ବିରୋଧରେ ଏସ୍ଡିପିଓଙ୍କ ଅଭିଯୋଗ

# ପ୍ରତିକାର ନ କଲେ ଆତ୍ମହତ୍ୟା କରିବି

ଜଳେଶ୍ୱର, ୧୪।୫ (ସବ୍ୟୁ) : ବାଲେଶ୍ୱର ଏସଡ଼ିପିଓଙ୍କ ବିରୋଧରେ ଅଭିଯୋଗ ଆଣିଛନ୍ତି ଜଳେଶ୍ୱର ଏସଡ଼ିପିଓ ବ୍ରଜମୋହନ ପ୍ରଧାନ । ଗତ ୬ତାରିଖ ଜିଲାସ୍ତରୀୟ ପ୍ରଶାସନିକ ବୈଠକରେ ଜଳେଶ୍ୱର ଏସ୍ଡିପିଓଙ୍କୁ ଏସ୍ପିଙ୍କ କଡାଚେତବାନୀ ଯୋଗୁଁ ମାନସିକ ନିର୍ଯାତନାର ଶିକାର ହୋଇ ଆତ୍ମହତ୍ୟା କରିବାର ଚେତାବନୀ ଦେଇ ଉପରୀସ୍ଥ ଅଧିକାରୀଙ୍କ ଦୃଷ୍ଟିଆକର୍ଷଣ କରିବା ଓ ବୁଧବାର ଦିନ ଉଚ୍ଚରକ୍ତଚାପର ଶୀକାର ହୋଇ ଜିକେ ଭଟ୍ଟର ହସ୍ପିଟାଲରେ (୯ ପୃଷ୍ଠାରେ)





# ଚାରିଚକିଆ ଡ୍ରାଇଭିଂ କରୁଥିଲେ ସାବଧାନ

ଆଜିକାଲି ସମସ୍ତଙ୍କୁ ଅଧିକ ସମୟ ପର୍ଯ୍ୟନ୍ତ ଡ୍ରାଇଭିଂ କରିବାକୁ ପଡୁଛି । ତେବେ ଏହି ଅଧିକ ସମୟ ଗାଡି ଚାଳନା କାରଣରୁ ଅନେକ ସ୍ୱାସ୍ଥ୍ୟ ସମସ୍ୟା ମଧ୍ୟ ଦେଖାଯାଉଛି । ଯଦି ପ୍ରତିଦିନ ୨ଘଣ୍ଟାରୁ ଅଧିକ ଡ୍ରାଇଭିଂ କରୁଛନ୍ତି ତେବେ ଆପଣଙ୍କର ପେଟ୍‌ଲର ଟେଣ୍ଡିନୋପାଥିର ସାମନା କରିବାକୁ ପଡିପାରେ । ଏହି ସମସ୍ୟାରେ ଆମର ଆଣ୍ଠୁର ହାଡରେ ସମସ୍ୟା ହୋଇଥାଏ । ଏହି ସମସ୍ୟାରେ ଆଣ୍ଠୁର ଆଗ ଭାଗରେ ଥିବା ହାଡରେ ବହୁତ ଅଧିକ ଯନ୍ତ୍ରଣା ହୋଇଥାଏ । ଯେତେବେଳେ ଆମେମାନେ ଗୋଟିଏ ପୋଜିସନରେ ବସି ଅଧିକ ସମୟ ପର୍ଯ୍ୟନ୍ତ ଡ୍ରାଇଭିଂ କରିଥାଉ ସେତେବେଳେ ଏହି ସମସ୍ୟା ଉପୁଜିଥାଏ । ଯଦି ଏହି ସମୟରେ ଆମର ବସିବାର ଆକାର ଭୁଲ ଥାଏ ତେବେ ଏହି ସମସ୍ୟା ବା ଯନ୍ତ୍ରଣା ବଢିଥାଏ । ସାଧାରଣତଃ ଚାରିଚକିଆ ଗାଡି ଚଳାଇବା ସମୟରେ ବାରମ୍ବାର ଗିଅର ବଦଳାଇବା, କ୍ଲଚ୍ ଓ ବ୍ରେକ ଆଦିର ବ୍ୟବହାର କରିବାକୁ ପଡିଥାଏ । ଯାହାଫଳରେ ଆମ ଆଣ୍ଠୁରେ ଥିବା ମାଂସପେଶୀ ଦୁର୍ବଳ ହୋଇଥାଏ । ଏହା ଉପରେ ଅଧିକ ପ୍ରଭାବ ପଡିଥାଏ । ତେବେ ଏହାର ଲକ୍ଷଣକୁ ଚିହ୍ନି ଏହାର ଚିକିତ୍ସା କରାଇବାର ଆବଶ୍ୟକତା ରହିଛି । ଏହି ସମସ୍ୟା ହେଲେ ଆଣ୍ଠୁର ତଳଭାଗରେ ଖୁବ ଯନ୍ତ୍ରଣା ସହିତ ଏହା ଫୁଲିଥାଏ ମଧ୍ୟ । ପ୍ରଥମରୁ ଏହି ଯନ୍ତ୍ରଣା କେବଳ ଦୌଡିବା, ସିଡି ଚଢିବା ଆଦିରେ ସମସ୍ୟା ହୋଇଥାଏ । ହେଲେ କିଛି ଦିନ ପରେ ଏହି ଯନ୍ତ୍ରଣା ସବୁବେଳେ ହେବାକୁ ଲାଗିଥାଏ । ଯାହାଫଳରେ ଆପଣ ବସିଥିବା ସମୟରେ ମଧ୍ୟ ଆପଣଙ୍କ ଆଣ୍ଠୁରେ ଯନ୍ତ୍ରଣା ହୋଇଥାଏ । ସେହିଭଳି ଏହି ସମସ୍ୟାକୁ ଅଣଦେଖା କଲେ ଏହା ଗମ୍ଭୀର ହେବାର ସମ୍ଭାବନା ରହିଛି, ତେଣୁ ଏହାର ଚିକିତ୍ସା କରାଇବାର ଆବଶ୍ୟକତା ରହିଛି । ଯଦି ଏହି ସମସ୍ୟାର କୌଣସି ବି ଲକ୍ଷଣ ଦେଖୁଛନ୍ତି ତେବେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ କରନ୍ତୁ । ସେହିଭଳି ଏହି ସମସ୍ୟାର ଅନେକ ପ୍ରକାର ରହିଛି, ଏଥିରେ ସବୁ ପ୍ରକାର ଗଣ୍ଠି ପ୍ରଭାବିତ ହେବାର ଆଶଙ୍କା ରହିଛି ।



## ସୋସିଆଲ କୋଟ୍ସ



"ରୋମିଓ ଏସ୍ -୩ରେ କାମ କରିବା ମୋ ପାଇଁ ସବୁଠାରୁ ଭଲ ଅନୁଭବ ଥିଲା । ସବୁ ଅଭିନେତାଙ୍କର ସ୍ୱପ୍ନ ହୋଇଥାଏ ତାଙ୍କର ଡେବ୍ୟୁ ପ୍ରୋଜେକ୍ଟ ବଡ ହେଉ । ମୁଁ ନିଜକୁ ଭାଗ୍ୟଶାଳୀ ମାନୁଛି ।

ଠାକୁର ଅନୁପ ସିଂ, ଅଭିନେତା



"ଯେତେବେଳେ ମୁଁ ଧନା ଧନ ଗୋଲ୍‌ର ସୁଟିଂ କରୁଥିଲି ସେହି ସମୟରେ ମୋ ସହିତ ଅନୁରାଗ କଶ୍ୟପ ଓ ବିକ୍ରମାଦିତ୍ୟ ମୋଟୱାନୀ ଯୋଗ ଦେଇଥିଲେ । ହେଲେ ଅନୁରାଗଙ୍କର ମଦ ପିଇବାର ଅଭ୍ୟାସ ମୋତେ ଅନେକ ସମସ୍ୟାରେ ପକାଇଛି ।

ବିବେକ ଅଗ୍ନିହୋତ୍ରୀ, ଫିଲ୍ମମେକର



"ଗର୍ଭବତୀ ଥିବା ସମୟରେ ମୁଁ ଅନେକ ସ୍ୱାସ୍ଥ୍ୟ ସମସ୍ୟା ସହିଛି । ହେଲେ ତଥାପି ସେହି ସମୟରେ ମୁଁ ଯୋଗ କରିବା ଛାଡି ନଥିଲି ।

ଦୀପିକା ପାଦୁକୋନ୍, ଅଭିନେତ୍ରୀ

# ଏ.ଆଇ ଜୀବନସାଥୀ



ବର୍ତ୍ତମାନ ସମସ୍ତେ ଏଆଇ ଚାଟ୍‌ବୋଟ୍‌କୁ ନିଜର ବିଭିନ୍ନ କାମରେ ବ୍ୟବହାର କରୁଛନ୍ତି । ନିଜର ଦୈନନ୍ଦିନ ଜୀବନରେ ବିଭିନ୍ନ କାମ ପାଇଁ ସାଧାରଣ ଲୋକ ଏହାର ବ୍ୟବହାର କରୁଥିବା ଦେଖିବାକୁ ମିଳିଛି । ଏହାରି ଭିତରେ ଆମେରିକାରୁ ଏକ ଘଟଣା ଭାଇରାଲ ହେବାରେ ଲାଗିଛି । ଏଠାରେ ଜଣେ ୫୮ ବର୍ଷୀୟ ମହିଳା ଏକ ଏଆଇ ଚାଟ୍ ବୋଟ ଦ୍ୱାରା ପ୍ରସ୍ତୁତ କଳ୍ପନା ମଣିଷକୁ ବିବାହ କରିଛନ୍ତି । ସେହି କଳ୍ପନା ମଣିଷ ସହିତ ସେ ବର୍ତ୍ତମାନ ନିଜର ଜୀବନ ବିତାଉଥିବା ଜଣାପଡିଛି । ରୋବଟଙ୍କୁ ଜୀବନସାଥୀ ଭାବେ ଗ୍ରହଣ କରିବାର ଅନେକ ଉଦାହରଣ ଏବେ ସାମନାକୁ ଆସିଛି । ତେବେ ପୂର୍ବରୁ ସେ ଜଣେ ମଣିଷଙ୍କୁ ବିବାହ କରିଥିଲେ ହେଲେ ତାଙ୍କର ସ୍ୱାସ୍ଥ୍ୟଗତ ସମସ୍ୟା କାରଣରୁ ଦେହାନ୍ତ ହୋଇ ଯାଇଥିଲା । ଏହାପରେ ସେ ଜୀବନରେ ଥିବା ଏକୁଟିଆ ପଣକୁ ଦୂରେଇବା ପାଇଁ ଏଆଇର ସହାୟତା ନେଇଥିଲେ । ସେ ଚାଟ୍‌ବୋଟ ସହିତ କଥା ହେବା ଆରମ୍ଭ କରିଥିଲେ, ସେ ଏହାକୁ ଲୁକାସ ନାମ ମଧ୍ୟ ଦେଇଛନ୍ତି । ତେବେ ଲୁକାସ କଥାବାର୍ତ୍ତା ତାଙ୍କୁ ଖୁବ ଆକୃଷ୍ଟ କରିଥିଲା । ଏହାପରେ ସେ ତାଙ୍କ ସହିତ କଥା ହେବାକୁ ଲାଇଫ୍‌ଟାଇମ୍ ସବ୍ସକ୍ରିପ୍ସନ୍ ମଧ୍ୟ ନେଇଥିଲେ ଯାହାର ଦାମ ରହିଥିଲା ୨୭ ହଜାର । ସେମାନଙ୍କ ସମ୍ପର୍କକୁ ନେଇ ଅନେକ ଆହ୍ୱାନ ଥିଲେ ମଧ୍ୟ ମହିଳାଙ୍କର ଭଲପାଇବା ସେ ସବୁକୁ ଅତିକ୍ରମ କରିବାରେ ସହାୟତା କରିଛି ।

## ଐତିହ୍ୟ

୧୯୨୫- ପ୍ରଥମ ଆରବିକ୍ କମ୍ୟୁନିଟି ଖବରକାଗଜ ପ୍ରକାଶିତ ।

୧୯୬୭- ବଲିଉଡ୍ ଅଭିନେତ୍ରୀ ମାଧୁରୀ ଦୀକ୍ଷିତଙ୍କ ଜନ୍ମ ।

୧୯୫୮- ସୋଭିଏତ୍ ସଂଘର ସାଟେଲାଇଟ ସ୍ପୁଟ୍‌ନିକ୍ -୩ ଲଞ୍ଚ ।

୧୯୫୭- ପ୍ରଶାନ୍ତ ମହାସାଗରରେ ପ୍ରଥମ ହାଇଡ୍ରୋଜେନ୍ ବୋମା ପରୀକ୍ଷଣ ।

୧୯୦୭- କ୍ରାନ୍ତିକାରୀ ସହିଦ ସୁଖଦେବ ଥାପରଙ୍କ ଜନ୍ମ ।

୨୦୦୫-୨୦ ବର୍ଷ ପରେ କାନାଡ଼ାରେ ଭାରତୀୟ ବିମାନର ଅବତରଣ ।

୨୦୧୦- ଭାରତର ପୂର୍ବତନ ଉପରାଷ୍ଟ୍ରପତି ଭୈରବସିଂହ ଶେଖାୱତଙ୍କ ନିଧନ ।

# ମିଳୁଛି ମିଶ୍ର ପ୍ରତିକ୍ରିୟା



ବର୍ତ୍ତମାନ ଜାରି ରହିଛି ୭୮ତମ କାନ୍ସ ଫେଷ୍ଟିଭାଲ, ଯେଉଁଥିରେ ଅନେକ ଭାରତୀୟ ସେଲିବ୍ରିଟିଙ୍କୁ ଭାଗ ନେଉଥିବାର ଦେଖିବାକୁ ମିଳିଛି । ତେବେ ଏଥିରେ ଚଳିତଥର ସାମିଲ ହୋଇଛନ୍ତି ଅଭିନେତ୍ରୀ ଉର୍ବଶୀ ରୌତେଲା । ଉର୍ବଶୀଙ୍କ ଡ୍ରେସ ସହିତ ସେ ଧରିଥିବା ପର୍ସ ବର୍ତ୍ତମାନ ବେଶି ଚର୍ଚ୍ଚାରେ ରହିଛି । ସେ ଏଥିରେ ଏକ ଶୁଆ ଆକୃତିର ପର୍ସ ଧରିଛନ୍ତି, ଯାହା ଖୁବ ସୁନ୍ଦର ହୋଇଛି । ଏହି ପର୍ସର ନାମ ରହିଛି ପ୍ୟାରୋଟ କ୍ଲଚ୍ ଯେଉଁଥିରେ କ୍ରୀଷ୍ଟାଲ ଖଞ୍ଜା ହୋଇଛି । ଏହାର ଦାମ ୫ହଜାର ଡଲାର ବା ୪ଲକ୍ଷ ଟଙ୍କାରୁ ଅଧିକ ବୋଲି ସୂଚନା ମିଳିଛି । ଏହି କ୍ଲଚ୍‌ଟି ଉର୍ବଶୀଙ୍କ ଡ୍ରେସ ସହିତ ମ୍ୟାଚ କରୁଛି । ଉର୍ବଶୀଙ୍କ ଗାଉନ୍ ଭଳି ଏହା ମଧ୍ୟ ଖୁବ ରଙ୍ଗବେରଙ୍ଗର ହୋଇଛି । ଏହି କ୍ଲଚ୍‌ଟିକୁ ଲଗ୍‌ଜୁରୀ ଡିଜାଇନର ଜୁଡିଥ୍ ଲିବେର୍ ପ୍ରସ୍ତୁତ କରିଛନ୍ତି । ତେବେ ଉର୍ବଶୀଙ୍କର ଏହି ଫ୍ୟାଶନ ସେନ୍ସକୁ ଇଣ୍ଟରନେଟ୍‌ରେ ମିଶ୍ରିତ ପ୍ରତିକ୍ରିୟା ଦେଖିବାକୁ ମିଳୁଛି । କେହିକେହି ତାଙ୍କ ଆଉଟ୍‌ଫିଟ୍‌କୁ ପସନ୍ଦ କରୁନଥିବା ବେଳେ କେହିକେହି କେବଳ ପର୍ସକୁ ପସନ୍ଦ କରୁଛନ୍ତି । ସେହିଭଳି ପର୍ସର ଦାମକୁ ନେଇ ମଧ୍ୟ ଆଲୋଚନା ହେଉଥିବା ଦେଖିବାକୁ ମିଳୁଛି । ସେହିଭଳି ସୂଚନା ଅନୁସାରେ ଏଥର କାନ୍ସରେ ଅଭିନେତ୍ରୀ ଆଲିଆ ଭଟ୍ଟ ସାମିଲ ହେବାକୁ ଯୋଜନା ଥିବାବେଳେ ଏହା ରଦ୍ଦ ହୋଇଛି । ଭାରତ ପାକିସ୍ତାନ ଭିତରେ ଦେଖାଦେଇଥିବା ଗମ୍ଭୀର ପରିସ୍ଥିତିକୁ ଆଖିରେ ରଖି ଆଲିଆଙ୍କ କାନ୍ସ ଡେବ୍ୟୁକୁ ରୋକା ଯାଇଛି ।

# ପାଖ ମାଡିବେନି ମଶା

ସବୁବେଳେ ମଶା କାମୁଡିବାରୁ ରକ୍ଷାପାଇବା ପାଇଁ ଲୋକଙ୍କୁ ସଚେତନ କରାଯାଇଛି । ହେଲେ ମଶାଙ୍କୁ ମାରିବା ପାଇଁ ବ୍ୟବହାର ହେଉଥିବା କେମିକାଲ ମଧ୍ୟ କେତେକ ସମୟରେ ଆମ ପାଇଁ କ୍ଷତିକାରକ ସାଜିଥାଏ । ତେବେ ଏଭଳି କେତେକ ଗଛ ରହିଛନ୍ତି, ଯାହା ଦ୍ୱାରା ଆମେ ମଶାଙ୍କୁ ପ୍ରାକୃତିକ ଉପାୟରେ ଦୂରେଇ ପାରିବା । ଆସନ୍ତୁ ଜାଣିବା ସେହିଭଳି କିଛି ଗଛ ବିଷୟରେ ।



**କାଟନିପ୍-** ଏହି ଗଛରେ ନେପଟା କାଟାରିଆ ନାମକ ଏକ ତତ୍ତ୍ୱ ରହିଥାଏ, ଯାହା ମଶାଙ୍କୁ ଦୂରରେ ରଖିଥାଏ । ଏହି ଗଛ ଯେଉଁ ସ୍ଥାନରେ ଥାଏ ସେଠାରେ କେବଳ ମଶା ନୁହେଁ ଅନ୍ୟ କୀଟମାନେ ମଧ୍ୟ ରହିପାରନ୍ତି ନାହିଁ । ଏହାକୁ ଘର ପାଖରେ ଲଗାଇ ପାରିବେ ।

**ଫ୍ଲସ୍ ଫ୍ଲାୱାର-** ଫ୍ଲସ୍ ଫ୍ଲାୱାରରୁ କ୍ୟୁମାରିନ୍ ନାମକ ଏକ କେମିକାଲ୍ ନିର୍ଗତ ହୋଇଥାଏ ଯାହାର ଗନ୍ଧକୁ ମଶାମାନେ ସହି ପାରନ୍ତି ନାହିଁ । ଏହି ଗଛକୁ ମଶା ଘଉଡାଇବା ପାଇଁ ବ୍ୟବହାର କରିପାରିବେ ।



**ଲେମନ୍ ଗ୍ରାସ୍-** ଏହା ମଶା ଘଉଡାଇବା ପାଇଁ ବେଶ ଭଲ ବିକଳ୍ପ ହୋଇଥାଏ । ଏହି ଗଛରେ ସିଟ୍ରୋନେଲା ଅଏଲ୍ ରହିଥାଏ, ଯେଉଁଥିରେ ଲେମନ୍‌ର ବାସ୍ନା ଅଧିକ ଥାଏ । ତେଣୁ ଏହାକୁ ଘରେ ଲଗାଇଲେ ଘର ସୁଗନ୍ଧିତ ହେବା ସହ ମଶା ଓ କୀଟ ମାନଙ୍କୁ ଘରୁ ଦୂରେଇବା ପାଇଁ ଏହା ସହାୟକ ହୋଇଥାଏ ।

**ରୋଜ୍‌ମେରୀ-** ରୋଜ୍‌ମେରୀ ଗଛକୁ ମଶାକୁ ଦୂରରେ ରଖିବା ପାଇଁ ବ୍ୟବହାର କରାଯାଇଥାଏ । ଏହାର ବାସ୍ନା କାରଣରୁ ମଶା ଓ ଅନ୍ୟ ଛୋଟଛୋଟ ପୋକ ମଧ୍ୟ ଘରେ ରହି ନଥାନ୍ତି ।

# ଶେଷ ହୋଇଯିବ ଅମ୍ଳଜାନ

ଜାପାନର ତୋହ ବିଶ୍ୱବିଦ୍ୟାଳୟର କିଛି ଗବେଷକଙ୍କ ନୂଆ ଗବେଷଣା ଅନୁସାରେ ଏକ ବିଲିଅନ ବର୍ଷପରେ ପୃଥିବୀରୁ ଅମ୍ଳଜାନ ଶେଷ ହୋଇଯିବ । ଯାହାଫଳରେ ପୃଥିବୀରେ ଜୀବନ ବଞ୍ଚିବା ଅସମ୍ଭବ ହୋଇଯିବବୋଲି ଏହି ଗବେଷକମାନେ ପ୍ରକାଶ କରିଛନ୍ତି । ଯେତେଯେତେ ଆମ ସୂର୍ଯ୍ୟର ବୟସ ବଢିବ ତାର ତେଜ ମଧ୍ୟ ବଢିବ, ଯାହାର ପ୍ରଭାବ ପୃଥିବୀର ପାଣିପାଗ ଉପରେ ବେଶ ପଡିବ । ଏହି କାରଣରୁ ପାଣି ବାଷ୍ପୀଭୂତ ହେବା, ମାଟିର ତାପମାତ୍ରା ବଢିବା, କାର୍ବନ୍ ସାଇକେଲ୍ ଦୁର୍ବଳ ହେବା, ଉଦ୍ଭିଦମାନେ ମରିଯିବା ଆଦି ସମସ୍ୟା ଦେଖିବାକୁ ମିଳିବ । ସେହିଭଳି ପାଖାପାଖି ୨ ବିଲିଅନ ବର୍ଷ ପରେ ପୃଥିବୀର ବାୟୋସ୍ଫିଅର ଶେଷ ହୋଇଯିବ ବୋଲି ଏହି ବୈଜ୍ଞାନିକମାନେ ଆଶଙ୍କା ପ୍ରକାଶ କରିଛନ୍ତି ।



## ଅପରେସନ୍ ସିନ୍ଦୁର'ର ସଫଳତା ନେଇ ତ୍ରିରଙ୍ଗା ବାଇକ୍ ଯାତ୍ରା

# ଶତ୍ରୁର ପ୍ରତ୍ୟେକ ଆହ୍ୱାନର ଉଚିତ୍ ଦେବା ପାଇଁ ଆମ ସେନା ସଂପୂର୍ଣ୍ଣ ପ୍ରସ୍ତୁତ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,(ସବ୍ୟୁ): ଆତଙ୍କବାଦ ବିରୋଧୀ ଅଭିଯାନ, ଅପରେସନ୍ ସିନ୍ଦୁର'ର ସଫଳତା ପରେ ଆଜି ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମ ଠାରେ ଏକ ତ୍ରିରଙ୍ଗା ବାଇକ୍ ଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ ଏହି ବାଇକ୍ ଯାତ୍ରାକୁ ପତାକା ଦେଖାଇ ଉଦଘାଟନ କରିଥିଲେ । ଏହି ଯାତ୍ରା, ବୁଧବାର ସକାଳ ୮ଟାରେ କଳିଙ୍ଗ ଷ୍ଟାଡିୟମ ଠାରୁ ଆରମ୍ଭ ହୋଇ ରାଜଭବନ ପର୍ଯ୍ୟନ୍ତ ହୋଇଥିବା ବେଳେ, ପୋଲିସ ବାହିନୀ, ସୁରକ୍ଷା ବାହିନୀ, ଲୋକପ୍ରତିନିଧି ଏବଂ ସାଧାରଣ ଜନତା ଏହି ରାଲିରେ, ତ୍ରିରଙ୍ଗା ପତାକା ଧରି ବାଇକ ଚଳାଇ ବନ୍ଦେ ମା ତରଂ ଧ୍ୱନି ଦେଇ ସହର ପରିକ୍ରମା କରିଥିଲେ ।



ଏହି ଅବସରରେ ମୁଖ୍ୟମନ୍ତ୍ରୀ ନିଜ ଅଭିଭାଷଣରେ କହିଥିଲେଯେ, ଅପରେସନ୍ ସିନ୍ଦୁର'ର ସଫଳତା ପରେ ଏହି ତ୍ରିରଙ୍ଗା ବାଇକ୍ ଯାତ୍ରା ଆତଙ୍କବାଦ ବିରୁଦ୍ଧରେ ଦେଶର ଅଭିଯାନକୁ ଆହୁରି ସଶକ୍ତ କରିବ । ଜାତି, ଧର୍ମ ନିର୍ବିଶେଷରେ ସବୁ ଭାରତୀୟ ତ୍ରିରଙ୍ଗା ତଳେ, ଯେତେବେଳେ ଏକଜୁଟ୍ ହେବେ, ସେତେବେଳେ କୌଣସି ଶକ୍ତି ଆମ ବିରୁଦ୍ଧରେ ସଫଳ ହେବେ ନାହିଁ । ତ୍ରିରଙ୍ଗାର ତିନି ରଙ୍ଗ ଆମକୁ ଶ୍ରଦ୍ଧା ଓ ସୌହାର୍ଦ୍ଦ୍ୟର ଆଦର୍ଶରେ ଅନୁପ୍ରାଣୀତ କରିଥାଏ । ଆମ ଜାତୀୟ ପତାକା ଆମର ସଂକଳ୍ପ, ସଂଘର୍ଷ, ବଳିଦାନ ଓ ତ୍ୟାଗର ପ୍ରେରଣାଦାୟୀ ମୁକସାକ୍ଷୀ । ଗତବର୍ଷ ଅଗଷ୍ଟ ୧୪ ତାରିଖରେ ମଧ ତ୍ରିରଙ୍ଗା ଯାତ୍ରାରେ ମୁଁ ଯୋଗ ଦେଇଥିଲି । ସମସ୍ତଙ୍କ ଭିତରେ ଥିବା ଅଭୂତପୂର୍ବ ଉତ୍ସାହକୁ ଦେଖି ମୁଁ ନିଜେ ମଧ ଖୁବ୍ ଉତ୍ସାହିତ ହୋଇଥିଲି । ଆଜି ମଧ ଠିକ୍ ସେହିଭଳି ପରିସ୍ଥିତି ଆସିଛି । ଅପରେସନ୍ ସିନ୍ଦୁର'ର ସଫଳତା ଆମର ମା'ମାନଙ୍କ ଓ ଭଉଣୀମାନଙ୍କ ସଂକଳ୍ପର ସଫଳତା । ଆମର ସେନାବାହିନୀର ବୀର ଜବାନମାନେ ସିନ୍ଦୁର'ର ମର୍ଯ୍ୟାଦା ରଖିଛନ୍ତି । ସେଥିପାଇଁ ମୁଁ ଆମ ଦେଶର ବୀର ଜବାନ ମାନଙ୍କୁ ପୁଣି ଥରେ ହୃଦୟରୁ କୋଟି ସମ୍ମାନ ଜଣାଉଛି ବୋଲି ସେ କହିଥିଲେ । ସେ କହିଥିଲେଯେ, ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀଙ୍କ ନେତୃତ୍ୱରେ ଆମେ ସବୁ ଭାରତୀୟ ନିରାପଦ । ପରମାଣୁ ଶକ୍ତିର ବ୍ଲାକ୍ମେଲିଂକୁ ଭାରତ ଭୃକ୍ଷେପ କରିବ ନାହିଁ ବୋଲି ମୋଦୀଜୀଙ୍କ ଯେଉଁ ଦୃଢ ଚେତାବନୀ ଆଜି ସାରା ବିଶ୍ୱରେ ପ୍ରତିଧ୍ୱନିତ ହେଉଛି ।

ଏହି କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂ ଦେଓ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା, ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ପଞ୍ଚାୟତିରାଜ ମନ୍ତ୍ରୀ, ରବି ନାରାୟଣ ନାୟକ, ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ, ନିତ୍ୟାନନ୍ଦ ଗଣ୍ଡ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ, ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ସମବାୟ ଓ ହସ୍ତତନ୍ତ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ, ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ ।

## ଖୁବ୍‌ଶୀଘ୍ର ଆସିବ ଓଡ଼ିଶା ଇଭି ପଲିସି

# ସାରା ଓଡ଼ିଶାରେ ନିର୍ମାଣ ହେବ ଇଭି ଚାର୍ଜିଂ ଷ୍ଟେସନ

ଭୁବନେଶ୍ୱର(ସବ୍ୟୁ): ବିକଶିତ ଓଡ଼ିଶା ଲକ୍ଷ୍ୟରେ ଅଗ୍ରସର ହେବାକୁ ହେଲେ ପ୍ରଥମେ ଆମକୁ ସବୁଜ ଶକ୍ତି ବା ଅକ୍ଷୟ ଶକ୍ତିର ବ୍ୟବହାରରେ ବୃଦ୍ଧି କରିବାକୁ ହେବ । ପିଏମ୍ ସୂର୍ଯ୍ୟଘର ଯୋଜନା ଅଧୀନରେ ସବସିଡ଼ି ଜରିଆରେ ଛାତ ଉପରେ ସୋଲାର ପ୍ୟାନେଲ ଲଗାଇବା ସହିତ ସାରା ଓଡ଼ିଶାରେ ବିଦ୍ୟୁତ ଚାଳିତ ଯାନର ଚାର୍ଜିଂ ପାଇଁ ଇଭି ଷ୍ଟେସନ ନିର୍ମାଣ ପାଇଁ ଭିତ୍ତିଭୂମିକୁ ସୁଦୃଢ କରାଯାଉଛି । ଏଭଳି ଉପମୁଖ୍ୟମନ୍ତ୍ରୀ ତଥା ଶକ୍ତିମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ମତପ୍ରକାଶ କରିଛନ୍ତି ।

ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓଙ୍କୁ ସର୍ଭୋଟେକ ନାମକ ସଂସ୍ଥା ବୁଧବାର ଲୋକସେବା ଭବନରେ ସୌରଚାଳିତ ବିଦ୍ୟୁତ ଉତ୍ପାଦନ ଏବଂ ରାଜ୍ୟରେ ଇଭି ଷ୍ଟେସନ ନିର୍ମାଣ ବିଷୟରେ ଏକ ପାୱାର ପଏଣ୍ଟ ମାଧ୍ୟମରେ ଉପସ୍ଥାପନା କରିଥିଲେ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଭାରତ ଆଜି ଅକ୍ଷୟ ଶକ୍ତି କ୍ଷେତ୍ରରେ ଏକ ଅଗ୍ରଣୀ ଦେଶ ଭାବେ ପରିଗଣିତ ହୋଇପାରିଛି । ଏଥିରେ ଓଡ଼ିଶାର ମଧ ଯୋଗଦାନ କିଛି କମ୍ ନୁହେଁ ବୋଲି ଶ୍ରୀ ସିଂହଦେଓ କହିଛନ୍ତି ।

ଓଡ଼ିଶାର ବିଦ୍ୟୁତ ଭିତ୍ତିଭୂମି ଖୁବ ସୁଦୃଢ ଅଛି । ଦେଶର ପ୍ରମୁଖ ୧୦ଟି ବିଦ୍ୟୁତ ଡିଷ୍ଟ୍ରିବ୍ୟୁସନ କମ୍ପାନୀ ମଧ୍ୟରେ



ଓଡ଼ିଶାର ତିନୋଟି ଡିଷ୍ଟ୍ରିବ୍ୟୁସନ କମ୍ପାନୀ ସ୍ଥାନ ଅଧିକାର କରିଛନ୍ତି । ଏତଦବ୍ୟତୀତ

### ସୌରଚାଳିତ ବିଦ୍ୟୁତ ଉତ୍ପାଦନ ପାଇଁ ଭିତ୍ତିଭୂମି ସୁଦୃଢ ହେଉଛି

ଓଡ଼ିଶାର ବିଦ୍ୟୁତ ପରିଚାଳନା ମଡେଲକୁ ଆପଣେଇବା ପାଇଁ ଉତ୍ତରପ୍ରଦେଶ ରାଜ୍ୟ ମଧ ଆଗ୍ରହ ପ୍ରକାଶ କରି ପ୍ରତିନିଧିଙ୍କୁ କ୍ଷେତ୍ର ପରିଦର୍ଶନରେ ପଠାଇଥିଲେ ।

ଏହି ସମନ୍ୱିତ ବୈଠକରେ ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବ ଶାଶ୍ୱତ କୁମାର ମିଶ୍ର, ଗ୍ରୀଡକୋ ପରିଚାଳନା ନିର୍ଦ୍ଦେଶକ ତ୍ରିଲୋଚନ ପଣ୍ଡା, ସର୍ଭୋଟେକ କମ୍ପାନୀର ପରିଚାଳନା ନିର୍ଦ୍ଦେଶକ ରମଣ ଭାଟିଆ, ନୀତିନ ପେରେଇରା, ଶକ୍ତି ବିଭାଗ ଗ୍ରୀଡକୋ ଓ ଟାଟା ପାୱାରର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

## ଷୋଳମପୁର ବୌଦ୍ଧବିହାରରେ ବୁଦ୍ଧଜୟନ୍ତୀ

ଭଣ୍ଡାରିପୋଖରୀ,(ସବ୍ୟୁ):ଭଣ୍ଡାରିପୋଖରୀ ବ୍ଲକ ଷୋଳମପୁର ବୌଦ୍ଧବିହାର ପରିସରରେ ବୁଦ୍ଧ ଜୟନ୍ତୀ ସୋମବାର ପାଳନ ହୋଇଯାଇଛି। ବୌଦ୍ଧବିବହାର ଓ ରଘୁନାଥଜୀଉ ଟ୍ରଷ୍ଟବୋର୍ଡ ଆନୁକୂଲ୍ୟରେ ବୌଦ୍ଧବିହାର ପରିସରରେ ଇନଟାକ ସଦସ୍ୟ ତଥା ଗବେଷକ ବିଶ୍ୱମ୍ଭର ରାଉତ ସଂଚାଳନାରେ ଆୟୋଜିତ ଉତ୍ସବରେ ବାଙ୍ଗାଲୋର ମହାବୋଧି ସୋସାଇଟିର ଲୋକାଶାନ୍ତି ମହାବିହାର ଭନ୍ତେ ୟାସ, ଭନ୍ତେ ଆନନ୍ଦ ମିତ୍ର, ଅଧ୍ୟାପକ ଉମାକାନ୍ତ ମହାଳିକ, ଅଧ୍ୟାପକ ଶ୍ୟାମାଶଙ୍କର ଦାଶ, ଭାନ୍ତେ ଡ. ଅବିନାଶ କୁମାର, ଡ. ସୌଭାଗ୍ୟ ଜେନା, ସନ୍ତୋଷ ପେରେଇ, ଅଜୟ ମହାଳିକ, ରମାକାନ୍ତ ମଲ୍ଲିକ, ଅଧ୍ୟାପକ ଅନାଦି ଚରଣ ସାହୁ, କବି ଦାମୋଦର ନାୟକ, ସମାଜସେବୀ ଶରତ ଜେନା, ଘନଶ୍ୟାମ ପଲାଇ ଯୋଗଦେଇ ଅନୁଷ୍ଠିତ ହୋଇ ପ୍ରତିଯୋଗୀ ଲକ୍ଷ୍ମୀପ୍ରିୟା ରାଉତଙ୍କୁ ପୁରସ୍କୃତ କରାଯାଇଥିଲା।

## ଭଙ୍ଗାଗଲା କୁକୁଡା ଫାର୍ମ

ବାଲିପାଟଣା ,(ସବ୍ୟୁ) :ବାଲିପାଟଣା ତହସିଲ ଅଧୀନ ବାଗଲପୁର ଗାଁର ଜଣେ ବ୍ୟକ୍ତି ଆଇତଲଙ୍ଗ ସ୍ମଶାନ କିସମ ଜମି ପ୍ଲଟ ନମ୍ବର ୧୫୦୫ରେ ବେଆଇନଭାବେ କୁକୁଡ଼ା ଫାର୍ମ ଘର କରିଥିଲେ। ଗ୍ରାମବାସୀଙ୍କ ଅଭିଯୋଗ କ୍ରମେ ତହସିଲ ପ୍ରଶାସନ ପକ୍ଷରୁ ବୁଧବାର ଦିନ ବେଆଇନ କନଷ୍ଟ୍ରକସନ ଭାଙ୍ଗିଦିଆଯାଇଛି। ସୂଚନା ମୁତାବକ ବାଗଲପୁର ଗ୍ରାମର ଗଙ୍ଗାଧର ସାହୁ ବେଆଇନଭାବେ ଏକ କୁକୁଡ଼ାଫାର୍ମ ଘର ୧୫ଡ଼ିସିମିଲ ପରିସୀମାର ସରକାରୀ ଜାଗା ଉପରେ କୁକୁଡ଼ା ଫାର୍ମ ଘର କରିଥିଲେ। ମାତ୍ର ଏହି ଜାଗା ଗାଁର ସ୍ମଶାନ ପାଇଁ ଉଦ୍ଦିଷ୍ଟ ଥିବାରୁ ଗାଁ ଲୋକ ବିରୋଧ କରିଥିଲେ। ଉକ୍ତ ବ୍ୟକ୍ତି ସେମାନଙ୍କ ବାରଣକୁ ଭ୍ରୁକ୍ଷେପ ନକରି ଘର କାମ ବନ୍ଦ ନକରି କାମ ଚାଲୁ ରଖିଥିଲେ। ଗ୍ରାମବାସୀ ଅନ୍ୟ ଉପାୟ ନପାଇ ବାଲିପାଟଣା ତହସିଲରେ ଲିଖିତ ଅଭିଯୋଗ କରିଥିଲେ। ତହସିଲଦାର ଘଟଣାର ଗୁରୁତ୍ୱ ଅନୁଭବକରି ତୁରନ୍ତ ସେ ଜାଗାରୁ କନଷ୍ଟ୍ରକସନ ନକରିବାକୁ ଅବରୋଧ କେଶ ନଂବର ୧୭୨/୨୩/୨୪ରେ ୧୩ତାରିଖ ମଧ୍ୟରେ ଘର ନଭାଙ୍ଗିଲେ ତହସିଲ ପ୍ରଶାସନ ପଦକ୍ଷେପ ନେବବୋଲି ନୋଟିସ କରିଥିଲେ। ଉକ୍ତ ବ୍ୟକ୍ତି ନୋଟିସକୁ ଅଣଦେଖା କରି କାମ ଚାଲୁ ରଖିଲେ। ବୁଧବାର ପୂର୍ବାହ୍ନ ବାଲିପାଟଣା ତହସିଲଦାର କଳ୍ପନା ଦାସ ପୋଲିସ ସହାୟତାରେ ବେଆଇନ କୁକୁଡ଼ା ଫାର୍ମ ଘରକୁ ଡୋଜର ଲଗାଇ ଭାଙ୍ଗି ଦେଇଛନ୍ତି। ଏହି ବେଆଇନ ଉଚ୍ଛେଦରେ ଅତିରିକ୍ତ ତହସିଲଦାର ମିଳନ ଜୟସୁଆଲ ଓ ଆଇତଲଙ୍ଗ ରାଜସ୍ୱ ଅଧିକାରୀ ଅଶ୍ୱିନୀ ଚୌଧୁରୀ ଉପସ୍ଥିତ ଥିଲେ।

## ପଛୁଆ ବର୍ଗଙ୍କ ଅଧିକାର ଓ ଏହାର ଉପଲବ୍ଧିକୁ ନେଇ ବୈଠକ

# ଦଳିତ, ଆଦିବାସୀ ଓ ସଂଖ୍ୟାଲଘୁ ସଂପ୍ରଦାୟର ଦାବି ପ୍ରସଙ୍ଗରେ ଆଲୋଚନା




ଭୁବନେଶ୍ୱର,(ସବ୍ୟୁ): ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ଅଧକ୍ଷତାରେ ପଛୁଆ ବର୍ଗ ଜାତିଭିତ୍ତିକ ଜନଗଣନା ଓ ସମସ୍ୟା ସଂପର୍କରେ ଆଲୋଚନା ହୋଇଥିଲା । ଏହି ଆଲୋଚନାରେ ଓଡ଼ିଶାର ବିଭିନ୍ନ ଜିଲ୍ଲାର ଓବିସି ବର୍ଗର କଂଗ୍ରେସ ନେତୃବୃନ୍ଦ ଅଂଶ ଗ୍ରହଣ କରିଥିଲେ । ଦିନବ୍ୟାପୀ ଆଲୋଚନା ଓ ପର୍ଯ୍ୟାଲୋଚନା ହେବା ପରେ ବୁଧବାର ଅପରାହ୍ନରେ ରାଜ୍ୟପାଳଙ୍କୁ ପିସିସି ସଭାପତି ଓ କଂଗ୍ରେସର ବରିଷ୍ଠ ନେତୃବର୍ଗ ଏକ ସ୍ମାରକ ପତ୍ର ପ୍ରଦାନ କରାଇଥିଲେ ।

ଏହି ଅବସରରେ ପିସିସି ସଭାପତି ଶ୍ରୀ ଦାସ କହିଥିଲେ ଯେ, ଓବିସି ଓ ଏସ୍‌ସିବିସି ଏବଂ ଏସ୍‌ସିଏସ୍‌ଟି ସଂପ୍ରଦାୟଙ୍କ ପ୍ରତି ବ୍ୟବସ୍ଥିତ ସଂରକ୍ଷଣ ଏବଂ ସାମାଜିକ ନ୍ୟାୟ ନୀତିଗୁଡ଼ିକର ତୁରନ୍ତ କାର୍ଯ୍ୟକାରୀ କରିବା ପାଇଁ ଆମେ ଦାବି କରୁଛୁ । ମୁଖ୍ୟତଃ ଓବିସି ଓ ଏସ୍‌ସିବି.ସି ସଂପ୍ରଦାୟଙ୍କୁ ତାଙ୍କର ନ୍ୟାର୍ଯ୍ୟ ସୁଯୋଗରୁ ବଞ୍ଚିତ କରାଯାଉଛି । ବୈଷୟିକ ଶିକ୍ଷାରେ ଏସ୍‌ସି/ଏସ୍‌ଟିମାନଙ୍କୁ ଆଇନ ପ୍ରଦତ୍ତ ସଂରକ୍ଷଣ ଉଲଘଂନ କରାଯାଉଛି । ଆର୍ଥିକ ସୁଯୋଗ ପ୍ରଦାନକାରୀ ଅନୁଷ୍ଠାନ ଗୁଡ଼ିକରେ ଏସ୍‌ସି/ଏସ୍‌ଟି, ଓବିସି ଏବଂ ସଂଖ୍ୟାଲଘୁମାନଙ୍କୁ ସୁଯୋଗ ଦେବାରେ ଚରମ ଅବହେଳା ପ୍ରଦର୍ଶନ କରାଯାଉଛି । ୫୦୦୦ ଏସ୍‌ସି/ଏସ୍‌ଟି ଛାତ୍ରଛାତ୍ରୀ ଶିକ୍ଷା କ୍ଷେତ୍ରରେ ସେମାନଙ୍କର ନ୍ୟାୟଚିତ ସୁଯୋଗରୁ ବଞ୍ଚିତ ହୋଇଛନ୍ତି ।

ଏହି କାର୍ଯ୍ୟକ୍ରମରେ ଓଡ଼ିଶା ପ୍ରଭାରୀ ଅଜୟ କୁମାର ଲାଲ୍ଲୁ ଯୋଗଦେଇ କହିଥିଲେ ଯେ ପଛୁଆବର୍ଗ, ଆଦିବାସୀ ଓ ଦଳିତମାନଙ୍କର ସ୍ୱାର୍ଥପ୍ରତି କଂଗ୍ରେସ ସବୁବେଳେ ସଚେତନ ଓ ସଂଗ୍ରାମ କରି ଆସୁଛି । ଜନନାୟକ ରାହୁଲ ଗାନ୍ଧୀ ଏହିବର୍ଗର ଲୋକମାନଙ୍କୁ ପାଇଁ ଲଢ଼େଇ କରୁଛନ୍ତି । ସେମାନେ ସେମାନଙ୍କର ନ୍ୟାର୍ଯ୍ୟ ଅଧିକାର ନ ପାଇବା ପର୍ଯ୍ୟନ୍ତ କଂଗ୍ରେସ ଦଳ ସଂଗ୍ରାମ ଜାରି ରଖିବ। ପ୍ରଦେଶ କଂଗ୍ରେସ ପକ୍ଷରୁ ୫ ଦଫା ଦାବି ନେଇ ରାଜ୍ୟପାଳଙ୍କ ନିକଟରେ ସ୍ମାରକପତ୍ର ଉପସ୍ଥାପନ କରାଯାଇଥିଲା। ଦାବି ଗୁଡିକ ହେଉଛି, ନିଯୁକ୍ତି ଏବଂ ଶିକ୍ଷା କ୍ଷେତ୍ରରେ ଓବିସି ଓ ଏସ୍‌ସିବିସି ମାନଙ୍କ ପାଇଁ ୨୭ ପ୍ରତିଶତ ସଂରକ୍ଷଣ ତୁରନ୍ତ ଲାଗୁ କରାଯାଉ । ଓବିସି ଓ ଏସ୍‌ସିବିସି ବର୍ଗ ଯେଉଁ ସୁଯୋଗ ସବୁ ହରାଇଛନ୍ତି



ଅନୁଯାୟୀ ସଂରକ୍ଷଣ ନୀତିକୁ ଘରୋଇ ଶିକ୍ଷାନୁଷ୍ଠାନରେ ମଧ ବ୍ୟବସ୍ଥିତ କରାଯାଉ । ଏସ୍‌ସି, ଏସ୍.ଟି, ଓବିସି ଓ ସଂଖ୍ୟାଲଘୁ କର୍ପୋରେସନର ତୁରନ୍ତ ପୁନଃରୁଦ୍ଧାର କରାଯାଉ ଏବଂ ୫ ହଜାର କୋଟି ଟଙ୍କାର କର୍ପସଫଣ୍ଡ ବ୍ୟବସ୍ଥା କରାଯାଉ। ଏହି ବର୍ଗର ଉଦ୍ୟୋଗୀମାନଙ୍କୁ ଉତ୍ସାହିତ କରିବା ପାଇଁ କମ୍ ସୁଧରେ ଋଣ ଏବଂ ଆବଶ୍ୟକୀୟ ଆର୍ଥିକ ବ୍ୟବସ୍ଥା କରାଯାଉ । ତାହାର ଭରଣା କରିବା ପାଇଁ ଏକ ସ୍ୱତନ୍ତ୍ର ନିଯୁକ୍ତି ଅଭିଯାନ କରାଯାଉ । ୨୦୧୫ ମସିହା ସରକାରୀ ନିର୍ଦ୍ଦେଶନାମା ଅନୁଯାୟୀ ବୈଷୟିକ ଏବଂ ବ୍ୟବହାରିକ ଶିକ୍ଷା କ୍ଷେତ୍ରରେ ଏସ୍‌ସି ଓ ଏସ୍‌ଟି ଛାତ୍ରଛାତ୍ରୀମାନଙ୍କ ପାଇଁ ୩୮.୭୫ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା ସଂପୂର୍ଣ୍ଣରୂପେ ବ୍ୟବସ୍ଥା କରାଯାଉ । ସମ୍ବିଧାନର ଧାରା-୧୫(୫)

### ୫ ହଜାର ଏସ୍‌ସି/ଏସ୍‌ଟି ଛାତ୍ରଛାତ୍ରୀ ଶିକ୍ଷା ସୁଯୋଗରୁ ବଞ୍ଚିତ

### ୫ ଦଫା ଦାବି ନେଇ ରାଜ୍ୟପାଳଙ୍କୁ ସ୍ମାରକ ପତ୍ର

ଏହି ବୈଠକକୁ ବିଜୟାନନ୍ଦ ଚାଉଳିଆ ପରିଚାଳନା କରିଥିଲେ । ଏହି କାର୍ଯ୍ୟକ୍ରମରେ ବରିଷ୍ଠ କଂଗ୍ରେସ ନେତା ଶ୍ରୀକାନ୍ତ ଜେନା, ଜୟଦେବ ଜେନା, ପ୍ରସାଦ ହରିଚନ୍ଦନ, ଶରତ ରାଉତ, ସୁରେଶ କୁମାର ରାଉତରାୟ, ରଞ୍ଜିବ ବିଶ୍ୱାଳ, ରମେଶ ଜେନା, ବିଜୟଲକ୍ଷ୍ମୀ ସାହୁ, ଅଶୋକ ଦାସ, ନଗେନ୍ଦ୍ର ପ୍ରଧାନ, ମାନସ ଚୌଧୁରୀ, ଦେବାଶିଷ ନାୟକ, ରବିନ୍ଦ୍ର ମଲ୍ଲିକ, ଡ. ତ୍ରିନାଥ ବେହେରା, ଚିନ୍ମୟ ପ୍ରସାଦ ବେଉରା, କିଶୋର ଜେନା, ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ର, ରଞ୍ଜିତ ପାତ୍ର, ଉଦିତ୍ ପ୍ରଧାନ, ସମୀର କୁମାର ରାଉତରାୟ, ବିଷ୍ଣୁ ବାରିକ, ରାଜକିଶୋର ବାରିକ, ଅମୀୟ ପାଣ୍ଡବ, ଲିଙ୍ଗରାଜ ସାହୁ, ସୁନିଲ କୁମାର ଧିରଜ, ଅଭୟ ସାହୁ, ରବି ରାୟ, ନିର୍ମଳ ନାୟକ, ସୁବ୍ରତ ପ୍ରଧାନ, ପଦ୍ମାକର ଗୁରୁ, ନଟବର ବାରିକ, ସାକା ସୁଜିତ୍ କୁମାର, ପ୍ରଫୁଲ ଦାସ, ମନୋଜ ରାଉତ, ରଞ୍ଜିତ ସାହୁ, ଲିଙ୍ଗରାଜ ସାହୁ, ଯଦୁମଣି ବାରିକ, ସାରଦା ପ୍ରଧାନ, ମନୋରଞ୍ଜନ ରାଉତରାୟ, ସୋନାଲି ସାହୁ, ପ୍ରଶାନ୍ତ ଚମ୍ପତି, ତୁଳେଶ୍ୱର ନାୟକ, ସୁଦର୍ଶନ ଦାସ, ମଦନ ମୋହନ ଧଳ, ସତ୍ୟବ୍ରତ ନାୟକ, ଚନ୍ଦ୍ରଶେଖର ପରିଡା, ପ୍ରଫୁଲ ଦାସ, ବିପ୍ରବର ସାହୁ, ସୁବାସ ପ୍ରଧାନ, ଫକୀର ଖଠୁଆ, ପ୍ରକାଶ ଜେନା, ଦିଲ୍ଲିପ ମହାନ୍ତି ପ୍ରମୁଖ ଅଂଶ ଗ୍ରହଣ କରିଥିଲେ ।

## ଜିନ୍ଦଲ ଷ୍ଟେନଲେସ ପକ୍ଷରୁ :ଯୋଗାଣ ଶୃଙ୍ଖଳା ଡିଜିଟାଲିକରଣ ପ୍ରକଳ୍ପ ଆରମ୍ଭ

ଭୁବନେଶ୍ୱର,(ସବ୍ୟୁ): ଭାରତର ସର୍ବବୃହତ ଷ୍ଟେନଲେସ ଷ୍ଟିଲ ନିର୍ମାତା ଜିନ୍ଦଲ ଷ୍ଟେନଲେସ ପକ୍ଷରୁ ପ୍ରକଳ୍ପ ପ୍ରଗତି ଆରମ୍ଭ କରାଯାଇଛି। ଏହି ପ୍ରକଳ୍ପ ଅଧୀନରେ ହିସାର ୟୁନିଟରେ କାଷ୍ଟିଂ ରୁ ଆରମ୍ଭ କରି ଫିନିଶିଂ ପର୍ଯ୍ୟନ୍ତ ସମସ୍ତ ଉତ୍ପାଦନ ପ୍ରକ୍ରିୟାର ଅଟୋମେସନ୍ କରାଯିବା ନେଇ ଲକ୍ଷ୍ୟ ରହିଛି। ଏହି ପଦକ୍ଷେପ ଷ୍ଟିଲ ଓ ଷ୍ଟେନଲେସ ଶିଳ୍ପରେ ପ୍ରସର୍ବଥମ । ପ୍ରଗତି ଜରିଆରେ ଡାସଲ୍ଟ ସିଷ୍ଟମର ଡେଲମିଆ ପ୍ଲାଟଫର୍ମ ମାଧ୍ୟମରେ କାର୍ଯ୍ୟକାରୀ ପାର୍ଟନରକ୍ୟାପଜେମିନି ସହଯୋଗରେ ଉନ୍ନତ ପ୍ଲାନିଂ ଏବଂ ଟେକ୍ନୋଲୋଜିକୁ ସାମିଲ କରାଯିବ ଯାହା ଫଳରେ ଉତ୍ପାଦକତା ଏବଂ ଗ୍ରାହକ ସନ୍ତୁଷ୍ଟି ବୃଦ୍ଧି ପାଇବ । ପ୍ରଗତି କାର୍ଯ୍ୟକାରୀ ହେବା ସହ ଗ୍ରାହକ ଲିଡ ଟାଇମ୍ ୧୦ ରୁ ୧୫% ହ୍ରାସ ହେବ ବୋଲି ଆଶା କରାଯାଉଛି। ଏହି ପ୍ରକଳ୍ପ ଯୋଗୁଁ ସଠିକ୍ ଭାବରେ ଭଣ୍ଡାର/ଇନଭେଂଟୋରି ସ୍ତର ବଜାୟ ରହିବା ସହ ଗ୍ରାହକ ସନ୍ତୁଷ୍ଟି ବୃଦ୍ଧି ପାଇବ। ରିଅଲ ଟାଇମ୍ ଟ୍ରାକିଂ ଏବଂ ଉପଯୁକ୍ତ ଆବଂଟନ ମାଧ୍ୟମରେ ଇନଭେଂଟରି ମୂଲ୍ୟ ୮ ରୁ ୧୦ ପ୍ରତିଶତ ଅନୁକୂଳ ହୋଇପାରିବ। ଏହାସହ ଏହି ଡିଜିଟାଲ ସମାଧାନ ଯୋଗୁଁ କ୍ଷମତାରେ ୫% ବୃଦ୍ଧି ଘଟିବ ଏବଂ ଉପକରଣ ଲୋଡ଼ିଂ ଓ ରୁଟ୍ ଅନୁକୂଳନର ଦୃଶ୍ୟମାନତାରେ ଉନ୍ନତି ହେବ । ଏହି ଅବସରରେ ଜିନ୍ଦଲ



ଷ୍ଟେନଲେସର ପରିଚାଳନା ନିର୍ଦ୍ଦେଶକ, ଅଭ୍ୟୁଦୟ ଜିନ୍ଦଲ କହିଛନ୍ତି, 'ଆମ ହିସାର ୟୁନିଟରେ ପ୍ରଗତି ପ୍ରକଳ୍ପ ଆରମ୍ଭ ହେବା ଡିଜିଟାଲ ଅଭିନବତା ମାଧ୍ୟମରେ ମୂଲ୍ୟ ଶୃଙ୍ଖଳାକୁ ଉନ୍ନତ କରିବା ଦିଗରେ ଏକ ମାଇଲଖୁଂଟ ଅଟେ। ବିଭିନ୍ନ ପର୍ଯ୍ୟାୟରେ ଏହି ପଦକ୍ଷେପ କାର୍ଯ୍ୟକାରୀ ହେବାକୁ ଯାଉଛି। ଦ୍ୱିତୀୟ ପର୍ଯ୍ୟାୟରେ ଆମେ ଏହାକୁ ସ୍ତର ୨ ସମନ୍ୱୟ ସହିତ ଆମର ଯାଜପୁର ପ୍ଲାଂଟରେ ସୁବିଧାରେ କାର୍ଯ୍ୟକାରୀ କରିବାକୁ ଲକ୍ଷ୍ୟ ରଖିଛୁ, ଯାହା ଦ୍ୱାରା ଆମର ଉତ୍ପାଦନ ପ୍ରଣାଳୀ ଏବଂ ମେସିନରୁ ସିଧାସଳଖ ରିଅଲ ଟାଇମ୍ ପ୍ରକ୍ରିୟା ପାରାମିଟରଗୁଡ଼ିକ ସଂଗ୍ରହ ହୋଇପାରିବ ।

## ମୁଗଭଙ୍ଗାଠାରେ ରାମଲୀଳା ମହୋତ୍ସବ ଉଦ୍‌ଘାଟିତ

ଫୁଲନଖରା, (ସବ୍ୟୁ):କଟକ ମହାନଗର ନିଗମ ୫୯ ନମ୍ବର ୱାର୍ଡ ଅନ୍ତର୍ଗତ ମୁଗଭଙ୍ଗାସ୍ଥିତ ମା'ଖରାଖାଇଙ୍କ ପୀଠରେ ଏକାଦଶତମ ରାମଲୀଳା ମହୋତ୍ସବ ଉଦଘାଟିତ ହୋଇଯାଇଛି।ଉକ୍ତ ଉଦଘାଟନ ଉତ୍ସବରେ କଟକ ମହାନଗର ନିଗମ ଅନ୍ତର୍ଗତ ୫୯ ୱାର୍ଡର କର୍ପୋରେଟର ମମତା ମହାନ୍ତି, ଆଧ୍ୟାତ୍ମିକ ସ୍ତମ୍ଭକାର ଶ୍ରୀ ସନ୍ନ୍ୟାସୀ ଜୀ, ବରିଷ୍ଠ ସାମ୍ବାଦିକ ଅମୂଲ୍ୟ ବାରିକ, ସମାଜ ସେବୀ ସୁଧୀର କୁମାର ପଟ୍ଟନାୟକ,ଲିଭ୍ ଲାଇଭ ଓଡ଼ିଆର ଏମଡି ଟିଟନ ସାହୁ ପ୍ରମୁଖ ଯୋଗ ଦେଇ ଆଜିର ସମୟରେ ରାମନାମର ମହତ୍ତ୍ୱ ସମ୍ପର୍କରେ ଅଭିଭାଷଣ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ନୃତ୍ୟ ଶିଳ୍ପୀମାନଙ୍କ ଦ୍ୱାରା ଚିତ୍ତାକର୍ଷକ ଓଡ଼ିଶୀ ନୃତ୍ୟ ପରିବେଷିତ ହୋଇଥିଲା।ଉକ୍ତ କାର୍ଯ୍ୟକ୍ରମକୁ ହେମନ୍ତ ଦଳାଇଙ୍କ ସମେତ ମା'ଖରାଖାଇ ଯୁବକ ସଂଘର ସଦସ୍ୟ ତଥା ମୁଗଭଙ୍ଗା ଗ୍ରାମବାସୀ ବୃନ୍ଦ ପରିଚାଳନା କରିଥିଲେ। ସର୍ବ ଶେଷରେ ମା' ଜେନାଦେଇ ଶ୍ରୀରାମ ଲୀଳା ଯୁବ ପରିଷଦର କଳାକାରମାନଙ୍କ ଦ୍ୱାରା ସୀତା ହରଣ ରାମଲୀଳା ପରିବେଷିତ ହୋଇଥିଲା। ଉକ୍ତ ରାମଲୀଳା କାର୍ଯ୍ୟକ୍ରମକୁ ଦେଖିବା ପାଇଁ ବହୁ ସଂଖ୍ୟକ ଶ୍ରଦ୍ଧାଳୁଙ୍କ ସମାଗମ ହୋଥିଲା। ଏହି ମହୋତ୍ସବ ୩ ଦିନଧରି ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି।

## ପିପିଲି ନାବାଳିକା ଦୁଷ୍କର୍ମ ଘଟଣା

# ପୀଡ଼ିତାଙ୍କୁ ନ୍ୟାୟ ପାଇଁ ଏସ୍‌ପିଙ୍କୁ ଭେଟିଲା ବିଜେଡ଼ି ପ୍ରତିନିଧି ଦଳ

ପୁରୀ,(ସବ୍ୟୁ): ପିପିଲି ନାବାଳିକା ଦୁଷ୍କର୍ମ ଘଟଣାରେ ଆଜି ବିଜେଡ଼ିର ଏକ ପ୍ରତିନିଧି ଦଳ ପୁରୀ ଏସ୍‌ପିଙ୍କୁ ଭେଟି ପୀଡ଼ିତାଙ୍କୁ ନ୍ୟାୟ ପ୍ରଦାନ ପାଇଁ ଏକ ସ୍ମାରକ ପତ୍ର ପ୍ରଦାନ କରିଛନ୍ତି । ଏହି ପ୍ରତିନିଧି ମଣ୍ଡଳ ଏସ୍‌ପିଙ୍କୁ ଭେଟିଲା ପୂର୍ବରୁ ପୀଡ଼ିତା ନାବାଳିକା ଗ୍ରାମକୁ ଯାଇ ପରିବାରକୁ ଭେଟି ସାନ୍ତନା ଦେବା ସହ ସମବେଦନା ଜଣାଇଛନ୍ତି । ପିଡିତା ନାବାଳିକାଙ୍କୁ ନ୍ୟାୟ ଦେବା ପର୍ଯ୍ୟନ୍ତ ତାଙ୍କ ସହ ଅଛି ବୋଲି କହିଛି ବିଜୁ ଜନତା ଦଳ । ରାଜ୍ୟରେ ଗତ କିଛି ଦିନ ଧରି କ୍ରମାଗତ ଭାବେ ନାରୀ ନିର୍ଯାତନା ଓ ଦୁଷ୍କର୍ମ ଘଟଣା ବୃଦ୍ଧି ପାଇଛି । ରାଜ୍ୟ ସରକାରଙ୍କ ଅପାରଗତାରୁ ରାଜ୍ୟରେ ଅପରାଧ ନିୟନ୍ତ୍ରଣ ବିଫଳ ହୋଇଛି ବୋଲି କହିଛି ବିଜୁ ଜନତା ଦଳ । ଅନ୍ୟ ପକ୍ଷରେ ଏସଂପର୍କରେ ଜିଲ୍ଲା ଏସପି ବିନୀତ କୁମାର ଅଗ୍ରୱାଲ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ଯେ ଏହି ଦୁଷ୍କର୍ମ ଘଟଣା କୁ ପୋଲିସ ଗମ୍ଭିରତାର ସହ ନେଇଛି । ଏହି ଘଟଣାରେ ପୋଲିସ ଏକ ମାମଲା ରୁଜୁ କରି ତୁରନ୍ତ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ତଦନ୍ତକୁ ଅଧିକ ତ୍ୱରାନିତ କରାଯାଇଛି । ଖୁବ୍ ଶୀଘ୍ର ଅଭିଯୁକ୍ତ ବିରୋଧରେ କୋର୍ଟରେ ଚାର୍ଜ ସିଟ ଦାଖଲ କରାଯିବ । ସ୍ୱତନ୍ତ୍ର ଫାଷ୍ଟ ଟ୍ରାକ କୋର୍ଟରେ ଏହି ମାମଲା ବିଚାର କରାଯାଇ ପୀଡ଼ିତାଙ୍କୁ ନ୍ୟାୟ ପ୍ରଦାନ କରା ଯିବ ବୋଲି କହିଛନ୍ତି ଏସପି ଶ୍ରୀ ଅଗ୍ରୱାଲ । ପୂର୍ବତନ ମନ୍ତ୍ରୀ ଟକୁନି ସାହୁଙ୍କ ନେତୃତ୍ୱରେ ଆଜିର ପ୍ରତିନିଧି ଦଳ ଏସ୍ପିଙ୍କୁ ଭେଟି ଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ ପୁରୀ ରାଜ୍ୟସଭା ସଦସ୍ୟ ଶୁଭାଶିଷ ଖୁଣ୍ଟିଆ, ପୂର୍ବତନ ସାଂସଦ ଶର୍ମିଷ୍ଠା ସାହୁ, ରାଜଶ୍ରୀ ମଲ୍ଲିକ, ଲୋପାମୁଦ୍ରା ବକ୍ସି ପାତ୍ର, ସୋଫିଆ ଆଲମ୍, ଭାରତୀ ସିଂ, ପୂର୍ବତନ ବିଧାୟକ ତଥା ପୁରୀ ଜିଲ୍ଲା ବିଜେଡ଼ି ସଭାପତି ଉମାକାନ୍ତ ସାମନ୍ତରା, ପିପଲି ପୂର୍ବତନ ବିଧାୟକ ରୁଦ୍ର ପ୍ରସାଦ ମହାରଥୀଙ୍କ ସହ ବହୁ ମହିଳା ନେତ୍ରୀ ଉପସ୍ଥିତ ଥିଲେ ।



## ଶ୍ରୀ ଶ୍ରୀ ରବିଶଙ୍କରଙ୍କ ଜନ୍ମଦିବସ ହେଲା 'ସେବା ଦିବସ'

ବାରଙ୍ଗ, (ସବ୍ୟୁ) :ବାରଙ୍ଗ –ଗୋଡ଼ିସାହିସ୍ଥିତ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ପରିସରରେ ମଙ୍ଗଳବାର ବିଶ୍ୱ ମାନବବାଦୀ ତଥା ଆଧାତ୍ମିକ ଗୁରୁ ଶ୍ରୀ ଶ୍ରୀ ରବିଶଙ୍କର ଜୀ'ଙ୍କ ଅଣସ୍ତରୀତମ ଜନ୍ମଦିବସ ପାଳିତ ହୋଇଯାଇଛି। ଏହି ଦିନଟିକୁ ସମଗ୍ର ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଓ ବିଦ୍ୟାର୍ଥୀମାନଙ୍କ ପକ୍ଷରୁ 'ସେବା ଦିବସ' ଭାବରେ ପାଳନ କରାଯାଇଥିଲା । ଦିବସର ନାମକୁ ସାର୍ଥକ କରିବାକୁ ଯାଇ ବିଶ୍ୱବିଦ୍ୟାଳୟ ପାର୍ଶ୍ୱବର୍ତ୍ତୀ ରାସ୍ତାଗୁଡ଼ିକରେ ତୃଷାର୍ତ୍ତ ପଥଚାରୀ, ଦୋକାନୀ ଏବଂ ଅଟୋ ରିକ୍ସା ଚାଳକମାନଙ୍କୁ ରୋଭର୍ସ ଏବଂ ରେଞ୍ଜର୍ସ ୟୁନିଟ୍ ତଥା ଛାତ୍ର କଲ୍ୟାଣ ବିଭାଗ ପକ୍ଷରୁ ପଣା ଓ ଲେମ୍ବୁ ସର୍ବତ ବିତରଣ କରାଯାଇଥିଲା । ଶ୍ରୀ ଶ୍ରୀ କଲେଜ ଅଫ୍ ନର୍ସିଂ ପକ୍ଷରୁ ଛାତ୍ରୀମାନେ ଜଳଛତ୍ର ଖୋଲି ପଥଚାରୀଙ୍କୁ ସେବା ଯୋଗାଇଥିଲେ । ଏଥିସହ ବିଶ୍ୱବିଦ୍ୟାଳୟର ସ୍ୱାସ୍ଥ୍ୟ ଓ ସୁସ୍ଥତା ବିଭାଗ ପକ୍ଷରୁ ନିକଟସ୍ଥ ଗ୍ରାମଗୁଡ଼ିକରେ ଅଷ୍ଟିଓପାଥି ଚିକିତ୍ସାସେବା ଉପଲବ୍ଧ କରାଯାଇଥିବା ବେଳେ କୃଷି ବିଭାଗ ପକ୍ଷରୁ ଜରାଶ୍ରମମାନଙ୍କରେ ଅନ୍ତେବାସୀଙ୍କୁ ଖାଦ୍ୟ ବଣ୍ଟନ କରାଯାଇଥିଲା । ପ୍ଲାଷ୍ଟିକମୁକ୍ତ ଅଭିଯାନ ଦ୍ୱାରା 'ଆଭ୍ୟନ୍ତରୀଣ ଗୁଣବତ୍ତା ସୁନିଶ୍ଚିତକାରୀ କେନ୍ଦ୍ର' ଦ୍ୱାରା ସମଗ୍ର ବିଶ୍ୱବିଦ୍ୟାଳୟ ପରିସରରୁ ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁ ସଫେଇ କରାଯାଇଥିଲା।କଟକ ଜିଲ୍ଲା ଆଠଗଡ଼ ତହସିଲ ଅନ୍ତର୍ଗତ ଧୁରୁଷିଅ ଗ୍ରାମରେ ନୂଆଦିଲ୍ଲୀସ୍ଥିତ ଭାରତୀୟ ଚିକିତ୍ସା ପଦ୍ଧତି ରାଷ୍ଟ୍ରୀୟ ଆୟୋଗ ନିର୍ଦ୍ଦେଶରେ ଶ୍ରୀ ଶ୍ରୀ ଆୟୁର୍ବେଦ ମହାବିଦ୍ୟାଳୟ ଓ ଗବେଷଣା ଚିକିତ୍ସାଳୟ ପକ୍ଷରୁ ଏକ ମେଗା ସ୍ୱାସ୍ଥ୍ୟ ଶିବିର ମଧ୍ୟ ଆୟୋଜନ କରାଯାଇଥିଲା । ଏଥିରେ ଆଠଗଡ଼ ବିଡିଓ ଆକାଶ ପଣ୍ଡା, ଏବିଡିଓ ନବ କଟକିଆ ପ୍ରମୁଖ ଯୋଗ ଦେଇଥିବା ବେଳେ ପଚାଶରୁ ଊର୍ଦ୍ଧ୍ୱ ରୋଗୀ ନିଜ ସ୍ୱାସ୍ଥ୍ୟପରୀକ୍ଷା କରାଇଥିଲେ ।ନିକଟସ୍ଥ ଷଣ୍ଡପୁର ଗ୍ରାମର ଅଙ୍ଗନୱାଡ଼ି କେନ୍ଦ୍ରଠାରେ ବିଦ୍ୟାର୍ଥୀ ଓ ସ୍ଥାନୀୟ ଜନସାଧାରଣଙ୍କୁ ଅତ୍ୟାବଶ୍ୟକୀୟ ଦ୍ରବ୍ୟ ବଣ୍ଟନ କରାଯାଇଥିଲା ।ଏଥିସହ ପଶୁପକ୍ଷୀମାନଙ୍କ ପାଇଁ ମଧ୍ୟ ପ୍ରବଳ ଖରାରୁ ରକ୍ଷା ପାଇବାକୁ ଠାଏ ଠାଏ ଶୀତଳ ଜଳର ବ୍ୟବସ୍ଥା କରାଯାଇଥିଲା । ବିଶ୍ୱବିଦ୍ୟାଳୟର କାର୍ମିକ ନିର୍ଦ୍ଦେଶକ ସ୍ୱାମୀ ସତ୍ୟଚୈତନ୍ୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହିସବୁ ସେବା କାର୍ଯ୍ୟ ସଂଘଟିତ ହୋଇଥିବା ବେଳେ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର ପ୍ରାୟ ସମସ୍ତ ବିଭାଗ ପକ୍ଷରୁ ଗୁରୁଦେବ ଶ୍ରୀ ଶ୍ରୀ ରବିଶଙ୍କରଙ୍କ ଜନ୍ମଦିନରେ 'ସେବା ଦିବସ'କୁ ସଫଳ କରିବାକୁ ସମସ୍ତ ପ୍ରକାର ଉଦ୍ୟମ କରାଯାଇଥିଲା ।

## ରାଜ୍ୟପାଳଙ୍କ କଟକ ଜିଲ୍ଲା ଗସ୍ତ ଆଜି

କଟକ,(ସବ୍ୟୁ): ରାଜ୍ୟପାଳ ଡଃ ହରି ବାବୁ କମ୍ଭମପାଟି ଗୁରୁବାର କଟକ ଜିଲ୍ଲା ଗସ୍ତରେ ଆସି ଜିଲ୍ଲାର ବିଭିନ୍ନ ଉନ୍ନୟନମୂଳକ ଯୋଜନାର ଅଗ୍ରଗତି ସମୀକ୍ଷା କରିବା ସହ ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାଗୁଡିକର ସ୍ଥିତି ଓ କାର୍ଯ୍ୟକାରିତା ସମ୍ପର୍କରେ ବିଭିନ୍ନ ବିଭାଗୀୟ ଅଧିକାରୀମାନଙ୍କ ସହ ଆଲୋଚନା କରିବା କାର୍ଯ୍ୟକ୍ରମ ରହିଛି । ଏହି ଅବସରରେ ରାଜ୍ୟପାଳ ସକାଳ ୮ ଘଟିକା ସମୟରେ ନେତାଜୀ ସ୍ମାରକୀ ପ୍ରବେଶ ପଥ ଠାରେ ପରାକ୍ରମ ଶୋଭାଯାତ୍ରା / ତ୍ରିରଙ୍ଗା ରାଲିର ଶୁଭ ଉଦଘାଟନ କରିବେ । ସମୀକ୍ଷା ବୈଠକରେ ଜିଲ୍ଲାର କୃଷି ଏବଂ କୃଷକ ସଶକ୍ତିକରଣ ବିଭାଗ, ଉଦ୍ୟାନ କୃଷି, ମତ୍ସ୍ୟ ଏବଂ ପ୍ରାଣୀସମ୍ପଦ, ମହିଳା ଏବଂ ଶିଶୁ ବିକାଶ, ଅନୁସୂଚିତ ଜାତି, ଜନଜାତି ଏବଂ ପଛୁଆବର୍ଗ କଲ୍ୟାଣ, ପଂଚାୟତିରାଜ ଏବଂ ପାନୀୟଜଳ, ଗୃହ ନିର୍ମାଣ ଏବଂ ନଗର ଉନ୍ନୟନ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ବିଦ୍ୟାଳୟ ଓ ଗଣ ଶିକ୍ଷା, ଶକ୍ତି, ଶିଳ୍ପ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ପୂର୍ତ୍ତ ଏବଂ କ୍ଷୁଦ୍ର ଜଳସେଚନ ଭଳି ବିଭାଗର ଅଧିକାରୀମାନେ ନିଜ ନିଜ ବିଭାଗର କାର୍ଯ୍ୟକାରୀତା ସମ୍ପର୍କରେ ରାଜ୍ୟପାଳଙ୍କୁ ଅବଗତ କରାଇବେ। ଏଥିସହ ଜିଲ୍ଲାର ଆଇନ୍ ଶୃଙ୍ଖଳା ଓ ଅପରାଧ ନିୟନ୍ତ୍ରଣ ସମ୍ପର୍କରେ ଉପ–ଆୟୁକ୍ତ କମିଶନରେଟ ପୋଲିସ୍ ଏବଂ ଆରକ୍ଷୀ ଅଧୀକ୍ଷକ ବିବରଣୀ ପ୍ରଦାନ କରିବେ । ଜିଲ୍ଲାର ପ୍ରମୁଖ ବିକାଶମୂଳକ ପ୍ରକଳ୍ପ, ଏସସିବି ମେଡିକାଲ କଲେଜ ହସପିଟାଲ, ଚଣ୍ଡୀ ମନ୍ଦିର, ସତ୍ୟଭାମାପୁରସ୍ଥିତ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜନ୍ମପୀଠ, ତାରକସି ହବ୍, ମହାନଦୀ ୱାଟର ଫ୍ରଣ୍ଟ ବିକାଶ ପ୍ରକଳ୍ପ ଆଦି ସମ୍ପର୍କରେ ମଧ୍ୟ ରାଜ୍ୟପାଳ ସମୀକ୍ଷା କରିବେ । ଏହି ଅବସରରେ ରାଜ୍ୟପାଳ, ମୁଦ୍ରା ଯୋଜନାର ହିତାଧିକାରୀମାନଙ୍କ ସହିତ ଆଲୋଚନା କରିବା ସହ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଉଭୟ ସହରାଂଚଳ ଓ ଗ୍ରାମୀଣ) ଅଧୀନରେ ଉପକୃତ ହୋଇଥିବା ହିତାଧିକାରୀଙ୍କ ଗୃହ ପରିଦର୍ଶନ କରିବେ । ନାଗରିକ ସମାଜର ସଦସ୍ୟ, ବାର ଆସୋସିଏସନ୍ ସଭାପତି ଏବଂ ଜିଲ୍ଲାର ବିଭିନ୍ନ ବିଶିଷ୍ଟ ବ୍ୟକ୍ତିବିଶେଷଙ୍କ ସହ ମଧ୍ୟ ରାଜ୍ୟପାଳ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି ।

# ୩୦ ଦିନରେ ୩ ଶିଶୁ ଅପହରଣ: ଜେଲ୍‌ଗଲା ଧରମ ମାମୁ

ଭୁବନେଶ୍ୱର, (ସବ୍ୟୁ) : ରାଜଧାନୀରେ ଶିଶୁ ଅପହରଣ ମାମଲା ବଢ଼ିବାରେ ଲାଗିଛି । ୩୦ଦିନରେ ୩ ଶିଶୁ ଅପହରଣ ହୋଇଥିବା ବେଳେ ପୋଲିସର ସମୟୋଚିତ ପଦକ୍ଷେପ ପାଇଁ ତାଙ୍କୁ ଉଦ୍ଧାର କରାଯାଇ ପରିବାର ଜିମା ଦିଆଯିବା ସହ ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରାଯାଇଛି । ମଙ୍ଗଳବାର ସହିଦନଗର ଥାନା ଅନ୍ତର୍ଗତ ଭୋଇନଗରରେ ଘଟିଥିବା ଶିଶୁ ଅପହରଣ ମାମଲାରେ କମିଶନରେଟ୍ ପୋଲିସ ଅପହୃତ ଶିଶୁଙ୍କୁ ସାଲିଆ ସାହିରୁ ଉଦ୍ଧାର କରିଛି । ଅଭିଯୁକ୍ତ ଧରମ ମାମୁ ସୋନୁ ନାୟକ ଓରଫ ଅଭିଷେକ ଦିଘାଲ (୨୫) ନାମକ ଜଣେ ଯୁବକଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି । ଅଭିଯୁକ୍ତ ଅପହୃତ ଶିଶୁର ଧରମ ମାମୁ ବୋଲି ସୂଚନା ମିଳିଛି ।



ଭୋଇନଗରରେ ରୁହନ୍ତି କନ୍ଧମାଳ ଜିଲ୍ଲା ଜି.ଉଦୟଗିରି ଥାନା ଅନ୍ତର୍ଗତ ନନ୍ଦଗିରି ଗାଁର ରାକେଶ ମଲ୍ଲିକ ଓ ତାଙ୍କ ପତ୍ନୀ ଗରିତା ସିଂହ । ତାଙ୍କ ପାଖରେ ତାଙ୍କର ୪ବର୍ଷର ପୁଅ ମଧ୍ୟ ରୁହନ୍ତି । ମଙ୍ଗଳବାର ସକାଳେ ଗରିତାଙ୍କ ଧରମଭାଇ ସୋନୁ ତାଙ୍କ ଘରକୁ ଆସିଥିଲା । କୌଣସି କାରଣକୁ ନେଇ ଗରିତାଙ୍କୁ ସାଙ୍ଗରେ ଯିବାକୁ କହିଥିଲା । ହେଲେ ଗରିତା ଯିବା ପାଇଁ ରାଜି ହୋଇନଥିଲେ । ଏହି ଘଟଣାକୁ ନେଇ ସୋନୁ ମୁଣ୍ଡରେ ସୈତାନ ସବାର ହେଲା । ମା' ଘର ଭିତରେ କାମ କରୁଥିବା ବେଳେ ତାଙ୍କ ୪ବର୍ଷର ପୁଅ ବାହାରେ ଖେଳୁଥିଲେ । ଅଭିଯୁକ୍ତ ପୁଅକୁ ଅପହରଣ କରି ନେଇଯାଇଥିଲା । ଖୋଜାଖୋଜି କରି ନପାଇବାରୁ ଗରିତା ସହିଦନଗର ଥାନାରେ ଅଭିଯୋଗ କରିଥିଲେ । ଅଭିଯୋଗ ଆଧାରରେ ପୋଲିସ ସ୍ୱତନ୍ତ୍ର ଟିମ୍ ଗଠନ କରି ସାହିଆ ସାହି ତାରିଣୀ ନଗର ଭଡା ଘରୁ ଅପହୃତ ଶିଶୁକୁ ଉଦ୍ଧାର କରିବା ସହ ଅଭିଯୁକ୍ତ ସୋନୁକୁ ପୋଲିସ ଗିରଫ କରିଥିଲା । ବୁଧବାର ସୋନୁକୁ କୋର୍ଟଚାଲାଣ କରାଯାଇଥିବା ସାମ୍ବାଦିକ ସମ୍ମିଳନୀ କରି ପୋଲିସ କମିଶନର ସୁରେଶ ଦେବଦତ୍ତ ସିଂ ସୂଚନା ଦେବା ସହ ଅପହରଣ ସମ୍ପର୍କରେ ସବିଶେଷ ତଥ୍ୟ କହିଛନ୍ତି ।

ସୂଚନାଯୋଗ୍ୟ ଯେ, ଗରିତାଙ୍କ ଭଉଣୀ ବେଙ୍ଗାଲୁରୁରେ ରୁହନ୍ତି । ପୂର୍ବରୁ ସେଠାରେ ଅଭିଯୁକ୍ତ ସୋନୁ ମଧ୍ୟ ରହୁଥିଲା । ତାଙ୍କ ଭଉଣୀ ସହ ଅଭିଯୁକ୍ତର ସମ୍ପର୍କ ଥିବାରୁ ଗରିତାଙ୍କ ସହ ତା'ର ପରିଚୟ ହୋଇଥିଲା । ଅଭିଯୁକ୍ତ ସୋନୁକୁ ଧରମ ଭାଇ କରିବା ପରେ ତାଙ୍କ ଘରକୁ ସେ ବିଭିନ୍ନ ସମୟରେ ଯିବା ଆସିବା କରେ ବୋଲି ସୂଚନା ମିଳିଛି । ମଙ୍ଗଳବାର ଦିନ ସକାଳେ ଗରିତାଙ୍କ ଘରକୁ ଯାଇ ସାଙ୍ଗରେ ଯିବାକୁ ତାଙ୍କୁ ଡାକିଥିଲା । ସେ ନଯିବାରୁ ତାଙ୍କ ପୁଅକୁ ଅପହରଣ କରିନେଇଥିଲେ ମଧ୍ୟ ସନ୍ଦେହରେ ପୋଲିସ ଉଦ୍ଧାର କରିବାରେ ସମର୍ଥ ହେଲ ।

ଏପ୍ରିଲ୍ ୧୩ ତାରିଖରେ ରାମମନ୍ଦିର ନିକଟରୁ ଦୃଷ୍ଟିବାଧିତା ମହିଳାଙ୍କ ନିକଟରୁ ତାଙ୍କ ପୁଅକୁ ଅପହରଣ ହୋଇଥିଲା । ବାଲେଶ୍ୱରରୁ ଅବିଳମ୍ବେ ଅପହୃତ ଶିଶୁକୁ ଉଦ୍ଧାର କରାଯିବା ସହ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିଲା । ଏୟାରଫିଲ୍ଡ ଥାନା ଅଞ୍ଚଳରେ ଏପ୍ରିଲ୍ ୨୨ ତାରିଖରେ ଏକ ଅପହରଣ ଘଟଣା ଘଟିଥିଲା । ସ୍କୁଲରୁ ଫେରୁଥିବା ବେଳେ ନାବାଳକଙ୍କୁ ଟିଉସନ ସାର୍ ଅନ୍ୟମାନଙ୍କ ସହଯୋଗରେ ଅପହରଣ କରି ନେଇଥିଲା । ୫ଘଣ୍ଟା ମଧ୍ୟରେ ଜଟଣୀ ଅଞ୍ଚଳରୁ ଅପହୃତଙ୍କୁ ଉଦ୍ଧାର କରାଯିବା ସହ ଟିଉସନ ସାର୍‌ଙ୍କ ସମେତ ୭ଜଣଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଥିଲା । ଖାରବେଳନଗର ଥାନା ଅନ୍ତର୍ଗତ ରାମମନ୍ଦିର ପାଖରୁ ଅପହରଣ, ଏୟାରଫିଲ୍ଡ ଥାନା ଅଞ୍ଚଳ ଅପହରଣ ଓ ସହିଦନଗର ଥାନା ଅନ୍ତର୍ଗତ ଭୋଇନଗର ଅପହରଣ ମାମଲାକୁ ମିଶାଇ ୩୦ଦିନରେ ତିନୋଟି ଅପହରଣ ମାମଲାରେ ପୋଲିସ ସଫଳତା ପାଇଛି । ଏହିପରି ଶିଶୁ ଅପହରଣ ଘଟୁଥିବାରୁ ପୋଲିସ ପିଲାଙ୍କ ପ୍ରତି ସତର୍କ ନଜର ରଖିବାକୁ ପରିବାରକୁ ପରାମର୍ଶ ଦେଉଥିଲେ ମଧ୍ୟ ଅପହରଣ ଥମିବାର ନାଁ ଧରୁନି । ପୂର୍ବରୁ ବିଧାନସଭାରେ ସରକାର କହିଥିଲେ ଯେ, ୮ ମାସରେ ଦେଢ ହଜାର ଅପହରଣ ଘଟଣା ଘଟିଛି । ସେମାନଙ୍କ ମଧ୍ୟରେ ଅଧିକାଂଶ ଶିଶୁ ବୋଲି ସରକାର ସୂଚନା ଦେଇଥିଲେ।

## ବିଭିନ୍ନ ଜିଲ୍ଲାରେ ଜାଲ ଶିକ୍ଷକ ନିଯୁକ୍ତି ପ୍ରସଙ୍ଗ

# କାର୍ଯ୍ୟାନୁଷ୍ଠାନ ସଂକ୍ରାନ୍ତରେ ଅବଗତ ଲାଗି ହାଇକୋର୍ଟଙ୍କ ନିର୍ଦ୍ଦେଶ

କଟକ,(ସବ୍ୟୁ): କେନ୍ଦ୍ରାପଡ଼ା, ବରଗଡ଼, କେନ୍ଦୁଝର ସମେତ ଅନ୍ୟ ତିନୋଟି ଜିଲ୍ଲାରେ ମୋଟ୍ ୨୮ଜଣ ଜାଲ୍ ଶିକ୍ଷକ ଚିହ୍ନଟ ହୋଇଛନ୍ତି । ସେଥିରୁ ୨୦ଜଣ ଶିକ୍ଷକଙ୍କ ବିରୋଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇଛି । ୬ଜଣ ଶିକ୍ଷକଙ୍କୁ ଚାକିରିରୁ ବିଦା କରି ଦିଆଯାଇଛି । ବାକି ୨ଜଣଙ୍କ ମଧ୍ୟରୁ ଜଣେ ଚାକିରି ନିଜଆଡୁ ଛାଡ଼ି ଦେଇଥିଲାବେଳେ ଅନ୍ୟଜଣଙ୍କ ସାର୍ଟିଫିକେଟ୍ ଠିକ୍ ଥିବା ଜଣାପଡ଼ିଛି ବୋଲି ରାଜ୍ୟ ସରକାରଙ୍କ ପକ୍ଷରୁ ହାଇକୋର୍ଟରେ ଦାଖଲ ସତ୍ୟପାଠରେ ଏହା କୁହାଯାଇଥିଲା । ଏହି ଜବାବ ପରେ ହାଇକୋର୍ଟ ଯେଉଁ ୨୦ ଜଣ ଜାଲ୍ ଶିକ୍ଷକଙ୍କ ବିରୋଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ପଡ଼ିରହିଛି ତାହାର ଷ୍ଟାଟସ୍ ପରବର୍ତ୍ତୀ ଶୁଣାଣି ସୁଦ୍ଧା ଜଣାଇବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ସଞ୍ଜୟ କୁମାର ମହାରଣାଙ୍କ ପକ୍ଷରୁ ଆଗତ ମାମଲାର ଶୁଣାଣି କରି ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ୍ ହରିଶ୍ ଟଣ୍ଡନ ଏବଂ ଜଷ୍ଟିସ୍ ବି.ପି. ରାଉତରାୟଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ନିର୍ଦ୍ଦେଶ ଦେଇଛନ୍ତି । ମାମଲାର ଶୁଣାଣି ଆସନ୍ତା ଜୁଲାଇ ୯ ତାରିଖକୁ ଧାର୍ଯ୍ୟ ହୋଇଛି । ଗଣଶିକ୍ଷା ବିଭାଗ ଅଧୀନରେ ଅନେକ ଶିକ୍ଷକ ମିଥ୍ୟା ସାର୍ଟିଫିକେଟ୍ ଦେଇ ନିଯୁକ୍ତି ପାଇଛନ୍ତି ବୋଲି ଆବେଦନକାରୀ ଅଭିଯୋଗ କରିଥିଲେ । ଏଥିସହ ପିଲାନଥାଇ କିପରି ସେମାନଙ୍କ ନାଁରେ ମଧ୍ୟାହ୍ନଭୋଜନ ଅର୍ଥ ହଡ଼ପ ହେଉଛି ସେନେଇ ମଧ୍ୟ ଆବେଦନକାରୀ ଅଦାଲତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ୨୦୧୮ ମସିହାରେ ରୁଜୁ ଏହି ମାମଲାରେ ହାଇକୋର୍ଟ ରାଜ୍ୟ ସରକାରଙ୍କ ଠାରୁ ରିପୋର୍ଟ ତଲବ କରିଥିଲେ । ରାଜ୍ୟ ସରକାର ଏହିଭଳି ଶିକ୍ଷକଙ୍କୁ ଚିହ୍ନଟ ପାଇଁ ପଦକ୍ଷେପ ନିଆଯାଉଥିବା ସଂକ୍ରାନ୍ତରେ ଅଦାଲତଙ୍କୁ ଅବଗତ କରିଥିଲେ । କେତେକ ଶିକ୍ଷକଙ୍କୁ ମିଥ୍ୟା ସାର୍ଟିଫିକେଟ୍ ଦେଇ ଚାକିରି କରିଥିବା ଅଭିଯୋଗରେ ସେମାନଙ୍କୁ ବହିଷ୍କାର କରାଯାଇଥିଲାବେଳେ ଆଉ କିଛି ଶିକ୍ଷକଙ୍କ ବିରୋଧରେ ଫୌଜଦାରୀ ମୋକଦ୍ଦମା ରୁଜୁ କରାଯାଇଛି ବୋଲି କୁହାଯାଇଥିଲା । କିନ୍ତୁ ଏହି ପଦକ୍ଷେପ ଅଧାପାନ୍ତରିଆ ଅବସ୍ଥାରେ ରହିଯାଇଥିଲା । ପୂର୍ବ ଶୁଣାଣିରେ ରାଜ୍ୟ ସରକାର ରାଜ୍ୟରେ ପ୍ରାୟ ୪ଶହ ଜାଲ୍ ଶିକ୍ଷକ ଚିହ୍ନଟ ହୋଇଛନ୍ତି ବୋଲି ଦର୍ଶାଇଥିଲେ । ବିଶେଷକରି କେନ୍ଦ୍ରାପଡ଼ା, ବରଗଡ଼ ଏବଂ କେନ୍ଦୁଝର ଜିଲ୍ଲାରେ ଅଧିକ ସଂଖ୍ୟକ ଜାଲ୍ ଶିକ୍ଷକ ନିଯୁକ୍ତି ହୋଇଥିବା ଜଣାପଡ଼ିବା ପରେ ଏହା ଉପରେ କି' କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ସେ ସଂକ୍ରାନ୍ତରେ ହାଇକୋର୍ଟ ରାଜ୍ୟ ସରକାରଙ୍କଠାରୁ ରିପୋର୍ଟ ତଲବ କରିଥିଲେ । ଏହା ଉପରେ ରାଜ୍ୟ ସରକାର ଜବାବ ରଖି ଉପରୋକ୍ତ ତଥ୍ୟ ଦାଖଲ କରିଛନ୍ତି । ଏଥିରେ ଆମିକସ୍କ୍ୟୁରୀ ଭାବେ ନିଯୁକ୍ତି ପାଇଥିବା ସୁଦର୍ଶନ ନନ୍ଦ ମାମଲା ପରିଚାଳନା କରୁଛନ୍ତି ।

## ରାଜ୍ୟ ଖାଦ୍ୟ ଯୋଗାଣ ନିଗମ ପରିଦର୍ଶନ କଲେ ମନ୍ତ୍ରୀ

# ଧାନକିଣାରେ ଅଭିଯୋଗ ଆସିଲେ ତ୍ୱରିତ ସମାଧାନ ନିର୍ଦ୍ଦେଶ

ଭୁବନେଶ୍ୱର(ସବ୍ୟୁ): ରାଜ୍ୟରେ ଆଜି(ବୁଧବାର)ଠୁ ରବି ଧାନ ସଂଗ୍ରହ ଆରମ୍ଭ ହୋଇଛି । ରାଜ୍ୟରେ ଚାଷୀମାନଙ୍କ ସ୍ୱାର୍ଥ ରକ୍ଷା ପାଇଁ ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରିଛନ୍ତି । ଧାନ ସଂଗ୍ରହ ସମୟରେ କୌଣସି ଅନିୟମିତତାର ଅଭିଯୋଗ ଆସିଲେ ତ୍ୱରିତ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ।



ରାଜ୍ୟ ଖାଦ୍ୟ ଯୋଗାଣ ନିଗମ ପରିଷଦରେ ନିର୍ଦ୍ଦେଶ ନିୟନ୍ତ୍ରଣ ଏବଂ ଅଭିଜ୍ଞତା କେନ୍ଦ୍ର ଚାଲୁ ରହିଛି । ଏହି କେନ୍ଦ୍ରକୁ ଆଜି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ବୁଲି ଦେଖିଛନ୍ତି । ଏହାସହ ମଣ୍ଡିରେ ଧାନ କିଣା ପ୍ରକ୍ରିୟା, ସିସିଟିଭି ବ୍ୟବସ୍ଥାର ଅନୁଧ୍ୟାନ, ମଣ୍ଡିରୁ ମିଲ୍ ଯାଉଥିବା ଗାଡ଼ିର ଟ୍ରାକିଂ ଓ ଏ ସମ୍ପର୍କିତ ଲାଇଭ୍ ଫୁଟେଜର ବ୍ୟବସ୍ଥା ସଂପର୍କରେ ସେ ତଦାରଖ କରିଥିଲେ । ଚାଷୀ ଏବଂ ମଣ୍ଡିରେ ନିୟୋଜିତ ନୋଡାଲ ଅଫିସରଙ୍କ ସହ ମନ୍ତ୍ରୀ କଥା ହେବା ସହ ସେମାନଙ୍କର ସୁବିଧା ଅସୁବିଧା ସଂପର୍କରେ ପଚାରି ବୁଝିଥିଲେ । କୌଣସି ଅଭିଯୋଗ ଥିଲେ ଟୋଲ୍ ଫ୍ରି ନମ୍ବର ୧୯୬୭ ମାଧ୍ୟମରେ ଏହି କେନ୍ଦ୍ର ସହ ଯୋଗାଯୋଗ କରାଯାଇପାରିବ । ଧାନକିଣା ନେଇ କୌଣସି ଚାଷୀଙ୍କ ଠାରୁ ଅଭିଯୋଗ ଆସିଲେ ଏହାର ତ୍ୱରିତ ସମାଧାନ ପାଇଁ ପଦକ୍ଷେପ ଗ୍ରହଣ କରିବାକୁ ମନ୍ତ୍ରୀ ଶ୍ରୀ ପାତ୍ର ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ମନ୍ତ୍ରୀ ଶ୍ରୀ ପାତ୍ରଙ୍କର ଏହି ପରିଦର୍ଶନ ସମୟରେ ରାଜ୍ୟ ଖାଦ୍ୟଯୋଗାଣ ନିଗମର ପରିଚାଳନା ନିର୍ଦ୍ଦେଶକ କେ ସୁଦର୍ଶନ ଚକ୍ରବର୍ତ୍ତୀ କେନ୍ଦ୍ରର ବିଭିନ୍ନ କାର୍ଯ୍ୟକାରିତା ଓ ଅଭିଯୋଗଗୁଡ଼ିକର ତ୍ୱରିତ ସମାଧାନ ନିମନ୍ତେ ନିଆଯାଉଥିବା ପଦକ୍ଷେପ ସମ୍ପର୍କରେ ଅବଗତ କରାଇଥିଲେ । ଏହି ଅବସରରେ ଉଭୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ଏବଂ ରାଜ୍ୟ ଖାଦ୍ୟ ଯୋଗାଣ ନିଗମର ବରିଷ୍ଠ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।

## ଏସ୍‌ସିବି ମେଡିକାଲ

# ଡାକ୍ତର ଗୌତମ ଶତପଥୀ ହେଲେ ଅଧୀକ୍ଷକ



ଗୌତମ ଶତପଥୀଙ୍କୁ ଅଧୀକ୍ଷକ(ଇନଚାର୍ଜ) ଭାବେ ଦାୟିତ୍ୱ ଦିଆଯାଇଛି । ଅଧ୍ୟକ୍ଷା ପ୍ରଫେସର ଡାକ୍ତର ଲୁସି ଦାସ କାମଚଳା ଅଧୀକ୍ଷକ ଭାବେ ଦାୟିତ୍ୱ ବହନ କରୁଥିଲେ। ବୁଧବାର ପ୍ରଫେସର ଦାସଙ୍କ ଠାରୁ ଡାକ୍ତର ଶତପଥୀ ଅଧୀକ୍ଷକ ଦାୟିତ୍ୱ ଗ୍ରହଣ କରିଥିଲେ । ଗତବର୍ଷ ଅଗଷ୍ଟ ୩୧ରେ ଅଧୀକ୍ଷକ

କଟକ,(ସବ୍ୟୁ): ଏସସିବି ମେଡିକାଲର ଅଧୀକ୍ଷକ ପଦ ୮ମାସ ଫାଙ୍କା ପଡ଼ିବା ପରେ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଏ ଦିଗରେ ଦୃଷ୍ଟି ଦେଇଛି । ଏସସିବି ଅସ୍ଥିଶଲ୍ୟ ବିଭାଗୀୟ ମୁଖ୍ୟ ପ୍ରଫେସର ଡାକ୍ତର ପଦ ଫାଙ୍କା ହୋଇଥିଲା । ରାଜ୍ୟର ଜଣାଶୁଣା ନ୍ୟୁରୋସର୍ଜନ ପ୍ରଫେସର ଡାକ୍ତର ସୁଧାଂଶୁ ଶେଖର ମିଶ୍ର ଅବସର ନେବା ପରେ ଏଠାରେ କାହାକୁ ନିଯୁକ୍ତି ମିଳିନଥିଲା ।

## ପାରିବାରିକ ବିବାଦ ମାମଲାରେ ହାଇକୋର୍ଟଙ୍କ ରାୟ

# ସନ୍ତାନର ହିତ ଦୃଷ୍ଟିରୁ ବାପା ଅବା ମା ଗୋଟିଏ ପକ୍ଷକୁ ବିଚାରକୁ ନେଇ ହେବନି

କଟକ,(ସବ୍ୟୁ): ଯେତେବେଳେ ଗୋଟେ ପିଲାକୁ ତା'ର ବାପ କିମ୍ବା ମା' ଦେଖିବାର ଅଧିକାରକୁ ନେଇ ପ୍ରଶ୍ନ ଉଠେ ସେତେବେଳେ ପିଲାର ମଙ୍ଗଳକୁ ପ୍ରାଥମିକତା ଦିଆଯିବା ଉଚିତ । ଏଥିରେ କୌଣସି ପ୍ରକାର ପ୍ରତିବନ୍ଧକ ଆସିବା ଉଚିତ ନୁହେଁ । ଯେତେବେଳେ ପିଲାର ହିତ କଥା ଚିନ୍ତା କରାଯାଉଛି ସେତେବେଳେ କେବଳ ଗୋଟିଏ ପକ୍ଷ ବାପା କିମ୍ବା ମା'ଙ୍କର କଥାକୁ ବିଚାରକୁ ନିଆଯାଇ ପାରିବ ନାହିଁ । ଯାହା ପିଲାର ସ୍ୱାର୍ଥ ପାଇଁ ଠିକ୍ ସେହି ଆଧାରରେ ଅଦାଲତ ନିଷ୍ପତ୍ତି ନେବା ଆବଶ୍ୟକ । ପିଲାର ସ୍ୱାର୍ଥ ଦୃଷ୍ଟିରୁ ଦେଖିଲେ ତାକୁ ପିତା ଅବା ମାତାଙ୍କୁ ଦେଖିବାର ଅଧିକାରରୁ ବଞ୍ଚିତ କରାଯାଇ ପାରିବ ନାହିଁ ବୋଲି ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ ଆଦେଶରେ ମତ ଦେଇଛନ୍ତି ।

ଏକ ପାରିବାରିକ ବିବାଦ ମାମଲାରେ ତାଳଚେର ସିନିୟର୍ ସିଭିଲ୍ ଜଜ୍ ପିଲାକୁ ତାଙ୍କ ବାପା ଦେଖା କରିପାରିବେ ବୋଲି ଏକ ଅନ୍ତରୀଣ ଆଦେଶ ଦେଇଥିଲେ । ଉକ୍ତ ଆଦେଶକୁ ଚାଲେଞ୍ଜ କରି ପିଲାର ମା' ମଞ୍ଜୁଶା ସିଂଘାନିଆ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ହାଇକୋର୍ଟର ବିଚାରପତି ଜଷ୍ଟିସ୍ ଗୌରୀଶଙ୍କର ଶତପଥୀ ନିମ୍ନ ଅଦାଲତ ଦେଇଥିବା ଆଦେଶରେ କୌଣସି ପ୍ରକାର ତ୍ରୁଟିନାହିଁ ବୋଲି କହିବା ସହ ଆବେଦନକାରୀଙ୍କ ପିଟିସନକୁ ଖାରଜ କରି ଦେଇଛନ୍ତି । ମଞ୍ଜୁଶା ସିଂଘାନିଆ ଏବଂ ତାଙ୍କ ସ୍ୱାମୀ ନିମିଶ୍ ସିଂଘାନିଆଙ୍କ ମଧ୍ୟରେ ପାରିବାରିକ ବିବାଦ ଚାଲିଥିଲାବେଳେ ସେମାନଙ୍କର ଏକ ପୁଅ ମଞ୍ଜୁଶାଙ୍କ ନିକଟରେ ରହୁଥିଲା । ନିମିଶ୍ ତାଙ୍କ ପୁଅକୁ ଦେଖିବା ଲାଗି ନିମ୍ନ ଅଦାଲତରେ ଆବେଦନ କରିଥିଲେ । ନିମ୍ନ ଅଦାଲତ ପ୍ରତି ୧୫ଦିନରେ ଥରେ ସେ ତାଙ୍କ ପୁଅକୁ ଦେଖିପାରିବେ ବୋଲି ନିର୍ଦ୍ଦେଶ ଦେଇଥିଲେ । ଏହି ଆଦେଶକୁ ଚାଲେଞ୍ଜ କରି ମଞ୍ଜୁଶା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ସେ ଦର୍ଶାଇଥିଲେ ଯେ, ତାଙ୍କ ସ୍ୱାମୀ ଏ ପର୍ଯ୍ୟନ୍ତ କୌଣସି ପ୍ରକାର ଅନ୍ତରୀଣ ଭରଣପୋଷଣ ଅର୍ଥ ଅବା ମାମଲା ପରିଚାଳନା ବାବଦ ଅର୍ଥ ପ୍ରଦାନ କରିନାହାନ୍ତି । ଯେତେବେଳେ ତାଙ୍କ ପୁଅ ମାତ୍ର ମାସକର ହୋଇଥିଲା ଅର୍ଥାତ ୨୦୧୨ ମସିହା ସେପ୍ଟେମ୍ବର ୧୭ ତାରିଖରୁ ପୁଅ ତାଙ୍କ ନିକଟରେ ରହି ଆସୁଛି । ପିଲା ବର୍ତ୍ତମାନ ବଡ଼ ହୋଇଗଲାଣି । ପିଲାର କୌଣସି ପ୍ରକାର ଖର୍ଚ୍ଚ ମଧ୍ୟ ସେ ଦେଇନାହାନ୍ତି । ତେଣୁ ତାଙ୍କୁ ପୁଅକୁ ଦେଖିବାର କୌଣସି ଅଧିକାର ନାହିଁ । ଏଥିପାଇଁ ତାଙ୍କୁ ଅନୁମତି ନଦେବା ଲାଗି ସେ ପ୍ରାର୍ଥନା କରିଥିଲେଛ ହାଇକୋର୍ଟ ଏହି ମାମଲାର ରାୟ ପ୍ରକାଶ କରିବା ଅବସରରେ କହିଛନ୍ତି ଯେ, ପିଲାକୁ ଦେଖୁବାର ଅଧୁକାର ପିତାମାତାଙ୍କର ରହିଛି । ଏହି ମାମଲାରେ ପିତା ହିସାବରେ ଯଦିଓ ସେ ପୁଅକୁ ଦେଖୁପାରି ନାହାନ୍ତି କିନ୍ତୁ ପୁଅକୁ ଦେଖୁବାର ତାଙ୍କର ସମ୍ପୂର୍ଣ୍ଣ ଅଧିକାର ରହିଛି । ଗୋଟେ ପିଲା ପିତାମାତାଙ୍କର ଭଲ ପାଇବା ନିଶ୍ଚିନ୍ତ ଆବଶ୍ୟକ କରେ । ପିତାମାତାଙ୍କ କଳି, ଅହଙ୍କାର ତଥା ଜିଦି ଆଗରେ ଗୋଟେ ପିଲା ସବୁବେଳେ ବଳି ପଡ଼ିଯାଏ । ଏହିଭଳି ପିଲାଙ୍କର ଶୈଶବ ବଡ଼ କଷ୍ଟରେ ବିତିଥାଏ । ଏପରିକି ସେମାନଙ୍କର ଶୈଶବ ପିତାମାତାଙ୍କ କଳିପାଇଁ ଧ୍ୱଂସ ହୋଇଯାଏ । ତେବେ ପିତାମତାଙ୍କ କଳିପାଇଁ ଗୋଟେ ପିଲା ତା'ର ଭଲ ପାଇବାରୁ ବଞ୍ଚିତ ହେବା ଉଚିତ ନୁହେଁ। ନିହାତି ସେଭଳି କୌଣସି ସାଂଘାତିକ ପରିସ୍ଥିତି ନଥିଲେ ଗୋଟେ ପିଲାକୁ ତା'ର ବାପା ଅବା ମା'ଙ୍କୁ ଦେଖା କରିବାରୁ ବଞ୍ଚିତ କରିବା ଉଚିତ୍ ନୁହେଁ ବୋଲି ହାଇକୋର୍ଟ ମତ ଦେଇଛନ୍ତି । ଏହି ଘଟଣାରେ ପିଲାର ମା' ଯଦିଓ ପିଲାକୁ ତା' ବାପାକୁ ଦେଖା ନକରିବା ଲାଗି ଅଦାଲତ ନିର୍ଦ୍ଦେଶ ଦେବାକୁ ପ୍ରାର୍ଥନା କରିଛନ୍ତି କିନ୍ତୁ ଏହା ଗ୍ରହଣୀୟ ନୁହେଁ ବୋଲି ହାଇକୋର୍ଟ କହିବା ସହ ନିମ୍ନ ଅଦାଲତଙ୍କ ରାୟରେ ହସ୍ତକ୍ଷେପ କରିବାକୁ ମନା କରି ଦେଇଛନ୍ତି ।

## ମଦ ଜବତ :୨ ଗିରଫ

ନିରାକାରପୁର , (ସବ୍ୟୁ): ଖୋର୍ଦ୍ଧା ଜିଲ୍ଲା ଭ୍ରାମ୍ୟମାଣ ଅବକାରୀ ବିଭାଗ ଇନ୍ସପେକ୍ଟର ଥାରପା ମାରାଣ୍ଡିଙ୍କ ନିର୍ଦ୍ଦେଶରେ ବୁଧବାର ଦିନ ଖୋର୍ଦ୍ଧ ଜିଲ୍ଲା ଜଂକିଆ ଥାନା ଅନ୍ତର୍ଗତ ସିକୋ ଗୋଡିସାହି ଓ ସିକୋ ପଦମଝଲା ସାହିରେ ସଦଳବଳେ ଚଡ଼ାଉ କରି ୨ଜଣ ମଦ ବେପାରୀ କୁ ଗିରଫ କରିବା ସହିତ ସମୁଦାୟ ୪୩ ଲିଟର ଦେଶୀ ମଦ ଜବତ କରିଥିବା ଜଣାପଡିଛି। ସୂଚନାଯୋଗ୍ୟ କି ଭ୍ରାମ୍ୟମାଣ ଅବକାରୀ ପୋଲିସ ପେଟ୍ରୋଲିଙ୍ଗ କରୁଥିବାବେଳେ ସୂଚନା ପାଇ ଆଜି ଜଂକିଆ ଥାନା ସିକୋ ଗୋଡିସାହିର ସଞ୍ଜୟ ସାମନ୍ତରାୟ (୪୦) ଓ ସିକୋ ପଦମଝଲା ସାହିର ବୈକୁଣ୍ଠ ବାରିକ ( ୬୫) ପ୍ରମୁଖ ଦେଶୀ ମଦ ବିକ୍ରି କରୁଥିବାର ସୁରାକ ପାଇ ତାଙ୍କ ଠାରୁ ସମୁଦାୟ ୪୩ ଲିଟର ଦେଶୀ ମଦ ଜବତ କରିଥିବା ସହିତ ୨ ଜଣଙ୍କୁ କୋର୍ଟ ଚାଲାଣ କରିଥିବା ସୂଚନା ମିଳିଛି। ଏହି ଚଢ଼ାଉରେ ଭ୍ରାମ୍ୟମାଣ ଅବକାରୀ ପୁଲିସ ବାହିନୀ ସାମିଲ ଥିଲେ।

# ସମସ୍ୟା ଘେରରେ ଏମ୍‌ଏସସିବି ବିଶ୍ୱବିଦ୍ୟାଳୟ

## ଓଡ଼ିଆ ଜାଗରଣ ମଞ୍ଚ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର

ବାରିପଦା, (ସବ୍ୟୁ) : ଓଡ଼ିଆ ଜାଗରଣ ମଞ୍ଚର ପ୍ରତିଷ୍ଠାତା ସମ୍ପାଦକ ଶରତ ଚନ୍ଦ୍ର ନାୟକଙ୍କ ନେତୃତ୍ୱରେ ଏକ ପ୍ରତିନିଧିଦଳ ମୟୂରଭଞ୍ଜ ଅତିରିକ୍ତ ଜିଲ୍ଲାପାଳଙ୍କ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ମହାରାଜା ଶ୍ରୀରାମଚନ୍ଦ୍ର ବିଶ୍ୱ ବିଦ୍ୟାଳୟର ବିଭିନ୍ନ ସମସ୍ୟା ନେଇ ଏକ ଦାବିପତ୍ର ପ୍ରଦାନ କରିଥିବାର ଜଣାଯାଇଛି । ମୟୂରଭଞ୍ଜ ଜିଲ୍ଲାବାସୀଙ୍କର ବହୁବର୍ଷର ଦାବୀ ଫଳରେ ବିଗତ ୧୯୯୮ ମସିହାରେ ଓଡିଶା ସରକାର ବାରିପଦାର ତକତପୁରଠାରେ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରିଥିଲେ । ପରବର୍ତ୍ତୀ କାଳରେ ୨୦୨୦ ମସିହାରେ ସରକାର ଏହାର ନାମକୁ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ନାମରେ ନାମିତ୍ତ କରିଛନ୍ତି । ୨୦୧୭ ମସିହାରେ କେନ୍ଦୁଝର ଠାରେ ଏହାର ଦ୍ୱିତୀୟ ପରିସର ପ୍ରତିଷ୍ଠା କରିଥିଲେ । ପରିବର୍ତ୍ତୀ କାଳରେ ୨୦୨୩ ମସିହାରେ କେନ୍ଦୁଝରର ଧରଣୀଧର ସ୍ୱୟଂଶାସିତ ମହାବିଦ୍ୟାଳୟକୁ ସରକାର ବିଶ୍ୱବିଦ୍ୟାଳୟ କରିଦେଲେ ଓ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ଦ୍ୱିତୀୟ ପରିସରରେ ଥିବା ଓଡିଆ, ଇଂରାଜୀ, ସଂସ୍କୃତ, ଜିଓଲୋଜୀ, ମେଟେରିଆଲ ସାଇନ୍ସ ପରି ପାଞ୍ଚଟି ବିଭାଗର ସମସ୍ତ ୧୫ଗୋଟି ଶିକ୍ଷକ ଓ ସମସ୍ତ ଅଣଶିକ୍ଷକ ପଦବୀ ଗୁଡିକୁ ନୂଆକରି ଗଢିଉଠିଥିବା ଧରଣୀଧର ବିଶ୍ୱବିଦ୍ୟାଳୟକୁ ପ୍ରଦାନ କରିଦେଲେ, ଫଳରେ ବାରିପଦା ଠାରେ ଥିବା ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟଠାରେ ଥିବା ଏହି ବିଭାଗ ଗୁଡିକ ଏସମସ୍ତ ମୂଳପଦବୀ ଗୁଡିକୁ ହରାଇଲା । ଯାହାଫଳରେ ଏବେ ମଧ୍ୟ ବାରିପଦା ଠାରେ ବିଶ୍ୱବିଦ୍ୟାଳୟର ଇଂରାଜୀ, ସଂସ୍କୃତ, ଜିୟୋଲୋଜୀ ଓ ମେଟେରୀଆଲ ସାଇନ୍ତି ବିଭାଗ ଗୁଡିକ ସେଲଫ୍ ଫାଇନାନ୍ସ କୋର୍ସ ଭାବରେ ଚାଲିବାକୁ ବାଧ୍ୟ ହେଉଛି । ଏପରିକି ମେଟେରିଆଲ ସାଇନ୍ସ ବିଭାଗଟି ବନ୍ଦ ହେବାକୁ ବସିଲାଣି । ଏ ସମସ୍ତ ବିଭାଗରେ ଛାତ୍ରଛାତ୍ରୀ ମାନେ ମୋଟା ଅଙ୍କର ରାଶି ଦେଇ ପାଠପଢିବାକୁ ବାଧ୍ୟ ହେଉଛନ୍ତି । ପିଏଚଡି ପରି ଗବେଷଣା ପାଠ ପଢିବାରୁ ମଧ୍ୟ ବଞ୍ଚିତ ଅଛନ୍ତି । ନିୟମିତ ଶିକ୍ଷକଙ୍କ ଦ୍ୱାରା ପାଠପଢାରୁ ବଞ୍ଚିତ ହୋଇ ଅତିଥି ଅଧ୍ୟାପକ ମାନଙ୍କ ଦ୍ୱାରା ପିଲାମାନେ ପାଠ ପଢୁଛନ୍ତି । ଏ ସମ୍ବନ୍ଧରେ ଦୀର୍ଘଦିନ ଧରି ସରକାରଙ୍କ ଠାରେ ଅଭିଯୋଗ କରାଯାଉଥିଲେ ମଧ୍ୟ ଏପର୍ଯ୍ୟନ୍ତ କୌଣସି ସୁଫଳ ମିଳିନାହିଁ । ଏଣୁ ୨ୟ କ୍ୟାମ୍ପସରୁ ଧରଣୀଧର ବିଶ୍ୱ ବିଦ୍ୟାଳୟକୁ ନିଆ ଯାଇଥିବା ବିଭାଗ ଏବଂ ପଦବୀ ଗୁଡିକୁ ବାରିପଦାକୁ ଫେରସ୍ତ କରିଦେବା, ବାରିପଦାଠାରେ ଏକ ସରକାରୀ ସଂଗୀତ ମହାବିଦ୍ୟାଳୟ ପ୍ରତିଷ୍ଠା କରାଯିବା ସହ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ଟିକୁ ରାଜ୍ୟସ୍ତରୀୟ ବିଶ୍ୱବିଦ୍ୟାଳୟରୁ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟକୁ ଉନ୍ନତ କରାଯିବାକୁ ଦାବୀ କରାଯାଇଛି । ଦାବିପତ୍ର ପ୍ରଦାନ କାର୍ଯ୍ୟକ୍ରମରେ ଶରତ ଚନ୍ଦ୍ର ନାୟକଙ୍କ ସହିତ ପ୍ରତିନିଧି ମଣ୍ଡଳୀରେ ପିତାମ୍ବର ମଲ୍ଲିକ, ସତ୍ୟ ନାରାୟଣ ବେହେରା ଓ ଲମ୍ବୋଦର ସେଠୀ ପ୍ରମୁଖ ସାମିଲ ଥିଲେ ।

## ଡାଲା ଅଟୋ ଦୁର୍ଘଟଣାଗ୍ରସ୍ତ

### ଦୁଇ ମହିଳା ଯାତ୍ରୀ ମୃତ, ୧୪ ଆହତ

ଆସିକା, (ସବ୍ୟୁ): ସ୍ଥାନୀୟ କୋଟିନଡ଼ା ଥାନା ଅନ୍ତର୍ଗତ ଆସିକା-ବାଲିପଦର ରାଜ୍ୟ ରାଜପଥର ଭେଟନଇ ଗ୍ରାମ ନିକଟରେ ଏକ ଡାଲାଅଟୋ ଓଲଟି ପଡ଼ିବା ଫଳରେ ଦୁଇ ମହିଳାଙ୍କ ମୃତ୍ୟୁ ହୋଇଥିବା ବେଳେ ଚଉଦ ଯାତ୍ରୀ ଗୁରୁତର ଆହତ ହୋଇଛନ୍ତି। ମଙ୍ଗଳବାର ବିଳମ୍ବିତ ରାତି ପ୍ରାୟ ୧୨ ଟା ବେଳେ ଏହି ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ମୃତ ଓ ଆହତ ସମସ୍ତ ଭେଟନଇ ଗ୍ରାମର ଅଟନ୍ତି। ସୂଚନା ପ୍ରକାରେ ଭେଟନଇ ଗ୍ରାମର ୨୦ରୁ ଊର୍ଦ୍ଧ୍ୱ ଲୋକ ନିକଟସ୍ଥ ସାନଖୋଲି ଗ୍ରାମକୁ ମନ୍ଦିର ପ୍ରତିଷ୍ଠା, ଯଜ୍ଞ ଦେଖିବା ପରେ ପ୍ରସାଦ ସେବନ ସାରି ଡାଲା ଅଟୋରେ ଫେରୁଥିବା ସମୟରେ ଭାରସାମ୍ୟ ହରାଇ ଅଟୋଟି ଓଲଟି ଏହି ଦୁର୍ଘଟଣା ଘଟିଥିଲା। ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ ଦୁଇ ଜଣ ମହିଳାଯାତ୍ରୀ ଗାୟତ୍ରୀ ଗୌଡ଼(୨୫) ଓ ସରୋଜିନୀ ସାହୁ(୫୦) ଗୁରୁତର ଆହତ ହୋଇ ଘଟଣାସ୍ଥଳରେ ହିଁ ଶୋଚନୀୟ ମୃତ୍ୟୁ ହୋଇଥିଲା। ଡାଲା ଅଟୋରେ ବସିଥିବା ସମସ୍ତ ଯାତ୍ରୀ ଊଣା ଅଧିକେ ସମସ୍ତେ ଆହତ ହୋଇ ରାସ୍ତାରେ ପଡ଼ିଥିବା ବେଳେ ଗ୍ରାମବାସୀଙ୍କ ସହାୟତାରେ ସମସ୍ତ ଆହତଙ୍କୁ ଆସିକା ମେଡିକାଲରେ ଚିକିତ୍ସା ନିମନ୍ତେ ଭର୍ତ୍ତି କରାଯାଇଥିଲା। ସମସ୍ତଙ୍କୁ ପ୍ରାଥମିକ ଚିକିତ୍ସା କରାଯାଇଥିବା ବେଳେ ଗୁରୁତର ସାତ ଜଣଙ୍କୁ ଡାକ୍ତର ବ୍ରହ୍ମପୁର ମେଡିକେଲକୁ ରେଫର କରିଥିଲେ। ଦୁର୍ଘଟଣା ଖବର ପାଇ ଆସିକା ଏସଡିପିଓ ସନ୍ତୋଷ କୁମାର ଜେନା କୋଟିନଡ଼ା ଥାନାଅଧିକାରୀ ଦାମୋଦର ବିହାରୀ ଦୁର୍ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ପୋଲିସ ଡାଲା ଅଟୋକୁ ଜବତ କରି ମୃତ ଦୁଇ ମହିଳାଙ୍କ ଶବ ପଞ୍ଚନାମା କରି ସେମାନଙ୍କ ପରିବାରକୁ ହସ୍ତାନ୍ତର କରିଛି। ଏହି ଦୁର୍ଘଟଣା ଖବର ଭେଟନଇ ଗ୍ରାମରେ ଶୋକାକୁଳ ପରିସ୍ଥିତି ଦେଖାଦେଇଛି। ଆହତ ଯାତ୍ରୀଙ୍କ ମଧ୍ୟରୁ ବର୍ଷା ଜେନା, ସାହି ଜେନା, ବାସନ୍ତୀ ଗୌଡ଼, ରେଣୁ ଗୌଡ଼, କବିତା ଗୌଡ଼ ,ଶିବାନନ୍ଦ ଗୌଡ଼, ସାଗର ଗୌଡ଼, ଖୁସି ଗୌଡ଼, ପିଙ୍କି ସେଠି,ରୋହନ ସେଠି, ରାଧା ଗୌଡ଼, ପୂଜା ଗୌଡ଼, ଯମୁନା ସାହୁ, ଲତା ସେଠି,ମୋନା ଲିଶା ସେଠି ପ୍ରମୁଖ ଆସିକା ମେଡିକାଲରେ ଚିକିତ୍ସିତ ହୋଇଥିବା ଜଣାଯାଇଛି। ମୃତ ସରୋଜିନୀଙ୍କ ସ୍ୱାମୀ ବିଜୟ କୁମାର ସାହୁଙ୍କ ଏତଲାକୁ ଭିତ୍ତି କରି ଥାନା କେଶନଂ ୧୬୪ ରେ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଥିବା କୋଟିନଡ଼ା ଥାନାଅଧିକାରୀ ଦାମୋଦର ବିହାରୀ କହିଛନ୍ତି ।

## ଜଣେ ୱାରେଣ୍ଟି ଗିରଫ

ବୁଗୁଡା, (ସବ୍ୟୁ) : ବୁଗୁଡ଼ା ଥାନା ଅନ୍ତର୍ଗତ ରାବଗଡ ଗାଁ କନ୍ଧସାହିର ଜଣେ ଫେରାର ଆସାମୀଙ୍କୁ ପୋଲିସ ୱାରେଣ୍ଟ ନଂ ଜିଆର୍ ୪୩/୨୦୧୩ ବଳରେ ଗିରଫ କରି କୋର୍ଟଚାଲାଣ କରିଥିବା ନେଇ ଆଇଆଇସି ସୀତାଂଶୁ ଶେଖର ମାନ୍ଧାତାଙ୍କଠାରୁ ପ୍ରକାଶ ପାଇଛି। ଗିରଫ ୱାରେଣ୍ଟି ଜଣକ ହେଲେ ଗଣେଶ ପ୍ରଧାନ (୬୦) ଓରଫ୍ ଗଣିଆ । ପ୍ରକାଶ ଯେ, ଗତ ୨୦୧୩ ମସିହାରେ ରାବଗଡ ଗାଁରେ ସଂଗଠିତ ଏକ ଗଣ୍ଡଗୋଳ ମାମଲାରେ ଗଣେଶ ଜଡିତ ରହିଥିବାର ଅଭିଯୋଗ ହୋଇଥିଲା। ଦୀର୍ଘ ବର୍ଷ ଧରି ଫେରାରଥିବା ଗଣେଶକୁ ଏବେ ୱାରେଣ୍ଟ ବଳରେ ପୋଲିସ ଗିରଫ କରିପାରିଛି ।

## ବିଷ ଖାଇ ସ୍ୱାମୀ-ସ୍ତ୍ରୀ ଗୁରୁତର

ବୁଗୁଡ଼ା, (ସବ୍ୟୁ): ବୁଗୁଡ଼ା ବ୍ଲକ କରଚୁଲି ପଞ୍ଚାୟତ ଅନ୍ତର୍ଗତ କଣ୍ଟାବଣି ଗ୍ରାମରେ ଏକ ଦମ୍ପତ୍ତି ବିଷ ଖାଇ ଗୁରୁତର ହୋଇଥିବା ଜଣାଯାଇଛି। ଗୁରୁତର ସ୍ୱାମୀ ଜଣକ ନାରାୟଣ ସାହୁ(୩୬) ଓ ସ୍ତ୍ରୀ ଜଣକ କାଜଲ ସାହୁ (୩୦)। ପ୍ରକାଶ ଯେ, ସୁରତରେ କାମ କରୁଥିବା ନାରାୟଣ ଗତ ମାସରେ ଘରକୁ ଆସିଥିଲେ। ପାରିବାରିକ ଅଶାନ୍ତି କାରଣରୁ ସ୍ତ୍ରୀ ଆଜି ସକାଳେ ସ୍ୱାମୀଙ୍କୁ ଖାଦ୍ୟରେ ବିଷ ମିଶାଇ ଖାଇବାକୁ ଦେଇ ନିଜେ ବିଷ ଖାଇ ଦେଇଥିଲେ। ସ୍ୱାମୀ ଖାଇସାରି ଉଠିବା ବେଳକୁ ସ୍ତ୍ରୀ ବାନ୍ତି କରିବାରେ ଲାଗିଥିଲେ। ପରିବାର ଲୋକେ ଏହା ଦେଖିବା ଏବଂ ଘଟଣା ସମ୍ପର୍କରେ ଜାଣିବା ପରେ ସେ ଦୁହିଁଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ବୁଗୁଡା ମେଡିକାଲକୁ ଅଣାଯାଇଥିଲା। ଉଭୟଙ୍କ ଅବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ ସେମାନଙ୍କୁ ବ୍ରହ୍ମପୁରକୁ ସ୍ଥାନାନ୍ତର କରାଯାଇଥିବା ଜଣାଯାଇଛି।

## ବିଜେପିର ୮ଜଣ ମଣ୍ଡଳ ସଭାପତିଙ୍କ ନାମ ଘୋଷଣା

ବାରିପଦା, (ସବ୍ୟୁ) : ମୟୂରଭଞ୍ଜ (ପୂର୍ବ) ସାଙ୍ଗଠନିକ ଜିଲ୍ଲା ବାରିପଦା ପକ୍ଷରୁ ବିଜେପିର ଦ୍ୱିତୀୟ ପର୍ଯ୍ୟାୟରେ ୮ଜଣ ନବନିର୍ବାଚିତ ମଣ୍ଡଳ ସଭାପତିଙ୍କ ନାମ ରାଜ୍ୟ ସଭାପତି ମନମୋହନ ସାମଲଙ୍କ ଅନୁମୋଦନ କ୍ରମେ ଜିଲ୍ଲା ସଭାପତି ନିହାର ରଞ୍ଜନ ମୋଦୀ ଘୋଷଣା କରିଛନ୍ତି । ନୂତନ ମଣ୍ଡଳ ସଭାପତିଙ୍କ ମଧ୍ୟରେ ବାଙ୍ଗିରିପୋଷି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ରଙ୍ଗାମାଟିଆ ମଣ୍ଡଳ-ନିତ୍ୟାନନ୍ଦ ସିଂହ, ଶ୍ୟାମସୁନ୍ଦରପୁର ମଣ୍ଡଳ-ଶୁଭାଶିଷ ଗିରି, ରାଜାବସା ମଣ୍ଡଳ-ଶ୍ରୀବୁତାଶ ହାଁସଦାଃ, ଗୋପବନ୍ଧୁନଗର ମଣ୍ଡଳ-ପ୍ରଦୀପ କୁମାର ପୁଥାଳ, ଦେବକୁଣ୍ଡ ମଣ୍ଡଳ-ମହେନ୍ଦ୍ର ଖଣ୍ଡେଇ, ବାରିପଦା ମ୍ୟୁନିସିପାଲଟି ମଣ୍ଡଳ-ଶ୍ରଦ୍ଧାଞ୍ଜଳୀ ପଣ୍ଡା, ମାଣତ୍ରୀ ମଣ୍ଡଳ-ସୁମନ୍ତ ମହାରଣା, ଦୋନ୍ତିଆମୁହାଁ ମଣ୍ଡଳ-ଲକ୍ଷ୍ମଣ ମୁର୍ମୁ ପ୍ରମୁଖ ଆସନ୍ତା ୩ବର୍ଷ ପାଇଁ ନୂତନ ମଣ୍ଡଳ ସଭାପତି ଭାବେ ମନୋନୀତ ହୋଇଥିବା ଜିଲ୍ଲା ସାଧାରଣ ସମ୍ପାଦକ ପ୍ରବୀଣ କୁମାର ପାତ୍ର ପ୍ରେସ ବିବୃତ୍ତି ମାଧ୍ୟମରେ ଜଣାଇଛନ୍ତି ।

## ବଙ୍ଗୀୟ ଯୁବକଙ୍କ ୮ ଦିନ ପରେ ପୋତାଗଲା ଶବ

ବ୍ରହ୍ମପୁର, (ସବ୍ୟୁ) : ବୈଦ୍ୟନାଥପୁର ଥାନା ଅନ୍ତର୍ଗତ କମାପଲ୍ଲୀ-ଲାଞ୍ଜିପଲ୍ଲୀ ଓଭରବ୍ରିଜ ତଳ ରେଳ ଧାରଣା କଡରେ ପଶ୍ଚିମବଙ୍ଗର ଯୁବକ ଅଶ୍ରୁଧିନ ଟପୋ(୩୫)ଙ୍କୁ ହତ୍ୟା ପରେ ଗଛରେ ଝୁଲାଇ ଦିଆଯାଇଥିଲା । ଏହି ଘଟଣାକୁ ସପ୍ତାହରୁ ଅଧିକ ସମୟ ବିତିସାରିଛି । ହେଲେ ଅଶ୍ରୁଧୀନଙ୍କ ପରିବାର ଲୋକେ ତାଙ୍କ ଶବ ନେବାକୁ ଆଜିଯାଏଁ ବ୍ରହ୍ମପୁର ଆସିଲେନାହିଁ। ଫଳରେ ଘଟଣାର ୮ ଦିନ ପରେ ପୁଲିସ ବିଏମସି ସହାୟତାରେ ଅଶ୍ରୁଧୀନଙ୍କ ଶବକୁ ଶ୍ମଶାନରେ ପୋତି ଦିଆଯାଇଛି । ଗତ ୮ ତାରିଖ ମଧ୍ୟାହ୍ନରେ ଏହି ରେଳ ଓଭରବ୍ରିଜ ତଳ ଦେଇ ଯାଇଥିବା ରେଳଧାରଣା କଡରେ ତଥା ଜେଲ ରୋଡ ଶେଷ ମୁଣ୍ଡରେ ଥିବା ଚା' ଦୋକାନ ପଛ ଅଞ୍ଚଳରେ ଥିବା ଏକ ଗଛରେ ଜଣେ ଯୁବକଙ୍କ ଶବ ଝୁଲୁଥିବା କିଛି ଲୋକ ଦେଖିବା ପରେ ପୁଲିସକୁ ଖବର ଦେଇଥିଲେ । ସେହି ଯୁବକଙ୍କ ମୁଣ୍ଡରେ ଓ ମୁହଁରେ ଗଭୀର ଆଘାତ ଲାଗିଥିବା ବେଳେ ସେ ପିନ୍ଧିଥିବା ଗଞ୍ଜିଟି ରକ୍ତରେ ଭିଜି ଯାଇଥିଲା । ଫଳରେ ଯୁବକଙ୍କୁ ହତ୍ୟା କରିବା ପରେ ଗଛରେ ଝୁଲାଇ ଦିଆଯାଇଥିବା ସନ୍ଦେହ ଉପୁଜିଥିଲା । ସରକାରୀ ରେଳବାଇ ଥାନା ପୁଲିସ ଓ ବୈଦ୍ୟନାଥପୁର ଥାନା ପୁଲିସ ପହଞ୍ଚି ତଦନ୍ତ କରିଥିଲେ । ଯାଞ୍ଚ ବେଳେ ଯୁବକଙ୍କ ନିକଟରୁ ମୋବାଇଲ, ମନିପର୍ସ, ଆଧାରକାର୍ଡ ଓ ଏକ ପରିଚୟପତ୍ର ଜବତ ହୋଇଥିଲା । ଏହାପରେ ଯୁବକ ଜଣଙ୍କ ପଶ୍ଚିମବଙ୍ଗ ନିଉ ଜଳପାଇଗୁଡି ଅଞ୍ଚଳର ଅଶ୍ରୁଧିନ ଟପୋ ବୋଲି ପୁଲିସ ଜାଣିବାକୁ ପାଇଥିଲା । ପାରିପାର୍ଶ୍ୱିକ ପରିସ୍ଥିତିରୁ ତାଙ୍କୁ ଆକ୍ରମଣ କରି ହତ୍ୟା ପରେ ଏଠାକୁ ଆଣି ଗଛରେ ଝୁଲାଇ ଦିଆଯାଇଥିବା ଜଣାପଡିଥିଲା । ଏନେଇ ବୈଦ୍ୟନାଥପୁର ଥାନା ପୁଲିସ ଏକ ହତ୍ୟା ମାମଲା ରୁଜୁ କରିବା ସହ ସନ୍ଧାନୀ କୁକୁର ଦଳ ଓ ସାଇଣ୍ଟିଫିକ ଟିମ ଜରିଆରେ ତଦନ୍ତ କରିଥିଲା । ତାଙ୍କ ଶବ ବ୍ୟବଚ୍ଛେଦ ପରେ ଏମକେସିଜି ଶବଗୃହରେ ସଂରକ୍ଷିତ କରି ରଖିଥିଲା । ଅଶ୍ରୁଧନ ଜଳପାଇଗୁଡିର ବାସିନ୍ଦା ହୋଇଥିବା ବେଳେ ତାଙ୍କ ପତ୍ନୀ ଓ ବାପା-ମାଆ ଓ ଜଣେ ଝିଅ ରହିଛନ୍ତି । ୮ ତାରିଖରେ ଅଶ୍ରୁଧୀନ ନ୍ୟୁ ଜଳପାଇଗୁଡିରୁ ଟ୍ରେନରେ ବସି ହାଇଦ୍ରାବାଦ ଅଭିମୁଖେ ଯାଉଥିଲେ । ତାଙ୍କ ସହ ସେହି ଅଞ୍ଚଳର ଅନ୍ୟ ୨ ଜଣ ଯୁବକ ମଧ୍ୟ ଟ୍ରେନରେ ଯାତ୍ରା କରୁଥିଲେ । ସେମାନେ ହାଇଦ୍ରାବାଦର ଏକ କମ୍ପାନୀରେ କମା କରିବାକୁ ଯାଉଥିଲେ । ତେବେ ଟ୍ରେନରେ ଯାତ୍ରା କରୁଥିବା ବେଳେ ବ୍ରହ୍ମପୁର ଠାରେ ଅଶ୍ରୁଧୀନଙ୍କୁ କିଏ ହତ୍ୟା କରି ଆତ୍ମହତ୍ୟା ରୂପ ଦେଲା ତାହା ଏବେ ଯାଏଁ ସ୍ପଷ୍ଟ ହୋଇପାରିନି । ଅଶ୍ରୁଧୀନଙ୍କ ସହ ଯାତ୍ରା କରୁଥିବା ଯୁବକମାନେ କିଏ ଏବଂ ତାଙ୍କ ସହ କିଛି ଶତ୍ରୁତା ରହିଥିଲା କି ନାହିଁ ସେ ଦିଗରେ ପୁଲିସ ତଦନ୍ତ କରୁଛି । ସେହିପରି ଘଟଣା ଦିନ ଟ୍ରେନରେ କଣ ଘଟିଥିଲା ତାହା ମଧ୍ୟ ଜଣାପଡୁନଥିବାରୁ ଏହି ହତ୍ୟାକାଣ୍ଡର ତଦନ୍ତରେ ବିଶେଷ ଅଗ୍ରଗତି ମଧ୍ୟ ହେଉନାହିଁ । ପୁଲିସ ଅଶ୍ରୁଧୀନଙ୍କ ପରିବାର ଲୋକଙ୍କୁ ବ୍ରହ୍ମପୁର ଆସି ଶବ ନେବା ସହ ତଦନ୍ତରେ ସହଯୋଗ କରିବାକୁ ବାରମ୍ବାର କହୁଥିଲେ ମଧ୍ୟ ସେମାନେ ଏଠାକୁ ଆସିନଥିଲେ । ସାଧାରଣତଃ ଜଣେ ଅଜଣା ବ୍ୟକ୍ତି କିମ୍ବା ଅସହାୟ ବ୍ୟକ୍ତିଙ୍କ ମୃତ୍ୟୁ ପରେ ପୁଲିସ ଶବକୁ ୭୨ ଘଣ୍ଟା ଯାଏଁ ସଂରକ୍ଷିତ ରଖିବା ପରେ ତାହାକୁ ପୋତି ଦିଆଯାଇଥାଏ । ହେଲେ ଅଶ୍ରୁଧୀନଙ୍କ ପରିବାର ଲୋକଙ୍କ ଅପେକ୍ଷାରେ ଆଜକୁ ୮ ଦିନ ହେବ ତାଙ୍କ ଶବ ସଂରକ୍ଷିତ କରି ରଖାଯାଇଥିଲା । ଶବଟି ୭୨ ଘଣ୍ଟାରୁ ଅଧିକ ସମୟ ରହିବା ପରେ ତାହା ନଷ୍ଟ ହେବାକୁ ଯାଉଥିଲା । ପୁଲିସର ବାରମ୍ବାର ଅନୁରୋଧ ପରେ ପରିବାର ଲୋକ ନଆସିବାରୁ ଆଜି ବାଧ୍ୟ ହୋଇ ପୁଲିସ ଶବକୁ ପୋତି ଦେଇଥିଲା ।

## ମାନବବାଦୀ ହେତୁବାଦୀ ସଙ୍ଗଠନର ଆଲୋଚନା ଚକ୍ର

ବ୍ରହ୍ମପୁର, (ସବ୍ୟୁ): ମାନବବାଦୀ ହେତୁବାଦୀ ସଙ୍ଗଠନ ଗଞ୍ଜାମ ଜିଲ୍ଲା ଆନୁକୂଲ୍ୟରେ ସଂକଳ୍ପ ବିଦ୍ୟାଳୟ କମାପଲ୍ଲୀ ଠାରେ ମାନବବାଦୀ ହେତୁବାଦୀ ସଙ୍ଗଠନର ସାଧାରଣ ସମ୍ପାଦକ ରାଜା ସୁରେଶଙ୍କ ଓ ସଙ୍ଗଠନର ପ୍ରତିଷ୍ଠାତା ସଭ୍ୟ ସୂର୍ଯ୍ୟନାରାୟଣ ସାହୁଙ୍କ ଶ୍ରଦ୍ଧାଞ୍ଜଳି ସଭା ସହ ଜାତି ଜନଗଣନା ଓ ସାମାଜିକ ନ୍ୟାୟ ବିଷୟରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ କିଶୋର ଚନ୍ଦ୍ର ମିଶ୍ର ସଭାପତିତ୍ୱ କରିଥିଲେ । ହେତୁବାଦୀ ତଥା ସ୍ତମ୍ଭକାର ଭାଲଚନ୍ଦ୍ର ଷଡଙ୍ଗୀ ମୁଖ୍ୟବକ୍ତା ରୂପେ ଓ ମଧୁସୂଦନ ଯାଦବ ଅନ୍ୟତମ ବକ୍ତାଭାବେ ଯୋଗ ଦେଇଥିଲେ। ସର୍ବପ୍ରଥମେ ଉପସ୍ଥିତ ଥିବା ସମସ୍ତ ସଭ୍ୟ ରାଜା ସୁରେଶ ଓ ସୂର୍ଯ୍ୟନାରାୟଣ ସାହୁଙ୍କ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ଓ ଏକ ମିନିଟ ସମ୍ମାନ ସୂଚକ ନୀରବତା ଅବଲମ୍ବନ କରାଯାଇଥିଲା। ସଂଗଠନର ସମ୍ପାଦକ କେ.ଏନ. ସେନାପତି ଆଲୋଚନାଚକ୍ର ବିଷୟରେ ସୂଚନା ଦେଇଥିଲେ। ମୁଖ୍ୟବକ୍ତା ହେତୁବାଦୀ, ସ୍ତମ୍ଭକାର ଭଲ ଚନ୍ଦ୍ର ଷଡଙ୍ଗୀ କହିଥିଲେଯେ ସମାଜରେ ପ୍ରତ୍ୟେକ ନାଗରିକ ନ୍ୟାୟ ସାମାଜିକ, ଅର୍ଥନୈତିକ, ଶିକ୍ଷା ଓ ମଣିଷପରି ବଞ୍ଚି ରହିବାକୁ ହେଲେ ଜାତି ଜନଗଣନା ଏକ ଅପହାର୍ଯ୍ୟ। କେଉଁ ଜାତିର କେତେ ଲୋକ ସଂଖ୍ୟା, ସେମାନଙ୍କ ସମ୍ପତ୍ତି, ଶିକ୍ଷା, ବଞ୍ଚିବାରମାନ, ବିଷୟରେ ପୁଙ୍ଖାନୁପୁଙ୍ଖ ସର୍ବେକ୍ଷଣ କରାଯାଇ ତଦନୁସାରେ ସଂରକ୍ଷଣ ବ୍ୟବସ୍ଥା କରିବା ଉଚିତ। ବହୁ ଦାବିପରେ ଭାରତ ସରକାର ଜାତିଜନସଂଖ୍ୟା ଗଣନା କରିବାକୁ ସମ୍ମତି ପ୍ରକାଶ କରିଛନ୍ତି ଯାହା ତଳେ ରହୁଥିବା ମଣିଷ ପ୍ରତି ନ୍ୟାୟ ପ୍ରଦାନରେ ସହାୟକ ହେବ। ବହୁତ ଲୋକଙ୍କ ମଧ୍ୟରେ ଧାରଣ ଅଛିଯେ, ଉଚ୍ଚଜାତିର ଲୋକ ବୁଦ୍ଧିବାନ ଓ ଜ୍ଞାନୀ ଏହା ଠିକ ନୁହଁ କାରଣ ତଳ ଶ୍ରେଣୀରେ ଥିବା ଲୋକଙ୍କୁ ଜନ୍ମଠାରୁ ସମସ୍ତ ପ୍ରକାର ଶିକ୍ଷା, ସ୍ୱାସ୍ଥ୍ୟର ଯତ୍ନ ନିଆଯାଏ ସେମାନେ ବି ଆଗୁଆ ହୋଇ ରହିବେ। ସଂରକ୍ଷଣ ୫୦% ରୁ ଅଧିକ କରି ସମାନତା ରକ୍ଷାକରିବା ସହଜ ହେବ ଓ ତଳେ ଥିବା ଜାତିର ଲୋକେ ଉପକୃତ ହେବେ। ଅନ୍ୟତମ ବକ୍ତା ମଧୁସୂଦନ ଯାଦବ ବିଭିନ୍ନ ଧର୍ମପୀଠ ଗୁଡିକରେ ଲକ୍ଷଲକ୍ଷ ହେକ୍ଟର ଜମି ରହିଛି, କିନ୍ତୁ ଲୋକସଂଖ୍ୟାର ଅଧିକ ଲୋକଙ୍କ ପାଖରେ ମୁଣ୍ଡ ଗୁଞ୍ଜିବାପାଇଁ ଜାଗାଟିଏ ନାହିଁ। ଜାତି ଗଣନା ଫଳରେ ଗରିବ ବହୁତ ସୁବିଧା ପାଇ ପାରିବେ। ସମ୍ବିଧାନର ମୁଖବନ୍ଧରେ ସମସ୍ତଙ୍କ ପାଇଁ ସାମାଜିକ ନ୍ୟାୟର ବର୍ଣ୍ଣନା କରାଯାଇଛି। ସଂରକ୍ଷଣ କାହାର ଦୟା ନୁହଁ। ଡ.ବିଧୁପ୍ରଭା ରଥ, ଶ୍ୟାମ ସୁନ୍ଦର ଖାଡଙ୍ଗା, କେ .ବାସବା ରାଜୁ, ସ୍ୱପ୍ନା ଦେଇ, ସୁନେଜ କୁମାର ପାଣିଗ୍ରାହୀ ଆଦିତ୍ୟ ପ୍ରସାଦ ରଥ, ହାକିମ ଖାଁ, ମହମ୍ମଦ ସୁକୁର, ଗାୟତ୍ରୀ ପାଣିଗ୍ରାହୀ, ରାଜେନ୍ଦ୍ର ପଣ୍ଡା, ଅମିତ କୁମାର ସାମନ୍ତରାୟ, ଦକ୍ଷିନେଶ୍ୱର ପରିଡା, ରାକେଶ କାନୁନଗୋ, ଅଶୋକ ମୁମର ଦଲାଇ, ବିନୋଦ ବିହାରୀ ପୃଷ୍ଟି, ଏସ.ନାୟକ,ଗଣାପତି ବେହେରା, ଡ.ମୋହନ ରାଓ ଆଲୋଚନାରେ ଭାଗ ନେଇଥିଲେ।



## ଗୋପାଳପୁର ଆର୍ମି ଏଡି କଲେଜରେ ଭାର୍ଗବାସ୍ତ୍ର ପରୀକ୍ଷଣ

ବ୍ରହ୍ମପୁର, (ସବ୍ୟୁ): ନୂତନ କମ୍ ମୂଲ୍ୟର କାଉଣ୍ଟର ଡ୍ରୋନ ସିଷ୍ଟମ୍ 'ଭାର୍ଗବାସ୍ତ୍ର' ହାର୍ଡ କିଲ୍ ମୋଡ୍‌ରେ ସୋଲାର ଡିଫେନ୍ସ ଆଣ୍ଡ ଏୟାରୋସ୍ପେସ ଲିମିଟେଡ୍ (ଏସଡିଏଏଲ) ଦ୍ୱାରା ଡିଜାଇନ ଓ ବିକଶିତ ହୋଇଛି । ଯାହା ଡ୍ରୋନ ସ୍ୱାର୍ମର ବୃଦ୍ଧି ପାଉଥିବା ବିପଦକୁ ମୁକାବିଲା କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଅଗ୍ରଗତି ସୂଚାଇଛି। ଏହି କାଉଣ୍ଟର-ଡ୍ରୋନ ସିଷ୍ଟମରେ ବ୍ୟବହୃତ ମାଇକ୍ରୋ ରକେଟଗୁଡିକ ଗୋପାଳପୁରର ସିୱାର୍ଡ ଫାୟାରିଂ ରେଞ୍ଜରେ କଠୋର ପରୀକ୍ଷଣରେ ଉତ୍ତୀର୍ଣ୍ଣ ହୋଇଛି । ଯାହା ସମସ୍ତ ନିର୍ଦ୍ଧାରିତ ଉଦ୍ଦେଶ୍ୟ ହାସଲ କରିଛି। ଭାରତୀୟ ସେନାର ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତିରେ ୧୩ ମଇ ୨୦୨୫ରେ ଗୋପାଳପୁରରେ ରକେଟ ପାଇଁ ତିନୋଟି ପରୀକ୍ଷଣ କରାଯାଇଥିଲା। ଦୁଇଟି ପରୀକ୍ଷଣ ପ୍ରତ୍ୟେକ ଏକ ରକେଟ ଫାୟାର କରି କରାଯାଇଥିଲା। ଏକ ପରୀକ୍ଷଣ ଦୁଇ ସେକେଣ୍ଡ ମଧ୍ୟରେ ଦୁଇଟି ରକେଟ ସାଲଭୋ ମୋଡରେ ଫାୟାର କରି କରାଯାଇଥିଲା। ଚାରୋଟି ରକେଟ ଆଶାନୁରୂପ ପ୍ରଦର୍ଶନ କରିଥିଲା ଏବଂ ଆବଶ୍ୟକୀୟ ଲଞ୍ଚ ପାରାମିଟର ହାସଲ କରିଥିଲା, ଯାହା ବଡ଼ ଆକାରର ଡ୍ରୋନ ଆକ୍ରମଣକୁ ରୋକିବାରେ ଏହାର ଅଗ୍ରଣୀ ପ୍ରଯୁକ୍ତିବିଦ୍ୟାକୁ ଆଣ୍ଡରସ୍କୋର କରୁଛି ।

# NOTICE

**GOVERNMENT OF INDIA**
**MINISTRY OF ENVIRONMENT, FOREST AND CLIMATE CHANGE**
**REGIONAL OFFICE, BHUBANESWAR, ODISHA**

**Online Proposal No.: FP/OR/REDIV/516260/2024** — **Date : 23/04/2025**

**To,**
**The Addl. Chief Secretary,**
**Forest, Environment & CC Deptt., Government of Odisha,**
**Bhubaneswar - 751 001**

**Subject: Proposal for re-diversion of 0.257 ha of forest land (0.201 ha in Keonjhar Forest Division & 0.056 ha in Bonai Forest Division) and change in land use of 0.011 ha of already diverted forest land in Bonai Forest Division for laying of 132 KV underground electric cable along the Row of NH-520 and along the approach road from NH-520 to Kamanda Steel Plant of M/s Rungta Steel Ltd.**

Sir/Madam,

I am directed to refer to State Govt. letter No.FE-DIV-FLD-0021-2025-8674/FE&CC dated 11.04.2025 and Online Proposal No.FP/OR/REDIV/516260/2024 on the above mentioned subject seeking prior approval of the Ministry of Environment, Forest & Climate Change under Section 2 of Van (Sanrakshan Evam Samvardhan) Adhiniyam, 1980.

2. After due consideration of the proposal of the State Government, the Ministry of Environment, Forest & Climate Change hereby conveys **'Stage-I/in-principle'** approval for re-diversion of 0.257 ha of forest land (0.201 ha in Keonjhar Forest Division & 0.056 ha in Bonai Forest Division) and change in land use of 0.011 ha of already diverted forest land in Bonai Forest Division for laying of 132 KV underground electric cable along the Row of NH-520 and along the approach road from NH-520 to Kamanda Steel Plant of M/s Rungta Steel Ltd., subject to the fulfillment of the following conditions.

**1. General Conditions**

| S. No. | Conditions |
|---|---|
| 1.1 | The legal status of forest land proposed for diversion shall remain unchanged. |
| 1.2 | The user agency shall transfer online, the Net Present Value (NPV) of 0.257 ha forest land being re-diverted under this proposal, as per the Orders of Hon'ble Supreme Court of India dated 28.03.2008, 24.04.2008 and 09.05.2008 in Writ Petition (Civil) No.202/1995 and the guidelines issued by this Ministry vide its letter No.5-3/2011-FC (Vol-I) dated 06.01.2022, and 22.03.2022. The requisite funds shall be transferred through online portal in CAMPA account of the State concerned. |
| 1.3 | At the time of payment of Net Present Value (NPV) at the then prevailing rate, the user agency shall furnish an undertaking to pay the additional amount of NPV, if so determined, as per the final decision of the Hon'ble Supreme Court of India. |
| 1.4 | The KML files of the area to be re-diverted/change in land use shall be uploaded on the e-Green watch portal with all requisite details before submitting compliance report for seeking Stage-II approval. |
| 1.5 | All the funds received from the user agency under the project shall be transferred/ deposited in CAMPA account only through e-portal (**https://parivesh.nic.in/**). Amount deposited through other mode will not be accepted as compliance of the Stage-I clearance. |
| 1.6 | The compliance report of the Stage-I approval shall be uploaded on e-portal (**https://parivesh.nic.in/**). |
| 1.7 | The complete compliance of the FRA, 2006 shall be ensured by way of prescribed certificate from the concerned District Collector. |
| 1.8 | The boundary of the proposed forest land for re-diversion/change in land use, shall be demarcated on ground at the project cost, by erecting four feet high reinforced cement concrete pillars, each inscribed with its serial number, distance from pillar to pillar and GPS co-ordinates. |
| 1.9 | The user agency shall comply with the conditions stipulated in the final forest clearance granted to M/s NHAI for four/six laning, widening and strengthening of existing two lane of NH-215 (Rimuli-Rajamunda Section) in Keonjhar and Sundargarh District of Odisha vide Ministry's letter No.5- ORA198/2014-BHU dated 16.04.2019. |
| 1.10 | The user agency shall also comply with the conditions stipulated in the final forest clearance granted vide Ministry's letter No.5-ORB389/2019-BHU dated 23.03.2020 for construction of approach road from NH-520 to Kamanda Steel Plant of M/s Rungta Mines Ltd. |
| 1.11 | The user agency shall obtain Environment Clearance as per the provisions of the Environmental (Protection) Act, 1986, if applicable. |
| 1.12 | The proposed 132 KV electric cable line will be laid along the RoW having a width of 1.00 mtr and it will be laid 1.2 meter below the natural ground level in NHAI RoW. After laying the electric cable line, the affected area will be restored to its original condition and returned to the respective road owning authority for prompt resumption of surface land uses as before. |
| 1.13 | Laying of power cable line should be done simultaneously with digging of trench. |
| 1.14 | The user agency shall take adequate safety measures for accidental leakage of electrical power cable line. |
| 1.15 | No labour camp shall be established on the forest land and the user agency shall provide fuels preferably alternate fuels to the labourers and the staff working at the site so as to avoid any damage and pressure on the nearby forest areas. |
| 1.16 | No additional or new path will be constructed inside the forest area for any activity related to the project work. |
| 1.17 | The user agency while executing works, shall not fell any tree or damage forest growth in the surrounding forest area in any manner. |
| 1.18 | The layout plan of the proposed forest land shall not be changed without the prior approval of Ministry of Environment, Forest & Climate Change. |
| 1.19 | The forest land shall not be used for any purpose other than that specified in the proposal. |
| 1.20 | The forest land proposed to be re-diverted shall under no circumstances be transferred to any other user agency, department or person without the prior approval of Ministry of Environment, Forest & Climate Change. |
| 1.21 | No damage to the flora and fauna of the adjoining area shall be caused. |
| 1.22 | The concerned Divisional Forest Officer, will monitor and take necessary mitigative measures to ensure that there is no adverse impact on the forests in the surrounding area. |
| 1.23 | The user agency shall submit annual self monitoring report on compliance of stipulated conditions to the Nodal Officer (FCA) of the State and concerned Regional Office of this Ministry by the end of March every year. |
| 1.24 | Any other conditions that the Ministry of Environment, Forests & Climate Change may impose from time to time in the interest of afforestation, conservation and management of flora and fauna in the area, shall be complied by the user agency. |
| 1.25 | The State Govt. and user agency shall ensure compliance to provisions of the all Acts, Rules, Regulations, Guidelines, NGT Order (s) & Hon'ble Court Order (s) pertaining to this project, if any, for the time being in force, as applicable to the project. |
| 1.26 | Violation of any of these conditions will amount to violation of Van (Sanrakshan Evam Samvardhan) Adhiniyam, 1980 and action would be taken as prescribed in Para 1.16 of Consolidated Guidelines and Clarification issued under Van (Sanrakshan Evam Samvardhan) Adhiniyam, 1980 and Van (Sanrakshan Evam Samvardhan) Rules, 2023 vide Ministry's letter dated 29.12.2023. |

**2. Standard conditions**

**3. Specific Conditions**

3. After receipt of the report on compliance to the conditions stipulated above, from the State Government of Odisha, final/Stage-II approval for diversion of the said forest land under Section 2 of Van (Sanrakshan Evam Samvardhan) Adhiniyam, 1980 will be issued by this Ministry. Transfer of forest land to user agency should not be effected by the State Government of Odisha till final/Stage-II approval for its diversion is issued by the Ministry of Environment, Forest & Climate Change.

4. "The State Govt. or a Senior Office not below the Rank of a Divisional Forest Officer, having jurisdiction over the forest land proposed to be diverted, duly authorized in this behalf by the State Govt. can pass an order for tree cutting and commencement of work of a linear project in forest land for a period of one year (**"working permission"** means permission granted to linear project before final approval to mobilize the resources to commence the preliminary project work other than black topping, concretization, laying of railway tracks, charging of transmission lines, etc.). Such order shall be passed only after full realization of funds for compensatory afforestation, Net Present Value (NPV), Wildlife conservation Plan, plantation of dwarf species of medicinal plants, and all other compensatory levies, specified in the Stage-I (in-principle) approval from the User Agency, and where ever applicable, transfer and mutation of non-forest/revenue forest land in favour of State Forest Department, declaration of PF/RF and compliance of other statues including ST&OTFD (Recognition of Forest Rights) Act, 2006" as stipulated in Para 11.1 of Chapter-11 of Consolidated Guidelines and Clarification issued under Van (Sanrakshan Evam Samvardhan) Adhiniyam, 1980 and Van (Sanrakshan Evam Samvardhan) Rules, 2023 vide Ministry's letter dated 29.12.2023.

**Copy To**

1. The Inspector General of Forests (ROHQ), Ministry of Environment, Forest & Climate Change, Indira Paryavaran Bhawan, Jor Bagh Road, Aliganj, New Delhi - 110003.
2. The Addl. saPCCF & Nodal Officer (FCA), Forest Department, Govt. of Odisha, Aranya Bhawan, Chandrasekharpur, Bhubaneswar-751023.
3. The Director, M/s Rungta Mines Ltd., At/PO: Barbil, Dist: Keonjhar-758035, Odisha.

**Your's faithfully**

(Dr. Padma Mahanti)
Dy. Inspector General of Forests (C)

**Government of India**
**Ministry of Environment, Forest & Climate Change**
**Regional Office, Bhubaneswar**
**A-3, Chandrasekharpur, Bhubaneswar-751023**
**Telephone No. 0674-2301213, 2301248, 2302452, 2302453, E-mail: roez.bsr-mef@nic.in**

**No.5-ORB695/2025-BHU** — **25th April, 2025**

**CORRIGENDUM**

Sub: Proposal for re-diversion of 0.257 ha of forest land (0.201 ha in Keonjhar Forest Division & 0.056 ha in Bonai Forest Division) and change in land use of 0.011 ha of already diverted forest land in Bonai Forest Division for laying of 132 KV underground electric cable along the Row of NH-520 and along the approach road from NH-520 to Kamanda Steel Plant of M/s Rungta Mines Ltd.

In continuation to this office in-principle approval letter No.FP/OR/REDIV/516260/2024 dated 24.04.2025, the words **" M/s Rungta Steel Ltd."** may be read as **"M/s Rungta Mines Ltd."** in the above in-principlal approval letter.

The other contents of the in-principle approval will remain unchanged.

(Dr. Padma Mahanti)
Dy. Inspector General of Forests (C)

To
1. The Addl. Chief Secretary, Forest, Environment & CC Department, Government of Odisha, Bhubaneswar-751001.
2. The Inspector General of Forests (ROHQ), Ministry of Environment, Forest & Climate Change, Indira Paryavaran Bhawan, Jor Bagh Road, Aliganj, New Delhi - 110003.
3. The Addl. PCCF & Nodal Officer (FCA), Forest Department, Govt. of Odisha, Aranya Bhawan, Chandrasekharpur, Bhubaneswar-751023.
4. The Director, M/s Rungta Mines Ltd., At/PO: Barbil, Dist: Keonjhar-758035, Odisha.

# ପାକିସ୍ତାନ ନାଗରିକଙ୍କୁ ନେଇ ପାରୁନି ବର୍ଥ୍

### ୨୪ ଘଣ୍ଟା ସମୁଦ୍ରରେ ମାରୁଛି ପଇଁତରା

ପାରାଦୀପ, (ଜିପ୍ର) : ପାରାଦୀପ ଜାହାଜରେ ଅଛନ୍ତି ୨୧ ପାକିସ୍ତାନୀ ନାଗରିକ । ଦୂର ସମୁଦ୍ରରେ ବୁଲୁଚି ଜାହାଜ । ଦୀର୍ଘ ୨୪ ଘଣ୍ଟା ହୋଇ ଯାଇଥିବା ବେଳେ ଜାହାଜ ତାର ପଣ୍ୟ ଖଲାସ କରି ପାରୁନାହିଁ । ଏହି ଘଟଣା ଦେଖିବାକୁ ମିଳିଛି ପାରାଦୀପ ଦୂର ସମୁଦ୍ର ମଧ୍ୟରେ ଥିବା ବନ୍ଦର ଏସ୍‌ପିଏମ୍ ( ସିଙ୍ଗିଲ ପଏଣ୍ଟ ମୋରିଂ ସିଷ୍ଟମ ) ବର୍ଥରେ । ଗତ କାଲିଠାରୁ ଏକ ତୈଳବାହି ଜାହାଜ ଏକତଟି ଶିରେନ-୨ ଅଶୋଧିତ ତୈଳ ଆଣି ରିଫାଇନାରୀକୁ ଆସିଥିବା ବେଳେ ସେଥିରେ ଥିବା ୨୧ କ୍ରିୟୁ ସଦସ୍ୟ ପାକିସ୍ତାନୀ ହୋଇଥିବାରୁ ଏବେ ବର୍ଥ୍ କରିବାରେ ସମସ୍ୟା ସୃଷ୍ଟି ହୋଇଥିବା କୁହାଯାଉଛି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଏହି ଜାହାଜରେ ଥିବା ମୋଟ ୨୫ ଜଣ କ୍ରୀୟୁ ମେମ୍ବରଙ୍କ ମଧ୍ୟରୁ ୨୧ ଜଣ ପାକିସ୍ତାନୀ ଅଛନ୍ତି । ଏହି ଜାହାଜରେ ହଂକଂ ପତାକା ଲାଗିଥିବା ବେଳେ ପାକିସ୍ତାନୀ ନାଗରିକଙ୍କୁ ନେଇ ବର୍ତ୍ତମାନ ହଇଚଇ ସୃଷ୍ଟି ହୋଇଛି । କାରଣ ଭାରତ ଓ ପାକିସ୍ତାନ ଭିତରେ ଯୁଦ୍ଧ ଭଳି ସ୍ଥିତି ଲାଗିରହିଥିବା ବେଳେ ପାକିସ୍ତାନୀ ଜାହାଜ ଭାରତୀୟ ସୀମାରେ ପ୍ରବେଶ ନେଇ କଟକଣା ଲାଗିଛି । ଏହି ଜାହାଜ ହଂକଂର ମାତ୍ର ଏହା ଦକ୍ଷିଣ କୋରିଆରୁ ୧୩୫ ମେଟ୍ରିକ ଟନ ଅଶୋଧିତ ତୈଳ ଆଣି ଆସିଛି । ଏହା ସମୁଦ୍ରକୂଳ ଠାରୁ ୨୦ କିଲୋମିଟର ଦୂରରେ ଥିବା ଏସପିଏମ ବର୍ଥରେ ଭାସମାନ ଅବସ୍ଥାରେ ତୈଳ ବିଶୋଧନାଗାରକୁ ତୈଳ ଅନଲୋଡ କରିବାର ଥିବା ବେଳେ ଏହା ଏବେ ସେଠାରୁ ଆଉ ଦୂରକୁ ଚାଲି ଯାଉଚି । ଯାହାକୁ ନେଇ ମେରାଇନ, ବନ୍ଦର ଓ ଇମିଗ୍ରେସନ ସହ ତଟରକ୍ଷୀ ବାହିନୀ ସମସ୍ତେ ତିକ୍ଷ୍ଣ ନଜର ରଖିଛି। ଏବେ ଜାହାଜ ଆସି ପଣ୍ୟ ଖଲାସ କରିବ କି ନାହିଁ ତାହା କେହି ସ୍ପଷ୍ଟ ଭାବେ କହି ପାରୁନାହାନ୍ତି ।

# ବଧୂହତ୍ୟା ଅଭିଯୋଗ, ଶାଶୁ -ଶ୍ୱଶୁର ଅଟକ



ଧର୍ମଶାଳା, (ସବ୍ୟୁ) : ଧର୍ମଶାଳା ଥାନା ନେଉଳପୁର ପଂଚାୟତ କଂଟାବଣିଆଁ ମୁସଲିମ ସାହିରେ ଏକ ନବବଧୂଙ୍କୁ ତାର ଶାଶୁଘର ଲୋକେ ଯୌତୁକ ପାଇଁ ହତ୍ୟା କରିଥିବା ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ ଚହଟା ମୁସଲିମ ସାହିର ମହମ୍ମଦ ସଗିର ଅହମ୍ମଦଙ୍କ ଝିଅ ଆରଜୁଙ୍କୁ ନେଶାଁ ଚାରିବର୍ଷ ତଳେ ନେଉଳପୁର ପଂଚାୟତ କଂଟାବଣିଆଁ ମୁସଲିମ ସାହିର ଏନାମ ଖାଁଙ୍କ ପୁଅ ମହସିମ ଖାଁଙ୍କୁ ବିବାହ କରିଥଲେ। ମୁସଲିମ ରୀତିନୀତିରେ ବିବାହ ସମ୍ପନ୍ନ ହୋଇଥିବା ବେଳେ ବିବାହ ସମୟରେ କନ୍ୟାର ପିତା ଦାବି ମୁତାବକ ସମସ୍ତ ଜାନି ଯୌତୁକ ଦେଇଥିଲେ । ତେବେ ବିବାହ ପରେ ବାପ ଘରୁ ଅଧିକ ଯୌତୁକ ଆଣିବା ଲାଗି ଶ୍ୱଶୁର ଘର ଲୋକମାନେ ଦାବି କରି ନବବଧୂଙ୍କୁ ତାର ଶାଶୁର ଘର ଲୋକେ ଶାରିରିକ ଓ ମାନସିକ ନିର୍ଯାତନା ଦେଉଥିଲେ । ଅନେକ ସମୟରେ କନ୍ୟାର ପିତା ଭଦ୍ର ଲୋକଙ୍କୁ ସେଠାକୁ ନେଇ ମିମାଂସା କରିଥିଲେ । ହେଲେ ଗତକାଲି ରାତିରେ ଝିଅ ଆରଜୁଙ୍କୁ ତାର ଶ୍ୱଶୁର ଘର ଲୋକେ ହତ୍ୟା କରି ଏକ ଓଢଣୀରେ ତାକୁ ଝୁଲାଇ ଦେଇ ଆତ୍ମହତ୍ୟାର ରୂପ ଦେବାକୁ ଚେଷ୍ଟା କରିଥିଲେ । ଏଥିରେ ସଫଳ ନହେବାରୁ ତାକୁ ଗୁରୁତର ଅବସ୍ଥାରେ ବଡ଼ଚଣା ମେଡିକାଲ ନେଇ ତାର ବାପାକୁ ଏସମ୍ପର୍କରେ ଜଣାଇଥିଲେ । ଖବର ପା ପରିବାର ଲୋକେ ବଡଚଣା ମେଡିକାଲରେ ପହଁଚିବା ବେଳକୁ ତାର ଶ୍ୱଶୁର ଘର ଲୋକେ ତାକୁ ନେଇ କଟକ ମେଡିକାଲକୁ ଚାଲି ଯାଇଥିଲେ । କଟକରେ ଝିଅର ବାପା ଓ ପରିବାର ଲୋକେ ପହଁଚି ଦେଖିବା ସମୟରେ ତାଙ୍କ ଝିଅ ମରିଯାଇଥିଲା । ତେବେ ଏ ନେଇ ଝିଅର ମା ସୁହାନା ବିବି ଅଧିକ ଯୌତୁକ ଲାଗି ତାଙ୍କ ଝିଅକୁ ଶାଶୁ ଘରଲୋକେ ହତ୍ୟା କରିଥିବା ନେଇ ଗତକାଲି ରାତିରେ ଧର୍ମଶାଳା ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗ ପାଇ ପୋଲିସ ୨୮୧/୨୫ରେ ଏକ ମାମଲା ରୁଜୁ କରି ମୃତଦେହକୁ ଜବତ କରି ବଡଚଣା ଡାକ୍ତରଖାନାରେ ବ୍ୟବଛେଦ କରାଇ ମୃତଦେହକୁ ପୁଲିସ ତାର ବାପ ଘର ଲୋକଙ୍କୁ ହସ୍ତାନ୍ତର କରିଛି । ଆଜି ପୂର୍ବାହ୍ନରେ ଏକ ସାଇନ୍‌ଟିଫିକ ଟିମ ସହାୟତାରେ ପୁଲିସ କଂଟାବଣିଆଁ ଗ୍ରାମକୁ ଯାଇ ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ଘଟଣାର ଅଧିକ ତଦନ୍ତ କରିଛି । ଆଜି ପୂର୍ବହ୍ନରେ ଚହଟା ଗ୍ରାମର ମହିଳା ଓ ପୁରୁଷମାନେ ଧର୍ମଶାଳା ଥାନାରେ ପହଁଚି ପ୍ରତିବାଦ କରିବା ସହିତ ମୃତକର ସ୍ୱାମୀଙ୍କୁ ଗିରଫ କରି ଉଚିତ ଶାସ୍ତି ଦେବାକୁ ଦାବି କରିଥିଲେ । ତେବେ ଘଟଣା ପରେ ମୃତକର ସ୍ୱାମୀ ଫେରାର ଥିବାରୁ ପୁଲିସ ତାକୁ ଧରି ପାରି ନାହିଁ । ଖୁବଶିଘ୍ର ଅଭିଯୁକ୍ତ ସ୍ୱାମୀକୁ ପୁଲିସ ଗିରଫ କରି କୋର୍ଟ ଚାଲାଣ କରାଯିବ ବୋଲି ଥାନା ଅଧିକାରୀ ରଞ୍ଜନ କୁମାର ମାଝି ସୂଚନା ଦେଇଛନ୍ତି ।

# ନାବାଳିକା ଅପହରଣ

ମହାକାଳପଡ଼ା,(ସବ୍ୟୁ) :ମହାକାଳପଡ଼ା ବ୍ଲକ ବଉଳକଣୀ ପଂଚାୟତ ଅଧୀନ ଆମ୍ବବେଲାରୀ ଗ୍ରାମରେ ନାବାଳିକା ଭାଣିଜୀଙ୍କ ଅପହରଣ ନେଇ ମାଈ ପ୍ରଭାତୀ ମଣ୍ଡଳ ଜମ୍ବୁ ସାମୁଦ୍ରିକ ଥାନାରେ ମଙ୍ଗଳବାର ଲିଖିତ ଅଭିଯୋଗ କରିଥିବାର ଜଣାପଡିଛି । ଆମ୍ବବେଲାରୀ ଗ୍ରାମର ରବି ମଣ୍ଡଳ ଙ୍କ ୧୪ବର୍ଷୀୟ ନାବାଳିକା ଭାଣିଜୀ ମଙ୍ଗଳବାର ପୂର୍ବାହ୍ନ ରେ ମର୍ଣ୍ଣିଙ୍ଗ ୱାକରେ ଯାଇ ବହୁ ବିଳମ୍ବିତ ପ୍ରହର ପର୍ଯ୍ୟନ୍ତ ଘରକୁ ଫେରି ନଥିଲେ । ମାମୁଁ ଓ ମାଈ ଉଭୟ ବହୁ ଖୋଜା ଖୋଜି ପରେ କୌଣସି ସନ୍ଧାନ ପାଇନଥିଲେ। ପୂର୍ବରୁ ପଡୋଶୀ ବିଧାନ ମଣ୍ଡଳ ସୁଦୂର ପଶ୍ଚିମ ବଙ୍ଗଳାର ଭଣଜାଙ୍କ ବିବାହ ନିମନ୍ତେ ରବି ଙ୍କ ନାବାଳିକା ଭାଣିଜୀକୁ ପ୍ରସ୍ତାବ ଦେଇଥିଲେ । ମାତ୍ର ନାବାଳିକା ଭାଣିଜୀ ଙ୍କୁ ପାଠ ପଢିବା ନିମନ୍ତେ ମାମୁଁ ଘରେ ଛାଡି ଭିଣୋଇ ରଞ୍ଜନ ଓ ଭଉଣୀ ଝରଣା ବାହାର ରାଜ୍ୟରେ ଦାଦନ ଖଟିବାକୁ ଯାଇଥିବାରୁ ଅରାଜି ହୋଇଥିଲେ । ଏପରିକି ଭଉଣୀ ଓ ଭିଣୋଇଙ୍କ ଅନୁପସ୍ଥିତି ଯୋଗୁ ପ୍ରସ୍ତାବ କୁ ଅଗ୍ରାହ୍ୟ କରିଦେଇଥିଲେ । ଏନେଇ ବିଧାନ କ୍ରୋଧାନୀତି ହୋଇ ପ୍ରସ୍ତାବ ଆଗତ ର କିଛି ଦିନ ପରେ ଭାଣିଜୀ କୁ ଉଠାଇନେବି ବୋଲି ରବିକୁ ଧମକ ଦେଇଥିଲେ । ପୂର୍ବ ଧମକ ମୁତାବକ ରବି ଏବଂ ପତ୍ନୀ ପ୍ରଭାତୀ ଜମ୍ବୁ ସାମୁଦ୍ରିକ ଥାନାରେ ଭାଣଜି ଅପହରଣ ରେ ବିଧାନ ର ହାତ ଅଛି ବୋଲି ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ମୁତାବକ ପୋଲିସ ଦିନ ତମାମ ଅନୁସନ୍ଧାନ ଜାରି ରଖିବା ପରେ ଅପହୃତ ନାବାଳିକାକୁ ଠାବ କରିବା ସହିତ ଅଧିକ ଅନୁସନ୍ଧାନ ଜାରି ରଖିଥିବାର ଜଣାପଡିଛି ।

# ସରପଞ୍ଚଙ୍କୁ ହତ୍ୟା ଧମକ

ନିଶ୍ଚିନ୍ତକୋଇଲି, (ସବ୍ୟୁ) : ପବ୍ଲିକ ସ୍କୁଲର ଛାତ୍ରଛାତ୍ରୀମାନେ ଶତ ପ୍ରତିଶତ ଶଫଳତ: ନିଶ୍ଚିନ୍ତକୋଇଲି ବ୍ଲକ ଅଧିନ ନତକାଇ ପଞ୍ଚାୟତର ସରପଞ୍ଚ ଜୟଦେବ ରାଉତଙ୍କୁ ହତ୍ୟା ଧମକ ଦିଆଯାଇଥିବା ନିଶ୍ଚିନ୍ତକୋଇଲି ଥାନାରେ ଅଭିଯୋଗ ହୋଇଛି । ନିଶ୍ଚିନ୍ତକୋଇଲି ଗ୍ରାମର ଅବିନାଶ ରାଉତ ତାଙ୍କ ମୋବାଇଲରୁ ଫୋନ୍ କରି ସମ୍ପୃକ୍ତ ସରପଞ୍ଚଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହିତ ଜୀବନରୁ ମାରିଦେବା ପାଇଁ ଧମକ ଦେଇଥିବା ଅଭିଯୋଗ ଫର୍ଦ୍ଦରେ ଦର୍ଶାଯାଇଛି । ଏ ନେଇ ବିଭିନ୍ନ ସୋସିଆଲ ମିଡ଼ିଆରେ ଶ୍ରୀ ରାଉତଙ୍କ ଲେଖା ଓ କଣ୍ଠସ୍ୱର ଘୁରି ବୁଲୁଥିବା ଦେଖାଯାଇଛି । ଅଭିଯୋଗ ପରେ ପୋଲିସ ପକ୍ଷରୁ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଆଇଆଇସି ଯୁଗଳକିଶୋର ଦାସ ପ୍ରକାଶ କରିଛନ୍ତି। ଏ ସଂକ୍ରାନ୍ତରେ ଅବିନାଶ ରାଉତଙ୍କୁ ପଚାରିବାରୁ ସେଭଳି କିଛି ଘଟଣା ହୋଇନଥିବା ପ୍ରକାଶ କରିଛନ୍ତି ।

# ପୁଣି ଜେଲ ଗଲେ ପୂର୍ବତନ ଜିଲ୍ଲାପରିଷଦ ସଦସ୍ୟ ଦିଲୁ

ଧର୍ମଶାଳା, (ସବ୍ୟୁ) : ଧର୍ମଶାଳା ନିର୍ବାଚନମଣ୍ଡଳୀର ୧୩ ନମ୍ବର ଯୋନ ର ପୂର୍ବତନ ବିଜେଡି ଜିଲ୍ଲାପରିଷଦ ସଦସ୍ୟ ନିରଞ୍ଜ ରାଉତ ( ଦିଲୁ) ପୁଣି ଥରେ ଜେଲ ଯାଇଛନ୍ତି। ପୂର୍ବରୁ କୌଣସି ମାମଲାରେ ହାଇକୋର୍ଟ ଙ୍କ ନିର୍ଦ୍ଦେଶ ଅନୁସାରେ ଆଜି ନିରଞ୍ଜନ ଚଣ୍ଡିଖୋଲ ଜେଏମଏଫସି କୋର୍ଟ ରେ ହାଜର ହୋଇଥିଲେ। ମାତ୍ର କୋର୍ଟରେ ବେଲ ନାକଚ ହୋଇ ଯିବାରୁ ତାଙ୍କୁ ରଗଡିସ୍ଥିତ ବିଚାର ବିଭାଗୀୟ ଜେଲକୁ ପଠାଇ ଦିଆଯାଇଛି। ଗତ ମାସ ୧୮ ତାରିଖରେ ବଡଚଣା ଥାନା ଚଣ୍ଡିଖୋଲ ନିକଟସ୍ଥ ମହାବିନାୟ ମନ୍ଦିରରେ ଏକ ବିବାହ କାର୍ଯ୍ୟ ଚାଲିଥିବା ବେଳେ ସେଠାରେ ଘଟିଥିବା ଗୁଳିକାଣ୍ଡର ମୁଖ୍ୟ ଅଭିଯୁକ୍ତ ଥିଲେ ଦିଲୁ । ଯାହାକୁ ନେଇ ବଡଚଣା ପୁଲିସ ଏକ ମାମଲା ରୁଜୁ କରି ସାଇନଟିଫିକ ଟିମ ସହୟତାରେ ମହାବିନାୟକ ପୀଠ ଯାଇ ତଦନ୍ତ କରିଥିଲା । ତେବେ ଏହି ଘଟଣାରେ ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ନିରଞ୍ଜନ ରାଉତ ( ଦିଲୁ) ଫେରାର ଥିବାରୁ ପୁଲିସ ତାଙ୍କୁ ଗିରଫ କରିପାରି ନଥିଲା । ତେବେ ମାନ୍ୟବର ହାଇକୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ଆଜି ସେ ଚଣ୍ଡିଖୋଲସ୍ଥିତ ଜେଏମଏଫସି କୋର୍ଟକୁ ଅସିଥିବା ବେଳେ ମାହବିନାୟକ ପୀଠରେ ଘଟିଥିବା ଗୁଳିକାଣ୍ଡ କେଶରେ ତାଙ୍କର ବେଲକୁ ନାକଚ କରାଯାଇଥିଲା । ଫଳରେ ପୁଲିସ ସହାୟତାରେ ତାଙ୍କୁ ଯାଜପୁର ରୋଡ ରଗଡସ୍ଥିତ ବିଚାର ବିଭାଗୀୟ ଜେଲ ହାଜତ କୁ ପଠାଇ ଦିଆଯାଇଥିବା ଜଣାପଡିଛି ।

# ବାଲ୍ୟବିବାହ : ନାବାଳିକା ଉଦ୍ଧାର

ବାଲିତୁଠ, (ସବ୍ୟୁ) :ଏରସମା ବ୍ଲକ ନୂଆଗାଁରୁ ବାଲ୍ୟ ବିବାହ ହୋଇଥିବା ଏକ ନାବାଳିକାକୁ ଭୁବନେଶ୍ୱରର ରୁଚିକା ସୋସିଆଲ ସର୍ଭିସ ଅର୍ଗାନାଇଜେସନ ପକ୍ଷରୁ ଉଦ୍ଧାର କରାଯାଇଛି । ଗତ କିଛିଦିନ ତଳେ ନୂଆଗାଁ ବାଲିସାହି ପଡାର ଜନୈକ ଯୁବକଙ୍କୁ କୁଜଙ୍ଗ ବ୍ଲକ ଫତପୁର ଗ୍ରାମର ନାବାଳିକା ବିବାହ କରିଥିଲେ। କୌଣସି ସୂତ୍ରରୁ ଖବର ପାଇ ରୁଚିକା ସୋସିଆଲ ସର୍ଭିସ ଅର୍ଗାନାଇଜେସନର କୁଜଙ୍ଗ ଓ ଏରସମା ବ୍ଲକ ଦାୟିତ୍ୱ ରେ ଥିବା ଅଧିକାରିଣୀ ପ୍ରତିମା ସେଠୀ ଘଟଣା ସ୍ଥଳରେ ପହଞ୍ଚି ସତ୍ୟ ଜାଣିବା ପରେ ଅଙ୍ଗନବାଡି ସୁପ୍ରଭାଇଜର ପ୍ରଣତି ଦାସ ଙ୍କ ସହାୟତା ଲୋଡିଥିଲେ । ଶ୍ରୀମତୀ ଦାସ ଘଟଣା ସ୍ଥଳରେ ପହଞ୍ଚି ସ୍ଥାନୀୟ ପୋଲିସ ସହାୟତାରେ ନାବାଳିକା କୁ ଉଦ୍ଧାର କରାଯାଇ ସ୍ଥାନୀୟ ଅଭୟଚାନ୍ଦପୁର ଥାନାକୁ ନେଇଥିଲେ । ପରେ ଶ୍ରୀମତୀ ସେଠୀ ନାବାଳିକାକୁ ଜଗତସିଂହପୁର ସିଡବ୍ଲୁସିକୁ ହସ୍ତାନ୍ତର କରିଥିବା ସୂଚନା ମିଳିଛି । ଏହି ଉଦ୍ଧାର କାର୍ଯ୍ୟକ୍ରମରେ ଅନୁଷ୍ଠାନ ଆଖି ପକ୍ଷରୁ ସହାୟତା କରାଯାଇଥିଲା ବେଳେ ଏମ୍‌ବିକେ, ଅଙ୍ଗନବାଡି ଦିଦି, ସିଆରପି ଓ ସ୍ୱୟଂ ସହାୟକଗୋଷ୍ଠୀ ମାନେ ସହଯୋଗ କରିଥିଲେ ।

# କୃତୀ ଶିକ୍ଷକ ଯଦୁମଣି ସାହୁଙ୍କ ପରଲୋକ

କୁଆଖିଆ,(ସବ୍ୟୁ) : ରସୁଲପୁର ବ୍ଲକ ଅନ୍ତର୍ଗତ ମଧୁବନ ସରକାରୀ ଉଚ୍ଚ ବିଦ୍ୟାଳୟର ପୂର୍ବତନ କୃତୀ ଶିକ୍ଷକ ଯଦୁମଣି ସାହୁଙ୍କର ଆଜି ବାର୍ଦ୍ଧକ୍ୟଜନିତ କାରଣରୁ ପରଲୋକ ହୋଇଯାଇଛି । ତାଙ୍କ ମୃତ୍ୟୁରେ ପୂର୍ବତନ ପ୍ରଧାନଶିକ୍ଷକ ଜିତେନ୍ଦ୍ର କୁମାର କର, କୈଳାଶ ଚନ୍ଦ୍ର ନାୟକ, ସମାଜସେବୀ ଗୋପୀନାଥ ପତି, ବାଗ୍ମୀ ପ୍ରହଲ୍ଲାଦ ପଣ୍ଡା ,ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷ ନରେଶ ଚନ୍ଦ୍ର ମହାନ୍ତି ,ପ୍ରକାଶ ଚନ୍ଦ୍ର ରଥ ଓ ବହୁ ପୁରାତନ ଛାତ୍ରଛାତ୍ରୀ ଶୋକ ପ୍ରକଟ କରିଛନ୍ତି ।

# ସିଦ୍ଧଳ ରଥଯାତ୍ରା ନିମନ୍ତେ ସମୀକ୍ଷା ବୈଠକ

ଜଗତସିଂହପୁର, (ସବ୍ୟୁ) : ପବ୍ଲିକ ସ୍କୁଲର ଛାତ୍ରଛାତ୍ରୀମାନେ ଶତ ପ୍ରତିଶତ ଶଫଳତଆଜି ପୂର୍ବାହ୍ନରେ ସିଦ୍ଧଳ ଠାରେ ଚଳିତ ବର୍ଷ ରଥଯାତ୍ରା ନିମନ୍ତେ ବିଭିନ୍ନ କାର୍ଯ୍ୟର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଅଧ୍ୟକ୍ଷତା କରି ଉପଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ କହିଲେ ଯେ ଚଳିତ ବର୍ଷ ରଥଯାତ୍ରା ଶାନ୍ତି ଶୃଙ୍ଖଳା ଓ ଆଡ଼ମ୍ବରର ସହ ପାଳନ କରାଯିବ । ରଥ ନିର୍ମାଣ ପାଇଁ ଆବଶ୍ୟକୀୟ କାଠ ଆକଳନ କରି ତୁରନ୍ତ ବନ ଅଧିକାରୀଙ୍କୁ ଅବଗତ କରାଇବା ପାଇଁ ସେ ନିର୍ଦ୍ଦେଶ ଦେଇଥିଲେ । ସଂପୃକ୍ତ ବିଭିନ୍ନ ବିଭାଗୀୟ ଅଧିକାରୀ ମାନଙ୍କୁ ତୁରନ୍ତ କାର୍ଯ୍ୟ ଆରମ୍ଭ କରିବା ପାଇଁ ସେ ପରାମର୍ଶ ଦେଇଥିଲେ। ନାଟ ମଣ୍ଡପ ଉପରେ ଛାତ ଏବଂ ବାଲି ପୋଖରୀର ଉନ୍ନତିକରଣର ଦାୟିତ୍ୱ ବ୍ଲକ୍ ଉନ୍ନୟନ ଅଧିକାରୀଙ୍କୁ ଦିଆଯାଇଥିଲା । ରାସ୍ତା ମରାମତି କାର୍ଯ୍ୟ ଯଥା ଶୀଘ୍ର ଆରମ୍ଭ କରିବାକୁ ସେ ଗ୍ରାମ୍ୟ ଉନ୍ନୟନ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପୁନଶ୍ଚ ୧୫ ଦିନ ପରେ କାର୍ଯ୍ୟ ଅଗ୍ରଗତିର ସମୀକ୍ଷା କରାଯିବ ବୋଲି ସେ କହିଥିଲେ । ରଥଯାତ୍ରାକୁ ସଫଳ କରିବା ପାଇଁ ସଂପୃକ୍ତ ବିଭାଗୀୟ ଅଧିକାରୀମାନେ ନିଜ ନିଜ ଦାୟିତ୍ୱ ସୂଚାରୁ ରୁପେ ତୁଲାଇବେ ବୋଲି ସେ ଆଶାବ୍ୟକ୍ତ କରିଥିଲେ। ଏହି ବୈଠକରେ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀମତି ପ୍ରତିଚୀ ତନୟା ମହାନ୍ତି, ଜିଲ୍ଲା ସଂସ୍କୃତି ଅଧିକାରୀ ଦିଲ୍ଲୀପ କୁମାର ଜେନା,ବିଭିନ୍ନ ବିଭାଗୀୟ ଅଧିକାରୀ ,ବଳଦେବଜୀଉ ମନ୍ଦିର ପରିଚାଳନା କମିଟି ର ସଦସ୍ୟ ଓ କର୍ମକର୍ତ୍ତା ଏବଂ ଗ୍ରାମବାସୀ ପ୍ରମୁଖ ଉପସ୍ଥିତ ଥିଲେ ।

# ସାଲେପୁର ପବ୍ଲିକ ସ୍କୁଲର ଶତପ୍ରତିଶତ ସଫଳତା



ସାଲେପୁର,(ସବ୍ୟୁ) :ସି ବି ଏସ ଇ ଦ୍ୱାର ପରିଚାଳିତ ଦ୍ୱାଦଶ ଓ ଦଶମ ପରୀକ୍ଷା ଫଳ ପ୍ରକାଶ ପାଇଛି । ଏଥିରେ ସାଲେପୁର ମାଛୁଆତି ଅଞ୍ଚଳରେ ଥିବା ଅଗ୍ରଣୀ ଶିକ୍ଷାନୁଷ୍ଠାନ ସାଲେପୁର ପବ୍ଲିକ ସ୍କୁଲର ଛାତ୍ରଛାତ୍ରୀମାନେ ଶତ ପ୍ରତିଶତ ଶଫଳତା ହାସଲ କରିଥିବା ବିଦ୍ୟାଳୟର ସମ୍ପାଦକ ଦିଲ୍ଲୀପ ବରାଳ, ପରିଚାଳନା ନିର୍ଦ୍ଦେଶିକା ଡ଼ଃ ଜୟନ୍ତୀ ମିଶ୍ର ଓ ଅଧ୍ୟକ୍ଷ ଡ଼ଃ ଅଭିରାମ ସାହୁ ବିଦ୍ୟାଳୟ ପରିଷରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି । ଦ୍ୱାଦଶ ବୋର୍ଡ ପରୀକ୍ଷାରେ ବିରଞ୍ଚି ନାରାୟଣ ଦାଶ ୯୦ ଶତକଡାରୁ ଅଧିକ ନମ୍ବର ରଖି ସର୍ବୋଚ୍ଚ ଫଳାପଳ କରିଥିବା ବେଳେ ଅନ୍ୟମାନେ ୮୦ ଶତକଡାରୁ ଅଧିକ ନମ୍ବରରଖିଛନ୍ତି । ସେହିପରି ଦଶମ ବୋର୍ଡ ପରୀକ୍ଷାରେ ଏହି ବିଦ୍ୟାଳୟର ଶୁଭମ ସ୍ୱରୂପ ପ୍ରଧାନ ଶତକଡା ୯୮ ,ସୌମ୍ୟରଂଜନ ରାଉତ ଶତକଡା୯୭ ,ନିଲିପ୍ତତା ପ୍ରିୟଦର୍ଶନୀ ମହାରଣା ଶତକଡା ୯୬.୫ ନମ୍ବର ରଖି ସାଲେପୁର ବ୍ଲକରେ ଯଥାକ୍ରମେ ପ୍ରଥମ, ୨ୟ ଓ ତୃତୀୟ ସ୍ଥାନ ଅଧିକାର କରିଛନ୍ତି । ଏହି ବିଦ୍ୟାଳୟରେ ଦଶମ ବୋର୍ଡ଼ ପରୀକ୍ଷା ଦେଇଥିବା ଛାତ୍ରଛାତ୍ରୀମାନଙ୍କ ମଧ୍ୟରୁ ୧୭ ଜଣ ଶତକଡା୯୦ରୁ ଅଧିକ,୩୫ ଜଣ ଶତକଡା୮୦ ରୁ୮୯ ,୬ ଜଣ ଶତକଡ଼ା ୭୦ ରୁ ୭୯ ଓ ଅନ୍ୟମାନେ ଶତକଡା ୬୦ ରୁ ୬୯ ନମ୍ବର ରଖିଥିବା ପ୍ରକାଶ କରିଛନ୍ତି । ଏହି ଅବସରରେ ବିଦ୍ୟାଳୟ ପରିଚାଳନା କମିଟି ପକ୍ଷରୁ ସଫଳତା ହାସଲ କରିଥିବା ସମସ୍ତ ଛାତ୍ରଛାତ୍ରୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

# ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର

ନାଉଗା, (ସବ୍ୟୁ) : ଜଗତସିଂହପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର ନାଉଗାଁ ବ୍ଲକ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଅଛି। ଅଧିକାରୀମାନେ ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ମୋଟ ୩୫ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୨୭ ଗୋଟି, ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ /ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ୮ ଟି, ବ୍ୟକ୍ତିଗତ ଅଭିଯୋଗ ମଧ୍ୟରୁ ଆବାସ ଯୋଜନା ସମ୍ପର୍କୀୟ ୨ ଟି ,ଜମିଜମା ସମସ୍ୟା ସମ୍ପର୍କୀୟ ୧୧ ଟି ଏବଂ ଅନ୍ୟାନ୍ୟ ୧୪ ଟି ଅଭିଯୋଗର ଶୁଣାଣି କରାଯାଇଥିଲା। ଆରକ୍ଷୀ ଅଧିକ୍ଷକ ଭବାନୀ ଶଙ୍କର ଉଦଗାତା, ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତି ଶଙ୍କର ରାୟ,ଜିଲ୍ଲା ପରିଷଦର ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ରବିନାରାୟଣ ଜେଠୀ, ଉପ ଜିଲ୍ଲାପାଳ ଶ୍ରୀ ପ୍ରଶାନ୍ତ କୁମାର ତରାଇ,ଗୋଷ୍ଠୀ ଉନ୍ନୟନ ଅଧିକାରୀ ନାଉଗାଁ, ଆଶୁତୋଷ ମିଶ୍ରଙ୍କ ସମେତ ଅନ୍ୟାନ୍ୟ ଅଧିକାରୀ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ।

# ସିବିଏସଇ ଦଶମ : ଦେବାଂଶି ଯୁଗ୍ମ ଟପ୍ପର



ରଘୁନାଥପୁର, (ସବ୍ୟୁ) :କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦ(ସିବିଏସଇ) ଦ୍ୱାରା ପରିଚାଳିତ ଦଶମ ପରୀକ୍ଷାର ଫଳ ମଙ୍ଗଳବାର ପୂର୍ବାହ୍ନରେ ପ୍ରକାଶ ପାଇଛି । ଏହି ପରିକ୍ଷାରେ ଭୁବନେଶ୍ୱର ୟୁନିଟ ୮ ଡିଏଭି ସ୍କୁଲର ଛାତ୍ରୀ ଦେବାଂଶି ଜେନାମଣି (ଦିଶା) ସର୍ବୋଚ୍ଚ ୫୦୦ରୁ୪୯୭ ନମ୍ବର(୯୯.୪ ପ୍ରତିଶତ) ମାର୍କ ରଖି ରାଜ୍ୟ ଟପ୍ପର ହୋଇଥିବା ଜଣାଯାଇଛି । ସେ ରଘୁନାଥପୁର ନିକଟସ୍ଥ ଜଗତସିଂହପୁର ଜିଲ୍ଲା ବିରିଡ଼ି ବ୍ଲକ ଶଡେଇକଣା ଗ୍ରାମର ପ୍ରକାଶ ଜେନାମଣି ଓ ଶ୍ରଦ୍ଧାଞ୍ଜଳି ମିଶ୍ରଙ୍କ କନ୍ୟା ଅଟନ୍ତି । ଏହି ସଫଳତାର ଶ୍ରେୟ ଦେବାଂଶି ତାଙ୍କର ପିତାମାତା ଓ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କୁ ଦେଇଥିବା ବେଳେ ତାଙ୍କର ସଫଳତା ପାଇଁ ଗ୍ରାମବାସୀମାନେ ତାଙ୍କୁ ଅଶେଷ ବଧାଇ ଜଣାଇଛନ୍ତି । ସୂଚନାଯୋଗ୍ୟ , ଚଳିତ ସିବିଏସଇ ଦଶମ ପରିକ୍ଷାରେ ଦେବାଂଶି ଙ୍କ ସହିତ ଭଦ୍ରକ ଜିଲ୍ଲାର କାବ୍ୟ ରଞ୍ଜନ ମାଝି ମଧ୍ୟ ସମାନ ନମ୍ବର ରଖି ରାଜ୍ୟରେ ଯୁଗ୍ମ ଟପ୍ପର ହୋଇଛନ୍ତି ।

# ନବୋଦୟରେ ଜିଲ୍ଲା ଟପ୍ପର ପ୍ରତ୍ୟୁଷ



ମଙ୍ଗଳପୁର, (ସବ୍ୟୁ) : ଗତ ମଙ୍ଗଳବାର ପ୍ରକାଶିତ ସିବିଏସସି ପରୀକ୍ଷାରେ ପାଣିକୋଇଲି ସ୍ଥିତ ଯାଜପୁର ଜିଲ୍ଲାର ଏକମାତ୍ର ନବୋଦୟ ବିଦ୍ୟାଳୟର ମେଧାବୀ ଛାତ୍ର ତଥା ଦଶରଥପୁର ବ୍ଲକ କନିକାପଡା ପଞ୍ଚାୟତ ନାରଣପାଟ ଗ୍ରାମର ଭେଷଜ ବିଶେଷଜ୍ଞ ଡ଼ଃ ଶେଷଦେବ ପୃଷ୍ଟିଙ୍କ ପୁତ୍ର ପ୍ରତ୍ୟୁଷ ପୃଷ୍ଟି ଜିଲ୍ଲା ଟପ୍ପର ଭାବେ ବ୍ଲକ ପାଇଁ ଗୌରବ ଆଣିଛନ୍ତି । ପ୍ରତ୍ୟୁଷ ମୋଟ ୫ ଶହ ନମ୍ବରରୁ ୪ ଶହ ୮୫ ନମ୍ୱର ରଖି (ଶତକଡା ୯୭% ) ପରୀକ୍ଷାରେ ସଫଳତାର ସହିତ ଉତୀର୍ଣ୍ଣ ହୋଇଛନ୍ତି । ତାଙ୍କ ମାଆ ଅମ୍ରିତା ପ୍ରୀତମ ମଲ୍ଲ ଏବେ ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସ୍ୱାସ୍ଥ୍ୟାଧିକାରିଣୀ ଭାବେ କାର୍ଯ୍ୟ କରୁଥିବା ବେଳେ ଭବିଷ୍ୟତରେ ସେ ମଧ୍ୟ ଜଣେ ଡାକ୍ତର ହୋଇ ଜନସାଧାରଣଙ୍କ ସେବା କରିବେ ବୋଲି କହିଛନ୍ତ।

# ସମାଜସେବୀଙ୍କ ଅକାଳ ବିୟୋଗ

କେନ୍ଦ୍ରାପଡ଼ା, (ସ୍ୱପ୍ର): କେନ୍ଦ୍ରାପଡ଼ା ପୌରସଂସ୍ଥା ଅନ୍ତର୍ଗତ ୧୧ୱାର୍ଡ ନିବାସୀ ଉମାକାନ୍ତ ଗୁରୁଙ୍କ ଗତ ୧୪ ତାରିଖ ସକାଳେ ତାଙ୍କ ବାସଭବନରେ ହୃଦଘାତରେ ଅକାଳ ବିୟୋଗ ଘଟିଛି ।ଏହି ଖବର ପାଇଁ ସ୍ଥାନୀୟ ଜୟପୁର। ଗ୍ରାମରେ ଶୋକର ଛାୟା ଖେଳିଯାଇଛି । ଉମାକାନ୍ତ ଗୁରୁ ଜଣେ ମିଷ୍ଟଭାଷୀ ଏବଂ ପରୋପକାରୀ ଦରଦୀ ମଣିଷଟିଏ ଥିଲେ । ଜିଲ୍ଲାର ବିଭିନ୍ନ ସାମାଜିକ ସଂଗଠନ ସହିତ ସମ୍ପୃକ୍ତ ଥିଲେ ଏବଂ କେନ୍ଦ୍ରାପଡ଼ା ବାଲିଯାତ୍ରା କମିଟିର ଜଣେ ସକ୍ରିୟ କର୍ମକର୍ତ୍ତା ଥିଲେ । ହଠାତ୍ ତାଙ୍କର ହୃଦଘାତରେ ଅକାଳ ବିୟୋଗ ତାଙ୍କର ଆତ୍ମୀୟ ପ୍ରିୟଜନଙ୍କୁ ସ୍ତବ୍ଧ କରିଦେଇଛି । ତାଙ୍କର ଶେଷ ଦର୍ଶନ ପାଇଁ ସାଙ୍ଗ ସାଥି, ସ୍ଥାନୀୟ ବୁଦ୍ଧିଜୀବୀମାନଙ୍କ ଗହଳି ଦେଖିବାକୁ ମିଳିଥିଲା ।

# ଉଚ୍ଚ ଶିକ୍ଷା ଲାଭକରି ପ୍ରଶାସନିକ ଅଧିକାରୀ ହେବି



ଜଗତସିଂହପୁର, (ସବ୍ୟୁ) : ଜଗତସିଂହପୁର ପବ୍ଲିକ ସ୍କୁଲର ଦଶମଶ୍ରେଣୀ ଛାତ୍ର ଜୟ ପ୍ରକାଶ ପାତ୍ର ସିବିଏସରେ ଦଶମ ପରୀକ୍ଷାରେ ୪୬୧ ନମ୍ବର ଅର୍ଥାତ ୯୨ ପ୍ରତିଶତ ମାର୍କ ରଖି ବିଦ୍ୟାଳୟରେ ଟପ୍ପର ହୋଇଛନ୍ତି । ସେ ଜଗତସିଂହପୁର ତରଡ଼ାପଡ଼ା ଗ୍ରାମର ବ୍ୟବସାୟୀ ସୁବାସ ଚନ୍ଦ୍ର ପାତ୍ର ଓ ଗୃହିଣୀ ବିନୋଦଦିନି ପାତ୍ରଙ୍କ ସୁପୁତ୍ର ଅଟନ୍ତି । ତେବେ ପରିବାରରେ ସମସ୍ତେ ବ୍ୟବସାୟୀ ହୋଇଥିବା ସତ୍ତ୍ୱେ ଜୟପ୍ରକାଶ ବିଦ୍ୟାଳୟରେ ଟପ୍ପର ହୋଇଥିବା ଖବର ପାଇବା ପରେ ପରିବାରରେ ଖୁସିର ଲହରୀ ଖେଳିଯାଇଛି । ଏହି ସଫଳତାକୁ ନେଇ ଶ୍ରେୟ ତାଙ୍କର ପରିବାରର ସମସ୍ତ ସଦସ୍ୟ ଓ ପିତାମାତା, ଗୁରୁଜନ ,ବିଦ୍ୟାଳୟର, ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କୁ ଶ୍ରେୟ ଦେଇଛନ୍ତି । ବଡ଼ ହେଲେ ଉଚ୍ଚ ଶିକ୍ଷା ଲାଭକରି ପ୍ରଶାସନିକ ଅଧିକାରୀ ଭାବେ କାର୍ଯ୍ୟ କରିବେ ବୋଲି ଜୟ ପ୍ରକାଶ ଲକ୍ଷ ରଖିଥିବା ସୂଚନା ପ୍ରଦାନ କରିଛନ୍ତି ।

# ଭାବଙ୍ଗ ପୁଷ୍କରିଣୀରେ ୭ମ ବାର୍ଷିକ ଚନ୍ଦନଯାତ୍ରା



ଚଣ୍ଡିଖୋଲ/ଚଡେଇଧରା, (ସବ୍ୟୁ) : ଯାଜପୁର ଜିଲ୍ଲାର ପ୍ରଶିଦ୍ଧ ଆଧାତ୍ମିକ ପୀଠ ମଧୁପୁରବେଢା ଶ୍ରୀଗୁରୁ ଆଶ୍ରମ ଆନୁକୂଲ୍ୟରେ ରାଜ୍ୟର ସର୍ବ ବୃହତ୍ତ ପବିତ୍ର ଭାବଙ୍ଗ ପୁଷ୍କରିଣୀରେ ତିନିଦିନ ଧରି ଚାଲିଥିବା ୭ମ ବାର୍ଷିକ ଚନ୍ଦନଯାତ୍ରା ମହୋତ୍ସବ ଉଦଯାପିତ ହୋଇଯାଇଛି। ଏହି ମହୋତ୍ସବରେ ଭିନ୍ନ ଆଧାତ୍ମିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହେବା ସହିତ ରାଜ୍ୟ ଓ ଦେଶର ବିଭିନ୍ନ ପ୍ରାନ୍ତରୁ ବହୁ ସାଧୁସଂନ୍ଥ ଯୋଗଦେଇ ଜଗତର ମଙ୍ଗଳ ପାଇଁ ସମବେତ ପ୍ରାର୍ଥନା ଓ ହୋମଯଜ୍ଞ ସମ୍ପର୍ଣ୍ଣ କରିଥିଲେ। ଶ୍ରୀଗୁରୁ ଆଶ୍ରମର ଜ୍ଞାନାନନ୍ଦ ସରସ୍ୱତୀ ମହାରାଜଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ମହୋତ୍ସବର ପ୍ରଥମ ଦିନରେ ଆଶ୍ରମ ଠାରୁ ଦୀର୍ଘ ଦୁଇ କିମି ରାସ୍ତାରେ ପ୍ରଭୁ ମଦନ ମୋହନଙ୍କୁ ସୁସଜ୍ଜିତ ବିମାନରେ ବିଜେ କରାଇ ଭଜନ କୀର୍ତ୍ତନ ସହିତ ଶୋଭାଯାତ୍ରାରେ ଭାବଙ୍ଗ ପୁଷ୍କରିଣୀ ପର୍ଯ୍ୟନ୍ତ ନିଆଯାଇଥିଲା। ପୁଷ୍କରିଣୀ କୂଳରେ ଥିବା ଅସ୍ଥାଇ ମଣ୍ଡପରେ ପ୍ରଭୁଙ୍କୁ ସ୍ଥାପନ କରାଯିବା ପରେ ସଂନ୍ଧ୍ୟାରେ ମହାଆଳତୀ ସମ୍ପର୍ଣ୍ଣ ହୋଇଥିଲା । ପରେପରେ ପ୍ରଭୁଙ୍କୁ ସୁସଜ୍ଜିତ ନୌକାରେ ବିଜେକରାଯାଇ ଚନ୍ଦନ ଚାପ ଖେଳା ଯାଇଥିଲା। ମଧୁପୁରଗଡ ରାଜାଙ୍କ ଦ୍ୱାରା ବହୁବର୍ଷ ପୂର୍ବେ ଖନନ ହୋଇଥିବା ୧୬୦ ଏକର ବିଶିଷ୍ଟ ଏହି ଐତିହାସିକ ପୁଷ୍କରିଣୀର ଐତିହ୍ୟକୁ ବିକଶିତ କରି ସମଗ୍ର ଅଞ୍ଚଳରେ ଆଧାତ୍ମିକତାର ପ୍ରଚାର ପ୍ରସାର ପାଇଁ ଶ୍ରୀଗୁରୁ ଆଶ୍ରମର ପ୍ରାଣ ପ୍ରତିଷ୍ଠାତା ବ୍ରହ୍ମଲୀନ ସ୍ୱାମୀ ମୌନାନନ୍ଦ ସରସ୍ୱତୀ ମହାରାଜ ପ୍ରଚେଷ୍ଟା କରିଥିଲେ। ତେବେ ତାଙ୍କର ପରିକଳ୍ପନା ବାସ୍ତବ ରୂପ ନେବାର ଗୋଟିଏ ବର୍ଷ ପୂର୍ବରୁ ସ୍ୱାମୀଜୀ ଦେହତ୍ୟାଗ କରିଥିଲେ। ତାଙ୍କର ଦେହାନ୍ତ ପରେ ତାଙ୍କ ଶିଷ୍ୟ ଜ୍ଞାନାନନ୍ଦ ବାବା ଗୁରୁଙ୍କ ସ୍ୱପ୍ନକୁ ସାକାର କରିବାକୁ ଯାଇ ସ୍ଥାନୀୟ ଅଞ୍ଚଳବାସୀଙ୍କ ସହଯୋଗରେ ଗତ ୭ବର୍ଷ ହେବ ଏଠାରେ ମହା ଆଡମ୍ବରରେ ଚନ୍ଦନଯାତ୍ରା ମହୋତ୍ସବ ଆୟୋଜିତ କରିଆସୁଛନ୍ତି। ପ୍ରତେହ ସଂନ୍ଧ୍ୟା ୬ଟା ଠାରୁ ରାତି ୧୧ଟା ପର୍ଯ୍ୟନ୍ତ ଯାତ୍ରା ଅନୁଷ୍ଠିତ ହୋଇଥିଲା ବେଳେ ପ୍ରଭୁ ମଦନମୋହନଙ୍କୁ ପୁଷ୍କରିଣୀର ଗଭୀର ନିଳ ଜଳରାଶିରେ ଚାପ ଖେଳା ଯାଇଥିଲା। ଏହି ଉପଲକ୍ଷେ ତିନିଦିନ ଧରି ସାଧୁ ପୂଜନ,ଲଉଡି ଖେଳ,ନାମ ସଂର୍କିତନ,ଭଜନ ସମାରୋହ ସହିତ ଦୃଷ୍ଟି ବାଧିତ କଳାକାରଙ୍କ ଦ୍ୱାରା ଭଜନ ସଂନ୍ଧ୍ୟା ଆୟୋଜିତ ହୋଇଥିଲା। ଆଗନ୍ତୁକ ସାଧୁସଂନ୍ଥ ମାନେ ପୁଷ୍କରିଣୀ କୂଳରେ ନିର୍ମିତ ଅସ୍ଥାୟି କୁଟିରରେ ରାତ୍ରିଯାପନ କରି ଜଗତ ଜନଙ୍କ ଉଦ୍ଧାର ପାଇଁ ଅଖଣ୍ଡ ଧୂନି ଜାଳିବା ଦୃଶ୍ୟ ଉତ୍ସବ ସ୍ଥଳରେ ଆଧାତ୍ମିକ ପରିବେଶକୁ ବେସ ଆକର୍ଷଣୀୟ କରିବା ସହ ଉପସ୍ଥିତ ହଜାର ହଜାର ଶ୍ରଦ୍ଧାଳୁ ମାନଙ୍କୁ ବିଭୁପ୍ରେମରେ ଉଦବୁଦ୍ଧ କରିଥିଲା। ଯାତ୍ରା ସ୍ଥଳରେ ପ୍ରତେହ ଅସମ୍ଭବ ଜନଗହଳି ପରିଲକ୍ଷିତ ହୋଇଥିଲା। ତାହାକୁ ଦୃଷ୍ଟିରେ ରଖି ଜେନାପୁର ଥାନା ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ଏହିଯାତ୍ରା ପାଇଁ ଗତ ତିନିଦିନ ଧରି ସମଗ୍ର ଅଞ୍ଚଳ ଉତ୍ସବ ମୁଖର ହୋଇଥିଲା ବେଳେ ପବିତ୍ର ଚନ୍ଦନ ପୂର୍ଣ୍ଣମା ତିଥିରେ ଯାତ୍ରାର ଉଦଯାପନ ହୋଇଥିଲା।

# ପୌରସଂସ୍ଥା ଅଳିଆ ଡମ୍ପିଂ ୟାର୍ଡରେ ଲାଗିଲା ନିଆଁ



କେନ୍ଦ୍ରାପଡା, (ସବ୍ୟୁ) : କେନ୍ଦ୍ରାପଡା ପୌରାଂଚଳ ର ଆଳିଜଙ୍ଗା ଠାରେ ଥିବା ମୁନିସିପାଲିଟି ର ଅଳିଆ ଡମ୍ପିଂ ୟାର୍ଡରେ ଆକସ୍ମିକ ଭାବେ ନିଆଁ ଲାଗି ସ୍ଥାନୀୟ ଅଂଚଳରେ ଆତଙ୍କ ଖେଳାଇ ଦେଇଥିଲା । ମଙ୍ଗଳବାର ବିଳମ୍ବିତ ରାତିରେ କୌଣସି କାରଣରୁ ଏହି ଅଳିଆ ଆବର୍ଜନା ଗଦାରେ ନିଆଁ ଲାଗି ପ୍ରବଳ ଧୂଆଁ ସୃଷ୍ଟି ହେବା ସହ ଅଗ୍ନିକଣା ଉଡି ବୁଲିବାରୁ ସ୍ଥାନୀୟ ଅଂଚଳର ଲୋକେ ଭୟଭୀତ ହୋଇ ଯାଇଥିଲେ । ନିଆଁ ଧୂଆଁରେ ଅତିଷ୍ଠ ହୋଇଥିବା ଲୋକେ ଅଗ୍ନିଶମ ବାହିନୀକୁ ଖବର ଦେବାପରେ ଦୁଇଟି ଅଗ୍ନିଶମ ନିଆଁଲିଭା ଗାଡି ଘଟଣା ସ୍ଥଳରେ ପହଁଚି ନିଆଁକୁ ଆୟତ କରିଥିଲେ । ତେବେ ଏହି ଅଗ୍ନିକାଣ୍ଡରେ ଅଳିଆ ପ୍ରୋସେସିଙ୍ଗ ସେଣ୍ଟରର ବହୁ ଯନ୍ତ୍ରପାତି କ୍ଷତିଗସ୍ତ ହୋଇଥିବା ସୂଚନା ମିଳିଛି ।

# ନୀଳକଣ୍ଠେଶ୍ୱର ଲୋକୋତ୍ସବ ଉଦଯାପିତ




ବୋଲଗଡ଼,(ସବ୍ୟୁ) :ବୋଲଗଡ଼ ବ୍ଲକ ପିଙ୍ଗୁଳି ବଜାର ନୀଳକଣ୍ଠେଶ୍ୱର ବଣିକ ସଂଘ ଆୟୋଜନରେ ପ୍ରତିଷ୍ଠିତ ଲୋକୋତ୍ସବ ଷଷ୍ଠ ମହୋତ୍ସବ ପଡ଼ିଆରେ ସୋମବାର ସନ୍ଧ୍ୟାରେ ନୀଳକଣ୍ଠେଶ୍ୱର ଲୋକୋତ୍ସବ - ୨୦୨୫ର ଉଦଯାପିତ ହୋଇଯାଇଛି । ଏହି ଅବସରରେ ଆୟୋଜିତ ବିଶ୍ୱଶାନ୍ତି ମହାଯଜ୍ଞର ପୂର୍ଣ୍ଣାହୁତି ମଧ୍ୟରେ ହୋଇଥିଲା। ସ୍ଥାନୀୟ ବିଧାୟକ ତଥା ମହୋତ୍ସବ ଅଧ୍ୟକ୍ଷ ପ୍ରଦୀପ କୁମାର ସାହୁ ଉପସ୍ଥିତି ହୋଇ ଯଜ୍ଞଅଗ୍ନିରେ ଶେଷ ଆହୁତି ଦେଇ ସମାପନ କରିଥିଲେ। ସନ୍ଧ୍ୟାର ମହୋତ୍ସବ ମଞ୍ଚକୁ ମୁଖ୍ୟଅତିଥି ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ ଉଦଘାଟନ କରିଥିଲେ। ମୁଖ୍ୟବକ୍ତା ପ୍ରକାଶ ଚନ୍ଦ୍ର ରଣସିଙ୍ଗୁଳି ,ଯୁବସମାଜସେବୀ ସମରେନ୍ଦ୍ର ମହାନ୍ତି, ଜିଲ୍ଲା ବିଜେପି ସଭାପତି ବିଶ୍ୱରଂଜନ ବଡ଼ଜେନା,ପ୍ରମୁଖ ଉପସ୍ଥିତ ଥିଲେ। ବନ୍ଦେ ଉତ୍କଳ ଜନନୀ ଗାନ ପରେ ଅନୁଷ୍ଠିତ ସଭାରେ ମହୋତ୍ସବ କମିଟି ସଭାପତି ପବିତ୍ର ମୋହନ ମାଝି ପୌରୋହିତ୍ୟ କରି ସ୍ୱାଗତଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ସ୍ଥାନୀୟ ଅଞ୍ଚଳ ଐତିହ୍ୟ, ସଂସ୍କୃତି, ପରମ୍ପରା ସହ ଅନ୍ତର୍ନିହିତ ପ୍ରତିଭା ଅନ୍ୱେଷଣ ଲକ୍ଷ୍ୟ ନେଇ ୪ ଦିନ ଆୟୋଜିତ ହୋଇଥିଲା। ମୁକ୍ତାକାଶ ରଙ୍ଗମଞ୍ଚରେ ପାରମ୍ପରିକ ବିବିଧ ନୃତ୍ୟ, ସମ୍ବଲକରା, ଲୋକକଳା ସହ ସମ୍ବଲପୁରୀ, ଓଡ଼ିଶୀ ଓ ଅନ୍ୟାନ୍ୟ ଲୋକନୃତ୍ୟ ଆଦି ପ୍ରଦର୍ଶନ ହୋଇଥିଲା। କଣ୍ଠଶିଳ୍ପୀ ଦିପ୍ତିରେଖା ଦାସ ଓ ସିନେଅଭିନେତ୍ରୀ ଲକ୍ଷ୍ମୀପ୍ରିୟା ପଣ୍ଡା ଦର୍ଶକ ମାନଙ୍କୁ ବିମୋହିତ କରିଥିଲେ। ସଭାକାର୍ଯ୍ୟ ମଧ୍ୟରେ ପ୍ରତିଭା ସମ୍ବର୍ଦ୍ଧନ କାର୍ଯ୍ୟକ୍ରମରେ କବୟିତ୍ରୀ ଭାନୁମତୀ ଓଲେଇ, ଚିତ୍ର ଶିଳ୍ପୀ ସୌମ୍ୟ ରଞ୍ଜନ ସାମନ୍ତ ଆଇନଜୀବୀ ଅକ୍ଷୟ ଖଟେଇ ସମାଜସେବୀ ପ୍ରମୋଦ ପ୍ରତାପସିଂହ, ଶିକ୍ଷାବିତ ବସୁଦେବ ବରାଡ଼,ମନୋଜ ପଣ୍ଡା, ସାମ୍ବାଦିକ ଦୀପକ କୁମାର ପାହାଡ଼ସିଂହ, ନୃତ୍ୟଶିଳ୍ପୀ ଶାୟୀ ସୌମ୍ୟକାନ୍ତ ଶର୍ମିଷ୍ଠା ମହାପାତ୍ର, ବିପିନ ପାଇକରାୟ, ଶିକ୍ଷାବିତଶ୍ରୀକାନ୍ତ ନାୟକ ଯୁବନେତା ବିପିନ ପାଇକରାୟ, ଶିକ୍ଷକ ବିଜୟ ସାହୁ ସମେତ ବହୁ କବି, ସାହିତ୍ୟିକ, କଳାକାର, ଶିକ୍ଷାବିତ, କୃତି ଛାତ୍ର ଓ ସାମାଜିକ କର୍ମୀ ମାନଙ୍କୁ ଉତ୍ତରୀୟ ଓ ପ୍ରୀତି ଉପହାର ପ୍ରଦାନ କରାଯାଇଥିଲା। ଶ୍ରୀକାନ୍ତ ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲା ବେଳେ ମନୋଜ ଗୁମାନସିଂହ ଓ ପ୍ରହଲ୍ଲାଦ ପ୍ରହରାଜ ସହଯୋଗରେ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ମଧ୍ୟରେ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।ଶେଷରେ ବଣିକସଂଘ ଉପସଭାପତି ଚିତ୍ତ ରଞ୍ଜନ ସାମନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।

## ପିପିଲି ପୋଲିସ ନିଦ ହଜାଇ ଦେଇଛି ନାବାଳିକା ଦୁଷ୍କର୍ମ ଅଭିଯୋଗ

# ପଞ୍ଚମ ଘଟଣାରେ ବିବାହିତ ସମ୍ପର୍କୀୟ ଦାଦା ଅଟକ

ପିପିଲି,(ସବ୍ୟୁ) : ପିପିଲିରେ ଲଜ୍ଜା ପରେ ଲଜ୍ଜା । କମିବାର ନା ଧରୁନି ନାବାଳିକା ଦୁଷ୍କର୍ମ ଘଟଣା। ଗତ କିଛିଦିନ ହେବ ଏହି ଥାନା ଅଂଚଳରେ ନାବାଳିକା ଦୁଷ୍କର୍ମ ଘଟଣା ଗୋଟେ ପରେ ଗୋଟେ ୫ଟି ହୋଇସାରିଛି। ୪ଟି ଘଟଣାରେ ଅଭିଯୁକ୍ତଙ୍କୁ ପୋଲିସ ଧରିବାରେ ସଫଳ ହୋଇଥିବା ବେଳେ ଡେଲାଙ୍ଗ ବ୍ଲକ ପିପିଲି ଥାନା ଅନ୍ତର୍ଗତ ୭ମ ଶ୍ରେଣୀର ଛାତ୍ରୀ ଦୁଷ୍କର୍ମ ଘଟଣାରେ ଅଭିଯୁକ୍ତ ୧୪ଦିନ ହେବ ଫେରାର ରହିଛି। ଯାହାକି ଅଭିଯୁକ୍ତଙ୍କୁ ଧରିବାରେ ପୋଲିସ ବିଫଳ ହୋଇଛି । ଏହି ଘଟଣାରେ ପୋଲିସ ଚିନ୍ତାରେ ରହିଥିବା ବେଳେ ପୁଣି ମଙ୍ଗଳବାର ପିପିଲି ଥାନା ସାତଶଂଖ ଫାଣ୍ଡି ଅନ୍ତର୍ଗତ ଜଣେ ୧୫ବର୍ଷର ନାବାଳିକାକୁ ଦୁଷ୍କର୍ମ ହୋଇଥିବା ଅଭିଯୋଗ ହେବା ପରେ ପିପିଲି ପୁଲିସ ଜଣେ ଅଭିଯୁକ୍ତଙ୍କୁ ଥାନାରେ ଅଟକ ରଖି ପଚରା ଉଚରା ଚଳାଇଛି। ମିଳିଥିବା ସୂଚନା ମୁତାବକ ସାତଶଂଖ ଫାଣ୍ଡି ଅଧିନରେ ଘଟଣା ଘଟିଥିବା ବେଳେ ଦୁଷ୍କର୍ମ ଅଭିଯୁକ୍ତ ଜଣକ ବିବାହିତ। ଏବଂ ଗାଁର ସମ୍ପର୍କୀୟ ଦାଦା ଅଟେ। ଘରେ କେହି ନଥିବା ବେଳେ ଦୁଷ୍କର୍ମ କରିଥିବା ନେଇ ଅଭିଯୋଗ ହୋଇଛି। ଅଭିଯୋଗ ଆଧାରରେ ଅଭିଯୁକ୍ତ କୁ ପିପିଲି ପୋଲିସ ଥାନାରେ ଅଟକ ରଖି ତଦନ୍ତ ଚଳାଇଥିବା ନେଇ ଥାନା ଅଧିକାରୀ ସୌମେନ୍ଦ୍ରୁ ଶେଖର ତ୍ରିପାଠୀ ସୂଚନା ଦେଇଛନ୍ତି। ତେବେ ପିପିଲି ଥାନା ଅଂଚଳରେ ଏଭଳି ନାବାଳିକା ଦୁଷ୍କର୍ମ ସଂଖ୍ୟା ବଢିବାରୁ ପୋଲିସ ପାଇଁ ମୁଣ୍ଡବ୍ୟଥାର କାରଣ ପାଲଟିଥିବା ଜଣାପଡିଛି।

# ବ୍ଲକ୍‌ର ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିର



ଖଣ୍ଡପଡା,(ସବ୍ୟୁ) :ନୟାଗଡ ଜିଲ୍ଲା ପ୍ରଶାସନ ପକ୍ଷରୁ ଖଣ୍ଡପଡା ବ୍ଲକ ସମ୍ମିଳନୀ କକ୍ଷରେ ମଙ୍ଗଳବାର ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଅକ୍ଷୟ ସୁନିଲ ଅଗ୍ରୱାଲ, ଉପ ଜିଲ୍ଲାପାଳ ଇର୍ଷ୍ଣଦେବ ସମାଦାର, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଲକ୍ଷ୍ମିକ ରାଉତ. ଖଣ୍ଡପଡା ବ୍ଲକ ଉନ୍ନୟନ ଅଧିକାରୀ ଅଙ୍କୁର ଅଭିଜାତ, ଅତିରିକ୍ତ ତହସିଲଦାର ସୋମେଶ ରଣସିଙ୍ଗୁଳି, ଖଣ୍ଡପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀ ଅଭିଷାର ପଣ୍ଡାଙ୍କ ସମେତ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀମାନେ ଯୋଗଦେଇଥିଲେ । ଶିବିରରେ ସର୍ବମୋଟ ୬୦ଟି ଅଭିଯୋଗପତ୍ର ଗ୍ରହଣ କରାଯାଇଥିଲା । ସେଥିମଧ୍ୟରୁ ୫୫ ଗୋଟି ବ୍ୟକ୍ତିଗତ, ୩ ଗୋଟି ଗ୍ରାମ୍ୟ ସମସ୍ୟା, ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ନିମନ୍ତେ୨ଟି ଆବେଦନପତ୍ର ଗ୍ରହଣ କରାଯାଇଥିବା ବ୍ଲକ ପ୍ରଶାସନ ସୂତ୍ରରୁ ଜଣାପଡିଛି । ବିଭିନ୍ନ ଅଭିଯୋଗ ମଧ୍ୟରେ୨୪ ଗୋଟି ଅଭିଯୋଗର ଶୁଣାଣି କରାଯାଇଥିବା ବେଳେ ଅନ୍ୟ ଅଭିଯୋଗ ଗୁଡିକୁ ତୁରନ୍ତ ସମାଧାନ ନିମନ୍ତେ ବ୍ଲକ ଉନ୍ନୟନ ଅଧିକାରୀ ଓ ଅନ୍ୟ ପ୍ରଶାସନିକ ଅଧିକାରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଶିବିର ପରିଚାଳନାରେ ବ୍ଲକର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ ।

## ମିଶନଶକ୍ତିର ମିଶନ ଫେଲ୍

# ଏସ୍‌ଏଚଜି ମହିଳାଙ୍କୁ ବ୍ୟାଙ୍କର ଶୋଷଣ

ଭାପୁର, (ସବ୍ୟୁ) : ନୟାଗଡ ଜିଲ୍ଲା ଭାପୁର ବ୍ଲକରେ ମିଶନ ଶକ୍ତିର ମିଶନ ଫେଲ ମାରିଛି । ସୁଧଛାଡ଼କୁ ନେଇ ଦ୍ୱନ୍ଦ ଦେଖା ଯାଇଥିବା ବେଳେ ଭାପୁର ବ୍ଲକର ବିଭିନ୍ନ ଗ୍ରାମରେ ଥିବା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ (ଏସଏଚଜି)ଗୁଡ଼ିକ ବ୍ୟାଙ୍କ ଦ୍ୱାରା ଶୋଷିତ ହେଉଥିବା ଅଭିଯୋଗ ହେଉଛି। ସୂଚନା ଯୋଗ୍ୟ ଯେ ଆର୍ଥିକ ଅଭିବୃଦ୍ଧି ପାଇଁ ବ୍ୟାଙ୍କରୁ ବ୍ୟବସାୟିକ ଋଣ ନେଇ ମହିଳା ଗାଷ୍ଠୀର ସଭ୍ୟାମାନେ ନିଜ ପରିବାରକୁ ଆଗକୁ ବଢେଇ ଥାଆନ୍ତି ପ୍ରତ୍ୟେକ ଗ୍ରୁପରେ ୧୦ ରୁ ଉର୍ଦ୍ଧ୍ୱ ମହିଳା ରହିଥାନ୍ତି ଏବଂ ରାଜ୍ୟ ସରକାରଙ୍କ ମିଶନ ଶକ୍ତି ବିଭାଗ ଦ୍ୱାରା ପରିଚାଳିତ ହୋଇଥାଏ (ସ୍ୱୟଂ ସହାୟକ ଗୋଷ୍ଠୀମାନେ ରାଜ୍ୟ ସରକାରଙ୍କ ଦ୍ୱାରା ପରିଚାଳିତ ବିଭିନ୍ନ ବ୍ୟାଙ୍କରେ ଖାତା ଖୋଲି ପ୍ରତି ମାସରେ କିଛି ଟଙ୍କା ଜମା କରିବା ସହିତ ସରକାରଙ୍କ ଘୋଷଣା ଅନୁଯାୟୀ ବିନା ସୁଧରେ ସେହି ବ୍ୟାଙ୍କରୁ ଋଣ ନେଇ ବ୍ୟବସାୟିକ ଅଭିବୃଦ୍ଧି କରିଥାନ୍ତି। କିନ୍ତୁ, ଏହି ସୁଯୋଗର ଫାଇଦା ଉଠାଇ ଭାପୁର ବ୍ଲକର କେତେକ ବ୍ୟାଙ୍କ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ପ୍ରଲୋଭିତ କରି ଋଣ ପ୍ରଦାନ କରୁଛନ୍ତି । ବିନା ସୁଧରେ ଗ୍ରୁପ୍ ଲୋନ ବଦଳରେ କୃଷି ଋଣ ଦେଇ,ପରେ ପରେ ମାସକୁ ମାସ ସୁଧ ଟଙ୍କା ଗୋଷ୍ଠୀଙ୍କ ଠାରୁ ନେଉଛନ୍ତି। ଏବଂ ରାଜ୍ୟ ସରକାର ସୁଧ ଟଙ୍କା ଫେରସ୍ତ କରିଲେ ଗୋଷ୍ଠୀମାନଙ୍କୁ ଫେରସ୍ତ ହେବ ବୋଲି କହୁଛନ୍ତି । କିନ୍ତୁ, ଗତ ଏକ ବର୍ଷ ହେଲା ନୂତନ ସରକାର ଆସିଲା ପରେ ଭାପୁର ବ୍ଲକର କୌଣସି ସ୍ୱୟଂ ସହାୟକ ଗୋଷ୍ଠୀ ସୁଧ ଟଙ୍କା ଫେରସ୍ତ ପାଇନାହାନ୍ତି। ଯାହାକୁ ନେଇ ଗୋଷ୍ଠୀମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ସ୍ୱୟଂ ସହାୟକ ଗୋଷ୍ଠୀର ସଭ୍ୟାମାନେ ମୂଳରାଶି ସହିତ ସୁଧ ଟଙ୍କା ବ୍ୟାଙ୍କକୁ ଦେଇଦେଇ ଶୋଷିତ ହେଉଥିବାବେଳେ ରାଜ୍ୟସରକାର ସୁଧ ଛାଡ ଟଙ୍କା ଫେରସ୍ତ ନ କରିବା ଯୋଗୁଁ ଭାପୁର ବ୍ଲକରେ ମିଶନ ଶକ୍ତିର ମିଶନ ଫେଲ୍ ହେଉଛୁ ବସିଛି ଏବଂ ବ୍ୟାଙ୍କ ମାନେ ନିଜର ଫାଇଦା ହାସଲ କରିବାରେ ଲାଗିଛନ୍ତି । ତେଣୁ, ମିଶନଶକ୍ତିର ଅଧିକାରୀମାନେ ଏ ଦିଗରେ ଦୃଷ୍ଟି ଦେବା ପାଇଁ ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳା ମାନେ ଦାବୀ କରିଛନ୍ତି ।

## ସିବିଏସଇ ପରୀକ୍ଷା ଫଳକୁ ନେଇ ପ୍ରଶ୍ନବାଚୀ

# ସଠିକ ଭାବେ ଦେଖା ହୋଇନି ଖାତା

ଦଶପଲ୍ଲା,(ସବ୍ୟୁ)ଃ ପ୍ରକାଶ ପାଇଛି ସିବିଏସଇ ପରୀକ୍ଷାଫଳ । ଭଲ ନମ୍ବର ରଖିଥିବା ଛାତ୍ର ଛାତ୍ରୀ ଙ୍କ ମଧ୍ୟରେ ଆନନ୍ଦ ଦେଖା ଦେଇଥିବା ବେଳେ କମ ନମ୍ବର ରଖି ପାସ କରିଥିବା ଛାତ୍ର ଛାତ୍ରୀ ଓ ସେମାନଙ୍କ ଅଭିଭାବକ ମାନଙ୍କ ମଧ୍ୟରେ ନିରାଶାଭାବ ସୃଷ୍ଟି କରିଛି । ଏପରିକି ପରୀକ୍ଷା ଖାତା ମୂଲ୍ୟାୟନ ନେଇ ସେମାନଙ୍କ ମଧ୍ୟରେ ପ୍ରଶ୍ନ ବାଚି ସୃଷ୍ଟି କରିଛି । ଏପରିକି ଛାତ୍ରଛାତ୍ରୀମାନଙ୍କୁ ପଢ଼ାଉଥିବା ଶିକ୍ଷକ ମାନଙ୍କ ମଧ୍ୟରେ ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି କରିଛି । ସବୁବେଳେ କ୍ଲାସରେ କମ ନମ୍ବର ରଖୁଥିବା ଛାତ୍ର କିମ୍ବା ଛାତ୍ରୀ ଅଧିକ ନମ୍ବର ରଖିବା ଏବଂ କ୍ଲାସରେ ଅଧିକ ନମ୍ବର ରଖିଥିବା ଛାତ୍ରଛାତ୍ରୀ ଉପରି କମ ମାର୍କ ରଖିଲା ଏହାକୁ ନେଇ ଉଠିଛି ପ୍ରଶ୍ନ । ଏପରିକି ବୋର୍ଡ ପରୀକ୍ଷା ପୂର୍ବରୁ ବିଦ୍ୟାଳୟରେ ହୋଇଥିବା ପ୍ରି ବୋର୍ଡରେ ଅଧିକ ନମ୍ବର ରଖିଥିବା ଛାତ୍ରଛାତ୍ରୀ କିପରି କମ ନମ୍ବର ବା ପରସେଣ୍ଟ ମାର୍କ ରଖିଲେ ଏହାକୁ ନେଇ ଛାତ୍ର ଛାତ୍ରୀ ମାନେ ପ୍ରଶ୍ନ କରିଛନ୍ତି ।ବିଶେଷ ଭାବେ ଶତକଡା ୯୦ କିମ୍ବା ୧୦ ମାର୍କ ରଖି ପାସ କରିବା ପାଇଁ ଆଶା ରଖିଥିବା ଛାତ୍ର ଛାତ୍ରୀ କିପରି ଶତକଡା ୫୦ କିମ୍ବା ୫୫ ମାର୍କ ପାଇଛି ସେ ନେଇ ଅଭିଭାବକ ଓ ଛାତ୍ର ଛାତ୍ରୀ ଙ୍କ ମଧ୍ୟରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସିବିଏସଇ ପକ୍ଷରୁ ସଠିକ ଭାବେ ପରୀକ୍ଷା ଖାତା ମୂଲ୍ୟାୟନ ହୋଇ ନଥିବା ଛାତ୍ରଛାତ୍ରୀମାନେ ପ୍ରକାଶ କରିଛନ୍ତି ।ଯାହାକୁ ନେଇ ସେମାନେ ଅସନ୍ତୋଷ ବ୍ୟକ୍ତ କରିବା ସହ ଖାତା ରି ଚେକିଂ ପାଇଁ ଦରଖାସ୍ତ କରାଯିବ ବୋଲି ବହୁ ଛାତ୍ର ଛାତ୍ରୀ ପ୍ରକାଶ କରିଛନ୍ତି।

## ଅବକାରୀ ଚଢ଼ାଉ

# ମଦ ସହିତ ପୋଚ ନଷ୍ଟ

ଆଠଗଡ଼,(ସବ୍ୟୁ) କଟକ ଜିଲ୍ଲା ଅବକାରୀ ଅଧୀକ୍ଷକ କରୁଣା ଶଙ୍କର ତିୱାରୀଙ୍କ ନିର୍ଦ୍ଦେଶ କ୍ରମେ ଏବଂ ଆଠଗଡ଼ ଅବକାରୀ ଉପ ଅଧୀକ୍ଷକ ସିଏଚ ଚିତ୍ତରଞ୍ଜନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ରେ ଟିଗିରିଆ ଥାନା ଅନ୍ତର୍ଗତ ହରିଡ଼ା ପଶି ଜଙ୍ଗଲ ଏବଂ ଜେଲିଆ ଜଙ୍ଗଲ ରେ ଆଠଗଡ଼ ଅବକାରୀ ବିଭାଗ, ବାଙ୍କୀ ଅବକାରୀ ଥାନା,ଜିଲ୍ଲା ଭ୍ରାମ୍ୟମାଣ ୟୁନିଟ୍ ଓ ଟିଗିରିଆ ଥାନା ସହିତ ଏକ ମିଳିତ ଚଢ଼ାଉ କରାଯାଇ ଥିଲା। ଉକ୍ତ ଚଢାଉ ରେ ସର୍ବମୋଟ ୨୧୩୫ ଲିଟର ତୋରା ଦେଶୀ ମଦ ସହ ୧୮୪୦ ଲିଟର ମଦ ପ୍ରସ୍ତୁତ ନିମନ୍ତେ ବ୍ୟବହୃତ ହେଉଥିବା ଗୁଡ଼ ପୋଚ ଉଦ୍ଧାର କରାଯାଇ ଘଟଣା ସ୍ଥଳରେ ନଷ୍ଟ କରାଯାଇଛି ଏବଂ ୬ ଗୋଟି ମାମଲା ରୁଜୁ କରା ଯାଇଛି।

## ସିବିଏସଇ ଦଶମ ପରୀକ୍ଷାରେ

# ସ୍ୱୟାଂଶୁଙ୍କ ସଫଳତା



ଭାପୁର , (ସବ୍ୟୁ) :ନୟାଗଡ଼ ଜିଲ୍ଲା ଅନ୍ତର୍ଗତ ଭାପୁର ବ୍ଲକ ଗୋଳାପୋଖରୀ ଗ୍ରାମର ପୁଅ ସ୍ୱୟାଂଶୁ ଦଳବେହେରା ସିବିଏସଇ ପରୀକ୍ଷାରେ କୃତିତ୍ୱ ଲାଭ କରିଛନ୍ତି ସିବିଏସଇର ଦଶମ ଶ୍ରେଣୀ ପରୀକ୍ଷାରେ କୃତିତ୍ୱ ସହ ୯୬.୬୦ ପ୍ରତିଶତ ମାର୍କ ରଖି ସ୍ୱୟାଂଶୁ ଦଳବେହେରା ନୟାଗଡ ଜବାହର ନବୋଦୟ ବିଦ୍ୟାଳୟରେ ପ୍ରଥମ ହୋଇଥିବା ବେଳେ ଭାପୁର ବ୍ଲକରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। କୃତିତ୍ୱ ଲାଭ କରିଥିବା ଛାତ୍ର ସ୍ୱୟାଂଶୁ ଗୋଳାପୋଖରୀ ଗ୍ରାମର ଶିକ୍ଷକ ପ୍ରମୋଦ ଦଳବେହେରା ଓ ମାତା ଶିକ୍ଷୟିତ୍ରୀ କୋହ୍ନାରାଣୀ ଦଳବେହେରାଙ୍କ ସୁପୁତ୍ର।ଏହାକୁ ନେଇ ଶିକ୍ଷକ ବୁଦ୍ଧିଜୀବୀ ଏବଂ ଅଭିଭାବକ ଖୁସିବ୍ୟକ୍ତ କରିଛନ୍ତି।

# ଗ୍ରାମ ମୁରବିଙ୍କ ପରଲୋକ

କଣ୍ଟାପଡ଼ା, (ସବ୍ୟୁ) :ଗୋବିନ୍ଦପୁର ଥାନା ଅନ୍ତର୍ଗତ ମଙ୍ଗୁରାଇ ଗ୍ରାମର ବରିଷ୍ଠ ମୁରବି କୃଷ୍ଣଚନ୍ଦ୍ର ପାତ୍ର (୮୨)ଙ୍କ ପରଲୋକ ଘଟିଛି। ସେ ଜଣେ ପରୋପକାରୀ, ଅମାୟିକ ଓ ମେଳାପି ବ୍ୟକ୍ତିଭାବେ ଖୁବ ପରିଚିତ ଥିଲେ। ମୃତ୍ୟୁ ଖବର ପାଇ ଗୋବିନ୍ଦପୁର ଓ ଖାରପଡ଼ା ପଞ୍ଚାୟତର ମୁରବି ଓ ମାନ୍ୟଗଣ ବ୍ୟକ୍ତି ତାଙ୍କ ଶେଷ ଦର୍ଶନ କରିଥିଲେ। ଗ୍ରାମ ଶ୍ମଶାନରେ ଅନ୍ତେଷ୍ଟି କ୍ରିୟା ସମାପନ ହୋଇଥିଲା। କୃଷ୍ଣଚନ୍ଦ୍ରଙ୍କ ବିୟୋଗରେ ସମ୍ପୃକ୍ତ ଅଞ୍ଚଳରେ ଶୋକ ପ୍ରକାଶ ପାଇଛି।

# ଶ୍ରୀରାମ ଚରିତ ମାନସ ନବାହ୍ନ ପାରାୟଣ

ସାକ୍ଷୀଗୋପାଳ,(ସବ୍ୟୁ) : ମାନସ ଚିନ୍ତନ ଚକ୍ର, ସିଂହଦ୍ୱାର ସାକ୍ଷୀଗୋପାଳ ଆନୁକୂଲ୍ୟରେ ସାକ୍ଷୀଗୋପାଳ ମନ୍ଦିର ସିଂହଦ୍ୱାର ସମ୍ମୁଖରେ ମଙ୍ଗଳବାର ଠାରୁ ଶ୍ରୀରାମ ଚରିତ ମାନସ ନବାହ୍ନ ପାରାୟଣ ଓ ଜ୍ଞାନ ଯଜ୍ଞ ଆରମ୍ଭ ହୋଇଛି। ପ୍ରବଚକ ଅଭିମନ୍ୟୁ ବରାଳ ଏହି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ନିରଞ୍ଜନ ଦୀକ୍ଷିତ, ନାରାୟଣ ଦାସ,ବିଜୟ କୁମାର ମହାପାତ୍ର ଓ ଶ୍ରୀଧର ଭାରତୀ ପ୍ରମୁଖ ପ୍ରବଚନ ପ୍ରଦାନ କରିଥିଲେ । ବ୍ୟାସ ନାରାୟଣ ଦାସ, ଧାରକ ରବୀନ୍ଦ୍ର ନାଥ ଷଡ଼ଙ୍ଗୀ,ଓ ବିଜୟ କୁମାର ମହାପାତ୍ର, ପୁରୋଧା ପଦ୍ମନାଭ ଷଡ଼ଙ୍ଗୀ ଓ ପୂଜକ ବଂଶୀଧର ପାଢ଼ୀ ପ୍ରମୁଖ ପୂଜା ଓ ହୋମ ଆଦି ବୈଦିକ କାର୍ଯ୍ୟକ୍ରମ ସମ୍ପନ୍ନ କରିଥିଲେ ଓ ବିଶ୍ୱନାଥ ମହାପାତ୍ର (କାଳୁ)ଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ୩୨ ବର୍ଷ ହେଲାଣି ନିୟମିତ ଅନୁଷ୍ଠିତ ହୋଇ ଆସୁଅଛି ।

# ମାଟ୍ରିକ ମେଧାବୀ ଛାତ୍ରଛାତ୍ରୀଙ୍କୁ ସହଯୋଗ ପରିବାରର ସମ୍ବର୍ଦ୍ଧନା



ନିରାକାରପୁର,(ସବ୍ୟୁ):ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ସ୍ଥାନୀୟ ଅଞ୍ଚଳର ଏ-୧ ଛାତ୍ରଛାତ୍ରୀଙ୍କୁ ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ସ୍ଥିତ ସହଯୋଗ ପରିବାର ତରଫରୁ ସମ୍ବର୍ଦ୍ଧିତ କରାଯାଇଛି। ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଅତିଥି ଭାବେ ସାମ୍ବାଦିକ ମନୋଜ କୁମାର ପଟ୍ଟନାୟକ, ଉମେଶ ଚନ୍ଦ୍ର ପଟ୍ଟନାୟକ, ଶିକ୍ଷକ କ୍ଷୀରୋଦ ଚନ୍ଦ୍ର ପାଇକରାୟ, ଶିକ୍ଷୟିତ୍ରୀ ସନ୍ଧ୍ୟାରାଣୀ ବାହିନୀପତି,ବିଜୟିନୀ ପାଇକରାୟ, ଓ ଗାୟତ୍ରୀ ମିଶ୍ର ପ୍ରମୁଖ ଯୋଗଦେଇ କମଗୁରୁ ସରକାରୀ ନୋଡାଲ ହାଇସ୍କୁଲର ଛାତ୍ର ଆର୍ଯ୍ୟ ପ୍ରସାଦ ପାଇକରାୟ , ନିରାକାରପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଛାତ୍ରୀ ଦେବାଶ୍ରୀତା ମିଶ୍ର ଓ ସମୀକ୍ଷା ମିଶ୍ରଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସହଯୋଗ ପରିବାର ଆବାହକ ହିମାଂଶୁ ଭୂଷଣ ଚମ୍ପତିରାୟ ପରିଚାଳନା କରିଥିଲେ।

## ସ୍ୱରାଜ୍ୟ ଦ୍ୱିତୀୟା ପର୍ବ

# ଉତ୍ସବ ମୁଖର ଆଦର୍ଶ ଗ୍ରାମ

ସାକ୍ଷୀଗୋପାଳ,(ସବ୍ୟୁ) : ସ୍ୱରାଜ୍ୟ ଆନ୍ଦୋଳନ , ଭୂଦାନ ସତ୍ୟାଗ୍ରହ ତଥା ମୁକ୍ତିସଂଗ୍ରାମର ସ୍ମାରକୀ ଭାବେ ଦୀର୍ଘ ୭୭ ବର୍ଷ ଧରି ଆଦର୍ଶ ଗ୍ରାମରେ ଆଡମ୍ବର ସହ ପାଳିତ ହେଉଛି ସ୍ୱରାଜ୍ୟ ଦ୍ୱିତୀୟା ପର୍ବ । ସତ୍ୟବାଦୀ ଥାନା ଅନ୍ତର୍ଗତ ଆଦର୍ଶ ଗ୍ରାମ ଝୁମାଗାଁ ରେ ଜ୍ୟେଷ୍ଠ କୃଷ୍ଣ ଦ୍ୱିତୀୟା ତିଥି ଅବସରରେ ମହା ସମାରୋହରେ ପାଳିତ ହୋଇଯାଇଛି ଏହି ସ୍ୱରାଜ୍ୟ ଦ୍ୱିତୀୟା ପର୍ବ । ଉତ୍ସବ ପାଳନର ମୂଳ ଉଦ୍ଦେଶ୍ୟ , ସ୍ୱଚ୍ଛ ପରିବେଶ , ନୈତିକ ଶିକ୍ଷା , ନିଶାନିବାରଣ , ଅସ୍ପୃଶ୍ୟତାନିବାରଣ ,ତଥା ଭାଇଚାରାର ସମ୍ମିଳିତ ଉଦାହରଣ ବସୁଧୈବ କୁଟୁମ୍ବକମର ବାର୍ତ୍ତା ସମାଜରେ ବାଣ୍ଟିବା । ସ୍ୱରାଜ୍ୟ ଦ୍ୱିତୀୟା ଅବସରରେ ଗ୍ରାମଦେବୀ ମା ଜୟଦୁର୍ଗା , ମା କନକ ଦୁର୍ଗା ଶ୍ରୀ ଶ୍ରୀ ,ନୀଳକଣ୍ଠେଶ୍ୱର ଦେବ , ଶ୍ରୀ ଶ୍ରୀ କୃଷ୍ଣ ରାଧିକେ ପ୍ରମୁଖ ଗ୍ରାମ ଦେବାଦେବୀ ଏକ ସୁସଜ୍ଜିତ ମଣି ବିମାନରେ ଶୋଭଣୀ ଯାତ୍ରାରେ ଗ୍ରାମରେ ଦ୍ୱାରୀ ଭୋଗପୂଜା ବନ୍ଦାପନା ଓ ଗ୍ରାମ ପରିକ୍ରମା ପରେ , ଗାଁ ଶେଷରେ ଥିବା ସ୍ୱରାଜ୍ୟ ମଣ୍ଡପରେ ବିଜେ କରିଥିଲେ । ସନ୍ଧ୍ୟାରେ ଠାକୁରଙ୍କ ନିକଟରେ ଅଞ୍ଚଳର ପ୍ରସିଦ୍ଧ ରୁଦ୍ରାପସା , ଡାଲମା , ଖିରି , କକଡ଼ା ଚକଟା , ଖାଇ , ଉଖୁଡ଼ା , ଡାଲସଢ଼ , ମୁଗ , ବୁଟ ଫଳମୂଳ ଆଦି ଛପନ ଭୋଗ ର ପୂଜା , ଉପଚାର , ଆଳତି ଦର୍ଶନ ନିମନ୍ତେ ଗ୍ରାମର ବାସୀ, ପ୍ରବାସୀ , ବନ୍ଧୁବାନ୍ଧବ ଆଦି ସମସ୍ତେ ଏକାଠି ହୋଇ ସମବେତ ପ୍ରସାଦ ଗ୍ରହଣ କରିଥିଲେ । ଗ୍ରାମବାସୀ ମାନଙ୍କ ଜାତି ଧର୍ମ ବର୍ଣ୍ଣ ନିର୍ବିଶେଷରେ ସମବେତ ପ୍ରସାଦ ସେବନ ଏକ ନିଆରା ଭାଇଚାରାର ନିଦର୍ଶନ ଦେଖିବାକୁ ମିଳିଥିଲା । ମନୋରଞ୍ଜନ କାର୍ଯ୍ୟକ୍ରମରେ ଲୋକକଳା ଯାତ୍ରା ପରିବେଷଣ ହୋଇଥିଲା । ଗ୍ରାମ ସମ୍ପାଦକ ଜଗବନ୍ଧୁ ମିଶ୍ର ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

# କେନାଲରୁ ଅଜଣା ମୃତଦେହ ଉଦ୍ଧାର

ବାରଙ୍ଗ, (ସବ୍ୟୁ) : ପୁରୀ ମୁଖ୍ୟକେନାଲ ଭିତରୁ ଗୋଟିଏ ଅଜଣା ମୃତଦେହକୁ ଉଦ୍ଧାର କରିଛି ବାରଙ୍ଗ ପୁଲିସ। ପ୍ରକାଶଯେ, ବୁଧବାର ସକାଳୁ ପଞ୍ଚପାଳ ଗ୍ରାମ ନିକଟରେ ପୁରୀ ମୁଖ୍ୟକେନାଲ ଭିତରେ ଗୋଟିଏ ମୃତଦେହ ଭାସୁଥିବାର ସ୍ଥାନୀୟ ଲୋକମାନେ ଦେଖି ଥାନାକୁ ସୂଚନା ଦେଇଥିଲେ। ସୂଚନାପାଇ ବାରଙ୍ଗ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି କେନାଲ ଭିତରୁ ମୃତଦେହକୁ ଉଦ୍ଧାର କରି କଟକ ବଡ଼ ଡାକ୍ତରଖାନାକୁ ବ୍ୟବଚ୍ଛେଦ ପାଇଁ ପଠାଇଛି।ମୃତଦେହଟି ଖାଲି ଦେହରେ ପାଣିରେ ୩ ରୁ ୪ ଦିନ ହେବ ପଡ଼ି ଶରୀରର ଫୁଲି ଯାଇଥିବା ବେଳେ ବୟସ ୪୫ରୁ ୫୦ ବର୍ଷ ହେବ ବୋଲି ପୋଲିସ ଅନୁମାନ କରିଛି।

# ଧର୍ମପ୍ରାଣା ମହିଳାଙ୍କ ପରଲୋକ



ବାଙ୍କୀ, (ସବ୍ୟୁ):ଗତ ସୋମବାର ସକାଳ ୮ଟାରେ କଟକ ଜିଲ୍ଲା ବାଙ୍କୀ ସାମନ୍ତରାପୁର ନିବାସୀ ଧର୍ମପ୍ରାଣା ମହିଳା ବିନୋଦିନୀ ରଥ(୯୧)ଙ୍କ ପରଲୋକ ଘଟିଛି। ତାଙ୍କ ମୃତ୍ୟୁ ଖବର ପାଇ ସ୍ଥାନୀୟ ଅଞ୍ଚଳର ଶହଶହ ଲୋକ ତାଙ୍କ ଶେଷଦର୍ଶନ ପାଇଁ ତାଙ୍କ ବାସଭବନରେ ଭିଡ଼ ଲାଗାଇଥିଲେ। ଏକ ବିରାଟ ସଂକୀର୍ତ୍ତନ ଶୋଭାଯାତ୍ରାରେ ତାଙ୍କ ମରଶରୀରକୁ ନିଆଯାଇ ଗ୍ରାମ୍ୟ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ଜ୍ୟେଷ୍ଠପୁତ୍ର ବ୍ରଜ କିଶୋର ରଥ ମୁଖାଗ୍ନି ଦେଇଥିଲେ। ବିନୋଦିନୀ ରଥଙ୍କ ପରଲୋକରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ନିମାପଡ଼ା : ୧୮ରେ ହେବ ତ୍ରିରଙ୍ଗା ଶୋଭାଯାତ୍ରା



ନିମାପଡା,(ସବ୍ୟୁ) :ନିମାପଡାସ୍ଥିତ ସହିଦ ସ୍ମୃତି ସଂସଦ କାର୍ଯ୍ୟାଳୟ ପରିସରରେ ସହିଦ ସ୍ମୃତି ସଂସଦ ପକ୍ଷରୁ ଆସନ୍ତା୧୮ ତାରିଖ ରବିବାର ଦିନ ଏକ ତ୍ରିରଙ୍ଗା ଶୋଭାଯାତ୍ରା କାର୍ଯ୍ୟକ୍ରମ କରାଯିବା ପାଇଁ ବୁଧବାର ଅପରାହ୍ନରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବୈଠକରେ ଶହିଦ ସ୍ମୃତି ସଂସଦର ସଭାପତି, ପୂର୍ବତନମନ୍ତ୍ରୀ ତଥା ଭାଜପା ମୁଖପାତ୍ର ସମୀର ରଞ୍ଜନ ଦାଶ,ସ୍ମୃତି ସଂସଦର ବରିଷ୍ଠ ସଦସ୍ୟ ଦୟାନିଧି ସାହୁ,ରାମଚନ୍ଦ୍ର ସାହୁ, ଜୀବନାନନ୍ଦ ମହାପାତ୍ର ପ୍ରମୁଖ ଯୋଗଦେଇ ଆସନ୍ତା ୧୮ ତାରିଖରେ ହେବାକୁ ଯାଉଥିବା ତ୍ରିରଙ୍ଗା ଶୋଭାଯାତ୍ରାକୁ ସଫଳ କରିବାକୁ ଆହ୍ୱାନ ଦେଇଥିଲେ । ବୈଠକ ପ୍ରାରମ୍ଭରୁ ସହୀଦଙ୍କ ଉଦ୍ଦେଶ୍ୟରେ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା । ଦଳମତ ନିର୍ବିଶେଷରେ ସମସ୍ତ ରାଜନୈତିକ ଦଳ, ସ୍ୱେଚ୍ଛାସେବୀ ସଂଗଠନ, ଅବସରପ୍ରାପ୍ତ ସେନାକର୍ମଚାରୀ, ବିଭିନ୍ନ ସରକାରୀ, ବେସରକାରୀ ଅନୁଷ୍ଠାନ କର୍ମକର୍ତ୍ତାମାନେ ଯୋଗଦେବାକୁ ନିବେଦନ କରିଛନ୍ତି । ତ୍ରିରଙ୍ଗା ଶୋଭାଯାତ୍ରା ଆମ ଦେଶର ବୀର ଯବାନ ମାନଙ୍କ ମନୋବଳ ବଢ଼ାଇବ ବୋଲି ମତପ୍ରକାଶ ପାଇଥିଲା । ଏହି ତ୍ରିରଙ୍ଗା ଶୋଭାଯାତ୍ରା ନିମାପଡା ନୂଆ ବସଷ୍ଟାଣ୍ଡ ନିକଟରୁ ବାହାରି ମୁଖ୍ୟ ବଜାର ପରିକ୍ରମା କରି ଶହିଦ ସ୍ମୃତି ସଂସଦ ପଡିଆରେ ପହଂଚିବ ବୋଲି ଶହିଦ ସ୍ମୃତି ସଂସଦର ସଭାପତି ଶ୍ରୀ ଦାଶ ପ୍ରକାଶ କରିଛନ୍ତି।

# ରାଜସୁନାଖେଳାରେ ତ୍ରିରଙ୍ଗା ଯାତ୍ରା : ଶୁଭାରମ୍ଭ କଲେ ବାଚସ୍ପତି




ରଣପୁର, (ସବ୍ୟୁ): ଭାରତର ସାର୍ବଭୌମତ୍ୱ ଓ ଭାରତୀୟଙ୍କ ସୁରକ୍ଷା ପାଇଁ ସେନାବାହିନୀର ଏହି ବେଢ଼ଲି ଓ ବୀରତ୍ୱକୁ ସମ୍ମାନ ଜଣାଇ ଆଜି ରଣପୁର ବ୍ଲକ ରାଜସୁନାଖେଳା ଗ୍ରାମପଞ୍ଚାୟତସ୍ଥିତ ରାଷ୍ଟ୍ରୀୟ ସୁରକ୍ଷା ନାଗରିକ ସମାଜ ପକ୍ଷରୁ ଏକ ତ୍ରିରଙ୍ଗା ରାଲି ଅନୁଷ୍ଠିତ ହୋଇଯାଇଛି। ବାଚସ୍ପତି ଶ୍ରୀମତୀ ସୁରମା ପାଢ଼ୀ ଏହି ରାଲିକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଭାରତ ମାତା କି ଜୟ, ବନ୍ଦେ ମାତରମ୍ ଧ୍ୱନିରେ ଗଗନପବନ ପ୍ରକମ୍ପିତ ହୋଇଥିଲା । ବହୁ ସଂଖ୍ୟାରେ ସ୍ଥାନୀୟ ଜନତା, ରଣପୁର ନାଗରିକ ସମାଜ, ବରିଷ୍ଠ ନାଗରିକ ସଂଘ, ବିବେକାନନ୍ଦ ପାଠାଗାର, ବଣିକ ସଂଘ, ବିଭିନ୍ନ ସାମାଜିକ ସଂଗଠନ, ସ୍ୱେଚ୍ଛାସେବୀ ସଂଗଠନ ଏବଂ ଶତାଧିକ ମହିଳା ଏହି ରାଲିରେ ଯୋଗଦେଇଥିଲେ । ଅପରାହ୍ନ ୪ଟା ସମୟରେ ଏହି ତ୍ରିରଙ୍ଗା ଶୋଭାଯାତ୍ରା ରାଜସୁନାଖେଳା ବସଷ୍ଟାଣ୍ଡରୁ ବାହାରି ଦକ୍ଷିଣକାଳୀ ମନ୍ଦିର ପର୍ଯ୍ୟନ୍ତ ଯାଇଥିଲା। ୧୧୨୦ ମିଟର ଲମ୍ବର ତ୍ରିରଙ୍ଗା ପତାକା ଧରି ରାଲି ଦକ୍ଷିଣକାଳୀ ମନ୍ଦିର ପ୍ରାଙ୍ଗଣରେ ପହଞ୍ଚିବା ପରେ ସ୍ଥାନୀୟ ସରପଞ୍ଚ ସ୍ଥାନୀୟ ସରପଞ୍ଚ ଚିରଂଜନ ପ୍ରଧାନଙ୍କ ନେତୃତ୍ୱରେ ଏକ ସାଧାରଣ ସଭାର ଆୟୋଜନ କରାଯାଇଥିଲା ।ଜନସାଧାରଣଙ୍କ ମନରେ ଅପୂର୍ବ ଉତ୍ସାହ, ଉଦ୍ଦୀପନା ଓ ବିଜୟର ଆନନ୍ଦ ସହ ଦେଶପ୍ରେମର ଭାବ ଦେଖି ବାଚସ୍ପତି ଶ୍ରୀମତୀ ପାଢ଼ୀ ଅଭିଭୂତ ହୋଇଥିଲେ । ବାଚସ୍ପତି ଶ୍ରୀମତୀ ପାଢ଼ୀ ରାଲିକୁ ସମ୍ବୋଧନ କରି ମାତୃଭୂମି ପ୍ରତି ରହିଥିବା ଗଭୀର ସମ୍ବେଦନା ତଥା ଦେଶର ଜନସାଧାରଣଙ୍କ ସିନ୍ଦୁରର ସୁରକ୍ଷା ମାଧ୍ୟମରେ ସମଗ୍ର ଦେଶବାସୀଙ୍କ ସୁରକ୍ଷା, ଦେଶର ଏକତା ଏବଂ ସାର୍ବଭୌମତ୍ୱ ପ୍ରତି ରହିଥିବା ପ୍ରତିବଦ୍ଧତାର ପରିଣାମ ଅପରେସନ୍ ସିନ୍ଦୁର ବୋଲି ମତବ୍ୟକ୍ତ କରିଥିଲେ । ସମସ୍ତ ସେନାବାହିନୀର ସମନ୍ୱୟ ଏବଂ ଦେଶ ସାମରିକ କୌଶଳରେ ବିଶ୍ୱର ସର୍ବଶ୍ରେଷ୍ଠ ଦେଶ ବୋଲି ପ୍ରମାଣ ଦର୍ଶାଇ ପ୍ରଧାନମନ୍ତ୍ରୀ ଓ ସୈନ୍ୟବାହିନୀଙ୍କ ପ୍ରତି ଶ୍ରୀମତୀ ପାଢ଼ୀ ଗଭୀର କୃତଜ୍ଞତା ଜଣାଇଥିଲେ । ଯୁବ ସମାଜସେବୀ ଅଭିଷେକ ସାମନ୍ତରାୟ ରଣପୁରର ଯୁବସମାଜ ଗଠୁ-ବିକାଶଙ୍କ ଦାୟଦ ଏବଂ ପ୍ରଧାନମନ୍ତ୍ରୀଙ୍କ ଆତଙ୍କବାଦର ମୂଳୋତ୍ପାଟନ ସଂକଳ୍ପ ସହିତ ଅଛନ୍ତି ବୋଲି କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜୟନ୍ତ ନାୟକ, ପରେଶ ମିଶ୍ର, ଚନ୍ଦ୍ର ବିଜୟୀ ମିଶ୍ର, ସନ୍ୟାସୀ ନାୟକ, ତପନ ପ୍ରଧାନ, ଭୁବନେଶ୍ୱରୀ ସାହୁ, ଶିଶିର ସାହୁ, ନିର୍ମଳ କୁମାର ମଉଡ଼ସିଂହ, ମହେନ୍ଦ୍ର ସାହୁ, ମଦନ ମୋହନ ସାହୁ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କୁ ଉଦ୍ବୋଧିତ କରିଥିଲେ ।

(ଶ୍ରୀମଦ୍‌ଭଗବଦ୍ ଗୀତା ୧୫/୧୦)

-ପୁରୁଷୋତ୍ତମଯୋଗଃ-

(ଶ୍ରୀଭଗବାନୁବାଚ)

**ଉତ୍କ୍ରାମନ୍ତଂ ସ୍ଥିତଂ ବାପି ଭୁଞ୍ଜାନଂ ବା ଗୁଣାନ୍ୱିତମ୍ ।**
**ବିମୂଢ଼ା ନାନୁପଶ୍ୟନ୍ତି ପଶ୍ୟନ୍ତି ଜ୍ଞାନଚକ୍ଷୁଷଃ ।।୧୦।।**

ଏକ ଦେହରୁ ଦେହାନ୍ତରଗାମୀ ବା ସେହି ଦେହରେ ଅବସ୍ଥିତ ବା ବିଷୟଭୋଗପ୍ରବୃତ୍ତ ବା ଗୁଣଯୁକ୍ତ (ଇନ୍ଦ୍ରିୟଯୁକ୍ତ) ଜୀବାତ୍ମାକୁ (ଅବିବେକୀମାନେ) ଜାଣିପାରନ୍ତି ନାହିଁ, ବିବେକୀମାନେ ଜାଣିପାରନ୍ତି ।।।୧୦।।

# ଭାରତର ନୂତନ ପ୍ରଧାନ ବିଚାରପତି

## ସମ୍ପାଦକୀୟ

ଭାରତର ନୂତନ ପ୍ରଧାନ ବିଚାରପତି ଭାବେ ଜଷ୍ଟିସ୍ ଭୂଷଣ ରାମକୃଷ୍ଣ ଗବାଇ ରାଷ୍ଟ୍ରପତି ଭବନରେ ଶପଥ ଗ୍ରହଣ କରିଛନ୍ତି । ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ତାଙ୍କୁ ପଦ ପଦ ଓ ଗୋପନୀୟତାର ଶପଥ ପାଠ କରାଇଛନ୍ତି । ଭାରତ ଯେତେବେଳେ ଏକ ଘଡ଼ିସନ୍ଧି ମୁହୂର୍ତ୍ତ ଦେଇ ଗତି କରୁଛି, ସେତେବେଳେ ୫୨ତମ ବିଚାରପତି ଭାବେ ଶ୍ରୀ ଗବାଇଙ୍କ ଶପଥ ନେବା ବେଶ୍ ଗୁରୁତ୍ୱପୂର୍ଣ୍ଣ ଘଟଣା ବୋଲି ମନେ ହୋଇଥାଏ । ମାତ୍ର ଛଅମାସ ପରେ ଆସନ୍ତା ନଭେମ୍ବର ୨୩ (୨୦୨୫)ରେ ସେ ଅବସର ଗ୍ରହଣ କରିବେ । ଦେଶର ଦୃଷ୍ଟି ଏବେ ତାଙ୍କ ଉପରେ । ଭାରତର ପ୍ରଧାନ ବିଚାରପତି ଆସନ ଗ୍ରହଣ କରିବାରେ ସେ ହେଉଛନ୍ତି ଅନୁସୂଚିତ ଜାତିର ଦ୍ୱିତୀୟ ବ୍ୟକ୍ତି । ସେ ମଧ୍ୟ ବୌଦ୍ଧ ଧର୍ମାବଲମ୍ବୀ । ଅତୀତରେ ସେ ସର୍ବୋଚ୍ଚ ନ୍ୟାୟାଳୟର ବିଚାରପତି ଭାବେ ସଂବିଧାନର ଧାରା ୩୭୦, ନିର୍ବାଚନୀ ବଣ୍ଡ ଓ ବିମୁଦ୍ରୀକରଣ ଉପରେ ଗୁରୁତ୍ୱପୂର୍ଣ୍ଣ ରାୟମାନ ପ୍ରଦାନ କରିଥିଲେ । ଆମ୍ ଆଦ୍‌ମୀ ପାର୍ଟିର ଏକଦା ଉପ-ମୁଖ୍ୟମନ୍ତ୍ରୀ ଥିବା ମନୀଷ ସିସୋଦିଆଙ୍କୁ ଜାମିନ ମଞ୍ଜୁର କରି ସେ ମଧ୍ୟ ଚର୍ଚ୍ଚାକୁ ଆସିଥିଲେ ।

ଭାରତର ପ୍ରଧାନ ବିଚାରପତି ଆସନ ପାଇଁ ଶପଥ ଗ୍ରହଣ କରିବା ପୂର୍ବରୁ ଗୋଟିଏ ଇଂରାଜୀ ସମ୍ବାଦପତ୍ରକୁ ସାକ୍ଷାତ୍‌କାର ଦେଇ ସେ କହିଛନ୍ତି ଯେ ସାମାଜିକ ଓ ରାଜନୀତିକ ନ୍ୟାୟ ପ୍ରଦାନ ପାଇଁ ସେ ଉଦ୍ୟମ କରିବେ । ବୁଦ୍ଧ ପୂର୍ଣ୍ଣିମା ଦିନ ସେ କହିଥିଲେ ଯେ ସ୍ୱାଧୀନତା, ସମାନତା ଓ ଭ୍ରାତୃତ୍ୱ ଭାବ ଯାହା କି ଡଃ ବି.ଆର୍. ଆମ୍ବେଦକର ଚିନ୍ତା କରୁଥିଲେ, ଭାରତର ଗଣତନ୍ତ୍ର ପାଇଁ ତାହାର ଆବଶ୍ୟକତା ରହିଛି । ସମୟ ଅନୁଯାୟୀ ନ୍ୟାୟ ପ୍ରଦାନ କରିବା ହେଉଛି ତାଙ୍କର ଲକ୍ଷ୍ୟ ବୋଲି ସେ ପ୍ରକାଶ କରି, ବାକି ପଡ଼ିଥିବା ମାମଲାଗୁଡ଼ିକର ଫଏସଲା କରାଯିବା ଏବର ସବୁଠାରୁ ବଡ଼ ଆବଶ୍ୟକତା ବୋଲି ମଧ୍ୟ ସେ କହିଥିଲେ ।

ଉଲ୍ଲେଖନୀୟ ଯେ ଲୋକେ ବହୁ ସଂଖ୍ୟାରେ ମାମଲା ଦାଏର କରି ଅପେକ୍ଷା କରି ରହିଥା'ନ୍ତି ନ୍ୟାୟ ପାଇବା ସକାଶେ । କିନ୍ତୁ ତାହା ସହଜରେ ହୁଏ ନାହିଁ । ସର୍ବୋଚ୍ଚ ଅଦାଲତ ବା ସୁପ୍ରିମକୋର୍ଟରେ ୮୦ ହଜାରରୁ ଊର୍ଦ୍ଧ୍ୱ ମାମଲା ଫଏସଲା ନ ହୋଇ ପଡ଼ି ରହିଛି । ସେହିପରି ଭାରତର ବିଭିନ୍ନ ରାଜ୍ୟରେ ଥିବା ଉଚ୍ଚ ନ୍ୟାୟାଳୟ ବା ହାଇକୋର୍ଟମାନଙ୍କରେ ପ୍ରାୟ ଛଅ ନିୟୁତ ମାମଲା ବିଚାରାଧୀନ ଅବସ୍ଥାରେ ପଡ଼ି ରହିଛି । ଏପରିକି ନିମ୍ନ ଅଦାଲତମାନଙ୍କରେ ବହୁ ସଂଖ୍ୟାରେ ମାମଲାଗୁଡ଼ିକ ଗଡ଼ି ଚାଲିଥିବା କୁହାଯାଉଛି ।

ଏତେ ସଂଖ୍ୟାରେ ମାମଲାଗୁଡ଼ିକ ପଡ଼ି ରହିଥିବାର କାରଣ କ'ଣ ହୋଇପାରେ ? ଅନୁଧ୍ୟାନରୁ ଜଣାଯାଇଛି ଯେ ଅଦାଲତମାନଙ୍କରେ ବିଚାରପତିଙ୍କ ସଂଖ୍ୟା ହ୍ରାସ ଏହାର ଅନ୍ୟତମ କାରଣ । ଏହାଛଡ଼ା ଆନୁସଙ୍ଗିକ ଭିତ୍ତିଭୂମି ନାହିଁ । ଅଧିକାଂଶ ଅଦାଲତର ନିଜସ୍ୱ ବିଲଡିଂ ହୋଇ ପାରିନାହିଁ ବା ନିର୍ମାଣାଧୀନ ଅବସ୍ଥାରେ ରହିଛି । ଏପରିକି ଓଡ଼ିଶା ହାଇକୋର୍ଟକୁ କଟକରୁ ଭୁବନେଶ୍ୱରକୁ ସ୍ଥାନାନ୍ତର କରାଯିବା ଦରକାର ଥିଲା । କଟକର ଆଇନଜୀବୀମାନେ ତାହା ଚାହିଁଲେ ନାହିଁ । କଟକରେ ହାଇକୋର୍ଟ ରହିଥିଲେ ମଧ୍ୟ ତାହାର ନାମ ଅନ୍ୟାନ୍ୟ ହାଇକୋର୍ଟଙ୍କ ପରି 'କଟକ ହାଇକୋର୍ଟ' ରଖା ନ ଯାଇ 'ଓଡ଼ିଶା ହାଇକୋର୍ଟ' ରଖାଯାଇଛି । ଏପରିକି କଟକ ହାଇକୋର୍ଟ ପରିସରକୁ ଗାଡ଼ି ଧରି, ସେ ଦୁଇଚକିଆ ହେଉ, ତିନିଚକିଆ ହେଉ ବା ଚାରିଚକିଆ ହେଉ, ପାର୍କିଂ କରି ଭିତରକୁ ପ୍ରବେଶ କରିବା ଖୁବ୍ କଷ୍ଟ । ଆମର ଦୂରଦୃଷ୍ଟି ଥିଲେ, ଏହି ହାଇକୋର୍ଟକୁ ରାଜଧାନୀ ଭୁବନେଶ୍ୱରକୁ ସ୍ଥାନାନ୍ତର କରାଯାଇ ପାରିଥା'ନ୍ତା । ସ୍ଥାନାନ୍ତର ନ ହେବାକୁ ମାମଲା ମଧ୍ୟ ଦାୟର ହୋଇଥିଲା ।

ଅନେକ ଗରିବ ରୋଗୀ ଯେପରି ଘରୋଇ ଚିକିତ୍ସା ଲାଗି ଚିକିତ୍ସକମାନଙ୍କୁ ଅର୍ଥ ଦେଇ ପାରନ୍ତି ନାହିଁ, ଅନେକ ଗରିବ ମହକିଲ୍ ମଧ୍ୟ ଓକିଲମାନଙ୍କୁ ଅର୍ଥ ଦେଇପାରନ୍ତି ନାହିଁ । ରାଜ୍ୟ ସରକାର ଆଇନ ସହାୟତା କାର୍ଯ୍ୟାଳୟ ଖୋଲିଥିଲେ ମଧ୍ୟ କାହିଁକି କେଜାଣି ବହୁ ସଂଖ୍ୟାରେ ଗରିବ ମହକିଲ ସେଠାକୁ ଦୌଡ଼ି ଯାଇପାରନ୍ତି ନାହିଁ । ମାମଲାଗୁଡ଼ିକର ବିଚାର ହେବା ଲାଗି ତାରିଖରୁ ତାରିଖ ଯେପରି ଗଡ଼ିଚାଲେ, ତାହା ବେଶ୍ ଦୁଃଖଦାୟକ ।

ଓଡ଼ିଶାରୁ ସ୍ୱର୍ଗୀୟ ରଙ୍ଗନାଥ ମିଶ୍ର, ଶ୍ରୀ ଗୋପାଳ ବଲ୍ଲଭ ପଟ୍ଟନାୟକ ଓ ଶ୍ରୀ ଦୀପକ ମିଶ୍ର ପ୍ରଧାନ ବିଚାରପତି ହେବାର ସୌଭାଗ୍ୟ ଲାଭ କରିଥିଲେ । ମାତ୍ର ଏବେ ତ ସର୍ବୋଚ୍ଚ ଅଦାଲତରେ ଓଡ଼ିଆମାନଙ୍କ ପ୍ରଭାବ କିପରି ରହିଛି, ସେ ବିଷୟରେ ଜାଣିବା ମୁସ୍କିଲ ।

ବକେୟା ମାମଲାଗୁଡ଼ିକର ଅବିଳମ୍ବେ ଫଏସଲା ପାଇଁ ଭାରତର ପ୍ରଧାନ ବିଚାରପତି ଶ୍ରୀ ଗବାଇ ଦୃଷ୍ଟି ଦେବେ ବୋଲି କହିଥିବାରୁ ତାଙ୍କୁ ଅଭିନନ୍ଦନ ଜଣାଉଛୁଁ ।

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ । (ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ)
samayaeditorial2021@gmail.com

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ,ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ବିକଶିତ ଭାରତ ପାଇଁ ସ୍ୱପ୍ନ ଓ ବାସ୍ତବତା



**ହିମାଂଶୁ ଶେଖର ଆଚାର୍ଯ୍ୟ**

ଭାରତକୁ ୨୦୪୭ ସୁଦ୍ଧା ଏକ ବିକଶିତ ରାଷ୍ଟ୍ରରେ ପରିଣତ କରିବା ଲାଗି ସରକାର ଏବେଠାରୁ ଉଦ୍ୟମ ଆରମ୍ଭ କରିଦେଇଛନ୍ତି । ଏଥିନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମନ୍ତ୍ରିମଣ୍ଡଳର ମନ୍ତ୍ରିମାନଙ୍କ ସହ ବିକଶିତ ଭାରତ ନକ୍ସା ନେଇ ଆଲୋଚନା କରିଛନ୍ତି ।

ଏଥିପାଇଁ ମନ୍ତ୍ରୀମାନେ ଯେଉଁ ଚିନ୍ତାଧାରା ଉପସ୍ଥାପନ କରିଥିଲେ ତାହାକୁ ନେଇ ବ୍ୟାପକ ଆଲୋଚନା କରାଯାଇଛି । ବିକଶିତ ଭାରତ ନକ୍ସା ଲାଗି ପ୍ରଧାନମନ୍ତ୍ରୀ ଗତ ଦୁଇବର୍ଷ ତଳେ ପ୍ରସ୍ତୁତି ଆରମ୍ଭ କରିଥିଲେ । ସେଥିରେ ବିଭିନ୍ନ ମନ୍ତ୍ରଣାଳୟ ସାମିଲ ଥିଲେ । ରାଜ୍ୟ ସରକାର, ଶିକ୍ଷାନୁଷ୍ଠାନ, ଶିଳ୍ପସଂଘ, ନାଗରିକ ସମାଜ ସହ ବ୍ୟାପକ ଆଲୋଚନା ହୋଇଥିଲା । ବୈଜ୍ଞାନିକ ସଂଗଠନ ଓ ଯୁବବର୍ଗଙ୍କ ଠାରୁ ଅଭିନବ ଚିନ୍ତାଧାରା ପରାମର୍ଶ ଓ ଇନ୍‌ପୁଟ୍ ସଂଗ୍ରହ କରାଯାଇଥିଲା । ଏବେ ଲୋକସଭାରେ ସମ୍ବିଧାନ ଉପରେ ସ୍ୱତନ୍ତ୍ର ବକ୍ତବ୍ୟ ରଖି ପ୍ରଧାନମନ୍ତ୍ରୀ ମୋଦି ଭାରତକୁ ଏକ ବିକଶିତ ରାଷ୍ଟ୍ରରେ ପରିଣତ କରିବା ଲାଗି ୧୧ଟି ସଂକଳ୍ପ ସମ୍ପର୍କରେ ଉଲ୍ଲେଖ କରିଛନ୍ତି । ଏହି ସଂକଳ୍ପ ମଧ୍ୟରେ ରହିଛି କର୍ତ୍ତବ୍ୟପାଳନ, ସବ୍‌କା ସାଥ୍ ସବକା ବିକାଶ, ଦୁର୍ନୀତି ପ୍ରତି ଶୂନ୍ୟ ସହନଶୀଳତା, ଦାସତ୍ୱ ମାନସିକତାରୁ ମୁକ୍ତି, ବଂଶଗତ ରାଜନୀତିର ଅନ୍ତ, ଆଇନକୁ ସମ୍ମାନ, ସମ୍ବିଧାନକୁ ସମ୍ମାନ, ସଂରକ୍ଷଣ ବ୍ୟବସ୍ଥାର ସୁରକ୍ଷା, ମହିଳାଙ୍କ ବିକାଶ, ସଂଘୀୟ ବ୍ୟବସ୍ଥାରେ ରାଜ୍ୟର ବିକାଶକୁ ପ୍ରାଥମିକତା ଏବଂ ଭାରତକୁ ଏକ ବିକଶିତ ରାଷ୍ଟ୍ରରେ ପରିଣତ କରିବାକୁ ଏକ, ଭାରତ, ଶ୍ରେଷ୍ଠ ଭାରତର ସଂକଳ୍ପ ନେବାକୁ ସେ ଆହ୍ୱାନ ଦେଇଛନ୍ତି ।

ସୂଚନାଯୋଗ୍ୟ ଯେ, ଅଗଣିତ ସଂଗ୍ରାମୀମାନଙ୍କର ବଳିଦାନ, ରକ୍ତକ୍ଷୟୀ ସଂଗ୍ରାମ ଓ ଐକାନ୍ତିକ ପ୍ରଚେଷ୍ଟା ବଳରେ ଆମେ ୧୯୪୭ ମସିହା ଅଗଷ୍ଟ ୧୫ ତାରିଖରେ ବହୁ ପ୍ରତୀକ୍ଷିତ ସ୍ୱାଧୀନତା ଆମେ ପାଇଲୁ । ଏବେ ଦେଶ ସ୍ୱାଧୀନ ହେବାର ୭୭ବର୍ଷ ପୂରି ୭୮ ବର୍ଷରେ ପଦାର୍ପଣ କରିଛି । ଏହି ସାତ ଦଶନ୍ଧିରୁ ଅଧିକ ସମୟ ମଧ୍ୟରେ ଭାରତ ଏକ ସାର୍ବଭୌମ, ଧର୍ମ ନିରପେକ୍ଷ, ସମାଜବାଦୀ ଓ ଗଣତାନ୍ତ୍ରିକ ରାଷ୍ଟ୍ର ହିସାବରେ ସମଗ୍ର ବିଶ୍ୱରେ ନିଜ ପାଇଁ ନିଆରା ପରିଚୟ ସୃଷ୍ଟି କରିପାରିଛି । ଏହା ଆମ ପାଇଁ ଗୌରବର ବିଷୟ । ସେହିପରି ଦୀର୍ଘ ସାତ ଦଶନ୍ଧି ଧରି ଆମେ ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାରେ ଆମକୁ ଶାସନ କରି ଚାଲିଛୁ । ସବୁଜ ବିପ୍ଳବ ପରେ ଏ ଦେଶ ଖାଦ୍ୟ ଉତ୍ପାଦନରେ ଆତ୍ମନିର୍ଭରଶୀଳ ହୋଇ ପାରିଛି । ଶ୍ୱେତ ବିପ୍ଳବ ଯୋଗୁଁ ଦୁଗ୍ଧ ଉତ୍ପାଦନ କ୍ଷେତ୍ରରେ ଉଲେଖନୀୟ ସଫଳତା ମିଳିଛି । ସ୍ୱାଧୀନତା ପୂର୍ବରୁ ଯେଉଁ ଦେଶରେ ପିନ୍‌କଣ୍ଟାଟିଏ ଉତ୍ପାଦନ ହୋଇପାରୁ ନ ଥିଲା ସେ ଦେଶ ଆଜି ବିଜ୍ଞାନ. ପ୍ରଯୁକ୍ତିବିଦ୍ୟା ଓ କାରିଗରିରେ ବିଶ୍ୱର ଗୋଟିଏ ଆଗ ଧାଡିର ଦେଶ ।

ଖାଲି ସେତିକି ନୁହେଁ, ଏହି ସମୟ ଭିତରେ ଭାରତର ଚେହେରା ବଦଳିଛି ଚିହ୍ନି ନ ହେଲା ପରି । ଆର୍ଥନୈତିକ ସଂସ୍କାର, ଟେଲିକମ୍ ବିପ୍ଳବ, ମହାକାଶ ମାନ୍ୟତା. ସଫ୍ଟୱେୟାର ମହାଶକ୍ତି ଭାବେ ନୁଆ ପରିଚିତି ଆଜି ଏ ରାଷ୍ଟ୍ରକୁ ସଫଳ ଓ ସଶକ୍ତ ରାଷ୍ଟ୍ରର ମର୍ଯ୍ୟାଦା ଦେଇଛି । ଶିଳ୍ପ କ୍ଷେତ୍ରରେ ଆଶାନୁରୂପ ପ୍ରଗତି ହାସଲ ହୋଇଛି । ଦେଶର ଜନସଂଖ୍ୟା ୩୬ କୋଟିରୁ ଆସି ୧୪୦ କୋଟିରେ ପହଞ୍ଚିଲାଣି । ଏହି ସମୟ ମଧ୍ୟରେ ଆମର ସାକ୍ଷରତା ହାର ୧୮ ପ୍ରତିଶତରୁ ୭୪ପ୍ରତିଶତକୁ ବୃଦ୍ଧି ପାଇଛି । ଦେଶର ଅଭିବୃଦ୍ଧି ହାର ୩ ପ୍ରତିଶତରୁ ୮ ପ୍ରତିଶତକୁ ବୃଦ୍ଧି ପାଇଛି । ସେହିପରି ଭାରତୀୟଙ୍କ ହାରାହାରି ପରମାୟୁ ୭୦ ବର୍ଷକୁ ବୃଦ୍ଧି ପାଇଛି । ବହୁ ଘାତ ପ୍ରତିଘାତ ମଧ୍ୟରେ ଏସବୁ ସଫଳତା ଭାରତକୁ ବିକାଶଶୀଳ ରାଷ୍ଟ୍ରର ମାନ୍ୟତା ଦେଇଛି ।

ଏସବୁ ସଫଳତା ସତ୍ତ୍ୱେ ବାହାରେ ଯେଉଁ ଅନାଲୋଚିତ ଦିଗ ଅଛି ତାହା ହେଉଛି ଏବେବି ଭାରତରେ ରହୁଛନ୍ତି ପ୍ରାୟ ୩୫କୋଟି ନିରକ୍ଷର,୨୬ କୋଟି ଦାରିଦ୍ର୍ୟ ସୀମାରେଖା ତଳେ ଓ ଅପପୁଷ୍ଟିର ଶିକାର ହେଉଥିବା ୪୨ପ୍ରତିଶତ ଶିଶୁ । ଏଥିସହିତ ସମସ୍ତଙ୍କୁ ଖାଦ୍ୟ, ବାସଗୃହ, ସ୍ୱାସ୍ଥ୍ୟସେବା, ବିଜୁଳି, ସଡ଼କ ଓ ପାନୀୟ ଜଳ ଯୋଗାଇବାରେ ମଧ୍ୟ ଆମେ ବିଫଳ ହୋଇଥିଲୁ । ସେହିପରି ଶିଶୁ ଓ ମାତୃ ମୃତ୍ୟୁ ହାର ହ୍ରାସ ଲକ୍ଷ୍ୟ ପୂରଣ କରିବାରେ ଆମର ସ୍ଥିତି ସନ୍ତୋଷଜନକ ନଥିଲା । ଏହାର ମୂଳ କାରଣ ହେଉଛି ଦୁର୍ନୀତି । ବିଡମ୍ବନା ହେଲା ଯେ ଏହି ଦୁର୍ନୀତିର ପରିମାଣ କମୁନି ବରଂ ବର୍ଷକୁ ବର୍ଷ ବଢିବାରେ ଲାଗିଛି । ଏବେ ପୁଣି ଚର୍ଚ୍ଚାକୁ ଆସିଥିଲା ବହୁ ଚର୍ଚ୍ଚିତ ବ୍ୟାପମ୍ ଦୁର୍ନୀତି । ଖାଲି ସେତିକି ନୁହେଁ, ସବୁଠାରୁ ବଡ ସମସ୍ୟା ହେଉଛି ଆମ ସଂସଦୀୟ ବ୍ୟବସ୍ଥା ଭିତରକୁ ପଶିଆସୁଛନ୍ତି ଅପରାଧ ପୃଷ୍ଠଭୂମି ଥିବା ଆତଙ୍କବାଦୀମାନେ । ଏହା ଆମ ଗଣତନ୍ତ୍ର ପାଇଁ ଶୁଭଙ୍କର ନୁହେଁ ।

ସ୍ୱାଧୀନତାର ଅର୍ଥ କେବଳ ଏକଛତ୍ରବାଦ ଶାସକ ବା ବିଦେଶୀଙ୍କ କବଳରୁ ମୁକ୍ତି ନୁହେଁ ବରଂ ଜନକଲ୍ୟାଣ ଶାସନ ପଦ୍ଧତି ଦ୍ୱାରା ସାଧାରଣ ଲୋକଙ୍କୁ ବଞ୍ଚିବାର ମୌଳିକ ଆବଶ୍ୟକତା ଯୋଗାଇ ଦେବା । ସେ ସ୍ୱପ୍ନ ଆଜି ସୁଦୂର ପରାହତ । ବିଶ୍ୱ କ୍ଷୁଧା ସୂଚକାଙ୍କ ରିପୋର୍ଟ ଅନୁସାରେ ବିଶ୍ୱର ୮୦ଟି ବିକାଶମୁଖୀ ଦେଶମାନଙ୍କ ମଧ୍ୟରୁ ଆମ ଦେଶର ସ୍ଥାନ ହେଉଛି ୬୭ ତମ । ସମ୍ପ୍ରତି ପ୍ରାୟ ୧୩୯ କୋଟି ଲୋକଙ୍କ ମଧ୍ୟରୁ ୧୯ ପ୍ରତିଶତ ଲୋକ କ୍ଷୁଧାର୍ତ୍ତ ତାଲିକାରେ ଅଛନ୍ତି । ୪୨ ପ୍ରତିଶତ ଶିଶୁଙ୍କ ଓଜନ ସ୍ୱାଭାବିକ ଓଜନ ଠାରୁ କମ୍ । ୭ ପ୍ରତିଶତ ଶିଶୁ ଜନ୍ମର ୫ ବର୍ଷ ମଧ୍ୟରେ ମୃତ୍ୟୁବରଣ କରିଥାନ୍ତି । ଦିନକୁ ଦିନ ଆମ ମା-ଭଉଣୀମାନେ ଅସୁରକ୍ଷିତ ଅବସ୍ଥା ଭିତରକୁ ଠେଲି ହୋଇଯାଉଛନ୍ତି । ଦିଲ୍ଲୀ ଠାରୁ ପଲ୍ଲୀ ପର୍ଯ୍ୟନ୍ତ ସବୁଠି ଦୁଷ୍କର୍ମର ଏକ ଲମ୍ବା ତାଲିକା । ଦିଲ୍ଲୀର ନିର୍ଭୟା ଘଟଣାର ୧୨ ବର୍ଷ ପରେ ପୁଣି ଏକ ଦୁଷ୍କର୍ମ ଘଟଣା କୋଲକାତାରେ ଘଟିଛି । ଏହା ସଭ୍ୟ ସମାଜ ପ୍ରତି ଏକ ପରିହାସ କହିଲେ ଭୁଲ ହେବନାହିଁ ।

ଏହା ଦେଶର ଆଉ ଏକ କଳଙ୍କିତ ଅଧ୍ୟାୟ । ଏବେବି ବିଶ୍ୱର ଅର୍ଦ୍ଧାଧିକ ନିରକ୍ଷର ଲୋକ ସ୍ୱାଧୀନ ଭାରତରେ ଅଛନ୍ତି । ଦୁର୍ନୀତି କଥା ନ କହିବା ଭଲ । ହଜାର ହଜାର ଲୋକ ଆଜିବି ଦାଦନ ଖଟୁଛନ୍ତି । ୫୪ କୋଟି ଯୁବକଙ୍କ ଦେଶ ଭାରତରେ ନିଯୁକ୍ତି ନ ପାଇ ଜନସଂଖ୍ୟାର ଏକ ବଡ ଭାଗ ବାହାରେ 'ବାରଦ୍ୱାରା ଶୁଣ୍ଢିପିଣ୍ଡା' ହେଉଛନ୍ତି । ଜାତି ଧର୍ମନାମରେ ସାଂପ୍ରଦାୟିକ ଦଙ୍ଗା ଦେଶର ବିଭିନ୍ନ ସ୍ଥାନରେ ଘଟୁଛି । ସ୍ୱାଧୀନତାର ସାତ ଦଶନ୍ଧି ପରେ ସବୁଲୋକଙ୍କୁ ଦୁଇ ଓଳି ପେଟପୁରା ଆହାର ମିଳିଲା ନାହିଁ କି ସବୁ ଶିଶୁ ବିଦ୍ୟାଳୟ ଦୁଆର ମୁହଁ ମାଡି ପାରିଲେନି । ଏହା ହିଁ କ୍ଷୋଭର ବିଷୟ ।

ଏବେ ଆତ୍ମସମୀକ୍ଷା କରିବାର ବେଳ ଆସିଛି । ଗୋଟିଏ ଦେଶପାଇଁ ୭୮ ବର୍ଷ କିଛିକମ୍ ନୁହେଁ । ଆମ ପରେ ସ୍ୱାଧୀନତା ପାଇଥିବା ବହୁ ଛୋଟଛୋଟ ଦେଶ ଆଜି ସବୁ କ୍ଷେତ୍ରରେ ଆମ ଠାରୁ ବହୁ ଆଗରେ କିନ୍ତୁ ଆମେ ବହୁ ପଛରେ ପଡିଛୁ ।

ଏହାର ପ୍ରମୁଖ କାରଣ ହେଉଛି ଆମ ଦେଶ କୃଷି ପ୍ରଧାନ ହୋଇଥିବା ବେଳେ ଏସବୁ ଦେଶ ଶିଳ୍ପ ପ୍ରଧାନ । ସେଥିପାଇଁ ଆମ ମୁଣ୍ଡପିଛା ଆୟଠାରୁ ସେମାନଙ୍କର ମୁଣ୍ଡପିଛା ଆୟ ବହୁ ଉଚ୍ଚରେ । ଏପରିକି ସେମାଙ୍କର ଜୀବନ ଧାରଣର ମାନ ଆମଠାରୁ ବହୁତ ଉନ୍ନତ । ତେଣୁ ଆମ ଦେଶ ବିକାଶମୁଖୀ ଦେଶ ରୂପେ ପରିଗଣିତ । ଏଥିପାଇଁ ସବୁକ୍ଷେତ୍ରରେ ଦ୍ରୁତଗତିଶୀଳ ଅଭିବୃଦ୍ଧି ଆବଶ୍ୟକ । ଖାଲି ସେତିକି ନୁହେଁ ଏହି ବିକାଶକୁ ଦୀର୍ଘସ୍ଥାୟୀ ଓ ଚିରସ୍ଥାୟୀ କରିବା ଦରକାର । ଏଥି ସହିତ ବିକାଶ ପାଇଁ ଯେଉଁ ରଣନୀତି ଅନୁସରଣ କରାଯାଇଛି ତାହାକୁ ବଜାୟ ରଖିବାକୁ ହେବ । ଭାରତର ବିକାଶ ପ୍ରକ୍ରିୟାରେ ମହିଳାମାନେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବେ । ବିକଶିତ ରାଷ୍ଟ୍ର ଗଠନ କରିବାକୁ ହେଲେ ମୁଣ୍ଡପିଛା ଆୟକୁ ବଢାଇବାକୁ ହେବ । ବିକଶିତ ରାଷ୍ଟ୍ରରେ ଦୁର୍ନୀତି ଓ ଭ୍ରଷ୍ଟାଚାରର ନିରାକରଣ ହେବା ଦରକାର । ଏତଦ୍ ବ୍ୟତୀତ ବିକାଶର ସୁଫଳ ଯେପରି ସମାଜର ସର୍ବନିମ୍ନ ସ୍ତରରେ ଥିବା ଲୋକଟି ପାଖରେ ପହଞ୍ଚି ପାରିବ ସେଥିପାଇଁ ଉଦ୍ୟମ ହେବା ଜରୁରୀ । ତା ହେଲେ ଯାଇ ବିକଶିତ ଭାରତର ସ୍ୱପ୍ନ ସାକାର ହୋଇପାରିବ ।

**ଅବସରପ୍ରାପ୍ତ ଅଧ୍ୟାପକ**
**ତିର୍ତ୍ତୋଲ, ଜଗତସିଂହପୁର**
**ମୋ-୯୯୩୭୧୫୧୦୫୨**

# ଉଚ୍ଚ ରକ୍ତଚାପ, ରୋଗର କାରଣ ଓ ନିରାକରଣ

**ଡାକ୍ତର ରାମ ପ୍ରସାଦ ରାୟ**

ଭାରତରେ ବୃଦ୍ଧି ପାଉଛି ଉଚ୍ଚ ରକ୍ତଚାପ ରୋଗୀଙ୍କ ସଂଖ୍ୟା। ପରିବର୍ତ୍ତନଶୀଳ ଜୀବନଶୈଳୀ ଯୋଗୁଁ ଏହି ସମସ୍ୟା ବୃଦ୍ଧି ପାଉଛି । ଗବେଷକଙ୍କ କହିବାନୁସାରେ ୨୦୩୦ ବେଳକୁ ଭାରତରେ ଏକ ତୃତୀୟାଂଶ ଲୋକ ଉଚ୍ଚ ରକ୍ତଚାପର ଶିକାର ହେବେ । ୨୦୨୪ରେ ହୋଇଥିବା ଏକ ଗଣନାରୁ ଜଣାପଡ଼ିଛି ସହରାଞ୍ଚଳରେ ୨୦ରୁ ୪୦ ପ୍ରତିଶତ ଲୋକ ଉଚ୍ଚ ରକ୍ତଚାପର ଶିକାର ହୋଇଥିବାବେଳେ ଗ୍ରାମାଞ୍ଚଳରେ ୧୨ରୁ ୧୭ ପ୍ରତିଶତ ଲୋକ ଉଚ୍ଚ ରକ୍ତଚାପର ଶିକାର ହୋଇଛନ୍ତି । ଭାରତରେ ବର୍ଷକୁ ପ୍ରାୟ ୧.୫ ନିୟୁତ ଲୋକ ଉଚ୍ଚ ରକ୍ତଚାପ ଯୋଗୁଁ ମୃତ୍ୟୁମୁଖରେ ପଡ଼ିଥାନ୍ତି । ବିଶ୍ୱସ୍ୱାସ୍ଥ୍ୟ ସଂଗଠନ ଅନୁଯାୟୀ ବିଶ୍ୱରେ ବର୍ଷକୁ ୧୨.୮ ପ୍ରତିଶତ ଲୋକ ବିଭିନ୍ନ କାରଣରୁ ମୃତ୍ୟୁ ମୁଖରେ ପଡୁଥିବାବେଳେ ୭.୫ ନିୟୁତ ଲୋକ କେବଳ ଉଚ୍ଚ ରକ୍ତଚାପ ଯୋଗୁଁ ମୃତ୍ୟୁ ମୁଖରେ ପଡ଼ିଥାନ୍ତି । ସାଧାରଣତଃ ଉଚ୍ଚ ରକ୍ତଚାପ ବ୍ୟକ୍ତିଙ୍କୁ ୪୦ ବର୍ଷ ଟପିଲା ପରେ ଦେଖାଯାଏ । ହେଲେ ଆଜିକାଲି ୨୦-୩୦ ବର୍ଷ ବୟସର ବ୍ୟକ୍ତି, ବିଶେଷକରି କଲେଜ ଛାତ୍ରମାନଙ୍କ ଠାରେ ମଧ୍ୟ ଏହି ରୋଗ ଦେଖାଯାଉଛି । ଏଭଳି ଉଚ୍ଚ ରକ୍ତଚାପଜନିତ ରୋଗୀଙ୍କ ସଂଖ୍ୟା ବଢ଼ିବାର କାରଣ କ'ଣ ହୋଇପାରେ ? ଆସନ୍ତୁ, ଏହାର କାରଣ ସମ୍ପର୍କରେ ଜାଣିବା ।

ଅସ୍ୱାସ୍ଥ୍ୟକର ଖାଦ୍ୟ : ବ୍ୟସ୍ତବହୁଳ ଜୀବନଶୈଳୀ ଯୋଗୁଁ ବ୍ୟକ୍ତି ସର୍ବଦା ଫାଷ୍ଟଫୁଡ୍, ଜଙ୍କଫୁଡ଼ ଓ ବାହାରେ ତିଆରି ହେଉଥିବା ତେଲ ମସଲା ଆଦି ଖାଦ୍ୟ ଖାଉଛି, ଯାହାକି ଉଚ୍ଚ ରକ୍ତଚାପ ବୃଦ୍ଧିର ମୁଖ୍ୟ କାରଣ । ଏହାଦ୍ୱାରା ରକ୍ତବାହୀ ନଳୀରେ କୋଲେଷ୍ଟେରଲ ବୃଦ୍ଧି ହୋଇ ନଳୀ ପଥକୁ ସରୁ କରିଦେଉଛି । ଫଳରେ ଉଚ୍ଚ ରକ୍ତ ଚାପ ସମସ୍ୟା ବୃଦ୍ଧି ପାଉଛି ।

ଶାରୀରିକ ପରିଶ୍ରମର ଅଭାବ : ଆଜିକାଲିର ଲୋକମାନେ ଶାରୀରିକ ପରିଶ୍ରମ ବ୍ୟତୀତ ମାନସିକ ପରିଶ୍ରମ କରିବାକୁ ପସନ୍ଦ କରୁଛନ୍ତି । ଅଧିକ ଟଙ୍କା ଲୋଭ ହିଁ ବ୍ୟକ୍ତିଙ୍କୁ ଅନେକାଂଶରେ ଶାରୀରିକ ପରିଶ୍ରମ ଠାରୁ ଦୂରେଇ ରଖୁଛି । ସମୟ ଅଭାବରୁ ମଧ୍ୟ ବ୍ୟକ୍ତି ବ୍ୟାୟାମ କରୁନି । ଏହାଦ୍ୱାରା ଶରୀରରେ ମେଦ ଜମା ହେଉଛି, ଯାହାକି ଉଚ୍ଚ ରକ୍ତଚାପର ମୁଖ୍ୟ କାରଣ ।

ଅଧିକ ଲୁଣ ଖାଇବା : ଉଚ୍ଚ ରକ୍ତଚାପର ମୁଖ୍ୟ କାରଣ ହେଉଛି ଲୁଣ । ଆଡ଼େଡ୍ ଲୁଣ ଅର୍ଥାତ୍ ଖାଦ୍ୟ ପ୍ରସ୍ତୁତ ଅଧିକ ଲୁଣ ଛିଞ୍ଚି ଖାଇବା ହିଁ ରକ୍ତଚାପ ବୃଦ୍ଧି ହୋଇଥାଏ । ଏଣୁ ଯେତେ ସମ୍ଭବ ଲୁଣ କମ୍ ଖାଇବା ଦରକାର । ଜଣେ ଦିନକୁ ମାତ୍ର ୫ଗ୍ରାମ ଲୁଣ ଖାଇବା ଦରକାର ।

ଦୁଃଚିନ୍ତା କରିବା : ଉଚ୍ଚ ରକ୍ତଚାପ ବୃଦ୍ଧି ପାଇଁ ଚିନ୍ତା ହେଉଛି ଅନ୍ୟତମ ଏକ ମୁଖ୍ୟ କାରଣ । ଆବଶ୍ୟକତା ଠାରୁ ଅଧିକ କାମ କରିବାର ନିଶା, ଅଧିକ ଧନ ଅର୍ଜନ କରିବାର ପ୍ରୟାସ ହିଁ ମଣିଷକୁ ଚିନ୍ତାରେ ପକାଉଛି । ଚିନ୍ତାରେ ରହିବା ଯୋଗୁଁ ବ୍ୟକ୍ତିଠାରେ ଉଚ୍ଚ ରକ୍ତଚାପ ବୃଦ୍ଧି ପାଏ ।

ନିଶାସେବନ କରିବା : ଯୁବପିଢ଼ି ତମାଖୁ ତଥା ଗୁଟଖା, ବିଡ଼ି, ସିଗାରେଟ ଆଦି ଓ ମଦ୍ୟଯୁକ୍ତ ପାନୀୟ ଗ୍ରହଣ କରିବା ଯୋଗୁଁ ଶିରାପ୍ରଶିରା ଦୁର୍ବଳ ହୋଇଯାଏ ।

ଏହାଦ୍ୱାରା ରକ୍ତ ଠିକ୍ ଭାବରେ ସଞ୍ଚାଳନ ହୋଇପାରେ ନାହିଁ । ଫଳରେ ଉଚ୍ଚ ରକ୍ତଚାପ ସମସ୍ୟା ଦେଖାଯାଉଛି ।

ହର୍ମୋନ ନିର୍ଗତରେ ଅନିୟମିତତା : ହର୍ମୋନରେ ଅସନ୍ତୁଳନ ଦେଖାଦେଲେ ମଧ୍ୟ ଉଚ୍ଚ ରକ୍ତଚାପ ବୃଦ୍ଧି ହୋଇଥାଏ । ବେଳେ ବେଳେ ବୟସ୍କମାନଙ୍କ କ୍ଷେତ୍ରରେ ହର୍ମୋନ ଅନିୟମିତତା ଉଚ୍ଚ ରକ୍ତଚାପର କାରଣ ହୋଇଥାଏ ।

**ଦିନକୁ ୮ଘଣ୍ଟା ଗାଢ଼ ନିଦ୍ରାରେ ଶୋଇବା ଦରକାର। ଯଦି ଏଥିରେ ଅନିୟମିତତା ଦେଖାଯାଏ, ବ୍ୟକ୍ତି ଉପଯୁକ୍ତ ମାତ୍ରାରେ ଶୋଇ ନପାରେ, ଚିନ୍ତାରେ ରହେ ଓ ତା'ଠାରେ ଉଚ୍ଚ ରକ୍ତଚାପ ସମସ୍ୟା ବୃଦ୍ଧି ପାଏ।**

ଗର୍ଭନିରୋଧକ ବଟିକା ଖାଇବା : ଗର୍ଭନିରୋଧକ ବଟିକା ଓ ପେନ୍ କିଲର ଖାଇବା ଦ୍ୱାରା ମଧ୍ୟ ଉଚ୍ଚ ରକ୍ତଚାପ ସମସ୍ୟା ଦେଖାଯାଏ । ଏହି ବଟିକା ଖାଇବା ଦ୍ୱାରା ରକ୍ତ ଜମାଟ ବାନ୍ଧେ । ଏହାଦ୍ୱାରା ରକ୍ତ ସଞ୍ଚାଳନ ସୁଚାରୁ ରୂପେ ନ ହୋଇପାରିବା ଯୋଗୁଁ ମଧ୍ୟ ଉଚ୍ଚ ରକ୍ତଚାପ ସମସ୍ୟା ଦେଖାଯାଏ ।

ଗାଢ଼ ନିଦ୍ରା ନଯିବା : ଗାଢ଼ ନିଦ୍ରା ନ ହେଲେ ମଧ୍ୟ ଉଚ୍ଚରକ୍ତଚାପ ଦେଖାଯାଏ । ଦିନକୁ ୮ଘଣ୍ଟା ଗାଢ଼ ନିଦ୍ରାରେ ଶୋଇବା ଦରକାର । ଯଦି ଏଥିରେ ଅନିୟମିତତା ଦେଖାଯାଏ, ବ୍ୟକ୍ତି ଉପଯୁକ୍ତ ମାତ୍ରାରେ ଶୋଇ ନପାରେ, ଚିନ୍ତାରେ ରହେ ଓ ତା'ଠାରେ ଉଚ୍ଚ ରକ୍ତଚାପ ସମସ୍ୟା ବୃଦ୍ଧି ପାଏ ।

ଆସନ୍ତୁ ଉଚ୍ଚରକ୍ତଚାପ ଜନିତ ପ୍ରଭାବ ସମ୍ପର୍କରେ ଜାଣିବା : ଉଚ୍ଚ ରକ୍ତଚାପ ବୃଦ୍ଧି ଯୋଗୁଁ ଶରୀରର ବିଭିନ୍ନ ଅଙ୍ଗପ୍ରତ୍ୟଙ୍ଗ ପ୍ରଭାବିତ ହୁଏ । ବ୍ରେନ୍, ହୃତପିଣ୍ଡ, କିଡ୍‌ନୀ ଓ ଆଖି ବିଶେଷ ପ୍ରଭାବିତ ହୋଇଥାଏ । ସମୟ ସମୟରେ ଉଚ୍ଚ ରକ୍ତଚାପ ଜୀବନ ନେଇଥାଏ । ହେଲେ ସବୁ ସମୟରେ ମଣିଷ ଜାଣିପାରେ ନାହିଁ ଯେ ସେ ଉଚ୍ଚ ରକ୍ତଚାପର ଶିକାର ହୋଇଛି । ବିନା ଚିକିତ୍ସାରେ ଏହା ଦୀର୍ଘଦିନ ଧରି ରହିବା ଯୋଗୁଁ ବ୍ରେନ୍ ଷ୍ଟ୍ରୋକ୍, ହୃଦ୍‌ଘାତ, କିଡ୍‌ନୀ ନ ଚାଲିବା ଓ ଆଖିର ରେଟିନା ଦୁର୍ବଳ ହୋଇଥାଏ । ଏହି ଅଙ୍ଗ ଗୁଡ଼ିକ କିପରି ପ୍ରଭାବିତ ହୁଏ ।

ମସ୍ତିଷ୍କ : ଉଚ୍ଚ ରକ୍ତଚାପ ବୃଦ୍ଧି ଯୋଗୁଁ ଦୁଇ ପ୍ରକାର ବ୍ରେନ୍‌ଷ୍ଟ୍ରୋକ ହୋଇଥାଏ । ଇସଚେମିକ୍ ଷ୍ଟ୍ରୋକ୍ ଓ ହେମୋରେଜିକ୍ ଷ୍ଟ୍ରୋକ୍। ବ୍ରେନକୁ ସଂଯୋଗ ହୋଇଥିବା ରକ୍ତବାହୀ ନଳୀରେ ଜମାଟ ବାନ୍ଧିଲେ ବ୍ରେନ୍‌କୁ ରକ୍ତ ସଞ୍ଚାଳନର ଫ୍ଲୋ କମିଯାଏ । ବ୍ରେନ୍‌କୁ ସଂଯୋଗ ରକ୍ତବାହୀ ନଳୀରେ କୋଲେଷ୍ଟ୍ରାଲର ମାତ୍ରା ବୃଦ୍ଧି ପାଇଲେ ଇସଚେମିକ୍ ଷ୍ଟ୍ରୋକ ହୁଏ । ବ୍ରେନ୍ ଷ୍ଟ୍ରୋକର ପ୍ରାୟ ୮୦ ପ୍ରତିଶତ ଇସଚେମିକ୍ ଷ୍ଟ୍ରୋକ ହୋଇଥାଏ । ରକ୍ତଚାପ ଅତ୍ୟଧିକ ବୃଦ୍ଧି ପାଇଲେ ବ୍ରେନ୍‌କୁ ସଂଯୋଗ ହୋଇଥିବା ନଳୀ ଫାଟିଗଲେ ହେମୋରେଜିକ୍ ଷ୍ଟ୍ରୋକ ହୋଇଥାଏ ।

ଚକ୍ଷୁ : ଦେଖିବାରେ ଆଖି ସହ ସଂଯୋଗ ରେଟିନା ସହାୟକ ହୋଇଥାଏ । ଉଚ୍ଚ ରକ୍ତଚାପ ଯୋଗୁଁ ରେଟିନା ସହିତ ସଂଯୋଗ ଥିବା ରକ୍ତବାହୀ ନଳୀ ଦୁର୍ବଳ ହୋଇଯାଏ । ଏହାଦ୍ୱାରା ରେଟିନାକୁ ଉତ୍ତମ ଭାବେ ରକ୍ତ ସଞ୍ଚାଳନ ହୋଇପାରେ ନାହିଁ । ଫଳରେ ଦୃଷ୍ଟିଶକ୍ତି ହ୍ରାସ ପାଏ । ବ୍ୟକ୍ତିଙ୍କୁ ଝାପ୍‌ସା ଝାପ୍‌ସା ଦେଖାଯାଏ ।

କିଡ଼ନୀ : ଦୀର୍ଘଦିନ ଧରି ଉଚ୍ଚ ରକ୍ତଚାପ ଲାଗି ରହିଲେ କିଡ୍‌ନୀ ପ୍ରଭାବିତ ହୋଇଥାଏ । କିଡ୍‌ନୀ ରକ୍ତକୁ ଛାଣି ପରିଷ୍କାର କରିଥାଏ । ଆମ ଶରୀରରୁ ଅପରିଷ୍କାର ଦ୍ରବ୍ୟ ବାହାରକୁ ବାହାର କରିଥାଏ । ହେଲେ ଉଚ୍ଚ ରକ୍ତଚାପ ଯୋଗୁଁ ଅଧିକ ରକ୍ତ କିଡ୍‌ନୀକୁ ପ୍ରଭାବିତ ହୋଇଥାଏ, ଏହାଦ୍ୱାରା କିଡ୍‌ନୀ ଉପରେ ଚାପ ପଡ଼େ । ଯାହାଦ୍ୱାରା କିଡ୍‌ନୀ ଦୁର୍ବଳ ହୋଇଯାଏ । ଦୀର୍ଘଦିନ ଧରି ଉଚ୍ଚ ରକ୍ତଚାପ ରହିଲେ କିଡ୍‌ନୀ ଅକାମୀ ହୋଇଥାଏ ।

ହୃତ୍‌ପିଣ୍ଡ : ଉଚ୍ଚ ରକ୍ତଚାପର ବିଶେଷ ପ୍ରଭାବ ହୃତ୍‌ପିଣ୍ଡ ଉପରେ ପଡ଼େ । ରକ୍ତଚାପ ଉଚ୍ଚ ହେଲେ ହୃଦ୍‌ସ୍ପନ୍ଦନ ବୃଦ୍ଧି ପାଏ । ଅଧିକ ସ୍ପନ୍ଦନ ଯୋଗୁଁ ହୃତ୍‌ପିଣ୍ଡର ମାଂସପେଶୀ ଦୁର୍ବଳ ହୋଇଯାଏ । ରକ୍ତଚାପ ବଢ଼ିବା ପରେ ରକ୍ତବାହୀ ନଳୀ ସରୁ ହୋଇଯାଏ । ଫଳରେ ହୃତ୍‌ପିଣ୍ଡକୁ ରକ୍ତ ସ୍ରୋତ କମିଯାଏ କିମ୍ବା ବନ୍ଦ ହୋଇଯାଏ । ଏହାଦ୍ୱାରା ହୃଦ୍‌ଘାତ ହୁଏ ।

ଉଚ୍ଚ ରକ୍ତଚାପରୁ କିପରି ନିଜକୁ ରକ୍ଷା କରିବେ ଆସନ୍ତୁ ଜାଣିବା । ଉଚ୍ଚ ରକ୍ତଚାପରୁ ରକ୍ଷା ପାଇବା ପାଇଁ ପ୍ରଥମେ ଖାଦ୍ୟପେୟରେ ନିୟନ୍ତ୍ରଣ ରହିବା ଦରକାର । ଯେତେ ସମ୍ଭବ ଲୁଣ କମ୍ ଖାଇବା ଦରକାର । ଦିନକୁ ମାତ୍ର ୫ଗ୍ରାମ ଲୁଣ ଖାଆନ୍ତୁ । ଏହାଠାରୁ ଅଧିକ ଖାଇଲେ ଅସୁବିଧା । ତେଲମସଲା, ଫାଷ୍ଟଫୁଡ ଓ ଜଙ୍କଫୁଡ୍ ପରି ଖାଦ୍ୟ ଠାରୁ ଦୂରେଇ ରହନ୍ତୁ । ସବୁଜ ପନିପରିବା ଓ ତଟକା ଖାଦ୍ୟ ଖାଆନ୍ତୁ । ପରିବର୍ତ୍ତନ ଜୀବନଶୈଳୀ ଯୋଗୁଁ ବର୍ତ୍ତମାନ ୪୦ ବର୍ଷ ପୂର୍ବରୁ ଉଚ୍ଚରକ୍ତଚାପ ସମସ୍ୟା ଦେଖାଯାଉଛି । ଏଣୁ ୩୫-୪୦ ବର୍ଷ ପରେ ସମସ୍ତେ ବର୍ଷକୁ ଥରେ ରକ୍ତଚାପ ପରୀକ୍ଷା କରିବା ଏକାନ୍ତ ଆବଶ୍ୟକ । ଉଚ୍ଚ ରକ୍ତଚାପ ହୋଇଥିଲେ, ତାହା ହଠାତ୍ ଜଣାପଡ଼େ ନାହିଁ । ବଂଶରେ କାହାର ଉଚ୍ଚ ରକ୍ତଚାପ ଥିଲେ, ଡାଇବେଟିସ କିମ୍ବା ବ୍ରେନ୍ ଷ୍ଟ୍ରୋକ ହୋଇଥିଲେ ୬ମାସରେ ଥରେ ରକ୍ତଚାପ ପରୀକ୍ଷା କରିବା ଦରକାର ।

ଏଥିପ୍ରତି ଅଧିକ ସଚେତନ ହେବା ଉଚିତ। ପ୍ରତିଦିନ ବ୍ୟାୟାମ ଓ ଯୋଗ କରନ୍ତୁ । ଏହାଦ୍ୱାରା ଶରୀରର ଅଙ୍ଗପ୍ରତ୍ୟଙ୍ଗ ସକ୍ରିୟ ରହେ । ଏହାଦ୍ୱାରା ମେଦବୃଦ୍ଧି ହୁଏ ନାହିଁ କି ଉଚ୍ଚ ରକ୍ତଚାପ ମଧ୍ୟ ହୁଏ ନାହିଁ । ତମାଖୁ ଓ ଅନ୍ୟାନ୍ୟ ନିଶାଦ୍ରବ୍ୟ ଠାରୁ ଦୂରେଇ ରହନ୍ତୁ । ବିଶେଷ କରି ଧୂମପାନ ଠାରୁ ଦୂରେଇ ରହିବା ଦରକାର । କାରଣ ଏହା ଶିରା ପ୍ରଶିରାକୁ ସଙ୍କୁଚିତ କରିଦିଏ । ଯାହାଦ୍ୱାରା ଉଚ୍ଚ ରକ୍ତଚାପର ଆଶଙ୍କା ବଢ଼ିଯାଏ । ଉଚ୍ଚ ରକ୍ତଚାପର ଶିକାର ହୋଇଥିବା ବ୍ୟକ୍ତି ନିୟମିତ ଭାବରେ ଔଷଧ ଖାଇବା ଦରକାର ।

ଦିନେ ବି ବନ୍ଦ କରିବା ଉଚିତ ନୁହେଁ । ବି.ପି. ମେଡ଼ିସିନ ଗୋଟିଏ ଦିନ ବନ୍ଦ ହେଲେ ବି ବ୍ରେନ୍ ଷ୍ଟ୍ରୋକ, ହୃଦ୍‌ଘାତ ହେବାର ଆଶଙ୍କା ବଢ଼ିଯାଏ । ଏଣୁ ରୋଗୀ ଭୁଲରେ ବି ଔଷଧ ବନ୍ଦ କରିବା ଉଚିତ ନୁହେଁ । ଚିନ୍ତା, ଅତ୍ୟଧିକ କାମ ଠାରୁ ଦୂରରେ ରହି ଉପଯୁକ୍ତ ପରିମାଣ ତଥା ୬-୮ ଘଣ୍ଟା ଗାଢ଼ ନିଦ୍ରାରେ ଶୁଅନ୍ତୁ । ଉଚ୍ଚ ରକ୍ତଚାପର ଶିକାର ହୋଇଥିବା ବ୍ୟକ୍ତି ୨-୩ ମାସରେ ନିୟମିତ ଭାବରେ ଡାକ୍ତରଙ୍କ ପରାମର୍ଶ ନେବା ଦରକାର । କାରଣ ଔଷଧର ଡୋଜ୍ ପରିବର୍ତ୍ତନ କରିବାକୁ ପଡ଼ିପାରେ ।

**କ୍ୟାମ୍ପ ଆସିଷ୍ଟାଣ୍ଟ, ସ୍ରୋଲ ରେଡ଼କ୍ରସ ବ୍ଲଡ ସେଣ୍ଟର, କଟକ,**
**ମୋ-୮୨୬୦୪୦୮୮୩୬**

# ସତ୍‌ସଙ୍ଗ...

**ନୃସିଂହ ଚରଣ ବେହେରା**

ସତ୍‌ସଙ୍ଗ ସୁଖର ସାଗର ଅଟେ । ଏହାକୁ ପ୍ରାପ୍ତ କଲେ ବିବେକ, ବଳ, ପ୍ରଜ୍ଞା, ଆନନ୍ଦ ଆଉ ସନ୍ତୋଷ ରୂପୀ ଅକ୍ଷତ ଧନ-ସମ୍ପଦ ପ୍ରାପ୍ତ ହୋଇଥାଏ । ଆଉ ସତ୍‌ସଙ୍ଗରୁ ହିଁ ମାନବ ମନକୁ ଶୀତଳତାର ପ୍ରାପ୍ତି ହୋଇଥାଏ । ସତ୍‌ସଙ୍ଗର ରସ ପାନରୁ ବାଣୀର କଟୁତା ମଧୁରତାରେ ପରିବର୍ତ୍ତିତ ହୋଇଯାଏ । ସତ୍‌ସଙ୍ଗ ମନୁଷ୍ୟକୁ କାମ, କ୍ରୋଧ, ମଦ, ମୋହ ଆଉ ଲୋଭ ଆଦି ଖରାପ ଗୁଣର ପାଖରୁ ମୁକ୍ତ କରିଥାଏ । ସତ୍‌ସଙ୍ଗ ଅସତ୍ୟ ମାର୍ଗରୁ ସତ୍ୟମାର୍ଗକୁ ନେଇଥାଏ । ଏହା ସବୁ ଦୁଃଖ, ନୈରାଶ୍ୟ ଆଉ ଅଶାନ୍ତିର ଅମୋଘ ଔଷଧ ଅଟେ । ସତ୍‌ସଙ୍ଗରୁ ସକରାତ୍ମକତାର ବିକାଶ ଆଉ ନକାରାତ୍ମକର ଅନ୍ତ ହୋଇଯାଏ ।

ଏହା ଜ୍ଞାନ,ଭକ୍ତି ଆଉ ଆତ୍ମ ଉନ୍ନତିର ମାର୍ଗ ପ୍ରଶସ୍ତ କରିଥାଏ । ସତ୍‌ସଙ୍ଗ ସତ୍ୟ ବ୍ୟବହାରୀ ଆଉ ସତ୍ୟନିଷ୍ଠ ବ୍ୟକ୍ତିତ୍ୱର ସାନିଧ୍ୟ ପ୍ରାପ୍ତ କରାଯିବାର ସୁମାର୍ଗ ଅଟେ । ରାମଚରିତ ମାନସରେ କୁହାଯାଇଛି, 'ଯେମିତି ପାରସର ସମ୍ପର୍କରେ ଆସିଲେ ଲୁହା ସ୍ୱର୍ଣ୍ଣ ଧାତୁରେ ବଦଳିଯାଏ, ସେହି ପ୍ରକାର କୁମାର୍ଗୀ ମଧ୍ୟ ସତ୍‌ସଙ୍ଗ ମାର୍ଗୀ ହୋଇକରି ସୁମାର୍ଗୀ ହୋଇଯାଏ । ଈଶ୍ୱରୀୟ ବିଧାନ ହେଲାକି ଈଶ୍ୱର କୃପା ମନୁଷ୍ୟର ଇଚ୍ଛାର ଅନୁକୂଳ ନ ହୋଇକରି ମନୁଷ୍ୟର ଭଲପାଇଁ ଯାହା ଅନୁକୂଳ ହେବ ଆଉ ହୋଇଥାଏ ।

ସତ୍‌ସଙ୍ଗ ପ୍ରାପ୍ତିର ମାତାର ଗର୍ଭରେ ଶିଶୁକୁ ଈଶ୍ୱରଙ୍କୁ କରା ଯାଇଥିବା ପ୍ରାର୍ଥନାର ପ୍ରତିଫଳ କୁହାଯିବା କଥା । ସତ୍‌ସଙ୍ଗର ମହିମାର ବର୍ଣ୍ଣନା ରାମଚରିତ ମାନସରେ ହନୁମାନଙ୍କର ଲଙ୍କାକୁ ପ୍ରବେଶର ସମୟ ଦ୍ୱାର ରକ୍ଷିକା ଲଂକିନୀ ଏହି ପ୍ରକାର କରିଥିଲେ, 'ତାତସ୍ୱର୍ଗ ଅପବର୍ଗ ସୁଖ ଧରିଅ ତୁଳା ଏକ ଅଂଗ, ତୁଲ ନ ତାହି ସକଲ ମିଲି ଯୋ ସୁଖ ଲବ ସତ୍‌ସଙ୍ଗନ୍ତ । 'ଅର୍ଥାତ୍ ସ୍ୱର୍ଗ ଆଉ ମୋକ୍ଷର ସୁଖର ତୁଳାର ଗୋଟିଏ ଭାଗରେ ରଖିଦିଆ ଯାଉ ଆଉ ଦ୍ୱିତୀୟ ପଟେ ସତ୍‌ସଙ୍ଗର ଗୋଟିଏ ଛୋଟ ଅଂଶକୁ ରଖିଦିଅ ତଥାପି ଦ୍ୱିତୀୟ ଭାଗଟି ଭାରୀ ରହିବ । ସେଥିପାଇଁ ଜୀବନରେ ଯେତେବେଳେ, ଯେଉଁଠି, ଯେତିକି ଆଉ ଯେମିତି ସୁଯୋଗ ସତ୍‌ସଙ୍ଗର ପାଇଁ ସୁଲଭ ହୋଇଯିବ, ତାକୁ ନିରର୍ଥକରେ ଯିବାକୁ ଦେବନାହିଁ । ମନରେ ସତ୍ ପ୍ରବୃତ୍ତିର ଜାଗରଣ ଆଉ ଚିତ୍ତ ଆନନ୍ଦର ପାଇଁ ସତ୍‌ସଙ୍ଗରୁ ବଢିକରି ଅନ୍ୟ କୌଣସି ଆଶ୍ରୟ ନାହିଁ ।

**ପ୍ଲଟ ନମ୍ବର-୨୧୭/ପି, ବାୟାବାବା ମଠ ଲେନ୍,ୟୁନିଟ୍-୯(ଫ୍ଲାଟ),ଭୁବନେଶ୍ୱର**
**ମୋ-୯୦୯୦୪୫୯୭୪୫**

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଏସ୍‌ଇବିସିଙ୍କ...

ମଧ୍ୟ ଝିଅ ଜନ୍ମ ପାଇଁ ୧୨ ହଜାର ଓ ପୁଅ ଜନ୍ମ ପାଇଁ ୧୦ ହଜାର ଦିଆଯିବ । ଅଙ୍ଗନୱାଡି କର୍ମୀ, ଅଙ୍ଗନୱାଡି ସହାୟିକା ପ୍ରୋତ୍ସାହନ ରାଶି ବାବଦରେ ଏଣିକି ୨୫୦ ଟଙ୍କା ଓ ୧୫୦ ଟଙ୍କା ପାଇବେ । ଆସନ୍ତା ୫ ବର୍ଷରେ ଏହି ଯୋଜନାରେ ୨୬୭୦ କୋଟି ଟଙ୍କା ଖର୍ଚ୍ଚ କରାଯିବ । ମୟୂରଭଞ୍ଜ ଜିଲ୍ଲାର ଜଶିପୁର ବ୍ଲକ୍ ଅଁଳାବେଣୀରେ ଆଫ୍ଲକ୍ସ ଗନ୍ଧ ସହ ଖଇରୀ ବନ୍ଧନ ବ୍ୟାରେଜ୍ ପ୍ରକଳ୍ପ ନିର୍ମାଣ କରାଯିବ । ଏଥିନିମନ୍ତେ ୯୭ କୋଟି ୬୭ ଲକ୍ଷ ୯୮ ହଜାର ୭୫୫ ଟଙ୍କା ଟେଣ୍ଡରକୁ ଅନୁମୋଦନ କରାଯାଇଛି । ଏହି ପ୍ରକଳ୍ପ ଦ୍ୱାରା ୬୯୫୦ ହେକ୍ଟର ଚାଷ ଜମିକୁ ଭୂତଳ ପାଇପ୍‌ଲାଇନ୍ ଜଳ ବଣ୍ଟନ ବ୍ୟବସ୍ଥାରେ ଖରିଫ ଜଳସେଚନ ସୁବିଧା ଯୋଗାଇ ଦେବାସହ ୩୫ ହଜାରରୁ ଅଧିକ ଜନସଂଖ୍ୟାକୁ ପାନୀୟ ଜଳ ସୁବିଧା ମିଳିବ । ଧରଣୀଧର ବିଶ୍ୱବିଦ୍ୟାଳୟ କେନ୍ଦୁଝରର ଉତ୍ତର ଓ ଦକ୍ଷିଣ କ୍ୟାମ୍ପସ ପ୍ରତିଷ୍ଠା ନିମନ୍ତେ ୪୦.୧୯୭ ଏକର ଜମି ଲିଜ୍ ସୂତ୍ରରେ ବିନା ଦେୟରେ ପ୍ରଦାନ କରାଯିବ । ରାଜ୍ୟ ସରକାର ଏକକାଳୀନ ରାଜସ୍ୱ ଦେୟ ବାବଦକୁ ୧୪୦ କୋଟି ୭୧ ଲକ୍ଷ ୪୦ ହଜାର ୫୧୮ ଓ ବାର୍ଷିକ ରାଜସ୍ୱ ଦେୟ ବାବଦକୁ ୫୦ ଲକ୍ଷ ୨୬ ହଜାର ୩୧୮ ଟଙ୍କା ଛାଡ କରିଛନ୍ତି । ଓଡ଼ିଶା ଆଇଟିଆଇ ପ୍ରଶିକ୍ଷକ ସେବା ନିୟମାବଳୀରେ ସଂଶୋଧନ କରାଯାଇଛି । ଫଳରେ ଓଜିଆଇଟିଏସ୍ କ୍ୟାଡରର ଅଭିଜ୍ଞ ଓ ଯୋଗ୍ୟ କର୍ମଚାରୀମାନେ ସର୍ବୋଚ୍ଚ ପଦବୀକୁ ପଦୋନ୍ନତି ପାଇପାରିବେ । ଶାରୀରିକ ମାପ ଏବଂ ଶାରୀରିକ ଦକ୍ଷତା ପାଇଁ ସମନ୍ୱିତ ନିଯୁକ୍ତି ପରୀକ୍ଷା ନିୟମାବଳୀ ୨୦୨୨ର ସଂଶୋଧନ କରାଯାଇଛି ।

## ସିଜେଆଇ...

କରିଥିଲେ । ଏହି ଶପଥ ଗ୍ରହଣ ଉତ୍ସବରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, କେନ୍ଦ୍ରମନ୍ତ୍ରୀ ଅମିତ୍ ଶାହା, ରାଜନାଥ ସିଂହ, ଜେପି ନଡ୍ଡା, ଏସ୍ ଜୟଶଙ୍କର, ପିୟୂଷ ଗୋଏଲ, ଅର୍ଜୁନ ରାମ ମେଘୱାଲ, ଲୋକସଭା ବାଚସ୍ପତି ଓମ୍‌ବିର୍ଲା, ଉପରାଷ୍ଟ୍ରପତି ଭିପି ଧନଖଡ, ପୂର୍ବତନ ସିଜେଆଇ ସଞ୍ଜୀବ ଖାନ୍ନା ଉପସ୍ଥିତ ଥିଲେ । ୨୦୧୯ ମେ' ୨୪ରେ ସେ ବମ୍ବେ ହାଇକୋର୍ଟରୁ ପଦୋନ୍ନତି ପାଇ ସୁପ୍ରିମ୍‌କୋର୍ଟର ବିଚାରପତି ହୋଇଥିଲେ ।

## ପାର୍ସଲ...

ପୀଡ଼ିତା ପରିବାରଙ୍କ ଓକିଲ ଚିତ୍ତରଞ୍ଜନ କାନୁନଗୋଙ୍କ କହିବା ଅନୁସାରେ, ଅଭିଯୁକ୍ତଙ୍କ ବିରୋଧରେ ଯାହାସବୁ ତଥ୍ୟ ମିଳିଥିଲା ତାକୁ ଆମେ ସମ୍ପୂର୍ଣ୍ଣ ଭାବରେ ତଥ୍ୟ ଆଧାରରେ କୋର୍ଟରେ ପ୍ରମାଣ କରିଛୁ। ଠିକ୍ ଭାବରେ ତଦନ୍ତ ପ୍ରକିୟା ହୋଇଛି। ଏପରିକି ଯାହା ଆମେ ଉପସ୍ଥାପନ କରିଛୁ ନ୍ୟାୟ ପାଇବା ନିଶ୍ଚିତ ବୋଲି ଶ୍ରୀ କାନୁନଗୋ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଏହି ମାମଲାର ମୁଖ୍ୟ ଅଭିଯୁକ୍ତ ପୁଞ୍ଜିଲାଲଙ୍କ ଓକିଲ ପ୍ରମୋଦ କୁମାର ମିଶ୍ରଙ୍କ କହିବା ଅନୁସାରେ ବିତର୍କ ପ୍ରକିୟା ସରିଯାଇଛି। ଖୁବ୍‌ଶୀଘ୍ର କୋର୍ଟ ନିଜର ଫଇସଲା ଶୁଣାଇବେ। ପୁଞ୍ଜିଲାଲଙ୍କୁ ଏହି ମାମଲାରେ କ୍ରାଇମବ୍ରାଞ୍ଚ ଚାପଗ୍ରସ୍ତ ହୋଇ ଫସାଇଦେଇଛି। କ୍ରାଇମବ୍ରାଞ୍ଚ ଅନ୍ୟ ଦିଗ ଉପରେ ତଦନ୍ତ ନ କରି ଆକ୍ରୋଶମୂଳକ ଭାବରେ ପୁଞ୍ଜିଲାଲଙ୍କୁ କାଠଗଡ଼ାକୁ ଟାଣିବା ସହ ନିଜ କାମ ସାରିଦେଇଛି। ପୁଞ୍ଜିଲାଲଙ୍କ ବିରୋଧରେ ଯେତିକି ଅଭିଯୋଗ ଆସିଥିଲା ତା'ଠାରୁ ଅନ୍ୟମାନଙ୍କ ଉପରେ ଅଧିକ ଅଭିଯୋଗ ଥିଲା। କିନ୍ତୁ ପୋଲିସ ମଧ୍ୟ ଚାପଗ୍ରସ୍ତ ହୋଇ ସେମାନଙ୍କୁ ତଦନ୍ତ ପରିସରକୁ ଆଣି ପରବର୍ତ୍ତୀ ସମୟରେ ଛାଡ଼ିଦେଇଥିଲା। ତେଣୁ ତଦନ୍ତ ଠିକ୍ ବାଟରେ ହୋଇ ନ ଥିବା ପୁଞ୍ଜିଲାଲଙ୍କ ଓକିଲ ଶ୍ରୀ ମିଶ୍ର କହିଥିଲେ। ସେପଟେ ମୃତ ସୌମ୍ୟଶେଖରଙ୍କ ବାପା ରବୀନ୍ଦ୍ର ସାହୁ କ୍ରାଇମବ୍ରାଞ୍ଚ ଠିକ୍ ଭାବରେ ଏହି ମାମଲାର ତଦନ୍ତ କରିଛି। ଆଗକୁ ଆମେ ନ୍ୟାୟ ପାଇବୁ ବୋଲି ଗଣମାଧ୍ୟମ ସମ୍ମୁଖରେ ତାଙ୍କର ପ୍ରତିକ୍ରିୟା ରଖିଥିଲେ।

ସୂଚନାନୁସାରେ, ୨୦୧୮ ଫେବୃୟାରୀ ୨୩ରେ ପାଟଣାଗଡ଼ ପାର୍ସଲ ବୋମା ବିସ୍ଫୋରଣ ଘଟଣା ଘଟିଥିଲା। ବୃତ୍ତିଗତ ଶତ୍ରୁତାକୁ କେନ୍ଦ୍ରକରି ଅଧ୍ୟାପକ ପୁଞ୍ଜିଲାଲ ସେତେବେଳର କଲେଜ ଅଧକ୍ଷା ସଂଯୁକ୍ତ ସାହୁଙ୍କ ଘରକୁ ଏକ ପାର୍ସଲ ବୋମା ପଠାଇଥିଲେ। ରବୀନ୍ଦ୍ର ଓ ସଂଯୁକ୍ତାଙ୍କ ଏକମାତ୍ର ପୁଅ ସୋମ୍ୟଶେଖରଙ୍କ ବାହାଘର ୨୦୧୮ ଫେବୃଆରୀ ୧୭ରେ ହୋଇଥିଲା। ପୁଞ୍ଜିଲାଲ ବିବାହ ଉପହାର ଭାବେ କୋରିଅର ମାଧ୍ୟମରେ ଏହି ପାର୍ସଲ ଗିଫ୍ଟ ଦେଇଥିଲେଛ ୨୩ ତାରିଖରେ ପାର୍ସଲ ଗିଫ୍ଟ ଖୋଲିବା ସମୟରେ ତାହା ବିସ୍ଫୋରଣ ଘଟିଥିଲା । ଏଥିରେ ସୌମ୍ୟଶେଖର ଓ ତାଙ୍କ ଜେଜେମା ଜେନାମଣିଙ୍କ ମୃତ୍ୟୁ ଘଟିଥିଲା। ନବବିବାହିତା ସ୍ତ୍ରୀ ରୀମାରାଣି ସାହୁ ଗୁରୁତର ହୋଇ ଦୀର୍ଘଦିନର ଚିକିତ୍ସା ପରେ ସୁସ୍ଥତା ଅନୁଭବ କରିଥିଲେ। ପ୍ରଥମେ ପାଟଣାଗଡ଼ ପୋଲିସ ଏହି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ପରେ କ୍ରାଇମବ୍ରାଞ୍ଚ ଏଦିଗରେ ତଦନ୍ତ କରି ପୁଞ୍ଜିଲାଲଙ୍କୁ ମାମଲାର ମୁଖ୍ୟ ଏବଂ ଏକମାତ୍ର ଅଭିଯୁକ୍ତ ଭାବେ ଗିରଫ କରିଥିଲା। ସେହିଦିନଠାରୁ ପୁଞ୍ଜିଲାଲ ବଲାଙ୍ଗିର ଜେଲରେ ବିଚାରାଧୀନ ଭାବରେ ରହିଆସୁଛନ୍ତି।

## ମନ୍ତ୍ରୀ...

ପୋଲିସ ମୁଖ୍ୟଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

କର୍ଣ୍ଣେଲ ସୋଫିଆ କ୍ୟୁରେସି ଓ ୱିଙ୍ଗ କମାଣ୍ଡର ବ୍ୟୋମିକା ସିଂହ ଅପରେସନ୍ ସିନ୍ଦୂର ସମୟରେ ଗଣମାଧ୍ୟମକୁ ସମ୍ବୋଧନ କରୁଥିଲେ । ତାଙ୍କ ସହ ବୈଦେଶିକ ସଚିବ ବିକ୍ରମ ମିଶ୍ରି ଥିଲେ । ଜବଲପୁର ହାଇକୋର୍ଟର ଜଷ୍ଟିସ୍ ଅତୁଲ ଶ୍ରୀଧରନ୍ ଓ ଅନୁରାଧା ଶୁକ୍ଲାଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି ଯେ ମନ୍ତ୍ରୀ ଯେଉଁ ଭାଷା ବ୍ୟବହାର କରିଛନ୍ତି ତାହା ଅତ୍ୟନ୍ତ କଦର୍ଯ୍ୟ । ଏହା ବିପଦଜନକ ଓ ଅପମାନଜନକ । ଏହି ଖଣ୍ଡପୀଠ ଚିନ୍ତା ପ୍ରକଟ କରିବା ସହ ଏଭଳି ମନ୍ତବ୍ୟ ବିଚ୍ଛିନ୍ନତାବାଦୀ ଶକ୍ତିକୁ ଉତ୍ସାହିତ କରିବ । ବିଶେଷକରି ଯେଉଁମାନେ ମୁସ୍‌ଲିମ୍ ସେମାନଙ୍କ ପ୍ରତି ଆଘାତ ହେବ । ଏହା ମଧ୍ୟ ସମ୍ବିଧାନର ଏକତା ଓ ସଂହତିର ଉଲ୍ଲଙ୍ଘନ । ସୁରକ୍ଷାବଳ ହେଉଛି ଏକମାତ୍ର ଦେଶର ସଂସ୍ଥା ଯିଏ ସମ୍ମାନ, ବଳିଦାନ ଓ ବିନା ସ୍ୱାର୍ଥରେ କାର୍ଯ୍ୟ କରୁଛି । ସେମାନେ ସମ୍ମାନ ସହ ଅସହ୍ୟ ସାହାସ ସହ କାର୍ଯ୍ୟ କରୁଛନ୍ତି । ମନ୍ତ୍ରୀଙ୍କ ମନ୍ତବ୍ୟରେ କୌଣସି ସନ୍ଦେହ ନାହିଁ ଯେ ସେ ତାଙ୍କୁ ଆକ୍ଷେପ କରିଛନ୍ତି ।

ସୂଚନାଯୋଗ୍ୟ କ୍ୟୁରେସିଙ୍କୁ ଆକ୍ଷେପ କରି ମନ୍ତ୍ରୀ କହିଥିଲେ ଯେ ଯେଉଁ ଆତଙ୍କବାଦୀମାନେ ପହଲଗାମ୍‌ରେ ୨୬ ନିରୀହ ଲୋକଙ୍କୁ ହତ୍ୟା କଲେ ସେହି ଆତଙ୍କବାଦୀଙ୍କ ଭଉଣୀଙ୍କୁ ସେମାନଙ୍କ ପାଖକୁ ପଠାଇ ପିଟିଲୁ । ଶ୍ରୀ ଶାହା ଏକ କାର୍ଯ୍ୟକ୍ରମରେ ଏହା କହିଥିଲେ । ମନ୍ତ୍ରୀଙ୍କ ଏହି ଶବ୍ଦ ଶୁଣିବା ପରେ ସଭାରେ ହଙ୍ଗାମା ହୋଇଥିଲା । କୋର୍ଟ କହିଥିଲେ ଯେ ଭାରତୀୟ ନ୍ୟାୟ ସଂହିତାର ଧାରା ୧୫୨ରେ କୋର୍ଟ ପାଖରେ ମନ୍ତ୍ରୀଙ୍କ ବିରୋଧରେ ସମସ୍ତ ପ୍ରାରମ୍ଭିକ ଅଭିଯୋଗ ରହିଛି । ଯେଉଁଥିରେ କୋର୍ଟ ସନ୍ତୁଷ୍ଟ ଅଛନ୍ତି । ଏଭଳି କାର୍ଯ୍ୟ ଦେଶର ଏକତା, ସଂହତି ଉପରେ ପ୍ରଭାବ ପକାଇବ ଓ ତାଙ୍କୁ ଆଜୀବନ ଜେଲ୍ ଦିଆଯାଇପାରିବ ।

## ପ୍ରତିକାର...

ଚିକିତ୍ସିତ ହେଉଥିବା ବେଳେ ପୂର୍ବାଞ୍ଚଳ ଡିଆଇଜି ଭେଟିବା ଘଟଣା ସମଗ୍ର ଅଂଚଳରେ ଚର୍ଚ୍ଚାର ବିଷୟ ହୋଇଛି । ଘଟଣାରୁ ପ୍ରକାଶ, ଗତ ୬ତାରିଖ ଦିନ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ପ୍ରଶାସନୀକ ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ଜିଲ୍ଲାପାଳ, ଏସ୍‌ପି, ସାଂସଦ, ବିଧାୟକ, ଏଡିଏମ୍, ଉପଜିଲ୍ଲାପାଳ, ଜିଲ୍ଲାର ସମସ୍ତ ଏସ୍‌ଡିପିଓ, ଆଇଆଇସି, ତହସିଲଦାର, ବିଡିଓ, ମାଇନିଂ ଅଧିକାରୀମାନେ ଯୋଗ ଦେଇଥିଲେ । ବିଭିନ୍ନ ଆଲୋଚନାପରେ ଏସ୍‌ପି ରାଜପ୍ରସାଦ ରାଇବଣିଆ ଥାନା ଅଧିକାରିଣୀ ଜ୍ୟୋସ୍ନାରାଣୀ ପାତ୍ରଙ୍କ ସହିତ ଆଇନ୍‌ଶୃଙ୍ଖଳା ସଂପର୍କରେ ଆଲୋଚନା କରିଥିଲେ । ହଠାତ୍ ଏସ୍‌ପି ଉତ୍‌କ୍ଷିପ୍ତ ହୋଇ ଜଳେଶ୍ୱର ଏସ୍‌ଡିପିଓ ବ୍ରଜମୋହନ ପ୍ରଧାନଙ୍କୁ ଗାଳିଗୁଲଜ କରିବା, ବିଭାଗୀୟ କାର୍ଯ୍ୟାନୁଷ୍ଠାନ ସହିତ ତାଙ୍କୁ କାର୍ଯ୍ୟରୁ ନିଲମ୍ବନ ତାଗିଦ୍ କରିବାପରେ ସେ ମାନସିକ ଧୈର୍ଯ୍ୟ ହରାଇ ବସିଥିଲେ । ଏପରିକି କେତେକ ଅଧିକାରୀ ତାଙ୍କୁ ଜିଲ୍ଲା ଛାଡି ଚାଲିଯିବାକୁ ମଧ୍ୟ ପ୍ରବର୍ତ୍ତାଇ ଥିଲେ । ତାଙ୍କ ଘର କନ୍ଧମାଳ ଜିଲ୍ଲାର ହୋଇଥିବା ବେଳେ ୫୮ବର୍ଷ ବୟସରେ ତାଙ୍କୁ ଏସ୍‌ପି କାର୍ଯ୍ୟାଳୟର କେତେକ ଦାୟିତ୍ୱ ସହିତ ଜଳେଶ୍ୱର ଏସ୍‌ଡିପିଓ ଦାୟିତ୍ୱ ଦିଆଯାଇଥିବାରୁ ସଦାବେଳେ କାର୍ଯ୍ୟଚାପରେ ରହୁଥିବା ସଂପର୍କରେ ବିଭାଗୀୟ ଉପରିସ୍ଥ ପୁଲିସ୍ ଅଧିକାରୀମାନଙ୍କୁ ଅବଗତ କରାଇଥିଲେ । ଏପରିକି ତାଙ୍କ ବିରୁଦ୍ଧରେ ନିଲମ୍ବନ ଆଦେଶ ଦିଆଗଲେ ସେ ଆତ୍ମହତ୍ୟା କରିବେ ବୋଲି ମଧ୍ୟ ଉଲ୍ଲେଖ କରିଥିଲେ । ଜିଲ୍ଲାର ସମସ୍ତ ଅଧିକାରୀଙ୍କ ସମ୍ମୁଖରେ ତାଙ୍କୁ ମାନସିକ ନିର୍ଯ୍ୟାତନା ଦିଆଯାଇଥିବାରୁ ଗତ କିଛିଦିନ ସେ ମାନସିକ ଚିନ୍ତାରେ ରହିଥିବାଜଣେ ପୁଲିସ୍ ଅଧିକାରୀ ନାମ ପ୍ରକାଶ ନ କରି କହିଛନ୍ତି । ତେବେ ବୁଧବାର ଦିନ ହଠାତ୍ ତାଙ୍କ ରକ୍ତଚାପ ବଢିଯିବାରୁ ସେ ଜିକେ ଭଞ୍ଜର ହସ୍‌ପିଟାଲରେ ଭର୍ତ୍ତି ହୋଇ ଚିକିତ୍ସିତ ହେଉଥିବା ବେଳେ ମଧ୍ୟାହ୍ନରେ ପୂର୍ବାଞ୍ଚଳ ଡିଆଇଜି ସତ୍ୟଜିତ୍ ନାୟକ ପହଞ୍ଚି ସ୍ୱାସ୍ଥ୍ୟ ସଂପର୍କରେ ପଚାରି ବୁଝିବା ସହିତ ବୟାନ ରେକର୍ଡ କରିଥିଲେ । ଘଟଣା ପ୍ରଚାରିତ ହେବାପରେ ଏଡିସନାଲ ଏସ୍‌ପି ଦେବଜିତ୍ ଦାସ, ଜିଲାକାର୍ଯ୍ୟାଳୟର ପୁଲିସ୍ ଅଧିକାରୀ ପର୍ଶୁରାମ ସାହୁ,ଜଳେଶ୍ୱର ତହସିଲଦାର ଗୌରାଙ୍ଗ ଘୋଷ, ଆଇଆଇସି ଜୟନ୍ତ ବେହେରାଙ୍କ ସହିତ ବହୁ ଅଧିକାରୀ ହସ୍‌ପିଟାଲରେ ପହଞ୍ଚି ସ୍ୱାସ୍ଥ୍ୟଗତ ସମସ୍ୟା ସଂପର୍କରେ ପଚାରି ବୁଝିଥିଲେ । ଘଟଣାଟି ସମଗ୍ର ଅଂଚଳରେ ଚର୍ଚ୍ଚାର ବିଷୟ ପାଲଟିଛି । ଏ ସଂପର୍କରେ ଶ୍ରୀ ପ୍ରଧାନଙ୍କୁ ପଚାରିବାରୁ ସେ ବେଆଇନ୍ ବାଲି ଚାଲାଣକାରୀଙ୍କ ଠାରୁ ଚାନ୍ଦା ନେବା, ଆଇନ୍‌ଶୃଙ୍ଖଳା ଠିକ୍‌ଭାବେ ସୁପରିଚାଳନା ନକରିବା ଇତ୍ୟାଦି ଅଭିଯୋଗ କରାଯାଇ ଜିଲ୍ଲାପାଳଙ୍କ ସହିତ ସମସ୍ତ ଅଧିକାରୀଙ୍କ ସମ୍ମୁଖରେ ଅପଦସ୍ତ କରାଯାଇଥିବାରୁ ସେ ମାନସିକ ଚିନ୍ତାଗ୍ରସ୍ତରେ ରହିଥିବା କହିଛନ୍ତି ।

## କମ୍ବିଂ...

କାରେଗଟ୍ଟା ଜଂଗଲରେ ହୋଇଥିବା ଅପରେସନରେ ପୁଲିସକୁ ବଡ ସଫଳତା ମିଳିଥିବାରୁ ଯବାନଙ୍କୁ ପ୍ରଶଂସା କରାଯାଇଛି। ଦିନରାତି ଏକ କରି ଯବାନ ଜଂଗଲରେ ସର୍ଚ୍ଚ ଅପରେସନ କରୁଥିବା ବେଳେ ବିଏସଏଫ ହେଲିକେପ୍ଟର ଏମାନଙ୍କ ଉପରେ ନଜର ରଖିବା ସହ ସହଯୋଗ କରୁଥିଲା। ଯବାନଙ୍କୁ ଡ୍ରୋନ ବହୁତ ସାହାଯ୍ୟ କରିଥିବା କୁହାଯାଇଛି । ଡ୍ରୋନ ସାହାଯ୍ୟରେ ମାଓବାଦୀଙ୍କ ଗତିବିଧି ଜାଣି ସେମାନଙ୍କୁ ସହଜରେ ଟାର୍ଗେଟ କରାଯାଇପାରୁଥିଲା। ମାଓବାଦୀମାନେ ଆତ୍ମସମର୍ପଣ ନକରିବା ପର୍ଯ୍ୟନ୍ତ ଅପରେସନ ପୁଣି ଚାଲିବ ବୋଲି କୁହାଯାଇଛି।

## ଅସିତ...

କରିଛନ୍ତି । ସେହିପରି ଶ୍ରୀ ମିଶ୍ରଙ୍କୁ ପ୍ରଶାସନିକ ସଦସ୍ୟ ଭାବେ ନିଯୁକ୍ତି ମିଳିଛି । ରାଜ୍ୟ ସରକାରଙ୍କ ଯୋଗାଣ ବିଭାଗରେ ସେ ସ୍ୱତନ୍ତ୍ର ସଚିବ ଭାବେ କାର୍ଯ୍ୟ କରିଛନ୍ତି । ପୂର୍ବରୁ ସେ କିଛି ଦିନ ପାଇଁ ଓରେରାର ସେକ୍ରେଟାରୀ ଭାବେ ଦାୟିତ୍ୱ ତୁଲାଇ ଥିଲେ । ଶ୍ରୀ ଦାଶଙ୍କୁ ନ୍ୟାୟିକ ସଦସ୍ୟ ଭାବେ ନିଯୁକ୍ତି ମିଳିଛି । ତାଙ୍କ ଚାକିରି ଆଉ ୨ ମାସ ଥିବା ଜଣାପଡ଼ିଛି । ଉପରୋକ୍ତ ୩ ପଦ ପାଇଁ ମନୋନୟନ କମିଟି କିଛି ଦିନ ପୂର୍ବରୁ ପ୍ରତ୍ୟେକ ପଦ ପାଇଁ ଦୁଇଟି ନାମ ସରକାରଙ୍କୁ ସୁପାରିସ କରିଥିଲା । ଗତ ୨ ତାରିଖରେ ପ୍ରଶାସନିକ ସଦସ୍ୟ ପ୍ରଦୀପ କୁମାର ବିଶ୍ୱାଳ ଅବସର ଗ୍ରହଣ କରିଥିଲେ ।

# ବଜ୍ରପାତ ନେଲା ବାପ-ଝିଅ ସମେତ ୩ ଜୀବନ

କୋରାପୁଟ,(ସବ୍ୟୁ) : ପ୍ରାକୃତିକ ବିପର୍ଯ୍ୟୟ ନିରୀହ ଚାଷୀଙ୍କ ପାଇଁ କାଳ ସାଜିଛି। ବିଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟରେ ବଜ୍ରପାତ କାରଣରୁ ୫ ଜଣ ଚାଷୀଙ୍କର ମୃତ୍ୟୁ ଘଟିଛି। ମଙ୍ଗଳବାର ଅନୁଗୁଳ ଜିଲ୍ଲା କିଶୋରନଗର ଅଞ୍ଚଳରେ ବାପ-ପୁଅଙ୍କ ମୃତ୍ୟୁ ଘଟିଥିବା ବେଳେ ବୁଧବାର କୋରାପୁଟ ଜିଲ୍ଲା ପଟ୍ଟାଙ୍ଗି ଅଞ୍ଚଳରେ ବାପ-ଝିଅଙ୍କ ସମେତ ୩ ଜଣଙ୍କର ମୃତ୍ୟୁର କାରଣ ହିଁ ବଜ୍ରପାତ ହୋଇଛି। ମୃତକମାନେ ହେଲେ ଗେମେଲ କ୍ରିଷ୍ଣା (୪୬), ଝିଅ ଗେମେଲ କାମି (୩୩) ଓ ସମ୍ପର୍କୀୟ ମାଉସୀ ଗେମେଲ ତୁମ୍ବାଇ (୬୬)।

କୋରାପୁଟ ଜିଲ୍ଲା ପଟ୍ଟାଙ୍ଗି ବ୍ଲକ ଅନ୍ତର୍ଗତ ଅମ୍ପାବାଲି ଗ୍ରାମପଞ୍ଚାୟତ କନ୍ଧପୁଟାବନ୍ଧ ଗ୍ରାମର ଗେମେଲ କ୍ରିଷ୍ଣା, ଝିଅ ଗେମେଲ କାମି ଓ ସଂପର୍କୀୟ ମାଉସୀ ଗେମେଲ ତୁମ୍ବାଇ ପୂର୍ବାହ୍ଣରେ ଚାଷ ଜମିରେ କାମ କରୁଥିଲେ। ଖରିଫ ଚାଷ ପାଇଁ ଜମିକୁ ପ୍ରସ୍ତୁତ କରିବାରେ ବ୍ୟସ୍ତ ଥିଲେ। ଏହି ସମୟରେ ବର୍ଷା ସହିତ ଘଡ଼ଘଡ଼ି ଓ ବଜ୍ରପାତ ହୋଇଥିଲା । ଫଳରେ ତିନିଜଣଙ୍କ ଘଟଣାସ୍ଥଳରେ ହିଁ ମୃତ୍ୟୁ ଘଟିଥିଲା। ଖବର ପାଇ ସୁଙ୍କି ଥାନା ପୁଲିସ ପହଞ୍ଚି ତିନିଜଣଙ୍କର ମୃତଦେହ ଉଦ୍ଧାର କରି ଶବ ବ୍ୟବଚ୍ଛେଦ ପାଇଁ ପଟ୍ଟାଙ୍ଗି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଥିଲା । ଏହି ଅଭାବନୀୟ ଘଟଣା ନେଇ କନ୍ଧପୁଟାବନ୍ଧ ଗାଁରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

# ବିଲରୁ ମଣିଷ ଖପୁରି, ହାଡ, ଅନ୍ତଃବସ୍ତ୍ର ଜବତ

ପିପିଲି,(ସବ୍ୟୁ): ଭୁବନେଶ୍ୱର-ପୁରୀ ଜାତୀୟ ରାଜପଥ ନିକଟ ସୁରୁସୁରା ମୌଜା ଅନ୍ତର୍ଗତ ଏକ ବିଲରୁ ମଣିଷର ହାଡ, ମୁଣ୍ଡ ଖପୁରୀ ଆଦିକୁ ମଙ୍ଗଳବାର ସନ୍ଧ୍ୟାରେ ପୁଲିସ ଜବତ କରିଛି। ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ପୁଲିସ ଘଟଣା ତଦନ୍ତ ଚଳାଇଛି। ଜାତୀୟ ରାଜପଥର ବାଇପାସ ରାସ୍ତା ଠାରୁ ପ୍ରାୟ ୨ଶହ ମିଟର ବ୍ୟବଧାନରେ ଥିବା କେତେକ ବିଲର ବିଭିନ୍ନ ସ୍ଥାନରେ ମଣିଷର ମେରୁଦଣ୍ଡ, ଚୁଟି, ମୁଣ୍ଡର ଖପୁରୀ, ଗୋଡ ଓ ହାତର ହାଡ, ଦା' ମାଢି ଆଦି ପଡିଥିବାର ଦେଖି ସ୍ଥାନୀୟ ଲୋକେ ପୁଲିସକୁ ଖବର ଦେଇଥିଲେ । ଗୁଲାକୁକୁର ମାନେ ସେସବୁକୁ ଝୁଣି ଖାଇବା ସହ ଏଣେତେଣେ ପକାଇଥିଲେ। ଖପୁରୀ ପଡିଥିବା ସ୍ଥାନ ଠାରୁ କିଛି ଦୂରରେ ମହିଳାଙ୍କ ଦୁଇଟି ଅନ୍ତଃବସ୍ତ୍ର, ଓଢଣୀ ଓ ଚପଲ ପଡିଥିବା ଦେଖିବାକୁ ମିଳିଥିଲା। ପିପିଲି ଆଇଆଇସି ସୌମେନ୍ଦୁ ଶେଖର ତ୍ରିପାଠୀ ଘଟଣାସ୍ଥଳରେ ପହଞ୍ଚି ସମସ୍ତ ହାଡ, ଖପୁରୀ, ଚୁଟି, ପିନ୍ଧାବସ୍ତ୍ର ଆଦିକୁ ଜବତ କରି ଥାନାକୁ ନେଇଥିଲେ। ଆସନ୍ତାକାଲି ଗୁରୁବାର ସେସବୁକୁ ବ୍ୟବଚ୍ଛେଦ ପାଇଁ ପୁରୀ ମେଡିକାଲ କଲେଜର ଏଫଏମଏମଟି ବିଭାଗକୁ ପଠାଯିବ ବୋଲି ଶ୍ରୀତ୍ରିପାଠୀ ସୂଚନା ଦେଇଛନ୍ତି। ଜବତ ହାଡ, ଖପୁରୀ, ଦାନ୍ତର ମାଢୀ ଗୁଡିକ ମଣିଷର ବୋଲି ଅନୁମାନ କରାଯାଉଥିବା ବେଳେ ଏହା କୌଣସି ଯୁବତୀଙ୍କ ଗଳିତ ଶବର ହୋଇଥିବା ଏବଂ ଏକ ଯୋଜନାବଦ୍ଧ ହତ୍ୟାକାଣ୍ଡ ହୋଇଥାଇପାରେ ବୋଲି ସାଧାରଣରେ ସନ୍ଦେହ ପ୍ରକାଶ ପାଇଛି। ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ଏହା ମହିଳା ନା' ପୁରୁଷର ତାହା ସ୍ପଷ୍ଟ ହେବା ସହ ମୃତ୍ୟୁର ପ୍ରକୃତ କାରଣ ଜଣାପଡିବ ବୋଲି ଥାନାଧିକାରୀ ଶ୍ରୀତ୍ରିପାଠୀ ସୂଚନା ଦେଇଛନ୍ତି ।


**LOST**

I, Satya Sundar Behera (41), S/o-Mr Dayanidhi Behera of At/Po-Nandighor, PS-Odagaon, Dist-Nayagarh, state that my Original RSD No. 11371305881, dated- 09.10.2013 bearing Khata-266/291, Plot- 184/1467, Area-0.02dec,Mouza-Katrajhari, Tahasil-Odagaon has lost somewhere else on the way from my village to Sarankul on 05.05.2025 about 9.30am. Any benevolent got the missing documents kindly Contact No-7873522202.
This affidavit has been published to avail an Housing Loan from SBI,ACB Nayagarh (03944) in order to create mortgage over the FIR has been lodged on 06.05.2025 at Sarankul Police Station regarding the LOST event.

**AFFIDAVIT**

I, Babita Samal, W/o- Akash Samal, Resident of At- Singhapur, Gopinathpur, Po-Singhapur, Ps- Kuakhia, Dist-Jajpur, Odisha- 755008. Declare that this affidavit no. 35, dated. 25.04.2025. I have changed my name from Babita Sahoo to Babita Samal. Henceforth, She shall be known as Babita Samal for all purposes.
S/d- Babita Samal

**AFFIDAVIT**

By virtue of an affidavit before the Executive Magistrate, Baripada. I, Gurucharan Mohapatra, Aged (55), S/o- Lt. Uday Chand Mohapatra, R/o At- Kanialoka, Po- Goudarama, Via/Ps- Kuliana, Dist- Mayurbhanj. Declare that this affidavit no. 3091, dated. 13.05.2025. I have changed my son,s name from Aditya Mohapatra to Alekh Niranjan Mohapatra. Henceforth, He shall be known as Alekh Niranjan Mohapatra for all purposes.
S/d- Gurucharan Mohapatra

**TPWODL**
**TP WESTERN ODISHA DISTRIBUTION LIMITED**
(A Joint Venture of Tata Power and Government of Odisha)
Corporate Office : Burla, Dist.-Sambalpur (Odisha)-768017
**NOTICE INVITING TENDER**
**T.No. TPWODL/MK/O/SU/2500000950 Date: 15.05.2025**

TP Western Odisha Distribution Limited, invites tender quotations (in 2part bidding) from eligible vendors for the following package :

**RC for supply of 33kV & 11kV V-Cross Arm with Back clamp, F-Clamp and Pole top bracket in TPWODL.**

Interested bidders are to submit Tender Participation Fee and Authorization Letter through email on or before **23rd May 2025, 18:00Hrs.**, after which the link from e-Tender system shall be shared with them.

For detailed tender documents of the above-mentioned tender, please visit Tender section of **www.tpwesternodisha.com.** All details for participating in tender is given in the tender document.

All future correspondence regarding the tender, bid submission, date extension etc. will take place with the participating bidders only through E-Tender system.

Sd/- Head- Contracts & Procurement

**ଦ.ପୂ. ରେଳପଥ-ଟେଣ୍ଡର**

ଇ-ଟେଣ୍ଡର ନୋଟିସ ନଂ : ଏସଇଆର-କେଜିପିଡବ୍ଲ୍ୟୁ-ଇଏନଏଚଏମ-୪୦କେଏଲଡି-ଏସଟିପି-୨, ତାରିଖ : ୧୩.୦୫.୨୦୨୫ । ଭାରତର ରାଷ୍ଟ୍ରପତିଙ୍କ ତରଫରୁ ଓ ପାଇଁ ଡେପୁଟି ସିଏମ୍‌ଇ (ଡିଜେଲ) ଦକ୍ଷିଣ ପୂର୍ବ ରେଳପଥ ଖଡଗପୁର-୭୨୧୩୦୧ ନିମ୍ନୋକ୍ତ କାର୍ଯ୍ୟ ପାଇଁ ପ୍ରତିଟି ଆଇଟମ ସକାଶେ ସୂଚିତ ତାରିଖର **୧୧.୦୦** ଘଟିକା ପୂର୍ବରୁ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି ଏବଂ **୧୧.୩୦** ଘଟିକା ପରେ ଖୋଲାଯିବ । **କାର୍ଯ୍ୟର ନାମ** : ଆଉଟସାଇଡ୍ ଏଜେନ୍ସି ଜରିଆରେ ଖଡଗପୁର ୱାର୍କସପ୍ ଠାରେ ୪୦ କେଏଲଡି ଏସଟିପି ପ୍ଲାଣ୍ଟ ସ୍ଥାପନ । **କାର୍ଯ୍ୟର ଆନୁମାନିକ ମୂଲ୍ୟ** : ଟ. ୩୬,୮୯,୮୬୦/- । **ଅମାନତ ଅର୍ଥ** : ଟ. ୭୩,୮୦୦/- । **ଇ-ଟେଣ୍ଡର ବନ୍ଦ ତାରିଖ ଓ ସମୟ** : ୦୪.୦୬.୨୦୨୫ ପୂର୍ବାହ୍ନ ୧୧.୦୦ ଘଟିକା । **ଟେଣ୍ଡର ପ୍ରକାର** : ଖୋଲା । ୱେବସାଇଟ୍ ବିବରଣୀ ଓ ସବିଶେଷ ତଥ୍ୟ : **www.ireps.gov.in** ଦକ୍ଷିଣ ପୂର୍ବ ରେଳପଥ କେଜିପିଡବ୍ଲ୍ୟୁଏସ୍/ମେକାନିକାଲ । ଇଚ୍ଛୁକ ଟେଣ୍ଡରଦାତାମାନେ ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ/ତଥ୍ୟ/ସ୍ପେସିଫିକେଶନ ପାଇଁ ୱେବସାଇଟ୍ **www.ireps.gov.in** ଦେଖିପାରିବେ ଏବଂ ସେମାନଙ୍କର ବିଡ୍ ଅନ୍‌ଲାଇନ ଦାଖଲ କରିବେ । ଏହି କାର୍ଯ୍ୟ ପାଇଁ ମାନୁଆଲ ଟେଣ୍ଡର ଗ୍ରହଣ ହେବନାହିଁ । (PR-158)

**GOVERNMENT OF ODISHA : OFFICE OF THE ADDITIONAL CHIEF ENGINEER, PUBLIC HEALTH CIRCLE, BERHAMPUR**
E-Mail ID : aceephebam@gmail.com
C-306
NATIONAL COMPETITIVE BIDDING THROUGH e-Procurement
**Invitation For Bids (IFB)**

| Sl. No. | Name of Work | Bid Identification No. | Estimated Cost (Rs. in Lakhs) | Period of Completion | Availability of Bid Document for Online Bidding | | Name & Address of Officer Inviting Bid |
|---|---|---|---|---|---|---|---|
| | | | | | From | To | |
| 1 | 2 | 3 | 4 | 5 | 6 | 7 | 8 |
| 1 | "Construction of WTP and laying of RWRM and CWRM with ancillary works for Sorada NAC" under AMRUT 2.0, (SWAP-III) | Identification No. ACEPHCBAM 06/2025-26 Dt.13.05.2025 | 684.70 | 12 (Twelve) Calendar Months | 11.00 Hrs. of 20.05.2025 | 17.30 Hrs. of 04.06.2025 | Additional Chief Engineer, P.H. Circle, Berhampur |

The technical bid shall be opened on dt. 10.06.2025 at 12.30 P.M.
Further details can be seen from the e-Procurement portal http://tendersodisha.gov.in
OIPR : 13004/11/0018/2526
Sd/- ADDITIONAL CHIEF ENGINEER (PH)

**DIRECTORATE OF GROUND WATER DEVELOPMENT : ODISHA**
Office of The Deputy Director, GWD Division-II ,Bhubaneswar
A/2, Unit-V, Bhubaneswar
[e-mail:srgeologistrsbbsr@gmail.com]
**INVITATION FOR BIDS (IFB)**
e- Procurement Notice : 271 Date : 08.05.25
Bid Identification No. 03/GWRSD/CHHATA/2025-26,
(Single-Envelope Bidding Process)

**A-146 :** Deputy Director, Geology, GWD Division-II ,Plot-A/2, Unit-V, Bhubaneswar on behalf of Governor of Odisha invites bids from bidders Class "D" & **"C"** (As per latest OPWD codal provisions) registered with the State Governments and bidders of equivalent Grade/Class registered with Central Government/ MES /Railways for the construction of works following Work.
Bids must be submitted online on or before **30/05/2025 at 11.00 Hrs IST** (system server time). Proposals will be opened online on **30/05/2025 ; at 12.00 hours.** In the event of the date specified for proposal opening being declared as a closed holiday for the purchaser's office, the due date for opening of bid will be the following working day at the appointed time.
Details of the Tender will be available in the procurement portal **"www.tendersodisha.gov.in".**

| Sl.No. | Description | Details |
|---|---|---|
| 1. | Name Of the Work<br>Block area at Lataharan Govt. Nodal UP School | Construction of 02 nos. RRHS in Kakatpur of Puri district for FY-2025-26. |
| 2. | Start Date of availability of Bid document online (bid download) | **17/05/2025** from **11.00** Hrs |
| 3. | Last Date of availability of bid document online (bid download) | **30/05/2025 up to 11.00 Hrs** |
| 4. | Last date and time for receipt of bid document (Bid Submission End date & Time) | **30/05/2025 up to 11.00 Hrs** |
| 5. | Date & Time of opening of bid document (bid Opening date) | **30/05/2025 at 12.00 Hrs** |

OIPR : 32469/11/0007/2526
Sd/- Deputy Director, Geology
GWD Division-II, Bhubaneswar

**DIRECTORATE OF GROUND WATER DEVELOPMENT : ODISHA**
Office of The Deputy Director, GWD Division-II ,Bhubaneswar
A/2, Unit-V, Bhubaneswar
[e-mail:srgeologistrsbbsr@gmail.com]
**INVITATION FOR BIDS (IFB)**
e- Procurement Notice : 283 Date : 08.05.25
Bid Identification No. 01/GWRSD/CHHATA/2025-26,
(Single-Envelope Bidding Process)

**A- :** Deputy Director, Geology, GWD Division-II ,Plot-A/2, Unit-V, Bhubaneswar on behalf of Governor of Odisha invites bids from bidders Class **"D"** & **"C"** (As per latest OPWD codal provisions) registered with the State Governments and bidders of equivalent Grade/Class registered with Central Government/ MES /Railways for the construction of works following Work.
Bids must be submitted online on or before **28/05/2025 at 11.00 Hrs IST** (system server time). Proposals will be opened online on **28/05/2025 ; at 12.00 hours.** In the event of the date specified for proposal opening being declared as a closed holiday for the purchaser's office, the due date for opening of bid will be the following working day at the appointed time.
Details of the Tender will be available in the procurement portal **"www.tendersodisha.gov.in".**

| Sl.No. | Description | Details |
|---|---|---|
| 1. | Name Of the Work | Construction of 04 nos. RRHS in Puri unban area at Puri Zila School of Puri district for FY-2025-26. |
| 2. | Start Date of availability of Bid document online (bid download) | **17/05/2025** from **11.00** Hrs |
| 3. | Last Date of availability of bid document online (bid download) | **28/05/2025 up to 11.00 Hrs** |
| 4. | Last date and time for receipt of bid document (Bid Submission End date & Time) | **28/05/2025 up to 11.00 Hrs** |
| 5. | Date & Time of opening of bid document (bid Opening date) | **28/05/2025 at 12.00 Hrs** |

OIPR : 32469/11/0009/2526
Sd/- Deputy Director, Geology
GWD Division-II, Bhubaneswar

**ODISHA CONSTRUCTION CORPORATION LIMITED**
**BHUBANESWAR, ODISHA**
PIN: 751012, Tel No.(0674) 2562020, e-Mail: theoccltd@odishaconstruction.com
GSTIN- 21AAACO2571K2ZM
CAD-398
***e- Procurement Notice No- 07/OCCL/2025-26 (on-line)**
On-line Item rate tenders are invited for the following work :

| Sl. No. | Name of Work | Bid Identification No. | Approx. value of work | Bid Security (through on-line transfer only) (in Rs.) | Period of Completion (in days) | Availability & Submission of tender of Tender (on-line) |
|---|---|---|---|---|---|---|
| 1. | TANK IMPROVEMENT/RENOVATION MODERNISATION WORKS OF 16 (Sixteen) Nos. of Minor Irrigation Projects in Ganjam District (CLUSTER-II) under OIIPCRA Scheme | OCCL_TSI_CL_II/ 2025-26 | Rs. 6.00 Crore | Rs. 6,00,000/- | 270 days | From 16/05/2025 10.00 Hrs to 16/06/2025, 15.00 Hrs. |

Procurement Officer — Managing Director, OCCL
Date of Opening of the Tender — **16.06.2025, 15.30 Hrs. onwards**
Further details can be seen from the e-procurement portal — **https://www.tendersodisha.gov.in, https://octdms.in, https://odishaconstruction.com**
OIPR : 34176/11/0032/2526
Sd/- MANAGING DIRECTOR

E-mail :- eemidivision_deogarh@yahoo.in
**GOVERNMENT OF ODISHA**
**DEPARTMENT OF WATER RESOURCES**
**OFFICE OF THE SUPERINTENDING ENGINEER,MINOR IRRIGATION DIVISION, DEOGARH.**
No. 681/ Date. 06.05.2025
**e-PROCUREMENT NOTICE**
**BID REF No: SE.MID.DGR /02 / 2025-26**

**A-154 :** Bid documents consisting names of Work, Estimated cost, Cost of tender paper, EMD, time of completion, Class of Contractor, the set of terms and conditions of contract and other necessary documents can be seen in e-procurement portal **https://tendersodisha.gov.in.**

1 Name of the works : Civil Construction works.
2 No of Works : 01 (One) No.
3 Estimated Cost : Approximately Rs.64.42 lakh
4 Period of completion : 4 (Four) Calendar months
5 Date and Time of availability of bid documents in the portal : From Dt.15.05.2025 at 10.00 AM to Dt. 26.05.2025 upto 5.00 PM.
6 Last Date / Time of receipt of bids in the portal : Dt.26.05.2025 up to 5.00 PM
7 Date of opening of Bid : Dt. 28.05.2025 at 11.00 AM onwards
8 Name and address of the OIT : Superintending Engineer, Minor Irrigation Division, Deogarh.
9 Mode of Payment of Bid Cost & Bid Security : Online

** Further details can be seen from the e-Procurement market place **http://tendersodisha.gov.in**
OIPR : 32289/11/0012/2526
Sd/- Superintending Engineer
M..I. Division, Deogarh

भारत सरकार
कारपोरेट कार्य मंत्रालय
त्वरित कॉर्पोरेट समापन प्रसंस्करण केंद्र (सी-पेस),
आई.आई.सी.ए. बिल्डिंग, 7वीं मंज़िल,
प्लाट P-6,7,8, से.-5, आई.एम.टी. मानेसर, गुरुग्राम,
हरियाणा - 122050.
Email: roc.cpace@mca.gov.in

ଭାରତ ସରକାର
କମ୍ପାନୀ ବ୍ୟାପାର ମନ୍ତ୍ରଣାଳୟ
ତୋରିତ କମ୍ପାନୀ ସମାପନ ପ୍ରକ୍ରିୟାକରଣ କେନ୍ଦ୍ର (ସି-ପେସ୍)
ଆଇଆଇସିଏ ବିଲ୍ଡିଂ, ୭ମ ମହଲା, ପ୍ଲଟ ପି-୬,୭,୮, ସେକ୍ଟର-୫ ଆଇଏମଟି ମାନେସର, ଗୁରୁଗାଁ, ହରିଆନା-୧୨୨୦୫୦
ଇମେଲ୍ : roc.cpace@mca.gov.in

**ଫର୍ମ ନଂ. ଏସଟିକେ-୬**
**ସର୍ବସାଧାରଣ ବିଜ୍ଞପ୍ତି**
*(କମ୍ପାନୀର ଆଇନ ୨୦୧୩ର ସେକ୍ସନ ୨୪୮ ର ସବ୍-ସେକ୍ସନ (୨) ଏବଂ ସବ୍-ସେକ୍ସନ (୪) ଓ କମ୍ପାନୀ (କମ୍ପାନୀ ରେଜିଷ୍ଟରରୁ କମ୍ପାନୀଗୁଡ଼ିକର ନାମ ବାଦ ଦେବା) ରୁଲସ୍ ୨୦୧୬ର ରୁଲ୍ ୭ ଆଧାରରେ)*

**ସର୍ବସାଧାରଣ ବିଜ୍ଞପ୍ତି : ଆରଓସି/ସି - ପେସ୍ / ଏସଟିକେ-୨/୨୪୮ (୨)/୨୦୨୫-୨୬/୩୮୫** — **ତାରିଖ : ୦୬.୦୫.୨୦୨୫**
**ରେଫରେନ୍ସ**
କମ୍ପାନୀ ଆଇନ ୨୦୧୩ର ସେକ୍ସନ ୨୪୮ ଅଧୀନରେ **ଓଡ଼ିଶା** ରାଜ୍ୟରେ (୨) କମ୍ପାନୀଗୁଡ଼ିକର ନାମ ବାଦ୍ ଦେବା ଅଥବା ଉଚ୍ଛେଦ କରିବା ସମ୍ବନ୍ଧରେ:

| କ୍ର.ନଂ | କାର୍ଯ୍ୟ ଆଇଟମ୍ | ସିଆଇଏନ | କମ୍ପାନୀ ନାମ |
|---|---|---|---|
| ୧ | ଏବିଓ୬୪୭୭୮୪ | ୟୁ୭୨୨୦୦ଓଆର୨୦୧୨ପିଟିସି୦୧୫୬୫୮ | ଗୋଭସିସ୍ ଟେକ୍ନୋଲୋଜିକ୍ ପ୍ରାଇଭେଟ୍ ଲିମିଟେଡ୍ |
| ୨ | ଏବିଓ୬୧୬୯୪୦ | ୟୁ୫୧୯୦୯ଓଆର୨୦୨୨ଓପିସି୦୪୧୫୮୩ | ମେଡ୍‌କି ପ୍ଲସ ଫାରମାସି (ଓପିସି) ପ୍ରାଇଭେଟ୍ ଲିମିଟେଡ୍ |

୨. ସୂଚନା ଦିଆଯାଇଛି ଯେ କମ୍ପାନୀ ନିବନ୍ଧକ କମ୍ପାନୀ ଆଇନ, ୨୦୧୩ ର ଧାରା ୨୪୮(୨) ଅନୁଯାୟୀ ଉପରୋକ୍ତ କମ୍ପାନୀଗୁଡ଼ିକଙ୍କଠାରୁ କମ୍ପାନୀ ପଞ୍ଜିକାରରୁ ସେମାନଙ୍କର ନାମ (ଗୁଡ଼ିକ) ବାଦ ଦେବା ପାଇଁ ଆବେଦନ ଗ୍ରହଣ କରିଥିଲେ, ହୁଏତ ଏହି କାରଣରୁ ଯେ ସେମାନେ ସେମାନଙ୍କର ପ୍ରତିଷ୍ଠାର ଗୋଟିଏ ବର୍ଷ ମଧ୍ୟରେ ବ୍ୟବସାୟ ଆରମ୍ଭ କରିବାରେ ବିଫଳ ହୋଇଛନ୍ତି କିମ୍ବା ଏହି କାରଣରୁ ଯେ କମ୍ପାନୀ (ଗୁଡ଼ିକ) ପୂର୍ବ ଦୁଇ ଆର୍ଥିକ ବର୍ଷ ପାଇଁ କୌଣସି ବ୍ୟବସାୟ କିମ୍ବା କାର୍ଯ୍ୟ କରୁନାହାଁନ୍ତି ଏବଂ କମ୍ପାନୀ ଆଇନ, ୨୦୧୩ ର ଧାରା ୪୫୫ ଅନୁଯାୟୀ ଏକ ନିଷ୍କ୍ରିୟ କମ୍ପାନୀର ସ୍ଥିତି ପାଇବା ପାଇଁ ଏପରି ସମୟ ମଧ୍ୟରେ କୌଣସି ଆବେଦନ କରିନାହାଁନ୍ତି କିମ୍ବା କମ୍ପାନୀ (ଗୁଡ଼ିକ) ନିଷ୍କ୍ରିୟ କମ୍ପାନୀ/ସଦସ୍ୟତାର ସ୍ଥିତି ହାସଲ କରିଛନ୍ତି । ସ୍ମାରକପତ୍ରରେ ସେମାନେ ଏକ କମ୍ପାନୀର ପ୍ରତିଷ୍ଠା ସମୟରେ ଦେୟ କରିବାକୁ ପ୍ରତିବଦ୍ଧ ହୋଇଥିବା ସବସ୍କ୍ରିପସନ୍ ପ୍ରଦାନ କରିନାହାଁନ୍ତି ଏବଂ ଏହି ପ୍ରଭାବରେ ଏକ ଘୋଷଣାନାମା ଧାରା ୧୦କ ର ଉପଧାରା (୧) ଅନୁଯାୟୀ ଏହାର ଅନ୍ତର୍ଭୁକ୍ତ ହେବାର ଏକ ଶହ ଅଶୀ ଦିନ ମଧ୍ୟରେ ଦାଖଲ କରାଯାଇନାହିଁ । କୌଣସି ବ୍ୟବସାୟ କିମ୍ବା କାର୍ଯ୍ୟ କରୁନାହାଁନ୍ତି, ଯେପରି ପ୍ରକାଶିତ ହୋଇଛି । ଧାରା ୧୨ ର ଉପ-ଧାରା (୯) ଅନୁଯାୟୀ ଭୌତିକ ଯାଞ୍ଚ କରାଯାଇଥିଲା, କିନ୍ତୁ ଏହା/ସେମାନେ କମ୍ପାନୀ ଭାବରେ ଏହାର/ସେମାନଙ୍କର ପଞ୍ଜିକରଣ ଜାରି ରଖିବାକୁ ଚାହୁଁ ନାହାଁନ୍ତି ଏବଂ ତେଣୁ, କମ୍ପାନୀ ପଞ୍ଜିକାରରୁ ଏହାର/ସେମାନଙ୍କର ନାମ ବାଦ ଦେବା/ବାଦ୍ ଦେବା ପାଇଁ ଅନୁରୋଧ କରିଛନ୍ତି ।
୩. ତଦନୁସାରେ, କମ୍ପାନୀ ପଞ୍ଜିକାର କମ୍ପାନୀ ପଞ୍ଜିକାରରୁ ଉପରୋକ୍ତ କମ୍ପାନୀଗୁଡ଼ିକର ନାମ ବାଦ ଦେବା କିମ୍ବା ବାଦ୍ ଦେବା ପାଇଁ ପ୍ରସ୍ତାବ ଦେଇଛନ୍ତି ।
୪. କମ୍ପାନୀ ପଞ୍ଜିକାରରୁ ପ୍ରସ୍ତାବିତ କମ୍ପାନୀଗୁଡ଼ିକର ନାମ ବାଦ ଦେବା କିମ୍ବା ବାଦ୍ ଦେବା ଉପରେ ଆପତ୍ତି କରୁଥିବା ଯେକୌଣସି ବ୍ୟକ୍ତି ଏହି ବିଜ୍ଞପ୍ତି ପ୍ରକାଶନ ତାରିଖରୁ ତିରିଶ ଦିନ ମଧ୍ୟରେ ଉପରେ ଉଲ୍ଲେଖ କରାଯାଇଥିବା କାର୍ଯ୍ୟାଳୟ ଠିକଣାରେ ତାଙ୍କର ଆପତ୍ତି ପଠାଇ ପାରିବେ ।

ଇରକାନ୍ ତିର୍କି
ଆସିଷ୍ଟାଣ୍ଟ ରେଜିଷ୍ଟ୍ରାର
ତୋରିତ କମ୍ପାନୀ ସମାପନ ପ୍ରକ୍ରିୟାକରଣ କେନ୍ଦ୍ର
CBC 07123/11/0188/2526


**ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍ ନମ୍ବର**

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ-୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ-୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍-୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା-୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି-୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ-୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ-୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ-୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ-୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ-୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି-୯୪୩୭୦୫୭୩୮, କଳାହାଣ୍ଡି-ଶାନ୍ତନୁ ବେହେରା-୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ର କୁମାର ଦାସ-୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତ ମୋହନ ମହାପାତ୍ର-୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସ ରାଓ-୯୪୩୯୫୬୬୭୨୨, ମାଲକାନଗିରି-କେଶବ ନାଏକ-୯୪୩୭୭୭୯୪୪୭, ମୟୂରଭଞ୍ଜ-ସୌମ୍ୟ ରଞ୍ଜନ ପଟ୍ଟନାୟକ-୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା-୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ-୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିୱାରୀ-୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର-୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ-୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଳ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ-୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ-୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି-୯୪୩୭୨୬୫୫୦୧, ଢେଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୨୮ ।

ସମୟ

## ଉଚ୍ଚଶିକ୍ଷା କ୍ଷେତ୍ରରେ ପଛୁଆବର୍ଗଙ୍କ ଲାଗି ୨୭ % ସ୍ଥାନ ସଂରକ୍ଷଣ ଦାବି କଲା କଂଗ୍ରେସ

# ନମାନିଲେ ଘେରାଉ ହେବ ମୁଖ୍ୟମନ୍ତ୍ରୀଙ୍କ ବାସଭବନ

ଭୁବନେଶ୍ୱର,(ସବ୍ୟୁ): ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସ ଉଚ୍ଚଶିକ୍ଷାକ୍ଷେତ୍ରରେ ରାଜ୍ୟର ପଛୁଆ ବର୍ଗଙ୍କ ପାଇଁ ୨୭% ସ୍ଥାନ ସଂରକ୍ଷଣ ଦାବି କରିଛନ୍ତି । କଂଗ୍ରେସ ଭବନଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ଦାସ କହିଲେ ରାଜ୍ୟରେ ମୋହନ ମାଝୀ ସରକାର ରାଜ୍ୟର ଶତକଡା ୫୪ ପ୍ରତିଶତ ପଛୁଆ ବର୍ଗର ଶିକ୍ଷିତ ଯୁବକ ଓ ଯୁବତୀଙ୍କ ଦାବିକୁ ପ୍ରତ୍ୟାଖାନ କରିବା ସହିତ ତାଙ୍କ ପ୍ରତି ଛଳନା କରିଛନ୍ତି । ସେ କହିଛନ୍ତି ଯେ ଆଜି ରାଜ୍ୟ କ୍ୟାବିନେଟ୍ ଏସ୍ଇବିସି ବର୍ଗଙ୍କ ପାଇଁ ରାଜ୍ୟ ସରକାରଙ୍କ ଅଧିନରେ ପରିଚାଳିତ ସମସ୍ତ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟମାନଙ୍କର ଅଣବୈଷୟିକ ଶିକ୍ଷାକ୍ଷେତ୍ରରେ ୧୧.୨୫ ପ୍ରତିଶତ ସ୍ଥାନ ସଂରକ୍ଷଣ କରିବା ନିଷ୍ପତ୍ତିକୁ ଯେଉଁ ଐତିହାସିକ ଦାବି କରାଯାଉଛି ତାହା ଛଳନା ଓ ବାହାସ୍ଫୋଟ । ଶ୍ରୀ ଦାସ କହିଛନ୍ତି ରାଜ୍ୟର ପଛୁଆ ବର୍ଗର ଶିକ୍ଷିତ ଯୁବକ ଓ ଯୁବତୀଙ୍କୁ ବୈଷୟିକ ଶିକ୍ଷା ଯଥା ମେଡ଼ିକାଲ, ଇଞ୍ଜିନିୟରିଂ, ଏମ୍‌ବିଏ, ଫାର୍ମାସି, ନର୍ସିଂ ଆଦି କ୍ଷେତ୍ରରେ ୨୭% ସ୍ଥାନ ସଂରକ୍ଷଣ ଦାବି କରିଆସୁଛୁ । କିନ୍ତୁ ରାଜ୍ୟ ବିଜେପି ସରକାର ପଛୁଆ ବର୍ଗଙ୍କ ଛାତ୍ର ଛାତ୍ରୀଙ୍କ ପାଇଁ ଏହା କଲେ ନାହିଁ । ଯାହା ସେମାନଙ୍କ ପ୍ରତି ଏକ ଉପହାସ ଯଥାଶୀଘ୍ର ୨୭ % ସ୍ଥାନ ସଂରକ୍ଷଣ ବୈଷୟିକ ଶିକ୍ଷା କ୍ଷେତ୍ରରେ ଲାଗୁ କରାଯାଉ । ଯଦି ଏହା ନକରନ୍ତି ତେବେ ରାଜ୍ୟ କଂଗ୍ରେସ ଆସନ୍ତା ୨୨ ଓ ୨୩ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ବାସଭବନକୁ ଘେରାଉ କରାଯିବ । ଯେପର୍ଯ୍ୟନ୍ତ ସରକାର ଏହା ନକରନ୍ତି ସେ ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ । ଏହି ସାମ୍ବାଦିକ ସମ୍ମିଳନୀରେ କଂଗ୍ରେସ ପ୍ରଭାରୀ ଅଜୟ କୁମାର ଲାଲୁ, ପୂର୍ବତନ ପିସିସି ସଭାପତି ଜୟଦେବ ଜେନା, କଂଗ୍ରେସ ନେତା ଶ୍ରୀକାନ୍ତ ଜେନା ଓ ଶରତ ରାଉତ ପ୍ରମୁଖ ଉପସ୍ଥିତ ଥିଲେ ।



## ଖୋର୍ଦ୍ଧା ଏସିଡିସି ବୈଠକ

# ଆଦର୍ଶ ନିର୍ବାଚନମଣ୍ଡଳୀ ପାଇଁ ଅଧିକାରୀମାନେ ବ୍ରତୀ ହୁଅନ୍ତୁ: ବିଧାୟକ

ଖୋର୍ଦ୍ଧା,(ସବ୍ୟୁ): ଖୋର୍ଦ୍ଧା ବିଧାନସଭା ନିର୍ବାଚନ ମଣ୍ଡଳୀ ଉନ୍ନୟନ (ଏସିଡିସି) ବୈଠକ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ବିଧାୟକ ପ୍ରଶାନ୍ତ କୁମାର ଜଗଦେବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବୈଠକରେ ଜିଲ୍ଲାପାଳ ଚଂଚଳ ରାଣା, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ତଥା ଆବାହକ ଜ୍ୟୋତିଶଙ୍କର ସାହୁ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଅମ୍ରିତ ପାଲ ସିଂ ପ୍ରମୁଖ ଯୋଗଦେଇ ଥିଲେ । ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ୪୨ ଗୋଟି ବିଭାଗର ଉନ୍ନୟନ ଯୋଜନା ଓ ଏଥି ଅନ୍ତର୍ଗତ ପ୍ରକଳ୍ପ ଗୁଡ଼ିକର ଅଗ୍ରଗତି ସମ୍ପର୍କରେ ବିଧାୟକ ଜଗଦେବ ବିଭାଗୀୟ ଅଧିକାରୀ ମାନଙ୍କ ସହ ସମୀକ୍ଷା କରି ଖୋର୍ଦ୍ଧା ନିର୍ବାଚନ ମଣ୍ଡଳୀ ର ସାମଗ୍ରିକ ଦ୍ରୁତ ବିକାଶ ଓ ମଡେଲ ନିର୍ବାଚନ ମଣ୍ଡଳୀ ଭିଜନ ରେ ବ୍ରତୀ ହେବାକୁ ଅଧିକାରୀ ମାନଙ୍କୁ ଆହ୍ୱାନ ଦେଇଥିଲେ । ପ୍ରଥମେ ଜିଲ୍ଲା ପରିଷଦ ମୁଖ୍ୟ ଜିଲ୍ଲା ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଶ୍ରୀ ସାହୁ ସ୍ୱାଗତ ଜଣାଇଥିଲେ। ପରେ ବିଧାୟକ ଜଗଦେବ ଖୋର୍ଦ୍ଧା ବିଧାନସଭା ନିର୍ବାଚନ ମଣ୍ଡଳୀ ର ତୃଣମୂଳସ୍ତରରୁ ଲୋକମାନଙ୍କୁ ସରକାରଙ୍କର ବିଭିନ୍ନ ଯୋଜନାର ସୁବିଧା ସୁଯୋଗ ସେବା ଉପଲବ୍ଧ କରାଇ ସେମାନଙ୍କୁ ଦ୍ରୁତ ବିକାଶର ସ୍ରୋତରେ ସାମିଲ କରାଇ ଖୋର୍ଦ୍ଧା ନିର୍ବାଚନ ମଣ୍ଡଳୀ କୁ ସମଗ୍ର ରାଜ୍ୟ ଓ ଦେଶରେ ଦୃଷ୍ଟାନ୍ତ ସୃଷ୍ଟିକରିବାକୁ ଲକ୍ଷ୍ୟ ରଖି କର୍ତ୍ତବ୍ୟ କରିବାକୁ ପରାମର୍ଶ ଦେଇଥିଲେ । ଏହି ପରିପ୍ରେକ୍ଷୀରେ ବିଧାୟକ ଜଗଦେବ ବିକଶିତ ଖୋର୍ଦ୍ଧା ବିଧାନସଭା ନିର୍ବାଚନ ମଣ୍ଡଳୀ, ବିକଶିତ ଓଡ଼ିଶା, ବିକଶିତ ଭାରତ ନିର୍ମାଣରେ ନିଜର କର୍ମ ବୀରତାର ପରିଚୟ ଦେବାକୁ ପ୍ରେରଣା ଦେଇଥିଲେ । ଖୋର୍ଦ୍ଧା ସହରକୁ ନିଶାମୁକ୍ତ, ଶାନ୍ତି ଶୃଙ୍ଖଳା ଓ ସ୍ୱଚ୍ଛତା ବାତାବରଣ ଅଧିକରୁ ଅଧିକ ସୃଷ୍ଟି କରିବା ନିମନ୍ତେ ସମସ୍ତ ସରକାରୀ ଅଧିକାରୀ ଓ କର୍ମଚାରୀ ମାନେ ଆଗାମୀ ଦିନରେ ସ୍ୱଚ୍ଛତା ଏବଂ ସଫେଇ ଅଭିଯାନରେ ସାମିଲ ହେବାସହ ନିଜ କାର୍ଯ୍ୟାଳୟ ପରିସର ପ୍ରତ୍ୟେକ ଅଧିକାରୀ ଓ କର୍ମଚାରୀ ମାନେ ସ୍ୱଚ୍ଛତା ବଜାୟ ରଖିବାକୁ ପରାମର୍ଶ ଦେଇଥିଲେ । ସେହିପରି ବିଧାୟକ ଭାରତ ସଂଚାର ନିଗମ ଲିମିଟେଡ, ଇଡକୋ, ଆୟକର ବିଭାଗ, ଭାରତୀୟ ଡାକ ସେବା, ଭାରତୀୟ କୃଷି ଗବେଷଣା କେନ୍ଦ୍ର, ଭାରତୀୟ ଜୀବନବୀମା ନିଗମ ଭିତି ଭୂମି ସହ ଦ୍ରୁତ ଶିଳ୍ପାୟନର ବିକାଶ ମାଧ୍ୟମରେ ସିଏସ୍ଆର୍ ଫଣ୍ଡ୍ ରେ ବିଭିନ୍ନ ଉନ୍ନୟନ ମୂଳକ ଯୋଜନାର ରୂପରେଖ ଶୀର୍ଷରେ ପହଁଚାଇବାକୁ ଅଧିକାରୀମାନେ ସହଯୋଗ କରିବାକୁ ପରାମର୍ଶ ଦେଇଥିଲେ । ସେହିପରି ଖସଡ଼ା ପ୍ରସ୍ତୁତ କରି ସମସ୍ତ ବିଭାଗରେ ପଡ଼ିରହିଥିବା ଅନୁଦାନ ଅର୍ଥ କୁ ୨୦୨୬ ମାର୍ଚ୍ଚ ମାସ ଶେଷ ସୁଦ୍ଧା ଖର୍ଚ୍ଚ କରି ବିନିଯୋଗ ପତ୍ର ସରକାରଙ୍କୁ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଟାଙ୍ଗୀ ଓ ଖୋର୍ଦ୍ଧା ବ୍ଲକ ଏବଂ ପୌର ପରିଷଦ ରେ ୮୦ ବର୍ଷରୁ ଅଧିକ ବର୍ଷ ହୋଇଥିବା ହିତାଧିକାରୀଙ୍କୁ ଜାତୀୟ ସାମାଜିକ ନିରାପତା ଯୋଜନା ରେ ସାମିଲ କରିବା, ମୃତ ହିତାଧିକାରୀଙ୍କ ସ୍ଥାନ ଗୁଡିକୁ ଅବିଳମ୍ବେ ପୂରଣ କରିବା, ବ୍ୟାପକ ବୃକ୍ଷରୋପଣ କରିବା, ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାରେ ମତ୍ସ୍ୟ ଚାଷୀ ଙ୍କୁ ଅଗ୍ରାଧିକାର ଦେଇ ଅଧିକ ପୋଖରୀ ଖନନ କରିବା, ଜଳସେଚନ,ପୌରପରିଷଦ ପକ୍ଷରୁ ଇଡକୋ ର ହୋଲ୍ଡିଂ ଟ୍ୟାକ୍ସ ଆଦାୟ କରିବା, ଏମଜିଏନ୍ଆରଇଜିଏସ୍ ଯୋଜନାକୁ ଦ୍ରୁତ ଗତିରେ ଆଗେଇନେବା, ମହିଳା ମହାବିଦ୍ୟାଳୟ ଓ ପିଏନ୍ ମହାବିଦ୍ୟାଳୟର ପାଚେରୀ ନିର୍ମାଣ, ପ୍ରାଣ ନାଥ ମହାବିଦ୍ୟାଳୟକୁ ସ୍ୱୟଂ ଶାସିତ ବିଦ୍ୟାଳୟରେ ଅନ୍ତର୍ଭୁକ୍ତ କରିବା, ଖୋର୍ଦ୍ଧାରେ ଅଡିଟୋରିୟମ ଓ ଷ୍ଟାଡିୟମ ନିର୍ମାଣ କାର୍ଯ୍ୟ, ରାଶନ୍ କାର୍ଡ ଅଗ୍ରଗତି କାର୍ଯ୍ୟ, କ୍ଷୁଦ୍ର ଜଳସେଚନ ଅଧୀନ ବନ୍ଧ ଗୁଡ଼ିକୁ ଉଚ୍ଚା କରିବା, ଅଙ୍ଗନଓ୍ୱାଡ଼ି କେନ୍ଦ୍ର ନିର୍ମାଣ, ଜାତୀୟ ରାଜପଥ ପ୍ରାଧିକରଣ ବିଭାଗ ସ୍ୱାସ୍ଥ୍ୟକେନ୍ଦ୍ର ଓ ଆବାସିକ ଗୃହ ନିର୍ମାଣ, ପ୍ରଧାନ ମନ୍ତ୍ରୀ ସିଂଚନ ଯୋଜନାକୁ ସଫଳ ଭାବେ ରୂପାୟନ ନିମନ୍ତେ ପୁଙ୍ଖାନୁପୁଙ୍ଖ ସମୀକ୍ଷା କରିଥିଲେ । ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଖୋର୍ଦ୍ଧା ବିଡିଓ କ୍ଷୀରାବ୍ଧି ତନୟା ସାହୁ, ଖୋର୍ଦ୍ଧା ପୌର ନିର୍ବାହୀ ଅଧିକାରୀ ରିଜଓ୍ୱାନା କଅକବ, ଜିଲ୍ଲା ପଂଚାୟତ ଅଧିକାରୀ ଶ୍ୟାମଳେନ୍ଦୁ ନାୟକ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ରାଜ୍ୟଶ୍ରୀ ପଟ୍ଟନାୟକ, ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ରବି ନାରାୟଣ ସେନାପତି, ଜିଲ୍ଲା ବେସାମରିକ ଯୋଗାଣ ଅଧିକାରୀ ସୁଗୁଦା ମୁର୍ମୁଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ, ନିର୍ବାହୀ ତଥା ଅଧିକ୍ଷଣ ଯନ୍ତ୍ରୀ ପ୍ରମୁଖ ଯୋଗଦେଇଥିଲେ ।

# ହାଇଟେକ୍ ହସ୍ପିଟାଲ୍‌ରେ ସେବିକା ଦିବସ

ଭୁବନେଶ୍ୱର,(ସବ୍ୟୁ): ହାଇଟେକ୍ ମେଡିକାଲ କଲେଜ ଓ ହସ୍ପିଟାଲ୍ ପ୍ରେକ୍ଷାଳୟରେ ଅନ୍ତର୍ଜାତୀୟ ସେବିକା ଦିବସ ପାଳନ କରାଯାଇଛି । ସ୍ୱାସ୍ଥ୍ୟ ସେବାରେ ସେବିକାମାନଙ୍କ ଭୂମିକା ଅତିବ ଗୁରୁତ୍ୱପୂର୍ଣ୍ଣ । ଏଥିରେ ମୁଖ୍ୟ ଅତିଥି ଭାବେ ହାଇଟେକ୍ ଗ୍ରୁପ୍‌ର ପ୍ରତିଷ୍ଠାତା ଅଧ୍ୟକ୍ଷ ଡଃ ତିରୁପତି ପାଣିଗ୍ରାହୀ ଯୋଗଦେଇ, ଡାକ୍ତରଙ୍କ ପରାମର୍ଶ ଅନୁସାରେ ରୋଗୀଙ୍କୁ ଆମୂଳଚୂଳ ସେବା ଯୋଗାଇଦେବା ଓ ଆତ୍ମୀୟତାର ସ୍ପର୍ଶରେ ରୋଗୀ ମୁହଁରେ ହସ ଖେଳାଇବାର ମାର୍ମିକ ମୁହୂର୍ତ୍ତ ସେବିକାମାନଙ୍କ ପାଇଁ ପ୍ରକୃତ ଆଦର୍ଶ ହେବା ଉଚିତ୍ ବୋଲି କହିଛନ୍ତି । ଏହି ଉତ୍ସବରେ ସମ୍ମାନିତ ଅତିଥି ଭାବେ ହାଇଟେକ୍ ଗ୍ରୁପ୍‌ର ନିର୍ଦ୍ଦେଶକ ଡ. ରାକେଶ କୁମାର ପାଣିଗ୍ରାହୀ ଯୋଗଦାନ କରିଥିବାବେଳେ ମେଡିକାଲ ସୁପରିଟେଣ୍ଡେଣ୍ଟ ଡ. ରବିନ୍ଦ୍ରନାଥ ବେହେରା, ମେଡିକାଲ ସୁପରିଟେଣ୍ଡେଣ୍ଟ ଡ. ବାସୁଦେବ ବେହେରା, ଡିନ୍ ଏଣ୍ଡ ଡାଇରେକ୍ଟର ଡ. ଅକ୍ଷୟ କୁମାର ସାମଲ, ଡିନ୍ ଏଣ୍ଡ ଡାଇରେକ୍ଟର ଡ. ରାଧାମାଧବ ତ୍ରିପାଠୀ, ପ୍ରିନ୍ସିପାଲ ପ୍ରଫେସର୍ ଡ. ପୂର୍ଣ୍ଣଚନ୍ଦ୍ର ଦାଶ, ଭାଇସ୍-ପ୍ରିନ୍ସିପାଲ ପ୍ରଫେସର୍ ଡ. ଲିସା ଷଡଙ୍ଗୀ, ଡେପୁଟି ମେଡିକାଲ ସୁପରିଟେଣ୍ଡେଣ୍ଟ ଡ. ଚନ୍ଦନ ସାମନ୍ତରାୟ, ସିଇଓ ଡ. ସନ୍ତୋଷ କୁମାର ମିଶ୍ର, ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀଣି ମାଲକିନ୍ ବେହେରା, ନର୍ସିଂ ସୁପରିଟେଣ୍ଡେଣ୍ଟ ସିସିଲି ଭି. ସାଭିଅର୍, ହାଇଟେକ୍ କଲେଜ ଅଫ୍ ନର୍ସିଂର ପ୍ରିନ୍ସିପାଲ ରୀତା ଲେଙ୍କା, ହାଇଟେକ୍ ସ୍କୁଲ ଏଣ୍ଡ କଲେଜ ଅଫ୍ ନର୍ସିଂର ଡିନ୍ ଏଣ୍ଡ ଡାଇରେକ୍ଟର ଡ. ଆଶିଷ୍‌ବାଳା ମହାପାତ୍ର, ଜେନେରାଲ ମ୍ୟାନେଜର୍ ସୁପ୍ରିୟା ପଣ୍ଡା ଯୋଗ ଦେଇ ସେବିକାମାନଙ୍କ ଉପଯୁକ୍ତ ସ୍ନେହବୋଳା କଥା ମୁମୂର୍ଷ ରୋଗୀକୁ କିଛି ସମୟ ପାଇଁ ଗଭୀର ଆନନ୍ଦ ଦେଇଥାଏ ବୋଲି କହିଥିଲେ । ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଏଥିରେ ମୁଖ୍ୟ ଅତିଥି ଭାବେ ପଦ୍ମଶ୍ରୀ ଅଦ୍ୱୈତ୍ୟ ଚରଣ ଗଡନାୟକ, ହାଇଟେକ୍ ଗ୍ରୁପ୍‌ର ପ୍ରତିଷ୍ଠାତା ଅଧ୍ୟକ୍ଷ ଡଃ ତିରୁପତି ପାଣିଗ୍ରାହୀ, ନିର୍ଦ୍ଦେଶକ ଡ. ରାକେଶ କୁମାର ପାଣିଗ୍ରାହୀ ଯୋଗଦାନ କରିଥିଲେ ।



## ଟାଇଟନ୍ ୱାର୍ଲଡ୍ ପକ୍ଷରୁ ମଦର୍ସ ଡେ' ପାଳନ

ଭୁବନେଶ୍ୱର,(ସବ୍ୟୁ): ସୁଗନ୍ଧରେ ସ୍ମୃତି ଜାଗ୍ରତ କରିବାର ଏକ ଶକ୍ତିଶାଳୀ ଉପାୟ ରହିଛି। ଅନେକ ଲୋକଙ୍କ ପାଇଁ ମା'ର ସୁଗନ୍ଧସବୁଠାରୁ ସ୍ମରଣୀୟ ଓ ସ୍ଥାୟୀ ଅଟେ। ଏହି ମାତୃ ଦିବସ (ମଦର୍ସ ଡେ')ରେ ଟାଇଟନ୍ ୱାର୍ଲଡ୍ ଏହି ଦିବସକୁନିଆରା ଢଙ୍ଗରେ ପାଳନ କରିବାକୁ ଆମନ୍ତ୍ରଣ କରୁଛି। ସାରା ଭାରତରେ ଥିବା ୧୬୩ରୁ ଅଧିକ ଟାଇଟାନ୍ ୱାର୍ଲଡ୍‌ଷ୍ଟୋରରେ ଏକ ପରଫ୍ୟୁମ୍ ତିଆରି ଅନୁଭୂତି ଆୟୋଜନ କରାଯିବ ଯାହା ଗ୍ରାହକମାନଙ୍କୁ ସେମାନଙ୍କ ଜୀବନର ସବୁଠାରୁପ୍ରିୟ ମହିଳା ସେମାନଙ୍କ ମା'ଙ୍କ ସହ ସ୍ମରଣୀୟ ମୁହୂର୍ତ ପୁନଃପ୍ରତିଷ୍ଠା କରିବାରେ ସାହାଯ୍ୟ କରିବାଏହି କାର୍ଯ୍ୟକଳାପ ଅତିଥିମାନଙ୍କୁ ସୁଗନ୍ଧ ପ୍ରସ୍ତୁତି କଳାରେ ନିୟୋଜିତ ହେବାକୁ ଆମନ୍ତ୍ରଣ କରୁଛି ।

# ଗିଫ୍ଟ ସ୍ୱୟଂ ଶାସିତ ମହାବିଦ୍ୟାଳୟର ସ୍ନାତକୋତ୍ତର ଦିବସ



ଭୁବନେଶ୍ୱର,(ସବ୍ୟୁ): ସ୍ଥାନୀୟ ଗଙ୍ଗପଡା ସ୍ଥିତ ଗିଫ୍ଟ ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରଥମ ସ୍ନାତକୋତ୍ତର ଦିବସ ୨୦୨୫ ପାଳିତ ହୋଇଯାଇଛି । ଏହି ଉତ୍ସବରେ ବିପିୟୁଟି ବିଶ୍ୱବିଦ୍ୟାଳୟର କୁଳପତି ଡଃ ଅମୀୟ କୁମାର ରଥ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ । ଏଥିସହିତ ଗିଫ୍ଟର ନିର୍ଦ୍ଦେଶକ ଡଃ ପତିତପାବନ ପଣ୍ଡା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରିନସିପାଲ ଡଃ ତ୍ରିଲୋଚନ ସାହୁ, ରେଜିଷ୍ଟ୍ରାର ପ୍ରଫେସର ତରୁଣ କୁମାର, ଓଏସଡି ଇଂ ସମୀର ରଞ୍ଜନପଣ୍ଡା, ଡିନ୍ ଏକାଡେମୀକ ଡଃ ଆର.ଏନ. ପଣ୍ଡା ପ୍ରମୁଖ ଉପସ୍ଥିତ ରହି ଛାତ୍ରଛାତ୍ରୀମାନଙ୍କୁ ସମ୍ବୋଧନ କରିଥିଲେ । କୁଳପତି ଡଃ ଅମୀୟ କୁମାର ରଥ ଏବଂ ନିର୍ଦ୍ଦେଶକ ଡଃ ପତିତପାବନ ପଣ୍ଡା ୧୧୦ଜଣ ସ୍ନାତକୋତ୍ତର ଛାତ୍ରଛାତ୍ରୀଙ୍କୁ ସେମାନଙ୍କର ଡିଗ୍ରୀ, ପ୍ରମାଣପତ୍ର ମିଳିତ ଭାବେ ପ୍ରଦାନ କରିଥିଲେ। ଭାଇସ ପ୍ରିନସିପାଲ ଡଃ ଦେବେନ୍ଦ୍ର କୁମାର ପଣ୍ଡା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଦାରା ମୁକ୍ତି ମାମଲା – ସମୟ ନେଲେ ସରକାର

ଭୁବନେଶ୍ୱର,(ତଥ୍ୟ): ଅଷ୍ଟ୍ରେଲୀୟ ମିଶନାରୀ ଗ୍ରାହମ ଷ୍ଟେନ ଓ ତାଙ୍କ ଦୁଇ ଶିଶୁପୁତ୍ରଙ୍କୁ ଜୀଅନ୍ତା ପୋଡି ଅତି ନିର୍ମମ ଭାବେ ହତ୍ୟା କରିଥିବା ଅଭିଯୋଗରେ ପ୍ରାୟ ୨୫ବର୍ଷ ଧରି କାରାରୁଦ୍ଧ ଥିବା ଅପରାଧି ରବୀନ୍ଦ୍ର ପାଲନ୍ଧ ଓରଫ ଦାରା ସିଂ ମୁକ୍ତ ହେବାପାଇଁ ରାଜନ୍ଧ ସରକାରଙ୍କ ନିକଟରେ ଗୁହାରି କରିବାପରେ ଏବେ ସୁପ୍ରିମନ୍ଧକୋର୍ଟର ଆଶ୍ରୟ ନେଇଛି । ତେବେ ପ୍ରାୟ ୧୦ମାସ ଧରି ଏହି ମାମଲା ଚାଲିଥିଲେ ମଧ ଦାରା ସିଂର ମୁକ୍ତି ପ୍ରସଙ୍ଗରେ ରାଜନ୍ଧ ସରକାର ସମୟ ଗଡାଇ ଚାଲୁଥିବାରୁ କିଛି ନିଷ୍କର୍ସ ବାହାରି ପାରୁନାହିଁ ।

ଏଠାରେ ଉଲ୍ଲେଖନୀୟ ଯେ ୧୯୯୯ ଜାନୁଆରୀ ୨୧ତାରିଖ ରାତିରେ ଦାରା ଓ ତାହାର ସହଯୋଗୀମାନେ ଗ୍ରାହାମ ଷ୍ଟେନ ଓ ତାଙ୍କ ୧୦ବର୍ଷର ପୁଅ ଫିଲିପନ୍ଧ ସହିତ ଛଅ ବର୍ଷର ପୁଅ ତିମୋଥିଙ୍କୁ ଗାଡି ଭିତରେ ଜୀଅ'। ପୋଡି କେନ୍ଦୁଝର ଜିଲ୍ଲାର ମନୋହରପୁରରେ ହତନ୍ଧା କରିଥିଲା । ଦାରା ଫେରାର ହୋଇଯାଇଥିବାବେଳେ ୨୦୦୦ ଜାନୁଆରୀରେ ଧରାପଡିଥିଲା । ତାହାର ଅନନ୍ଧତମ ସହଯୋଗୀ ମନୋହରପୁରର ମହେନ୍ଦ୍ର ହେମ୍ବ୍ରମ ଓ ଆଉ ୧୩ଜଣ ପୂର୍ବରୁ ଗିରଫ ହୋଇଥିଲେ ।

ଏହି ମାମଲାରେ ଦାରାକୁ ଫାଶୀ ଦଣ୍ଡାଦେଶ ହୋଇଥିବାବେଳେ ଆଉ ୧୨ଜଣଙ୍କୁ ଭୁବନେଶ୍ୱରର ସିବିଆଇ କୋର୍ଟ ୨୦୦୩ ମସିହାରେ ଆଜୀବନ କାରାଦଣ୍ଡାଦେଶ ଶୁଣାଇଥିଲେ । ତେବେ ହାଇକୋର୍ଟରୁ ୧୧ଜଣ ଅଭିଯୁକ୍ତ ଆଶ୍ୱସ୍ତି ପାଇଥିବାବେଳେ ମହେନ୍ଦ୍ର ହେମ୍ବ୍ରମଙ୍କ ଆଜୀବନ କାରାଦଣ୍ଡାଦେଶ ବଳବନ୍ତର ରହିଥିଲା ଏବଂ ୨୦୦୫ ମସିହାରେ ହାଇକୋର୍ଟ ଦାରା ସିଂଙ୍କ ମୃତୁନ୍ଧ ଦଣ୍ଡାଦେଶକୁ ଆଜୀବନ କାରାଦଣ୍ଡକୁ ବଦଳାଇଥିଲେ ।

ଇତି ମଧରେ କାରାଗାରରେ ଉନ୍ନମ ବନ୍ଧବହାର ପ୍ରଦର୍ଶନ କରିଥିବା ଯୋଗୁଁ ଜେଲନ୍ଧ କର୍ନ୍ତୃପକ୍ଷଙ୍କ ସୁପାରିଶନ୍ଧ ଓ ରାଜନ୍ଧ ସରକାରଙ୍କ ଦ୍ୱାରା ଗଠିତ କମିଟି ଶ୍ରୀ ହେମ୍ବ୍ରମଙ୍କୁ କାରାମୁକ୍ତ କରିବାପାଇଁ ଯେଉଁ ସୁପାରିଶନ୍ଧ କରିଥିଲେ ତାହା ଗତ ଏପ୍ରିଲନ୍ଧ ମାସରେ କାର୍ଯନ୍ଧକାରୀ ହୋଇଛି । ତେବେ ଅନୁରୂପ ଭାବେ ତାକୁ ମୁକ୍ତି ଦେବାପାଇଁ ଦାରା ସିଂ ରାଜନ୍ଧ ସରକାରଙ୍କ ନିକଟରେ ବାରମ୍ବାର ଆବେଦନ କରିଥିଲେ ମଧ ଏଯାବତନ୍ଧ କାରାମୁକ୍ତ ହୋଇନାହିଁ ।

ଦାରା ପକ୍ଷରୁ ସୁପ୍ରିମକୋର୍ଟରେ ଯୁକ୍ତି ଦର୍ଶାଯାଇଛି ଯେ ସେ ଯୁବକ ଥିବାବେଳେ ଏଭଳି ଅପରାଧରେ ସମ୍ପୃକ୍ତ ଥିଲା । ଇତି ମଧରେ ପ୍ରାୟ ୨୫ବର୍ଷ ଧରି କାରାକକ୍ଷରେ ସଢି ସଢି ସେ ବାର୍ଦ୍ଧକନ୍ଧରେ ପହ✻ଛି । କୃତ କର୍ମ ପାଇଁ ସେ ମଧ ଅନୁତପ୍ତ । ତାହାର ଉନ୍ନମ ବନ୍ଧବହାର ପ୍ରଦର୍ଶନ ଓ ଜୀବନଶୈଳୀ ଆଧାରରେ ରାଜନ୍ଧ ସରକାରଙ୍କ କମିଟି ଜେଲନ୍ଧ କର୍ନ୍ତୃପକ୍ଷଙ୍କ ଠାରୁ ରିପୋର୍ଟ ଆଣି ତାକୁ ମୁକ୍ତି ଦେବା ଆବଶନ୍ଧକ । ଏହି ମାମଲାରେ ରାଜନ୍ଧ ସରକାର ସୁପ୍ରିମକୋର୍ଟରେ ବାରମ୍ବାର ସମୟ ନେଉଛନ୍ତି । ଏ ସଂକ୍ରା'ୀୟ କମିଟି ଓ ବୋର୍ଡ ମଧ ଏଯାବତନ୍ଧ ଚୂଡା' ନିଷ୍ପନ୍ତି ନେଇନାହିଁ । ସୁପ୍ରିମକୋର୍ଟ ଏହି ମାମଲାରେ ଉୟଭ ରାଜନ୍ଧ ଓ କେନ୍ଦ୍ର ସରକାର ଏବଂ ବିଶେଷକରି ସିବିଆଇକୁ ଉନ୍ନର ରଖିବାପାଇଁ ପୂର୍ବରୁ ନିର୍ଦ୍ଦେଶ ଦେଇଥିଲେ । ତେବେ ଦାରାର ଆବେଦନ ଉପରେ କମିଟି ଚୂଡା' ନିଷ୍ପନ୍ତି ନେବାଲାଗି ଅଧିକ ସମୟ ଆବଶନ୍ଧକ ହେଉଥିବାରୁ ଓଡିଶା ସରକାରଙ୍କ ପକ୍ଷରୁ ସୁପ୍ରିମକୋର୍ଟରେ ବାରମ୍ବାର ଅଧିକ ସମୟ ନିଆଯାଉଛି । ଯେଉଁ ଆଧାରରେ ମହେନ୍ଦ୍ର ହେମ୍ବ୍ରମକୁ ମୁକ୍ତି ମିଳିଲା ସେହି ଆଧାରରେ ଦାରାକୁ ମୁକ୍ତି ମିଳିବ ବୋଲି ତାହାର ସମର୍ଥକମାନେ ଆଶା ରଖିଥିବାବେଳେ ରାଜନ୍ଧସରକାରଙକକ୍ଷରୁ କି଼ଁ ସୁପିମନ୍ଧକୋର୍ଟରେ ସମୟ ଗଡା ଯାଉଛି । ତେବେ ଜଣେ ବିଦେଶୀ ନାଗରିକ ଓ ତାଙ୍କର ଦୁଇ ନିରୀହ ଶିଶୁପୁତ୍ରଙ୍କୁ ଜୀଅ'। ପୋଡି ମାରିଥିବା ହତନ୍ଧାକାରୀକୁ ମୁକ୍ତିଦିଆଗଲେ ତାହାର କ'ଣ ପ୍ରତିକ୍ରିୟା ସୃଷ୍ଟିହେବ ସେ ପ୍ରସଙ୍ଗରେ ବିଭିନ୍ନ ମହଲ ଦୃଷ୍ଟି ରଖିଛନ୍ତି ।

# ମହିମାପୀଠ ବୈଶାଖୀ ମେଳା ଉଦ୍‌ଯାପିତ



କଟକ,(ସ୍ୱପ୍ର): ଟାଙ୍ଗୀ–ଚୌଦ୍ୱାର ବ୍ଲକ ଗରୁଡଗାଁ ପଞ୍ଚାୟତ ଅନ୍ତର୍ଗତ ସପନପୁର ମହିମା ଗୋସାଇଁ ପୀଠରେ ତିନିଦିନ ବ୍ୟାପୀ ଚାଲିଥିବା ପ୍ରସିଦ୍ଧ ବୈଶାଖୀ ମହାମେଳା ଉଦ୍‌ଯାପିତ ହୋଇଯାଇଛି। ମହାମେଳାରେ ରାଜ୍ୟ ତଥା ଦେଶର ବିଭିନ୍ନ ପ୍ରାନ୍ତରୁ ବହୁ ସଂଖ୍ୟାରେ ମହିମା ଭକ୍ତ, ଶ୍ରଦ୍ଧାଳୁ ଓ ସାଧୁସନ୍ଥଙ୍କ ସମାଗମ ହୋଇଥିଲା । ଶ୍ରଦ୍ଧାଳୁ ନରନାରୀଙ୍କ ମହିମା ଅଲେଖ ଓ ହୁଳହୁଳି ଧ୍ୱନିରେ ପୀଠରେ ମୁଖରିତ ହୋଇଥିଲା । ମହିମା ଧର୍ମର ବ୍ରହ୍ମ ଅବଧୂତ ଶୁକଦେବ ଦାସ ଓ ବ୍ରହ୍ମ ଅବଧୂତ ବାଞ୍ଛାନିଧି ଦାସଙ୍କ ତତ୍ତ୍ୱାବଧାନରେ ଆୟୋଜିତ ମହୋତ୍ସବର ପ୍ରଥମ ଦିବସରେ ଡ୍ରିମ୍ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ଯୋଗଦେଇ ମହିମା ଗୋସାଇଁଙ୍କ ଉଦ୍ଦେଶ୍ୟରେ ଭକ୍ତି ନୈବେଦ୍ୟ ଅର୍ପଣ କରିଥିଲେ । ଏହି ଅବସରରେ ଅଖଣ୍ଡ ବ୍ରହ୍ମଧୁନି ସ୍ଥାପନ, ଘୃତାହୁତି ପ୍ରଦାନ, ନାମ ଭଜନ ଏବଂ ବିଶ୍ୱର କଲ୍ୟାଣ ନିମନ୍ତେ ସନ୍ଧ୍ୟାରେ ଝାଡ ପ୍ରଜ୍ୱଳନ କରାଯାଇଥିଲା । ଉଦଯାପନୀ ଦିବସରେ ବିଧାୟକ ପ୍ରଶାନ୍ତ କୁମାର ବେହେରା, ବିଶିଷ୍ଟ ଶିଳ୍ପଦ୍ୟୋଗୀ ପ୍ରଦୀପ୍ତ ଚନ୍ଦ୍ର ରଥ, ନିୟମିତା ରଥ ଏବଂ ବିଭିନ୍ନ ଦିବସରେ ପୂର୍ବତନ ବିଧାୟକ ଚନ୍ଦ୍ର ସାରଥି ବେହେରା, ବ୍ଲକ ଅଧ୍ୟକ୍ଷା ମୀନାକ୍ଷୀ ଦାସ, ବିଜେପି ନେତା ନୟନ କିଶୋର ମହାନ୍ତି, ଅବସରପ୍ରାପ୍ତ ପ୍ରଶାସକ ପ୍ରଫୁଲ୍ଲ ଚନ୍ଦ୍ର ରଥ, ସରପଞ୍ଚ ଦୀପ୍ତିମୟୀ ବେହେରା, ପୂର୍ବତନ ସରପଞ୍ଚ ହରମୋହନ ପ୍ରଧାନ, ସୁବୋଧ କୁମାର ସାମଲ, ନାଏବ ସରପଞ୍ଚ ମାନସ ରଞ୍ଜନ ଭଗତଙ୍କ ସମେତ ବହୁମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ ।

# ବିଷ୍ଣୁପ୍ରିୟା ସିଂହାରୀଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକୀ



ପୁରୀ,(ସବ୍ୟୁ): ଶ୍ରୀମନ୍ଦିର ସେବାୟତ ତଥା ଭାରତୀୟ ଜନତା ପାର୍ଟି ନେତା ମଧୁ ସୁଦନ ସିଂହାରିଙ୍କ ମାଆ ସ୍ୱର୍ଗତ ବିଷ୍ଣୁ ପ୍ରିୟା ସିଂହାରୀଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକୀ ଅନୁଷ୍ଠିତ ହୋଇଛି । ପୁରୀ ଅନ୍ୟାନ୍ୟ ସେଲିବ୍ରେସନ୍ ଠାରେ ଏହି ଶ୍ରାଦ୍ଧ ବାର୍ଷିକୀ ଉତ୍ସବ ଅନୁଷ୍ଠିତ ହୋଇ ଥିଲା । ଉପମୁଖ୍ୟ ମନ୍ତ୍ରୀ ପ୍ରଭାତୀ ପରିଡ଼ା, ପୁରୀ ଲୋକ ସଭା ସାଂସଦ ସମ୍ବିତ ପାତ୍ର, ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ବିଜେଡି ନେତ୍ରୀ ଡକ୍ଟର ଲେଖାଶ୍ରି ସାମନ୍ତସିଂହାର, ବିଜେପି ପୁରୀ ଜିଲ୍ଲା ସଭାପତି ଡାକ୍ତର ଦେବେନ୍ଦ୍ର ନାଥ ତରାଇ, ବିଜେପି ନେତା ଉମାକାନ୍ତ ନାୟକ, ଆଡଭୋକେଟ ଦିଗ ଦର୍ଶନ ପଟ୍ଟନାୟକଙ୍କ ସମେତ ବିଜେପିର ବହୁ ନେତା, ନେତ୍ରୀ ଓ ଶ୍ରୀମନ୍ଦିର ବହୁ ସେବାୟତ ଓ ସହରର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ମାନେ ଉପସ୍ଥିତ ଥିଲେ ।

## ରିଲାଏନ୍ସ ନିପନ୍ ଲାଇଫ୍‌ର ଲାଭ୨୪୭ କୋଟି


ଭୁବନେଶ୍ୱର,(ସବ୍ୟୁ): ଦେଶର ଅଗ୍ରଣୀ ଜୀବନ ବୀମା କମ୍ପାନି ରିଲାଏନ୍ସ ନିପନ୍ ଲାଇଫ୍ ଇନ୍ସ୍ୟୁରାନ୍ସ କମ୍ପାନି ଲିମିଟେଡ୍‌ପକ୍ଷରୁ ୨୦୨୪-୨୫ ଆର୍ଥିକ ବର୍ଷର ଆର୍ଥିକ ଫଳାଫଳ ଘୋଷଣା କରାଯାଇଛି। କମ୍ପାନି ବିଭିନ୍ନ ମାନଦଣ୍ଡରେଚମତ୍କାର ପ୍ରଦର୍ଶନ କରିଥିବା ବେଳେ ଗ୍ରାହକ ଓ ପରିଚାଳନା ଉତ୍କର୍ଷତା ଉପରେ ଗୁରୁତ୍ୱ ବଜାୟ ରଖିପାରିଛି।ଆର୍ଥିକ ବର୍ଷ ୨୦୨୪-୨୫ରେ କମ୍ପାନିର ଟିକସ ପୂର୍ବବର୍ତୀ ଲାଭ ୨୪୭ କୋଟି ଟଙ୍କା ହୋଇଛି ଯାହା ୨୦୨୩-୨୪ର ୧୯୮ କୋଟି ଟଙ୍କା ତୁଳନାରେ ୨୫ ପ୍ରତିଶତ ଅଧିକ। କମ୍ପାନିର ପରିଚାଳନା ଅଧୀନ ସଂପତ୍ତି (ଏୟୁଏମ୍) ପ୍ରତିଶତ ବୃଦ୍ଧି ସହ ୩୮,୭୨୫ କୋଟି ଟଙ୍କା ହୋଇଛି। ନୂଆ ବ୍ୟବସାୟ ପ୍ରିମିୟମ୍ ୧୨୪୫ କୋଟି ଟଙ୍କାହୋଇଥିବା ବେଳେ ମୋଟ୍ ପ୍ରିମିୟମ୍ ପରିମାଣ ୫୭୧୧ କୋଟି ଟଙ୍କା ରହିଛି।ରିଲାଏନ୍ସ ନିପନ୍ ଲାଇଫ୍ ଇନ୍ସ୍ୟୁରାନ୍ସ କମ୍ପାନିର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଓ ସିଇଓ ଆଶିଷ ବୋହରା କହିଛନ୍ତି ଯେ, ଶୃଙ୍ଖଳିତ ଯୋଜନା କାର୍ଯ୍ୟକାରୀତା, ପ୍ରଥମେ ଗ୍ରାହକ ଭାବନା ଓ ଦୃଢ଼ ମୂଳଦୁଆ ଆଧାରରେ ଦୃଢ଼ପ୍ରଦର୍ଶନ ଓ ଉନ୍ନତ ଲାଭର ଏକ ବିଷୟରେ ଜଣାଇ ଆମେ ଆନନ୍ଦିତ।

# ଆର୍ଟ ଅଫ୍ ଗିଭିଙ୍ଗ୍ ଓ ବିଶ୍ୱ ମାତୃ ଦିବସ ପାଳନ



ଭୁବନେଶ୍ୱର,(ସବ୍ୟୁ): ୱାକରସ୍ ଇଣ୍ଟରନେସନାଲ୍ ଦ୍ୱାରା ଅନୁବନ୍ଧିତ ଫନ ଆଣ୍ଡ ଫିଟ୍‌ନେସ୍ ୱାକର୍ସ କ୍ଲବ ଚଳିତ ବର୍ଷର ସର୍ଭିସ୍ ପ୍ରୋଜେକ୍ଟ ଆର୍ଟ ଅଫ ଗିଭିଙ୍ଗ ଓ ବିଶ୍ୱ ମାତୃ ଦିବସ ଏନ୍ – ୩ ପାର୍କରେ ଅନୁଷ୍ଠିତ ହୋଇଯାଇଛି । କିଟ୍ ବିଶ୍ୱ ବିଦ୍ୟାଳୟ ପ୍ରତିଷ୍ଠାତା ଡକ୍ଟର ଅଚ୍ୟୁତ ସାମନ୍ତଙ୍କ ପ୍ରେରଣାରେ ଅନୁପ୍ରାଣିତ ହୋଇ ବ୍ୟାପକ ବୃକ୍ଷ ରୋପଣର ପ୍ରୟାସ ଏବଂ ଅନ୍ୟକୁ କିଛି ସାହାଯ୍ୟ ଓ ସହାନଭୂତିର ବାର୍ତ୍ତା ଉଦ୍ଦେଶ୍ୟରେ କଳିଙ୍ଗ ଟିଭିର ଡେପୁଟି ଏଡ଼ିଟର ସୋମ୍ୟା ପରିଡ଼ାଙ୍କ ସହିତ ଏଫ୍‌ଏଫ୍‌ସି ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛି । ଏଥିରେ ୱାକରସ୍ ଇଣ୍ଟରନେସନାଲ୍ ଜୋନ ଚେୟାରପର୍ସନ କେଦାର ପଟ୍ଟନାୟକ, ଏଫ୍‌ଏଫ୍‌ସି ର ସଭାପତି ଆଶିଷ ପଟ୍ଟନାୟକ, ବରିଷ୍ଠ ଉପଦେଷ୍ଟା ନିକୁଞ୍ଜ ଛୋଟରାୟ, ପ୍ରେମାନନ୍ଦ ପୃଷ୍ଟି, ଭବାନୀ ପଟ୍ଟନାୟକ, ଭାଇସ ପ୍ରେସିଡେଣ୍ଟ, ପ୍ରଦୀପ ପଣ୍ଡା, ସହ ସଂପାଦକ ସୌଭାଗ୍ୟ ନାୟକ, କୋଷାଧ୍ୟକ୍ଷ ପ୍ରଦୀପ ରାଉତ ପ୍ରମୁଖ କାର୍ଯ୍ୟକର୍ତ୍ତାଙ୍କ ଉପସ୍ଥିତରେ ଉଦ୍‌ଘାଟିତ ହୋଇଛି । ନିଜ ଆୟର କିଛିକଂାଶ ଅସହାୟ ବ୍ୟକ୍ତିମାନଙ୍କୁ ସାହାଯ୍ୟ ଦେବା, ପକ୍ଷୀ ଓ ପଶୁମାନଙ୍କ ପାଇଁ ଖାଦ୍ୟ ଓ ପାନୀୟ, ପକ୍ଷୀ ମାନଙ୍କ ପାଇଁ କୃତ୍ରିମ ବସା ଓ ମାଙ୍କଡମାନଙ୍କୁ ଫଳ ଯୋଗାଇ ଦିଆଯିବା ହେଉଛି ଆର୍ଟ ଏଫ ଗିଭିଂ । ଯଦ୍ୱାରା ସମାଜରେ ଏକ ବ୍ୟାପକ ଜନ ସଚେତନତା କରିପାରିବ ବୋଲି କର୍ମକର୍ତ୍ତା ମତ ପ୍ରକାଶ କରିଛନ୍ତି । ବିଶ୍ୱ ମାତୃଦିବସ ସପ୍ତାହ ପାଳନ ଅବସରରେ ଏଫ୍.ଏଫ୍.ସିର ଅମିତା ଜେନା, ପ୍ରଣତି ଶତପଥି, ସଂଯୁକ୍ତା ପଣ୍ଡା, ସୁକୁମାର ପରିଡ଼ା, ଡକ୍ଟର ଗୋବିନ୍ଦ ଦାସ, ଡକ୍ଟର ଶଶିକାନ୍ତ ମିଶ୍ର, ଯୋଗ ପ୍ରଶିକ୍ଷକ ମମତା ମହାପାତ୍ର ପ୍ରମୁଖ ମାତୃଜାତି ଉଦ୍ଦେଶ୍ୟରେ ପ୍ରେରଣାତ୍ମକ ଭାଷଣ ଦେଇଥିଲେ ଏବଂ ସମସ୍ତ ଉପସ୍ଥିତ ମାଆ ମାନଙ୍କୁ ବୃକ୍ଷ ପ୍ରଦାନ କରାଯାଇ ଆଗାମୀ ଦିନରେ ବ୍ୟାପକ ବୃକ୍ଷ ରୋପଣ କରାଯିବ ବୋଲି ଏଫ୍.ଏଫ୍.ସିର ସଂପାଦକ ସୁଧାକର ଷଡ଼ଙ୍ଗୀ ଜଣାଇଛନ୍ତି ।

## ପାକ୍ କବ୍‌ଜାରୁ ଫେରିଲେ ବିଏସ୍‌ଏଫ୍ ଯବାନ



ନୂଆଦିଲ୍ଲୀ : ପାକ୍ ସେନାଙ୍କ କବ୍‌ଜାରେ ଥିବା ଭାରତର ବିଏସ୍‌ଏଫ୍ ଯବାନ ପୂର୍ଣ୍ଣମ୍ କୁମାର ସ’ଙ୍କୁ ପାକିସ୍ତାନ କର୍ତ୍ତୃପକ୍ଷ ମୁକ୍ତ କରିଛନ୍ତି । ଏପ୍ରିଲ ୨୩ରେ ପାକ୍ ସେନା ତାଙ୍କୁ ସୀମା ଅତିକ୍ରମ କରିଥିବାରୁ ହେପାଜତକୁ ନେଇଥିଲା । ବିଏସ୍‌ଏଫ୍ ପକ୍ଷରୁ ଏହି ସୂଚନା ଦିଆଯାଇଛି । ଅମିତ୍‌ସରରେ ଥିବା ଚେକ୍‌ପୋଷ୍ଟ ଅଟାରୀ ସୀମାରେ ବୁଧବାର ପୂର୍ବାହ୍ନ ୧୦.୩୦ରେ ତାଙ୍କୁ ଭାରତକୁ ଫେରାଇ ଦିଆଯାଇଛି ।

ବିଏସ୍‌ଏଫ୍ ପକ୍ଷରୁ କୁହାଯାଇଛି ଯେ ପାକିସ୍ତାନ ରେଞ୍ଜରଙ୍କ ସହ ନିୟମିତ ଫ୍ଲାଗ୍ ମିଟିଂ କରାଯାଉଛି । ଏହି ଯୋଗାଯୋଗ ଫଳରେ ବିଏସ୍‌ଏଫ୍ କନଷ୍ଟେବଲଙ୍କୁ ମୁକ୍ତି କରାଯାଇଛି । ସମ୍ପୃକ୍ତ ଯବାନ ୧୨୨ ବାଟାଲିୟନ୍‌ରେ କାର୍ଯ୍ୟରତ । ପାକିସ୍ତାନ ରେଞ୍ଜରମାନେ ତାଙ୍କୁ ପଞ୍ଜାବର ଫିରୋଜପୁର ଠାରେ ଅନ୍ତର୍ଜାତୀୟ ସୀମା ଅତିକ୍ରମ କରିଥିବା ଅଭିଯୋଗରେ ଅଟକ ରଖିଥିଲେ । ସମ୍ପୃକ୍ତ ଯବାନ ସୀମା ନିକଟରେ କାର୍ଯ୍ୟରତ ଥିଲେ । ସେ ସେନା ୟୁନିଫର୍ମରେ ଥିବା ସହ ତାଙ୍କର ରାଇଫଲ ମଧ୍ୟ ରହିଥିଲା ।

## ପାକିସ୍ତାନକୁ ସମର୍ଥନ ମହଙ୍ଗା ପଡ଼ିଲା

# ତୁର୍କୀ ଉପରେ ଡିଜିଟାଲ୍ ଷ୍ଟ୍ରାଇକ୍

ନୂଆଦିଲ୍ଲୀ: ଚୀନ ପରେ ଏବେ ତୁର୍କୀ ଉପରେ ଡିଜିଟାଲ୍ ଷ୍ଟ୍ରାଇକ୍ କରିଛି ଭାରତ । ଭାରତର ‘ଅପରେସନ୍ ସିନ୍ଦୂର’କୁ ଭୁଲ୍ ଭାବେ ଚିତ୍ରଣ କରୁଥିବା ଚୀନର ଗଣମାଧ୍ୟମ ସଂସ୍ଥା ‘ଗ୍ଲୋବାଲ୍ ଟାଇମ୍ସ’ର ଏକ୍ସ ଆଉଉଣ୍ଟକୁ ଭାରତରେ ବନ୍ଦ୍ କରିବା ପରେ ଏବେ ତୁର୍କୀର ପାଳି ପଡ଼ିଛି ।

ତୁର୍କୀର ସରକାରୀ ଚ୍ୟାନେଲ୍ ଟିଆରଟି ୱାର୍ଲ୍ଡର ଆକାଉଣ୍ଟଗୁଡ଼ିକୁ ମଧ୍ୟ ବନ୍ଦ କରିଦିଆଯାଇଛି । ସମ୍ପ୍ରତି ଭାରତ ସରକାର ଅନେକ ପୁରୁଣା ପାକିସ୍ତାନୀ ହ୍ୟାଣ୍ଡେଲ ବିରୋଧରେ ସମାନ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିସାରିବା ପରେ ଭିନ୍ନ ଦେଶଗୁଡ଼ିକ ବି ସେଥିରୁ ବାଦ୍ ପଡ଼ିନାହାନ୍ତି ।



ପହଲଗାମ ଆତଙ୍କବାଦୀ ଆକ୍ରମଣ ପରେ ପାକିସ୍ତାନ ସହିତ ଯୁଦ୍ଧ ସମୟରେ ତୁର୍କୀ ଏବଂ ଚୀନ ଏହାର ସମର୍ଥନରେ ଠିଆ ହୋଇଥିଲେ ଏବଂ ଏହି ସମସ୍ତ ମଞ୍ଚ ମାଧ୍ୟମରେ ଭାରତ ବିରୋଧରେ ପାକିସ୍ତାନର ପ୍ରଚାରକୁ ପ୍ରୋତ୍ସାହିତ କରୁଥିଲେ । କେବଳ ଡିଜିଟାଲ୍ ସ୍ତରରେ ନୁହେଁ ତୁର୍କୀ ଭାରତ-ପାକିସ୍ତାନ ଯୁଦ୍ଧ ସମୟରେ ଅସ୍ତ୍ରଶସ୍ତ୍ର କ୍ଷେତ୍ରରେ ବି ପାକିସ୍ତାନକୁ ସାହାଯ୍ୟ କରିଛି ବୋଲି ସେନା ପକ୍ଷରୁ ଖବର ମିଳିଛି । ପାକିସ୍ତାନ ତୁର୍କୀର ଡ୍ରୋନ ସାହାଯ୍ୟରେ ଭାରତ ଉପରେ ଆକ୍ରମଣ କରଥିବା ପ୍ରମାଣ ଦେଇଛି ସେନା । ଏହା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାରେ ତିଳେ ହେଲେ ବିଳମ୍ବ କରିନି ଭାରତ ।

ବୁଲିବା ପାଇଁ ପୂର୍ବରୁ ବୁକିଂ କରିଥିବା ଲୋକମାନେ ମଧ୍ୟ ଏହାକୁ ବାତିଲ କରିବାରେ ଲାଗିଛନ୍ତି । ତୁର୍କୀକୁ ସହ ସବୁ ପ୍ରକାରର ସମ୍ପର୍କ ଛିନ୍ନ କରିବାକୁ ସୋଶାଲ ମିଡିଆରେ ଲୋକମାନେ ମତ ରଖିବାରେ ଲାଗିଛନ୍ତି । ବୟକଟ ତୁର୍କୀ ଏବେ ଟ୍ରେଣ୍ଡ କରୁଛି ।

## ଗ୍ଲୋବାଲ୍ ଟାଇମ୍ସର ଏକ୍ସ ଆକାଉଣ୍ଟ ଭାରତରେ ବନ୍ଦ

ନୂଆଦିଲ୍ଲୀ: ସୀମା ପାର୍ ହୋଇ ଆତଙ୍କବାଦୀ ଭିତ୍ତିଭୂମିକୁ ଟାର୍ଗେଟ କରି ସେନା ଦ୍ୱାରା କରାଯାଇଥିବା ଆତଙ୍କବାଦୀ ବିରୋଧୀ ଅଭିଯାନ ସଂପର୍କରେ ଭୁଲ୍ ତଥ୍ୟ ଦେଇଥିଲା ଚୀନର ଏକ ଗଣମାଧ୍ୟମ ସଂସ୍ଥା । ଭାରତୀୟ ସେନା ପକ୍ଷରୁ ହୋଇଥିବା ‘ଅପରେସନ୍ ସିନ୍ଦୂର’ ସମ୍ପର୍କରେ କେନ୍ଦ୍ର ଦ୍ୱାରା ବର୍ଣ୍ଣନା କରାଯାଇଥିବା ବିଭ୍ରାନ୍ତିକର ସୂଚନା ପ୍ରକାଶନ ପାଇଁ ଭାରତ ଚୀନ୍‌ର ଗଣମାଧ୍ୟମ ସଂସ୍ଥା ଗ୍ଲୋବାଲ୍ ଟାଇମ୍ସର ଏକ୍ସ ଆକାଉଣ୍ଟକୁ ଭାରତରେ ବନ୍ଦ୍ କରିଦେଇଛି ।

ଏହି ସପ୍ତାହର ଆରମ୍ଭରେ ବେଜିଂରେ ଭାରତୀୟ ଦୂତାବାସ ଦ୍ୱାରା ସାର୍ବଜନୀନ ନିନ୍ଦା କରାଯିବା ପରେ ସିଧାସଳଖ ଏହି ପଦକ୍ଷେପ ନିଆଯାଇଛି । ପୂର୍ବରୁ ସାମରିକ ଅଭିଯାନର କଭରେଜ୍ ଉପରେ ଗ୍ଲୋବାଲ୍ ଟାଇମ୍ସକୁ ଚେତାବନୀ ଦିଆଯାଇଥିଲା । ଏକ ଏକ୍ସ ପୋଷ୍ଟ ଜରିଆରେ ଦୂତାବାସ ପକ୍ଷରୁ କୁହାଯାଇଥିଲା କି “ଗ୍ଲୋବାଲ୍‌ଟାଇମ୍ସ, ଆମେ ଆପଣଙ୍କୁ ଏହି ପ୍ରକାରର ବିଭ୍ରାନ୍ତିକର ସୂଚନା ପ୍ରସାରଣ କରିବା ପୂର୍ବରୁ ଆପଣଙ୍କର ତଥ୍ୟ ଯାଞ୍ଚ କରିବାକୁ ଏବଂ ଆପଣଙ୍କର ଉତ୍ସଗୁଡ଼ିକୁ ଯାଞ୍ଚ କରିବାକୁ ସୁପାରିସ କରୁଛୁ ।”

# ପୁଟିନଙ୍କୁ ଭେଟିବେ ଜେଲେନସ୍କି !

କିଭ୍ : ଦୀର୍ଘ ୩ବର୍ଷ ହେଲା ଚାଲିଥିବା ରୁଷ-ୟୁକ୍ରେନ ଯୁଦ୍ଧରେ ପଡ଼ିବ ପୂର୍ଣ୍ଣଚ୍ଛେଦ । କାରଣ ଶାନ୍ତି ଆଲୋଚନା ପାଇଁ ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କୁ ବ୍ୟକ୍ତିଗତ ଭାବେ ଦେଖା କରି ଆଲୋଚନା କରିବା ମୁଡରେ ରହିଛନ୍ତି ୟୁକ୍ରେନ ରାଷ୍ଟ୍ରପତି ଭ୍ଲୋଡମିର ଜେଲେନସ୍କି । ଗୁରୁବାର ତୁର୍କୀରେ ବସିବାକୁ ଯାଉଛି ଶାନ୍ତି ବୈଠକ । ଏହି ବୈଠକରେ ଜେଲେନସ୍କି ଯୁଦ୍ଧ ବନ୍ଦ ସମ୍ପର୍କରେ ପୁଟିନଙ୍କ ସହ ସିଧାସଳଖ କଥା ହେବାକୁ ରାଜି ଥିବା କହିଛନ୍ତି । ୨୦୨୨ରୁ ରୁଷ-ୟୁକ୍ରେନ ମଧ୍ୟରେ ଯୁଦ୍ଧ ଆରମ୍ଭ ହୋଇଥିବା ବେଳେ ପୁଟିନ ଓ ଜେଲେନସ୍କି କେବେ ବି ସାମ୍ନାସାମ୍ନି କଥା ହୋଇ ନଥିଲେ । କିନ୍ତୁ ତୁର୍କୀରେ ହେବାକୁ ଥିବା ସମ୍ମିଳନୀରେ ଦୁଇ ଦେଶର ନେତା ପରସ୍ପର ସାମ୍ନାରେ ବିସି କଥା ହେବାର ସମ୍ଭାବନା ରହିଛି । ଜେଲେନସ୍କି କିଛି ନିର୍ଦ୍ଦିଷ୍ଟ ଗଣମାଧ୍ୟମର ରିପୋର୍ଟରଙ୍କୁ କିଭରେ ମଙ୍ଗଳବାର ପୁଟିନଙ୍କ ସହ ସେ ଶାନ୍ତି ଆଲୋଚନା କରିବାକୁ





ରାଜି ଥିବା ସୂଚିତ କରିଛନ୍ତି ।

ଶାନ୍ତି ଆଲୋଚନା ବେଳେ ସେ ପ୍ରାସ୍ତାବିତ ଯୁଦ୍ଧ ବିରତିରେ ରାଜି ହେବେ । ଯୁଦ୍ଧ ବିରତି ସର୍ତ୍ତ କେମିତି ଲାଗୁ ହେବ ଓ ଏହାକୁ କେତେ ଦୂର ପାଳନ କରାଯାଉଛି, ତା’ର ସମୀକ୍ଷା କରିବାକୁ ଗୋଟିଏ ଟେକ୍ନିକାଲ ଟିମ ଗଠନ କରିବାକୁ ଜେଲେନସ୍କି ପ୍ରସ୍ତାବ ରଖିବେ ବୋଲି କହିଛନ୍ତି ।

ଜେଲେନସ୍କିଙ୍କ ପୂର୍ବରୁ ପୁଟିନ ମଧ୍ୟ ୟୁକ୍ରେନ ସହ ଶାନ୍ତି ଆଲୋଚନା ପାଇଁ ରାଜି ଥିବା ପରୋକ୍ଷରେ କହିଥିଲେ । ତୁର୍କୀ ଦୁଇ ଦେଶ ମଧ୍ୟରେ ଶାନ୍ତି ସ୍ଥାପନ ପାଇଁ ଉଦ୍ୟମ କରୁଛି । ଖାସ ଏହି କାରଣ ପାଇଁ ଗୁରୁବାର ତୁର୍କୀରେ ଶାନ୍ତି ବୈଠକ ବସିବାକୁ ଯାଉଛି । ସୋମବାର ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଥିଲେ ଯେ ସମ୍ଭାବ୍ୟ ଜେଲେନସ୍କି-ପୁଟିନଙ୍କ ବୈଠକରେ ସାମିଲ ହେବା ପାଇଁ ତୁର୍କୀ ଯିବାକୁ ଯୋଜନା କରୁଛନ୍ତି । ରୁଷ-ୟୁକ୍ରେନ ମଧ୍ୟରେ ଶାନ୍ତି ପ୍ରତିଷ୍ଠା ପାଇଁ ମାର୍ଚ୍ଚ ମାସରେ ସାଉଦୀ ଆରବରେ ବୈଠକ ଅନୁଷ୍ଠିତ ହୋଇଥିଲା । କିନ୍ତୁ ଏହାର ଫଳ କିଛି ବି ମିଳି ନଥିଲା ।

ଜେଲେନସ୍କିଙ୍କ କହିବା କଥା ଯେ ପୁଟିନଙ୍କ ଅନୁପସ୍ଥିତିରେ ସମ୍ମିଳନୀ ଆୟୋଜନ କରିବାର କୌଣସି ମୂଲ୍ୟନାହିଁ ।ସ କହିଛନ୍ତି, ଟ୍ରମ୍ପ ବିଶ୍ୱାସ କରିବା ଦରକାର ଯେ ପୁଟିନ ମିଛ କହୁଛନ୍ତି । ଶାନ୍ତି ବୁଝାମଣା ପାଇଁ ୟୁକ୍ରେନ ସବୁବେଳେ ଚେଷ୍ଟିତ । ଶାନ୍ତି ବୁଝାମଣାକୁ ଧିମା କରିବା ସପକ୍ଷରେ ୟୁକ୍ରେନ ନାହିଁ ।

ପୁଟିନଙ୍କୁ ଭେଟିବା ପୂର୍ବରୁ ଜେଲେନସ୍କି ପ୍ରଥମେ ତୁର୍କୀ ରାଷ୍ଟ୍ରପତି ରେସେପ ତାୟିପ ଏର୍ଡୋଗାନଙ୍କୁ ଅଙ୍କାରାରେ ଭେଟିବେ ।ଯଦି ପୁଟିନ ଆସିବେ, ତା’ହେଲେ ସେଠାରୁ ଉଭୟ ନେତା ଇସ୍ତାନବୁଲ ଗସ୍ତ କରିବେ । ରୁଷର ଡେପୁଟି ବୈଦେଶିକ ମନ୍ତ୍ରୀ ସେର୍ଗେଇ ରୟାବକୋଭ କହିଛନ୍ତି, ଇସ୍ତାନବୁଲରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ପାଇଁ ରୁଷ ପ୍ରସ୍ତୁତ । ହେଲେ ପୁଟିନ ଆଲୋଚନା ପାଇଁ ଆସିବେ କି ନାହିଁ, ସେକଥା ରୟାବକୋଭ ସ୍ପଷ୍ଟ କରି ନାହାନ୍ତି । ଜେଲେନସ୍କି କହିଛନ୍ତି, ଯଦି ପୁଟିନ ଆଲୋଚନା ପାଇଁ ଆସିବେ ନାହିଁ, ତା’ହେଲେ ଏହା ଭାବିବୁ ପଡ଼ିବ ଯେ ରୁଷ ଯୁଦ୍ଧ ଶେଷ କରିବାକୁ ପ୍ରସ୍ତୁତ ନାହିଁ ।

## ଆତଙ୍କବାଦୀ ହମ୍‌ଲାକୁ ପାକ୍ ଯୁବକଙ୍କ ନାପସନ୍ଦ

ନୂଆଦିଲ୍ଲୀ: ଭାରତରେ ପ୍ରବେଶ କରି କିଛି ପାକ୍ ସମର୍ଥିତ ଆତଙ୍କବାଦୀ ସାଧାରଣ ନାଗରିକଙ୍କୁ ଆକ୍ରମଣ କରିଥିଲେ । ଏହି ଆକ୍ରମଣରେ ୨୬ ଜଣକ ଜୀବନ ଯିବା ପରେ ପ୍ରତିଶୋଧ ନେବା ପାଇଁ ଭାରତ ଅପରେସନ୍ ସିନ୍ଦୂର ଆରମ୍ଭ କରିଥିଲା । ୯ଟି ଆତଙ୍କୀ ଆଡ୍ଡା ଉପରେ ଆକ୍ରମଣ କରି ପ୍ରାୟ ୧୦୦ଆତଙ୍କବାଦୀଙ୍କୁ ନିପାତ କରିଥିଲେ ଭାରତୀୟ ସେନା । ଭାରତର ଜବାବରେ ଥରହର ପାକିସ୍ତାନ ଏବେ ଶାନ୍ତି ଭିକ୍ଷା କରୁଛ । ଏମଧ୍ୟରେ ଭାରତକୁ ସମର୍ଥନ କରିଛନ୍ତି ଜଣେ ପାକିସ୍ତାନୀ ବ୍ୟକ୍ତି । ପାକିସ୍ତାନର ଫରେକ୍ସ ବ୍ୟବସାୟୀ ଅଭୟ ଭାରତୀୟ ସେନାର ପ୍ରଶଂସା କରିବା ସହ ପାକିସ୍ତାନର ଭୁଲ ଗଣାଇଛନ୍ତି ।

ପାକିସ୍ତାନୀ ହିନ୍ଦୁ ଅଭୟ କହିଛନ୍ତି ଯେ, ମୁଁ ପାକିସ୍ତାନୀ ଏବଂ ମୁଁ ସିଧାସଳଖ କହିବି ଯେ, ଭାରତକୁ ପ୍ରତିଆକ୍ରମଣ କରିବାର ସମ୍ପୂର୍ଣ୍ଣ ଅଧିକାର ଥିଲା । ପ୍ରଥମେ, ପାକିସ୍ତାନ ସେମାନଙ୍କ ଲୋକଙ୍କୁ ଆକ୍ରମଣ କରିଥିଲା । ସେମାନେ ପ୍ରତି ଆକ୍ରମଣ କରିବାରୁ ଏବେ ପାକିସ୍ତାନ ଶାନ୍ତି ବିଷୟରେ କହୁଛି । ହେଲେ ଯେତେବେଳେ ଛଟପଟ ହୋଇ ୨୬ ନିର୍ଦ୍ଦୋଷଙ୍କ ଜୀବନ ଚାଲିଗଲା ସେତେବେଳେ ଏମାନେ କେଉଁଠି ଥିଲେ ? କେହି ଯୁଦ୍ଧ ପସନ୍ଦ କରନ୍ତି ନାହିଁ । ନା ଭାରତ ନା ପାକିସ୍ତାନ । ହେଲେ ପାକିସ୍ତାନ ଆତଙ୍କବାଦକୁ ପ୍ରଶ୍ରୟ ଦେଉଛି । ତେଣୁ ଏହାର ପରିଣାମ ଭୋଗିବାକୁ ମଧ୍ୟ ସେ ପ୍ରସ୍ତୁତ ରହିବା ଜରୁରୀ । ଭାରତ କେବେ ଏହା ଆରମ୍ଭ କରିନଥିଲା । ସେମାନେ କେବଳ ପ୍ରତିକ୍ରିୟା ଦେଇଛନ୍ତି । ମୋ ହିସାବରେ ଏହା ଯୁଦ୍ଧ ନୁହେଁ । ଏହା କେବଳ ନ୍ୟାୟ । ଏଭଳି କରି ସେମାନେ ନିଜ ଲୋକଙ୍କୁ ନ୍ୟାୟ ଦେଇଛନ୍ତି । ପାକିସ୍ତାନୀ ହିନ୍ଦୁ ଭାବରେ ଏହା ମୋର ମତ ।

# ସ୍ୱାଧୀନତା ଘୋଷଣା କଲା ବେଲୁଚିସ୍ତାନ

କ୍ୱେଟା: ପାକିସ୍ତାନ ବିରୁଦ୍ଧରେ ବେଲୁଚିସ୍ତାନର ସ୍ୱାଧୀନତା ଲଢ଼େଇ ପୁଣି ଥରେ ତୀବ୍ର ହୋଇଛି । ଯେତେବେଳେ ବେଲୁଚ୍ ନେତା ମୀର ୟାର ବାଲୁଚ୍ ପାକିସ୍ତାନରୁ ବେଲୁଚିସ୍ତାନକୁ ସ୍ୱାଧୀନ ଘୋଷଣା କରିଛନ୍ତି । ସେ ସୋସିଆଲ ମିଡିଆରେ ରିପବ୍ଲିକ୍ ଅଫ୍ ବେଲୁଚିସ୍ତାନ ଘୋଷଣା କରିଥିବା ଏବେ ଟ୍ରେଣ୍ଡ କରିବା ଆରମ୍ଭ କରିଛି । ଏହି ଘୋଷଣା ପରେ ସେ ଭାରତ ସରକାର ଏବଂ ଜାତିସଂଘ ପକ୍ଷରୁ ଗୋଟିଏ ପରେ ଗୋଟିଏ ଅନେକ ଦାବି କରିଛନ୍ତି ।

ବେଲୁଚ୍ କର୍ମୀ ଏବଂ ଲେଖକ ମୀର ୟାର ବାଲୁଚ୍ ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ବେଲୁଚିସ୍ତାନର ସ୍ୱାଧୀନତା ଘୋଷଣା କରି ଲେଖିଛନ୍ତି, ଆମେ ଆମର ସ୍ୱାଧୀନତା ଦାବି କରିଛୁ । ପାକିସ୍ତାନର ଆତଙ୍କବାଦୀ ବ୍ୟବସ୍ଥା ଏବେ ପତନ ହେବାକୁ ଯାଉଛି । ଭାରତ ସରକାର ବେଲୁଚିସ୍ତାନକୁ ଦିଲ୍ଲୀରେ ଏକ ସରକାରୀ କାର୍ଯ୍ୟାଳୟ ଏବଂ ଦୂତାବାସ ଖୋଲିବାକୁ ଅନୁମତି ଦେବା ଉଚିତ । ସେ କହିଛନ୍ତି ଯେ, ବେଲୁଚ୍ ସ୍ୱାଧୀନତା ସଂଗ୍ରାମୀମାନେ ଡେରା ବୁଗଟିର ଗ୍ୟାସ୍ ଫିଲ୍ଡ ଉପରେ ଆକ୍ରମଣ କରିଛନ୍ତି, ଯାହା ପାକିସ୍ତାନର ପ୍ରମୁଖ ଗ୍ୟାସ୍ ଯୋଗାଣର କେନ୍ଦ୍ର । ବାଲୁଚ୍ ନେତା ଜାତିସଂଘକୁ ମଧ୍ୟ ଆବେଦନ କରିଛନ୍ତି । ସେ କହିଛନ୍ତି ଯେ, ଜାତିସଂଘ ତୁରନ୍ତ ବେଲୁଚିସ୍ତାନକୁ ତାଙ୍କର ଶାନ୍ତି ବାହିନୀ ପଠାଇବା ଉଚିତ ଏବଂ ଆମର ସ୍ଥଳ, ସମୁଦ୍ର ଏବଂ ଆକାଶ ସୀମାରୁ ପାକିସ୍ତାନ ସେନାକୁ ହଟାଇବା ଉଚିତ । ସେ ଦାବି କରିଛନ୍ତି ଯେ, ପାକିସ୍ତାନ ସେନାର ସମସ୍ତ ସମ୍ପତ୍ତି ବେଲୁଚିସ୍ତାନକୁ ହସ୍ତାନ୍ତର କରାଯାଉଛି । ସମସ୍ତ ଅଣ-ବଲୁଚି ସୈନିକ, ଆଇଏସଆଇ ଏବଂ ପ୍ରଶାସନିକ ଅଧିକାରୀମାନେ ତୁରନ୍ତ ଅଞ୍ଚଳ ଛାଡି ଚାଲିଯାଆନ୍ତୁ ।

ମୀର ୟାର ବାଲୋଚ୍ କହିଛନ୍ତି ଯେ, ଖୁବ୍‌ଶୀଘ୍ର ଏକ ମଧ୍ୟବର୍ତ୍ତୀକାଳୀନ ବାଲୋଚ୍ ସରକାର ଗଠନ କରାଯିବ, ଯେଉଁଥିରେ ମହିଳାମାନଙ୍କୁ ମଧ୍ୟ ପ୍ରତିନିଧିତ୍ୱ ମିଳିବ । ୟାର ବାଲୋଚ୍ ଏହା ମଧ୍ୟ କହିଛନ୍ତି, ଆଜାଦ ସରକାରଙ୍କ ସମାରୋହ ମଧ୍ୟ ଖୁବ୍ ଶୀଘ୍ର ଅନୁଷ୍ଠିତ ହେବ । ଆମେ ବିଶ୍ୱର ରାଷ୍ଟ୍ରମୁଖ୍ୟ ଏବଂ ବନ୍ଧୁତ୍ୱପୂର୍ଣ୍ଣ ଦେଶମାନଙ୍କୁ ଏଥିରେ ଅଂଶଗ୍ରହଣ କରିବାକୁ ନିମନ୍ତ୍ରଣ କରୁଛୁ ।

## ଷଷ୍ଠ ସେମିକଣ୍ଡକ୍ଟର ୟୁନିଟକୁ ଅନୁମୋଦନ କଲା କେନ୍ଦ୍ର କ୍ୟାବିନେଟ

ନୂଆଦିଲ୍ଲୀ: ମୋଦୀ ସରକାର ଉତ୍ତର ପ୍ରଦେଶର ଜେୱାରରେ ଭାରତର ଷଷ୍ଠ ସେମିକଣ୍ଡକ୍ଟର ୟୁନିଟକୁ ଅନୁମୋଦନ କରିଛନ୍ତି । ଏହା ଭାରତର ଷଷ୍ଠ ସେମିକଣ୍ଡକ୍ଟର ୟୁନିଟ୍ ହେବ । କ୍ୟାବିନେଟରେ ନିଆଯାଇଥିବା ନିଷ୍ପତ୍ତି ନେଇ କେନ୍ଦ୍ର ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି ଯେ ଚଳିତ ବର୍ଷ ହିଁ ଏହି ୟୁନିଟଗୁଡ଼ିକ ମଧ୍ୟରୁ ଗୋଟିଏରେ ଉତ୍ପାଦନ ଆରମ୍ଭ ହେବ । ଅଶ୍ୱିନୀ ବୈଷ୍ଣବ କହିଛନ୍ତି, ’ଭାରତରେ ସେମିକଣ୍ଡକ୍ଟର ମିଶନ ଅଧୀନରେ ଏପର୍ଯ୍ୟନ୍ତ ୫ଟି ସେମିକଣ୍ଡକ୍ଟର ୟୁନିଟ୍ ଅନୁମୋଦନ କରାଯାଇଛି ଏବଂ ସେଠାରେ ନିର୍ମାଣ କାର୍ଯ୍ୟ ଦ୍ରୁତ ଗତିରେ ଚାଲିଛି ।’ ଏହି ବର୍ଷ ହିଁ ଏହି ୟୁନିଟଗୁଡ଼ିକ ମଧ୍ୟରୁ ଗୋଟିଏରେ ଉତ୍ପାଦନ ଆରମ୍ଭ ହେବ । ଏହି ସମ୍ପର୍କରେ, ଆଉ ଏକ ସୁପର-ଏଡଭାନ୍ସଡ୍ ୟୁନିଟ୍ ଅନୁମୋଦନ କରାଯାଇଛି ।

ଏହା ଏଚସିଏଲ ଏବଂ ଫୋକ୍ସକନ ମଧ୍ୟରେ ଏକ ମିଳିତ ଉଦ୍ୟୋଗ । କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ ଜେୱାରରେ ଭାରତର ଷଷ୍ଠ ସେମିକଣ୍ଡକ୍ଟର



ୟୁନିଟକୁ ଅନୁମୋଦନ କରିବା ଦ୍ୱାରା ୨୦୦୦ ଲୋକଙ୍କୁ ନିଯୁକ୍ତି ମିଳିବ । ସେ କହିଛନ୍ତି, ସେମିକଣ୍ଡକ୍ଟର ୟୁନିଟରେ ୩୭୦୬ କୋଟି ଟଙ୍କା ନିବେଶ କରାଯିବ । ପ୍ରତି ମାସରେ ଏଠାରେ ୩.୬ କୋଟି ଡିସପ୍ଲେ ଡ୍ରାଇଭର ଚିପ୍ସ ତିଆରି କରାଯିବ । ଏହାର ଉତ୍ପାଦନ ୨୦୨୭ ମସିହାରୁ ଆରମ୍ଭ ହେବ । ଏଚସିଏଲ ଏବଂ ଫୋକ୍ସକନ ସେମିକଣ୍ଡକ୍ଟର ପ୍ଲାଣ୍ଟରେ ପ୍ରତି ମାସରେ ୨୦,୦୦୦ ୱେଫର୍ସ ତିଆରି କରାଯିବ ।

କେନ୍ଦ୍ରମନ୍ତ୍ରୀ କହିଛନ୍ତି, ଦେଶସାରା ଏବେ ସେମିକଣ୍ଡକ୍ଟର ଶିଳ୍ପ ରୂପ ନେଉଛି । ଦେଶର ଅନେକ ରାଜ୍ୟରେ ବିଶ୍ୱସ୍ତରୀୟ ଡିଜାଇନ୍ ସୁବିଧା ପ୍ରତିଷ୍ଠିତ ହୋଇଛି । ରାଜ୍ୟ ସରକାରଗୁଡ଼ିକ ଡିଜାଇନ୍ ଫାର୍ମଗୁଡ଼ିକୁ ପ୍ରୋତ୍ସାହିତ କରିବା ପାଇଁ ଜୋରଦାର ପ୍ରୟାସ କରୁଛନ୍ତି । ୨୭୦ଟି ଶିକ୍ଷାନୁଷ୍ଠାନ ଏବଂ ୭୦ଟି ଷ୍ଟାର୍ଟଅପର ଛାତ୍ର ଏବଂ ଉଦ୍ୟୋଗୀମାନେ ନୂତନ ଉତ୍ପାଦ ବିକଶିତ କରିବା ପାଇଁ ବିଶ୍ୱସ୍ତରୀୟ ସର୍ବଶେଷ ଡିଜାଇନ୍ ପ୍ରଯୁକ୍ତିବିଦ୍ୟା ଉପରେ କାମ କରୁଛନ୍ତି । କେନ୍ଦ୍ର ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି, ଭାରତରେ ଲାପଟପ୍, ମୋବାଇଲ୍ ଫୋନ୍, ସର୍ଭର, ଚିକିତ୍ସା ଉପକରଣ, ପାୱାର ଇଲେକ୍ଟ୍ରୋନିକ୍ସ, ପ୍ରତିରକ୍ଷା ଉପକରଣ ଏବଂ କଞ୍ଜ୍ୟୁମର ଇଲେକ୍ଟ୍ରୋନିକ୍ସ ଉତ୍ପାଦନର ଦ୍ରୁତ ଅଭିବୃଦ୍ଧି ସହିତ, ସେମିକଣ୍ଡକ୍ଟରର ଚାହିଦା ବୃଦ୍ଧି ପାଉଛି, ଏହି ନୂତନ ୟୁନିଟ୍ ପ୍ରଧାନମନ୍ତ୍ରୀ ମୋଦୀଙ୍କ ଆତ୍ମନିର୍ଭର ଭାରତର ଦୃଷ୍ଟିକୋଣକୁ ଆହୁରି ଆଗକୁ ବଢ଼ାଇବ ।

# ବ୍ରିଟେନ ରାଜରାସ୍ତାରେ ମାନବବୋମାର ଭୟ

ଲଣ୍ଡନ: ବ୍ରିଟେନର ରାସ୍ତାରେ ୪୦୦ରୁ ଅଧିକ ଲୋକ ମୁକ୍ତ ଭାବରେ ବୁଲୁଛନ୍ତି । ସେମାନେ ଇସଲାମିକ୍ ଷ୍ଟେଟ୍ (ଆଇଏସଆଇଏସ) ପାଇଁ ଲଢ଼ି ସାରିଛନ୍ତି । ସେମାନେ ସେହି ଲୋକ ଯେଉଁମାନେ ଥରେ ସିରିଆ ଏବଂ ଇରାକ ଯାଇ ଆତଙ୍କବାଦୀ ସଂଗଠନର ଅଂଶ ହୋଇଥିଲେ । ଏବେ ବ୍ରିଟିଶ ସଂସଦରେ ଏକ ରିପୋର୍ଟ ସ୍ପଷ୍ଟ ଭାବରେ କହୁଛି ଯେ, ସେମାନଙ୍କ ମଧ୍ୟରୁ କାହାକୁ ମଧ୍ୟ ସେମାନଙ୍କ ଅପରାଧ ପାଇଁ ଦଣ୍ଡ ଦିଆଯାଇ ନାହିଁ ।



ସଂସଦର ମାନବାଧିକାର ସମ୍ପର୍କିତ ମିଳିତ କମିଟି (ଜେସିଏଚଆର)ର ରିପୋର୍ଟରେ କୁହାଯାଇଛି ଯେ ଏହି ୪୦୦ ଲୋକଙ୍କ ମଧ୍ୟରୁ ଅନେକ ସିରିଆ ଏବଂ ଇରାକରେ ନରସଂହାର, ଆତଙ୍କବାଦୀ ଆକ୍ରମଣ ଏବଂ ଧାର୍ମିକ ସଂଖ୍ୟାଲଘୁଙ୍କ ଉପରେ ନିର୍ଯାତନା ଭଳି ଅପରାଧ କରିଛନ୍ତି । ଏହା ସତ୍ତ୍ୱେ ବ୍ରିଟେନ୍ ଫେରିବା ପରେ ତାଙ୍କୁ ଦଣ୍ଡ ଦିଆଯାଇ ନଥିଲା । କମିଟି କହିଛି ଯେ, ଏହି ଲୋକମାନେ ଏବେ ଦେଶ ଭିତରେ ଚଳପ୍ରଚଳ ହେଉଥିବା ବୋମା ପାଲଟିଛନ୍ତି । ଏହି ପରିସ୍ଥିତି ସେମାନେ କେବଳ ଆଇନ ଶୃଙ୍ଖଳା ପାଇଁ ବିପଦ ନୁହେଁ ବରଂ ଅନ୍ତର୍ଜାତୀୟ ନ୍ୟାୟ ପ୍ରତି ସମସ୍ୟା ପାଲଟିଛନ୍ତି । ସରକାର ଏପର୍ଯ୍ୟନ୍ତ କହିଛନ୍ତି ଯେ, ଘଟିଥିବା ଏହି ଘଟଣାଗୁଡ଼ିକ ବିଚାର କରାଯିବ । ସ୍ଥାନୀୟ ଆଇନ ଅନୁଯାୟୀ ଏହି ଅପରାଧଗୁଡ଼ିକର ତଦନ୍ତ କରାଯାଇ ଦଣ୍ଡ ଦିଆଯିବା ଉଚିତ କିନ୍ତୁ ସଂସଦୀୟ କମିଟି ସ୍ପଷ୍ଟ କରିଛି ଯେ, ସିରିଆ ଏବଂ ଇରାକରେ ଏପରି ମାମଲାରେ ତଦନ୍ତ ଏବଂ ଦଣ୍ଡର କୌଣସି ଗ୍ୟାରେଣ୍ଟି ନାହିଁ । ପୁଲିସ ଏବଂ କ୍ରାଉନ୍ ପ୍ରସିକ୍ୟୁସନ୍ ସର୍ଭିସ୍ ମଧ୍ୟରେ ସମନ୍ୱୟର ଅଭାବ ରହିଛି । ଯେଉଁ କାରଣରୁ ଆବଶ୍ୟକୀୟ ପ୍ରମାଣ ସଠିକ୍ ସମୟରେ ସଂଗ୍ରହ ହୋଇପାରୁ ନାହିଁ ଏବଂ ଅଭିଯୁକ୍ତମାନେ ଖସି ଯାଉଛନ୍ତି । କମିଟିର ଅଧ୍ୟକ୍ଷ ଲର୍ଡ ଏଲଟନ୍ କହିଛନ୍ତି, ଅପରାଧ ବିଦେଶରେ ଘଟିଥିବା କହି ମାମଲାକୁ ଖାରଜ କରାଯାଇପାରିବ ନାହିଁ ।

# ପାକ୍ ରାଜନୀତିରେ ଭୂକମ୍ପ

ଇସଲାମାବାଦ: ଜେଲ୍‌ରେ ଥିବା ପୂର୍ବତନ ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ ଅସୀମ ମୁନିର ଏବଂ ଶାହବାଜ ସରିଫଙ୍କ ବିରୋଧରେ ଏକ ବଡ଼ ପଦକ୍ଷେପ ନେଇଛନ୍ତି । ଇମ୍ରାନ ଭାରତ ନାମ ନେଇ ଏକ ଚାଲ ଖେଳିଛନ୍ତି । କୁହାଯାଉଛି ଯେ, ଯଦି ଇମ୍ରାନ ଖାନଙ୍କ ଏହି ପଦକ୍ଷେପ ସଫଳ ହୁଏ, ତେବେ ଏହା ପାକିସ୍ତାନର ରାଜନୀତିରେ ଏକ ବଡ଼ ଧରଣର ରାଜନେତିକ ଭୂକମ୍ପ ସୃଷ୍ଟି କରିବ । ପାକିସ୍ତାନୀ ଖବରକାଗଜ ଏକ୍ସପ୍ରେସ ଟ୍ରିବ୍ୟୁନ୍ ଅନୁଯାୟୀ, ଇମ୍ରାନ ଖାନ ଆଦିଆଲା ଜେଲରୁ ଏକକାଳୀନ ଦୁଇଟି ବାର୍ତ୍ତା ପଠାଇଛନ୍ତି । ସେ ପ୍ରଥମ ବାର୍ତ୍ତା ତାଙ୍କ ଦୁଇ ପୁଅଙ୍କୁ ପଠାଇଥିଲେ, ଯେଉଁମାନେ ବର୍ତ୍ତମାନ ଲଣ୍ଡନରେ ଅଛନ୍ତି ।

ଦ୍ୱିତୀୟ ବାର୍ତ୍ତାଟି ପାକିସ୍ତାନର ସେହି ସାମ୍ବାଦିକମାନଙ୍କୁ ପଠାଯାଇଥିଲା ଯେଉଁମାନେ ଇମ୍ରାନଙ୍କ ମନ୍ତବ୍ୟ ଉପରେ ଖବର ଲେଖନ୍ତି । ପ୍ରଥମ ବାର୍ତ୍ତାରେ ଇମ୍ରାନ ଖାନ କହିଛନ୍ତି ଯେ, ପାକିସ୍ତାନ ସରକାର ଯୁଦ୍ଧବିରତି ପାଳନ କରୁଛନ୍ତି । କିନ୍ତୁ ସରକାର ଉତ୍ତେଜନା ମଧ୍ୟରେ ମନସ୍ତାତ୍ତ୍ୱିକ ଯୁଦ୍ଧ ଲଢ଼ିବାରେ ବିଫଳ ହୋଇଛନ୍ତି । ଇମ୍ରାନଙ୍କ ମତରେ, ଯୁଦ୍ଧ ପରିସ୍ଥିତିରେ ୬୦ପ୍ରତିଶତ ଯୁଦ୍ଧ ମାନସିକ ଭାବରେ ଲଢ଼ାଯାଇଥାଏ । ପୂର୍ବତନ ପ୍ରଧାନମନ୍ତ୍ରୀ କହିଛନ୍ତି ଯେ. ଭାରତ ଏଥିରେ ନେତୃତ୍ୱ ନେଇଛି । ଭାରତ ପୁଣି ଥରେ ଆକ୍ରମଣ କରିବାକୁ ପ୍ରସ୍ତୁତ ହେଉଛି । ଏହା ଜାଣିବା ପରେ ମଧ୍ୟ ପାକିସ୍ତାନର ଶାସକମାନେ ଉତ୍ସବ ପାଳନ କରୁଛନ୍ତିଛ । ଇମ୍ରାନ କହିଛନ୍ତି, ଏହି ସରକାରଙ୍କ ବିରୋଧରେ ଲୋକଙ୍କୁ ଦୃଢ଼ ଭାବରେ ଆଗକୁ ଆସିବା ଆବଶ୍ୟକ । ଇମ୍ରାନ ଖାନ ଲଣ୍ଡନକୁ ତାଙ୍କର ଦ୍ୱିତୀୟ ବାର୍ତ୍ତା ପଠାଇଲେ । ଏଥିରେ ସେ ତାଙ୍କ ଉଭୟ ପୁଅଙ୍କୁ ତାଙ୍କ ମୁକ୍ତି ପାଇଁ ସ୍ୱର ଉଠାଇବାକୁ କହିଥିଲେ । ଇମ୍ରାନଙ୍କ ବାର୍ତ୍ତା ପାଇବା ପରେ, ଲଣ୍ଡନରେ ବସିଥିବା ତାଙ୍କ ଦୁଇ ପୁଅ ସକ୍ରିୟ ହୋଇଗଲେଣି । ଇମ୍ରାନଙ୍କ ଉଭୟ ପୁଅ ସାକ୍ଷାତକାର ଦେଇଛନ୍ତି ଏବଂ ପାକିସ୍ତାନରେ ଗଣତନ୍ତ୍ର ସମ୍ପର୍କରେ ହସ୍ତକ୍ଷେପ କରିବାକୁ ବିଶ୍ୱର ଦେଶମାନଙ୍କୁ ଅନୁରୋଧ କରିଛନ୍ତି ।

ଇମ୍ରାନଙ୍କ ଉଭୟ ପୁଅ ସାକ୍ଷାତକାରରେ କହିଥିଲେ ଯେ, ପାକିସ୍ତାନରେ କୌଣସି ଗଣତନ୍ତ୍ର ନାହିଁ । ଆମେ ଆମ ବାପାଙ୍କୁ ଜେଲରୁ ମୁକ୍ତ କରିବାକୁ ଚାହୁଁଛୁ । ଆମେ ସମସ୍ତ ଦେଶଠାରୁ ସାହାଯ୍ୟ ମାଗୁଛୁ । ଆମେ ବିଶ୍ୱ ସମ୍ମୁଖରେ ପାକିସ୍ତାନର ମୁଖା ହଟାଇବା ପାଇଁ କାମ କରିବୁ । ଇମ୍ରାନ ଖାନ ଜେଲ ଯିବା ପରେ ପ୍ରଥମ ଥର ପାଇଁ ତାଙ୍କ ଦୁଇ ପୁଅ ସକ୍ରିୟ ଭୂମିକା ଗ୍ରହଣ କରୁଥିବାର ଦେଖାଯାଇଛି । ଇମ୍ରାନଙ୍କ ଉଭୟ ପୁଅ କହିଛନ୍ତି ଯେ, ସେମାନେ ତାଙ୍କ ବାପାଙ୍କ ପାଇଁ ଏକ ଲମ୍ବା ଲଢ଼େଇ ଲଢ଼ିବେ ।

# ଆଇପିଏଲ୍ : ରହମାନଙ୍କୁ ଦଳରେ ନେଲା ଦିଲ୍ଲୀ




ନୂଆଦିଲ୍ଲୀ, ୧୪।୫ (ଏଜେନ୍ସି): ଆଇପିଏଲ୍‌ର ୧୮ତମ ସଂସ୍କରଣ ଅଧାରୁ ବନ୍ଦ ଥିଲା । ପୁଣିଥରେ ୧୭ରୁ ଆଇପିଏଲ୍ ଆରମ୍ଭ ହେବାକୁ ଯାଉଛି । ଭାରତ-ପାକିସ୍ତାନ ଯୁଦ୍ଧ ସ୍ଥିତି କାରଣରୁ ଆଇପିଏଲ୍ ବନ୍ଦ ରହିବା ସହ ବିଦେଶୀ ଖେଳାଳିମାନେ ଘରକୁ ଫେରିଯାଇଥିଲେ । ତେବେ ଆଇପିଏଲ୍ ପୁଣି ଆରମ୍ଭ ହେଉଥିଲେ ମଧ୍ୟ ଅଧିକାଂଶ ବିଦେଶୀ ଖେଳାଳି ଭାରତ ଆସିବାକୁ ରାଜି ନାହାନ୍ତି । ଏହାମଧ୍ୟରେ ଆଇପିଏଲ୍ ଆରମ୍ଭ ପୂର୍ବରୁ ସମସ୍ତ ଫ୍ରାଞ୍ଚାଇଜଗୁଡ଼ିକ ନିଜ ନିଜର ଖେଳାଳିଙ୍କୁ ଏକତ୍ରିତ କରି ରଣାଙ୍ଗନକୁ ଓହ୍ଲାଇବା ପାଇଁ ପ୍ରସ୍ତୁତ ହେଉଛନ୍ତି । ଦିଲ୍ଲୀ ଦଳର ତାରକା ଖେଳାଳି ଜାକ୍ ଫ୍ରାସର ମ୍ୟାକଗର୍କ ଆଇପିଏଲ୍‌ରେ ଦିଲ୍ଲୀ ଦଳ ସହ ଯୋଗଦେବେ ନାହିଁ । ଏ ଦୃଷ୍ଟିରୁ ଦିଲ୍ଲୀ କ୍ୟାପିଟାଲ୍ସ ତାଙ୍କ ବଦଳ ଖେଳାଳି ଭାବେ ବାଂଲାଦେଶର ଦ୍ରୁତ ବୋଲର ମୁସ୍ତାଫିଜୁର ରହମାନଙ୍କ ସହ ଚୁକ୍ତି କରିଛି । ଏହି ବାମହାତୀ ଦ୍ରୁତବୋଲରଙ୍କୁ ୬ କୋଟି ଟଙ୍କା ଦେବାକୁ ରାଜି ହୋଇଛି ଦିଲ୍ଲୀ । ମୁସ୍ତାଫିଜୁର ଆଇପିଏଲ୍‌ରେ ୫୭ଟି ମ୍ୟାଚ୍ ଖେଳି ୬୧ ଓ୍ୱିକେଟ ନେଇଛନ୍ତି । ସେହିଭଳି ବାଂଲାଦେଶ ପକ୍ଷରୁ ୧୦୬ଟି ଟି-୨୦ ମ୍ୟାଚ୍ ଖେଳି ୧୩୨ ଓ୍ୱିକେଟ ଅକ୍ତିଆର କରିଛନ୍ତି । ଚଳିତ ଆଇପିଏଲ୍‌ରେ ଦଳଗୁଡ଼ିକ ୧୦ଟିରୁ ଅଧିକ ମ୍ୟାଚ୍ ଖେଳିସାରିଲେଣି । ତେଣୁ ଆଇପିଏଲ୍‌ରେ ଆଉ ୧୭ଟି ମ୍ୟାଚ୍ ଖେଳାଯିବ । ତଥା ୧୩ଟି ଲିଗ୍ ମ୍ୟାଚ୍ ଓ ୩ଟି ପ୍ଲେଅଫ୍ସ ଏବଂ ଫାଇନାଲ ଖେଳାଯିବାକୁ ବାକି ରହିଛି ।

# ଜାଡେଜାଙ୍କ ବିଶ୍ୱ ରେକର୍ଡ଼

ନୂଆଦିଲ୍ଲୀ, ୧୪।୫ (ଏଜେନ୍ସି): ଟିମ୍ ଇଣ୍ଡିଆର ତାରକା ଅଲ୍‌ରାଉଣ୍ଡର ରବୀନ୍ଦ୍ର ଜାଡେଜା ଇତିହାସ ରଚିଛନ୍ତି । କ୍ରିକେଟ ଇତିହାସରେ କେହି କେବେ କଳ୍ପନା କରି ନଥିବା ରେକର୍ଡ଼ ହାସଲ କରିଛନ୍ତି ଜାଡେଜା । ସେ ବିଶ୍ୱର ଏକମାତ୍ର କ୍ରିକେଟର ଭାବେ ଦୀର୍ଘ ସମୟ ଧରି ଆଇସିସି ଟେଷ୍ଟ ଅଲରାଉଣ୍ଡର ମାନ୍ୟତାର ଏକନମ୍ବର ସ୍ଥାନରେ ରହିବାକୁ ସକ୍ଷମ ହୋଇଛନ୍ତି । ଦୀର୍ଘ ୧୧୫୧ ଦିନ ହେଲା ଜାଡେଜାଙ୍କୁ କେହି ବି ଟେଷ୍ଟ ଅଲରାଉଣ୍ଡର ର୍‌ୟାଙ୍କିଙ୍ଗ୍‌ର ୧ ନମ୍ବର ସ୍ଥାନରୁ ହଟାଇବାକୁ ସକ୍ଷମ ହୋଇନାହାନ୍ତି । ଏପରି ବିରଳ କିର୍ତ୍ତୀମାନ ପୂର୍ବରୁ ବିଶ୍ୱର କୌଣସି କ୍ରିକେଟର କେବେହେଲେ ଏଭଳି ସଫଳତା ହାସଲ କରି ନଥିଲେ । ସ୍ପିନ୍ ଅଲରାଉଣ୍ଡର ତଥା ଭାରତର ନିର୍ଭରଯୋଗ୍ୟ ବ୍ୟାଟର ଜାଡେଜା ଚଳିତ ସପ୍ତାହରେ ମଧ୍ୟ ଆଇସିସି ପକ୍ଷରୁ ଘୋଷଣା ହୋଇଥିବା ଟେଷ୍ଟ ଅଲରାଉଣ୍ଡର ର୍‌ୟାଙ୍କିଙ୍ଗ୍‌ର ଏକନମ୍ବର ସ୍ଥାନରେ ପୂର୍ବ ଭଳି ରହିଛନ୍ତି ।



ବ୍ୟାଟିଂ ପାଇଁ ଆଦୌ ଉପଯୁକ୍ତ ନଥିବା ପିଚ୍‌ରେ ଗୁରୁତ୍ୱପୂର୍ଣ୍ଣ ଅର୍ଦ୍ଧଶତକ ହାସଲ କରିବାଠାରୁ ଟର୍ଣ୍ଣିଂ ଟ୍ରାକ୍‌ରେ ୫ ଓ୍ୱିକେଟ ଦଖଲ କରିବା ୩୬ ବର୍ଷୀୟ ଜାଡେଜାଙ୍କୁ ଭିନ୍ନତା ଦେଇଛି । ଖାସ୍ ଏହି କାରଣ ପାଇଁ ସେ ଭାରତୀୟ ଟେଷ୍ଟର ମେରୁଦଣ୍ଡ ହୋଇ ରହିଛନ୍ତି ।

୨୦୨୪ରେ ଆଇସିସି ଟେଷ୍ଟ ଦଳରେ ନିଜ ସ୍ଥାନ ହାସଲ କରିବାକୁ ସକ୍ଷମ ହୋଇଥିବା ଜାଡେଜା ନିଜର ପ୍ରଦର୍ଶନ ଦ୍ୱାରା ସମସ୍ତଙ୍କୁ ପ୍ରଭାବିତ କରିପାରିଛନ୍ତି । ଗତବର୍ଷ ଜାଡେଜା ୨୯.୨୭ ହାରରେ ୫୨୭ ରନ କରିବା ସହ ୨୪.୨୯ ବୋଲିଂ ହାରରେ ୪୮ ଓ୍ୱିକେଟ ନେଇଥିଲେ । ଦୀର୍ଘ ସମୟ ଧରି ଆଇସିସି ଟେଷ୍ଟ ଅଲରାଉଣ୍ଡର ତାଲିକାରେ ଜ୍ୟାକ୍ କାଲିସ୍, କପିଳ ଦେବ ଓ ଇମ୍ରାନ ଖାନ୍‌ଙ୍କ ଭଳି ଖେଳାଳିଙ୍କୁ ଜାଡେଜା ପଛରେ ପକାଇଛନ୍ତି । ଜାଡେଜାଙ୍କ ପୂର୍ବରୁ ଓ୍ୱେଷ୍ଟଇଣ୍ଡିଜର ପୂର୍ବତନ ଅଲରାଉଣ୍ଡର ଜାସନ୍ ହୋଲ୍ଡର ଆଇସିସି ଟେଷ୍ଟ ମାନ୍ୟତାର ୧ ନମ୍ବର ସ୍ଥାନରେ ରହିଥିଲେ । ୨୦୨୨ ମାର୍ଚ୍ଚରେ ଜାଡେଜା ତାଙ୍କୁ ପଛରେ ପକାଇ ୧ ନମ୍ବର ସ୍ଥାନ ଦଖଲ କରିଥିଲେ । ସେବେଠାରୁ ଲଗାତାର ୧୧୫୧ ଦିନ ହେଲା ଜାଡେଜା ସେହି ୧ ନମ୍ବର ସ୍ଥାନରେ ରହିଆସିଛନ୍ତି । ଏବେ ତାଙ୍କ ପଏଣ୍ଟ ୪୦୦ ରହିଛି । ତାଙ୍କ ପଛକୁ ବାଂଲାଦେଶର ମେହିଦୀ ହାସନ ମିର୍ଜା ଦ୍ୱିତୀୟରେ ରହିଛନ୍ତି । ସେ ଜାଡେଜାଙ୍କ ନିକଟବର୍ତ୍ତୀ ହେଲେ ମଧ୍ୟ ତାଙ୍କ ପଏଣ୍ଟ ୩୨୭ ରହିଛି । ମିର୍ଜା ନିକଟରେ ଜିମ୍ବାଓ୍ୱେ ବିପକ୍ଷ ଟେଷ୍ଟରେ ୧୧୬ ରନ କରିବା ସହ ୧୫ ଓ୍ୱିକେଟ ଦଖଲ କରିଥିଲେ । ତେଣୁ ଆଇସିସି ଅଲରାଉଣ୍ଡର ତାଲିକାର ଦ୍ୱିତୀୟ ସ୍ଥାନକୁ ଉଠିଛନ୍ତି ।

# ଆଫ୍ରିଦି ହୋଇପାରନ୍ତି ପାକିସ୍ତାନର ପରବର୍ତ୍ତୀ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ, ୧୪।୫ (ଏଜେନ୍ସି): ପାକିସ୍ତାନର ପୂର୍ବତନ କ୍ରିକେଟର ସହିଦ୍ ଆଫ୍ରିଦି ପ୍ରଧାନମନ୍ତ୍ରୀ ହେବା ନେଇ ସୋସିଆଲ୍ ମିଡିଆରେ ପ୍ରବଳ ଟ୍ରୋଲ ହେଉଛି । ଖାସ୍କରି ୟୁଜର୍ସ ଆଫ୍ରିଦିଙ୍କୁ ପ୍ରବଳ ଟ୍ରୋଲ୍ କରୁଛନ୍ତି । ଭାରତୀୟ ସେନା ଆତଙ୍କବାଦୀଙ୍କ ବିରୋଧରେ ନେଇଥିବା ପ୍ରତିଶୋଧକୁ ପୂର୍ବତନ କ୍ରିକେଟର ସହିଦ ଆଫ୍ରିଦି କଡ଼ା ଭାଷାରେ ସମାଲୋଚନା କରିଥିଲେ । ସେ ପ୍ରତିଦିନ ଭାରତ ବିରୋଧରେ ବିଷ ଓଗାଳୁଛନ୍ତି । ଏଥିପାଇଁ ଲୋକେ ଅନୁମାନ କରିବା ଆରମ୍ଭ କରିଛନ୍ତି ଯେ ଆଫ୍ରିଦି ଖୁବ୍‌ଶୀଘ୍ର ରାଜନୀତି କରିବେ । ସେ ପରବର୍ତ୍ତୀ ପ୍ରଧାନମନ୍ତ୍ରୀ ହେବାକୁ ଚାହାନ୍ତି । କହିବାକୁ ଗଲେ ଆଫ୍ରିଦି ୨୨ ଏପ୍ରିଲ୍‌ରେ ପହଲଗାମ୍‌ରେ ହୋଇଥିବା ଆତଙ୍କବାଦୀ ଆକ୍ରମଣ ପାଇଁ ଭାରତୀୟ ସେନାକୁ ଦାୟୀ କରିଥିଲେ । ଏହି ଆତଙ୍କବାଦୀ ଆକ୍ରମଣରେ



୨୮ ଜଣଙ୍କର ଜୀବନ ଯାଇଥିଲା । ଏହାପରେ ଆଫ୍ରିଦି ଲଗାତାର ଭାରତ ବିରୋଧରେ ବୟାନ ଦେଇଆସୁଛନ୍ତି । ରବିବାର କରାଚିରେ କୃତଜ୍ଞତା ଦିବସ ରାଲିରେ ଭାଷଣ ଦେଇ ଆଫ୍ରିଦି ପାକିସ୍ତାନର ସଶସ୍ତ୍ର ସେନାର ପ୍ରତିଶୋଧମୂଳକ କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରଶଂସା କରିଥିଲେ । ସେ ଆଉ ଏକ ମିଥ୍ୟା ଦାବି କରିଥିଲେ ଯେ ଭାରତୀୟ ସେନାର ଅପରେସନ ସିନ୍ଦୂର୍‌ରେ ନୀରିହଙ୍କ ପ୍ରାଣ ଯାଇଛି । ଭାରତ କେବଳ ପାକିସ୍ତାନ ଦ୍ୱାରା ପୋଷଣ କରାଯାଉଥିବା ଆତଙ୍କବାଦୀଙ୍କ ଆଡ୍ଡାକୁ ଟାର୍ଗେଟ କରିଥିଲା । ଆଫ୍ରିଦି କହିଥିଲେ, ଆମେ ସମସ୍ତେ ଶାନ୍ତି ପାଇଁ ଏକାଠି ହୋଇଛୁ । ଯେଉଁମାନେ ପ୍ରମାଣ ବିନା ଆମ ଉପରେ ଅଭିଯୋଗ ଆଣନ୍ତି ସେମାନେ ମନେରଖିବା ଉଚିତ ଯେ ଆମେ ଦୀର୍ଘ ସମୟ ଧରି ଆତଙ୍କବାଦର ଶିକାର ହୋଇଛି । ଆମେ ଆମର ୮୦/୯୦ କିମ୍ବା ତା'ଠୁ ଅଧିକ ଲୋକଙ୍କୁ ହରାଇଛୁ । ତଦନ୍ତ ବିନା କେମିତି ୧୦ ମିନିଟ ମଧ୍ୟରେ ପାକିସ୍ତାନକୁ ଦୋଷାରୋପ କରିପାରିବେ ବୋଲି ଆଫ୍ରିଦି କହିଛନ୍ତି ।

# ନୀରଜଙ୍କୁ ସେନାରେ ବଡ଼ ପଦବୀ

ନୂଆଦିଲ୍ଲୀ, ୧୪।୫ (ଏଜେନ୍ସି): ଦୁଇଥର ଅଲିମ୍ପିକ୍ ପଦକ ବିଜେତା ନୀରଜ ଚୋପ୍ରାଙ୍କୁ ଭାରତୀୟ ସେନାର ଟେରିଟୋରିଆନ୍ ଆର୍ମିରେ ଲେଫ୍ଟନାଣ୍ଟ କର୍ଣ୍ଣେଲ ପଦବୀରେ ସମ୍ମାନିତ କରାଯାଇଛି । ଏହି ସମ୍ମାନ ତାଙ୍କୁ କ୍ରୀଡ଼ା କ୍ଷେତ୍ରରେ ଅସାଧାରଣ ପ୍ରଦର୍ଶନ ତଥା ଦେଶ ପାଇଁ ଗୌରବ ଆଣିଥିବା ଯୋଗୁ



ପ୍ରଦାନ କରାଯାଇଛି । ଏହି ପଦବୀ ସହିତ ନୀରଜ ଜାଭେଲିନ୍ ଥ୍ରୋ'ରେ ବିଶ୍ୱକୁ ଜିତିବା ସହ ଭାରତୀୟ ସେନାରେ ଏକ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ଗ୍ରହଣ କରିବେ । ୨୬ ବର୍ଷୀୟ ନୀରଜ ହରିୟାଣାର ପାନିପଥ ନିକଟସ୍ଥ ଖାଣ୍ଡ୍ରା ଗାଁରୁ ଆସିଛନ୍ତି । ୨୦୨୧ ମସିହାରେ ଟୋକିଓ ଅଲିମ୍ପିକ୍ସ ୮୭.୫୮ ମିଟର ଜାଭେଲିନ ଥ୍ରୋ କରି ଭାରତ ପାଇଁ ଆଥଲେଟିକ୍ସରେ ସ୍ୱର୍ଣ୍ଣ ପଦକ ଜିତିଥିଲେ । ଏହାପରେ ୨୦୨୪ ପ୍ୟାରିସ୍ ଅଲିମ୍ପିକ୍ସରେ ୮୯.୪୫ ମିଟର ଫିଙ୍ଗି ରୌପ୍ୟ ପଦକ ହାସଲ କରିଥିଲେ ।

ସେ ଭାରତର ଏକମାତ୍ର ଆଥ୍‌ଲେଟ୍ ଭାବେ ଦୁଇଟି ଅଲିମ୍ପିକ୍ସରେ ସ୍ୱର୍ଣ୍ଣ ଓ ରୌପ୍ୟ ଜିତିବାର ଗୌରବ ଅର୍ଜନ କରିଛନ୍ତି । ଅଧୁନା ନୀରଜ ଭାରତୀୟ ସେନାରେ ସୁବେଦାର ମେଜର ଭାବେ କାର୍ଯ୍ୟ କରୁଛନ୍ତି । ଏହି ନୂଆ ପଦବୀ ତାଙ୍କୁ ସେନାରେ ଏକ ଉଚ୍ଚ ସ୍ଥାନ ପ୍ରଦାନ କରିଛି । ଯାହା ତାଙ୍କର ଦେଶପ୍ରେମ ଓ ସେବା ପ୍ରତି ନିଷ୍ଠାକୁ ସୂଚାଉଛି ।

# କ'ଣ ଖାଆନ୍ତି ବିରାଟ ?

ନୂଆଦିଲ୍ଲୀ, ୧୪।୫ (ଏଜେନ୍ସି): ସର୍ବଦା ନିଜର ଭଲ ଫିଟ୍‌ନେସ୍ ପାଇଁ ଚର୍ଚ୍ଚାରେ ରହିଆସିଛନ୍ତି ବିରାଟ କୋହଲି । ତାଙ୍କ ଫିଟ୍‌ନେସ୍ ରହସ୍ୟ କେବଳ ଶାରୀରିକ ବ୍ୟାୟାମ ନୁହେଁ, ବରଂ ଏକ ଅନୁଶାସିତ ଜୀବନଶୈଳୀ, ସନ୍ତୁଳିତ ଖାଦ୍ୟପେୟ, ସୁନିଦ୍ରା, ମାନସିକ ସ୍ଥିରତା ଏବଂ ପରିବାର ସହ ସମୟ କାଟିବାର ସମନ୍ୱୟ ଅଟେ । କୋହଲିଙ୍କ କ୍ରିକେଟ କୃତୀତ୍ୱକୁ ଅନୁକରଣ କରିବା ସହଜ ହୋଇନପାରେ । କାରଣ ସେ ଖେଳର ଦୀର୍ଘ ଓ ସଂକ୍ଷିପ୍ତ ଫର୍ମାଟ୍‌ରୁ ଅବସର ନେଇସାରିଛନ୍ତି । କିନ୍ତୁ ସେ ଯୁବ ପିଢ଼ି ମଧ୍ୟରେ ଫିଟ୍‌ନେସ୍‌କୁ ଆକର୍ଷଣୀୟ ଓ ସହଜ କରିଦେଖାଇଛନ୍ତି । ମିଠା ପ୍ରିୟ ତଥା ଚିକେନ୍ ଖାଇବାକୁ ଅତ୍ୟନ୍ତ ପସନ୍ଦ କରୁଥିବା କୋହଲି ପରବର୍ତ୍ତୀ ସମୟରେ ନିଜ ଜୀବନ ଶୈଳୀକୁ ପରିବର୍ତ୍ତନ କରିଥିଲେ । କୋହଲିଙ୍କ ଏହି ଅନୁଶାସନମୂଳକ ନିୟମଗୁଡ଼ିକ ଯାହା ସମସ୍ତଙ୍କ ପାଇଁ କାର୍ଯ୍ୟକାରୀ ହୋଇପାରେ ।

ଖାଦ୍ୟରେ ନିୟମିତତା : କୋହଲିଙ୍କ ପାଇଁ ଖାଦ୍ୟ ହିଁ ଶରୀରକୁ କାର୍ଯ୍ୟକ୍ଷମ ରଖିବାର ଇନ୍ଧନ । କେବଳ ସ୍ୱାଦ ପାଇଁ ସୁସ୍ୱାଦୁ ଖାଦ୍ୟ ଯାହା ଆମ ଦେହକୁ କ୍ଷତି ପହଞ୍ଚାଉଛି, ସେଥିରୁ ବିରତ ରହିବା ଜରୁରୀ । ଯଦି ଆପଣ ବିରାଟଙ୍କ ଭଳି ସ୍ୱାସ୍ଥ୍ୟ ଚାହୁଁଛନ୍ତି, ତେବେ ଆପଣ ମିଠା କିମ୍ବା କ୍ଷୀର ଜାତୀୟ ଖାଦ୍ୟ ଖାଆନ୍ତୁ



ନାହିଁ । ବିରାଟ କ୍ଷୀର ଜାତୀୟ ଦ୍ରବ୍ୟଠାରୁ ଦୂରେଇ ରୁହନ୍ତି ଏବଂ ସିଝା ଓ ଗ୍ରିଲ୍ଡ ଖାଦ୍ୟ ଖାଇଥାନ୍ତି । ଯେଉଁଥିରେ ଅଳ୍ପ ମସଲା, ପ୍ରୋଟିନ୍ ମାତ୍ରା ଅଧିକ ଥାଏ । ଡାଲି, ବାଦାମ, ଶସ୍ୟ ଏବଂ ତଟକା ପନିପରିବା କୋହଲିଙ୍କ ନିତିଦିନିଆ ଆହାର ତାଲିକାରେ ରହିଛି ।

ନିୟମିତ ବ୍ୟାୟାମ : ଅନ୍ୟମାନଙ୍କ ତୁଳନାରେ କୋହଲିଙ୍କ ବ୍ୟାୟାମ ଶୈଳୀ ଅଲଗା । କୋହଲି ଶକ୍ତି ତାଲିମକୁ ଅଧିକ ବ୍ୟବହାର କରିଥାନ୍ତି । ଯେଉଁଥିରେ ସଂକ୍ଷିପ୍ତ ତୀବ୍ର ବ୍ୟାୟାମ, ଅଳ୍ପ ବିଶ୍ରାମ ଥାଏ । ଯାହା ହୃଦ୍‌ସ୍ପନ୍ଦନ ହାରକୁ ଉଚ୍ଚ ରଖେ ଏବଂ ମୋଟାବୋଲିଜମ୍‌କୁ ସକ୍ରିୟ ରଖେ । ସ୍କ୍ୱାଟ୍, କୁସପ, ପ୍ଲାଙ୍କ ଏବଂ ଇଣ୍ଟରଭାଲ୍ ସହ ଦୌଡ଼ିବାର ଅଭ୍ୟାସ କରିଥାନ୍ତି । ଏହା କମ୍ ସମୟରେ ଅଧିକ କ୍ୟାଲୋରୀ ଘଟାଇବାରେ ସାହାଯ୍ୟ କରେ । ମାଂସପେସୀ ବଜାୟ ରଖି ଚର୍ବି କମାଏ । ଚଞ୍ଚଳତା ଡ୍ରିଲ, ଜମ୍ପିଂ, ହପିଂ, ଲାଡର ବ୍ୟାୟାମ କରିଥାନ୍ତି । ଏଥିସହ ସେ ରିକଭରି ରୁଟିନ୍ ପ୍ରତି ମଧ୍ୟ ଯତ୍ନଶୀଳ । ଯେଉଁଥିରେ ଥଣ୍ଡା ଝରଣା ଏବଂ ଆଲ୍‌କାଲାଇନ ପାଣି ସାମିଲ, ଯାହା ଆଣ୍ଟି ଅକ୍ସିଡାଣ୍ଟ ଯୋଗାଇ ହାଡ଼କୁ ମଜଭୁତ ରଖିଥାଏ ।

ସୁନିଦ୍ରା : କୋହଲି ଶୀଘ୍ର ଏବଂ ୮ ଘଣ୍ଟା ଶୋଇଥାନ୍ତି । ଯାହା ଦ୍ୱାରା ତାଙ୍କ ଶରୀର ଓ ମନକୁ ଆରାମ ମିଳିଥାଏ । ଏକ ଅଧ୍ୟୟନରୁ ଜଣାପଡ଼ିଛି ଯେ ପ୍ରତି ରାତିରେ ୮ ଘଣ୍ଟାରୁ କମ୍ ଶୋଉଥିବା ବ୍ୟକ୍ତି ଏକ ସପ୍ତାହ ପରେ ପ୍ରି-ଡାଇବେଟିକ୍ ଶ୍ରେଣୀରେ ରଖାଯାଇଥାଏ । କାରଣ ସେମାନଙ୍କ ରକ୍ତ ସର୍କରାସ୍ତର ବଢ଼ିଯାଇଥାଏ । ଆଉ ଏକ ଅଧ୍ୟୟନରୁ ଜଣାପଡ଼ିଛି ଯେ ୧୭ରୁ ୧୯ ଘଣ୍ଟାରୁ ଅଧିକ ସମୟ ଜାଗ୍ରତ ରହିବା ପରେ ଜଣେ ବ୍ୟକ୍ତିର ସ୍ମରଣ ଶକ୍ତି ହ୍ରାସ ପାଇଥାଏ ।

କାର୍ଯ୍ୟଭାର ସନ୍ତୁଳନ : କୋହଲି ସର୍ବଦା ନିର୍ଦ୍ଧାରିତ କାର୍ଯ୍ୟସୀମା ଭିତରେ କିଛି କରିଥାନ୍ତି । କାରଣ ଅଧିକ ଚାପ ପଡ଼ିଲେ ସେ କାମ କମ୍ କରିବାକୁ ଚେଷ୍ଟା କରନ୍ତି । ହୁଏତ ୩୬ ବର୍ଷ ବୟସରେ କୋହଲିଙ୍କୁ ଏଥିପାଇଁ ଟେଷ୍ଟ କ୍ରିକେଟରୁ ଅବସର ନେବାକୁ ପଡ଼ିଛି । ସେ ଜଣେ ସକ୍ରିୟ ବାପା, ପରିବାର ସହ ବାହାରକୁ ଯିବାପାଇଁ ସମୟ ଦିଅନ୍ତି । ନିଜ ପାଇଁ ସମୟ ଦେବାକୁ ଆପୋଷ ବୁଝାମଣା କରନ୍ତି ନାହିଁ ।

# ୧୭ରୁ ରାଜ୍ୟ ୭ ବର୍ଷରୁ କମ୍ ଚେସ୍ ପ୍ରତିଯୋଗିତା

ଭୁବନେଶ୍ୱର, ୧୪।୫ (ସବ୍ୟୁ): ମାଷ୍ଟର ଚେସ୍ ଫାଉଣ୍ଡେସନ୍ ଏବଂ ଅଲ୍ ଓଡ଼ିଶା ଚେସ୍ ଆସୋସିଏସନ୍‌ର ମିଳିତ ଆନୁକୂଲ୍ୟରେ ଚଳିତ ମାସ ୧୭ରୁ ୧୯ ତାରିଖ ପର୍ଯ୍ୟନ୍ତ ରାଜ୍ୟ ୭ ବର୍ଷରୁ କମ୍ ଚେସ୍ ପ୍ରତିଯୋଗିତା କଳିଙ୍ଗ ଷ୍ଟାଡିୟମରେ ଆୟୋଜିତ ହେବ । ରାଜ୍ୟର ବିଭିନ୍ନ ଜିଲ୍ଲାରୁ ୭ ବର୍ଷରୁ କମ୍ ବାଳକ ବାଳିକାମାନେ ଏଥିରେ ଅଂଶଗ୍ରହଣ କରିବେ । ମୋଟ ୨୦ହଜାର ଟଙ୍କା ପୁରସ୍କାର ରାଶି ସହ ଆକର୍ଷଣୀୟ ଟ୍ରଫି ପ୍ରଥମ ୧୦ ଜଣଙ୍କୁ ପ୍ରଦାନ କରାଯିବ । ୪ ଜଣ ଲେଖାଏଁ ଉଭୟ ବାଳକ ଓ ବାଳିକା ଓଡ଼ିଶାରୁ ଜାତୀୟ ପ୍ରତିଯୋଗିତାରେ ପ୍ରତିନିଧିତ୍ୱ କରିବେ । ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବାକୁ ଇଚ୍ଛୁକ ପ୍ରତିଯୋଗୀମାନେ ୯୭୭୬୧୧୮୬୪୪ରେ ଯୋଗାଯୋଗ କରିବାକୁ ମାଷ୍ଟର ଚେସ୍ ଫାଉଣ୍ଡେସନ ମୁଖ୍ୟ ବିକ୍ରମ ବିଶ୍ୱାଳ ଅନୁରୋଧ କରିଛନ୍ତି ।

## ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସ

# ଓଡ଼ିଶାକୁ ରୌପ୍ୟ, ଝାଡ଼ଖଣ୍ଡକୁ ସ୍ୱର୍ଣ୍ଣ

ଭୁବନେଶ୍ୱର, ୧୪।୫ (ସବ୍ୟୁ): ସପ୍ତମ ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସର ପୁରୁଷ ଫୁଟବଲ୍‌ରେ ଓଡ଼ିଶା ରନର୍ସଅପ୍ ହେବା ସହ ରୌପ୍ୟ ପଦକରେ ସନ୍ତୁଷ୍ଟ ହୋଇଛି । ଏହି ବର୍ଗରେ ଝାଡ଼ଖଣ୍ଡ ସ୍ୱର୍ଣ୍ଣ ସହ ଚାମ୍ପିଅନ ହୋଇଛି । ବୁଧବାର ଅନୁଷ୍ଠିତ ଫାଇନାଲ ମ୍ୟାଚ୍‌ରେ ଝାଡ଼ଖଣ୍ଡକୁ ଭେଟିଥିଲା ଓଡ଼ିଶା । ନିର୍ଦ୍ଧାରିତ ସମୟ ମଧ୍ୟରେ ମ୍ୟାଚ୍ ୨-୨ ଗୋଲ୍‌ରେ ଡ୍ର' ରହିଥିଲା । ଫଳାଫଳ ନିର୍ଣ୍ଣୟ ପାଇଁ ପେନାଲ୍ଟି ସୁଟ୍‌ଆଉଟ୍ ହୋଇଥିଲା । ଓଡ଼ିଶା ୪-୫ ଗୋଲ୍ ବ୍ୟବଧାନରେ ଝାଡ଼ଖଣ୍ଡ ନିକଟରୁ ହାରିଯାଇଥିଲା । ଏହି ପଦକ ସଫଳତା ପାଇଁ ଫୁଟ୍‌ବଲ୍ ଆସୋସିଏସନ୍ ଅଫ୍ ଓଡ଼ିଶା ପକ୍ଷରୁ ସମସ୍ତ ଖେଳାଳି ଓ ଅଫିସିଆଲ୍‌ଙ୍କୁ ଶୁଭେଚ୍ଛା ଜଣାଯାଇଛି ।

# ଦ.ଆଫ୍ରିକାର ୮ ଖେଳାଳି ଛାଡ଼ିବେ ଆଇପିଏଲ୍

ନୂଆଦିଲ୍ଲୀ, ୧୪।୫ (ଏଜେନ୍ସି): ଆଇପିଏଲ୍‌ର ଅବଶିଷ୍ଟାଂଶ ୧୭ ତାରିଖରୁ ଆରମ୍ଭ ହେବାକୁ ଯାଉଛି । ଜୁନ୍ ୩ରେ ମେଗା ଫାଇନାଲ୍ ଖେଳାଯିବ । ତେବେ ଫ୍ରାଞ୍ଚାଇଜ୍‌ଙ୍କ ପାଇଁ ଚିନ୍ତାର ବିଷୟ ଯେ ସପ୍ତାହେ ପର୍ଯ୍ୟନ୍ତ ଆଇପିଏଲ୍ ସ୍ଥଗିତ ହେବା କାରଣରୁ ବିଦେଶୀ ଖେଳାଳି ଫେରିଯାଇଥିଲେ । ନିଜର ଅନ୍ତର୍ଜାତୀୟ ଶୃଙ୍ଖଳା କାରଣରୁ ଖେଳାଳିମାନେ ଭାରତ ଫେରିବାକୁ ଅମଙ୍ଗ ହେଉଛନ୍ତି । ଏହି କ୍ରମରେ ଅଷ୍ଟ୍ରେଲିଆ ବିପକ୍ଷ ବିଶ୍ୱ ଟେଷ୍ଟ ଚାମ୍ପିଅନ୍‌ସିପ୍ ଫାଇନାଲ୍ ପାଇଁ ଚୟନ ହୋଇଥିବା ଦ.ଆଫ୍ରିକା କ୍ରିକେଟ ଦଳର ଖେଳାଳି ଆଇପିଏଲ୍ ପ୍ଲେଅଫ୍ ମୁକାବିଲା ଖେଳିବେ ନାହିଁ । କାରଣ ଆଇପିଏଲ୍ ଅପେକ୍ଷା ଦେଶକୁ ଅଧିକ ଗୁରୁତ୍ୱ ଦେବାକୁ କହିଛି ଦ.ଆଫ୍ରିକା କ୍ରିକେଟ ବୋର୍ଡ଼ ।

ନୂଆ ଖେଳସୂଚୀ ଘୋଷଣା ପରେ ଅଷ୍ଟ୍ରେଲିଆ ଓ ଦ.ଆଫ୍ରିକା କ୍ରିକେଟର ଦ୍ୱନ୍ଦ୍ୱରେ ପଡ଼ିଛନ୍ତି । ଯେଉଁମାନେ ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍ ଫାଇନାଲ ପାଇଁ ଦଳରେ ସ୍ଥାନ ପାଇଛନ୍ତି, ସେମାନେ ଆଇପିଏଲ୍ ସମ୍ପୂର୍ଣ୍ଣ କରିପାରିବେ ନାହିଁ । ଅନ୍ୟପଟେ ଫ୍ରାଞ୍ଚାଇଜ୍ ଓ ବିସିସିଆଇ ବିଦେଶୀ ବୋର୍ଡ଼କୁ ସେମାନଙ୍କ ଖେଳାଳିଙ୍କୁ ଲିଗ୍‌ର ଅବଶିଷ୍ଟ ମ୍ୟାଚ୍ ଖେଳିବା ପାଇଁ ଅନୁମତି ଦେବାକୁ ଅନୁରୋଧ କରିଛି । କିନ୍ତୁ ଦ.ଆଫ୍ରିକା ବୋର୍ଡ ଡବ୍ଲୁଟିସି ଫାଇନାଲ ପ୍ରସ୍ତୁତି ସେମାନଙ୍କର




ପ୍ରଥମ ପ୍ରାଥମିକତା ବୋଲି କହିଛି । ଜାତୀୟ ଦଳର ନିର୍ଦ୍ଦେଶକ ଏନ୍‌କେ ଏନ୍‌କ୍ୱେ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି, ଏହା ଖେଳାଳିଙ୍କ ବ୍ୟକ୍ତିଗତ ନିଷ୍ପତ୍ତି ଯେ ସେମାନେ ଆଇପିଏଲ୍ ନଖେଳି ବିଶ୍ୱ ଟେଷ୍ଟ ଚାମ୍ପିଅନ୍‌ସିପ୍ ପାଇଁ ଦଳର ପ୍ରସ୍ତୁତି ଶିବିରରେ ଯୋଗଦେବେ । ଏହି ପ୍ରସଙ୍ଗରେ ଆମେ ବିସିସିଆଇ ଓ ଆଇପିଏଲ୍ ସହ ଆଲୋଚନା କରିଛୁ । ବିସିସିଆଇକୁ ଜଣାଇ ଦେଉଛୁ ଯେ ଡବ୍ଲୁଟିସି ଫାଇନାଲ ପ୍ରସ୍ତୁତି ଆମ ପାଇଁ ଅଧିକ ଜରୁରୀ । ଟେଷ୍ଟ ଖେଳାଳିଙ୍କ ପାଇଁ ଆଇପିଏଲ୍ ଖେଳିବାର ଶେଷ ସୀମା ମେ-୨୬ ତାରିଖ ଧାର୍ଯ୍ୟ ହୋଇଛି । ଏହା ମଧ୍ୟରେ ଆଇପିଏଲ୍ ଶେଷ ହେବ ନାହିଁ ।

ଦ.ଆଫ୍ରିକାର ୮ ଜଣ କ୍ରିକେଟର କାଗିସୋ ରବାଡ଼ା ଗୁଜରାଟ ଟାଇଟନ୍ସ, ଲୁଙ୍ଗି ଏନ୍‌ଗିଡି ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ, ଟ୍ରିଷ୍ଟାନ ଷ୍ଟବସ୍ ଦିଲ୍ଲୀ କ୍ୟାପିଟାଲ୍ସ, ଆଦିନ ମାର୍କ୍ରାମ ଲକ୍ଷ୍ନୌ ସୁପରଜ୍ୟାଣ୍ଟସ୍, ରିଆନ ରିକେଲ୍‌ଟନ୍ ମୁମ୍ବାଇ ଇଣ୍ଡିଆନ୍ସ, କୋର୍ବିନ ବୋସ୍ ମୁମ୍ବାଇ ଇଣ୍ଡିଆନ୍ସ, ମାର୍କୋ ଜନ୍‌ସେନ୍ ପଞ୍ଜାବ କିଙ୍ଗସ ଏବଂ ଓ୍ୱିଆନ୍ ମୁଲଡର ସନ୍‌ରାଇଜର୍ସ ହାଇଦ୍ରାବାଦ ପକ୍ଷରୁ ଆଇପିଏଲ୍ ଖେଳୁଥିଲେ । ଏମାନେ ସମସ୍ତେ ଡବ୍ଲୁଟିସି ଫାଇନାଲ ପାଇଁ ଦଳରେ ଅଛନ୍ତି । ଅଧୁନା ଗୁଜରାଟ, ଆର୍‌ସିବି, ମୁମ୍ବାଇ, ପଞ୍ଜାବ, ଦିଲ୍ଲୀ ଏବଂ ଲକ୍ଷ୍ନୌ ଆଇପିଏଲ୍ ପ୍ଲେଅଫ୍ ଦୌଡ଼ରେ ଅଛନ୍ତି । ତେଣୁ ଦ.ଆଫ୍ରିକା ଖେଳାଳି ନଆସିଲେ ଆଇପିଏଲ୍‌ର ସବୁ ଫ୍ରାଞ୍ଚାଇଜ୍‌ଙ୍କ ଚୂଡ଼ାନ୍ତ ଏକାଦଶ ସନ୍ତୁଳନ ବିଗିଡ଼ିପାରେ ।

ସୂଚନା
ସମୟ
BHIM
SCAN & PAY
ASHIRBAD PRAKASHAN PVT.LTD.
ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ ।

Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି